

নূআঁখাই জুহার


# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store




ସିଓଲରେ ବିଷ୍ଣୁଦେବ | ୬


RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୧୪୮ Vol. 22 No-148 28 AUGUST 2025 THURSDAY, BHUBANESWAR ଗୁରୁବାର, ୨୮ ଅଗଷ୍ଟ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦


## ସଂକ୍ଷେପରେ...

### ବିଜେପିରେ ସାମିଲ ହେଲେ ଧର୍ମଗଡ଼ ବ୍ଲକ ଅଧ୍ୟକ୍ଷା

ଧର୍ମଗଡ଼, ୨୭।୮ (ଭାସ୍କର ନ୍ୟୁଜ): ରାଜ୍ୟ ବିଜେପି ସଭାପତି ମନମୋହନ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବିଜେପି କାର୍ଯ୍ୟକର୍ତ୍ତା ସମ୍ମିଳନୀରେ ଧର୍ମଗଡ଼ ବ୍ଲକ ଅଧ୍ୟକ୍ଷା ବିଜେପିରେ ବିଧିବଦ୍ଧ ଭାବେ ସାମିଲ ହୋଇଛନ୍ତି। ତାଙ୍କ ସହ ୨୪ ସମିତି ସଭ୍ୟ ଓ କେତେକ ସରପଞ୍ଚ ମଧ୍ୟ ବିଜେପିରେ ସାମିଲ ହୋଇଥିବା ସୂଚନା ମିଳିଛି।

### ନାଚୁଥିବାବେଳେ ଟଳି ପଡ଼ିଲେ ଛାତ୍ର

ନୀଳଗିରି, ୨୭।୮ (ଭାସ୍କର ନ୍ୟୁଜ): ପବିତ୍ର ଗଣେଶ ପୂଜା ଅବସରରେ ସ୍କୁଲ ପରିସରରେ ନାଚୁଥିବାବେଳେ ହଠାତ୍ ଜଣେ ୯ମ ଶ୍ରେଣୀ ଛାତ୍ର ଟଳି ପଡ଼ିଥିବା ସୂଚନା ମିଳିଛି। ଏଭଳି ଅଘଟଣ ପୋଡ଼ାଶୁଳସ୍ଥିତ ରାଧାମାଧବ ଜିଉ ହାଇସ୍କୁଲରେ ଘଟିଛି। ଏହି ଘଟଣାକୁ ନେଇ ସ୍କୁଲ ଓ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

### ପିଉସା ଘରକୁ ଆସି ଶିଶୁ ନିଖୋଜ

ବସ୍ତା, ୨୭।୮ (ଭାସ୍କର ନ୍ୟୁଜ): ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ଦୁଦ ଗାଁର ପିଉସା ଘରକୁ ଗଣେଶ ପୂଜାପାଇଁ ବୁଲି ଆସିଥିବା ପୁତୁରା ନିଖୋଜ ହୋଇଯାଇଛି। ଖୋଜାଖୋଜି କରିଥିଲେ ମଧ୍ୟ ତା'ର ପତ୍ତା ମିଳିବା ସମ୍ଭବ ହୋଇପାରି ନାହିଁ। ସମ୍ଭବତଃ ଘରପାଖ ପଳପଳା ନଦୀରେ ବୁଡ଼ି ନିଖୋଜ ଥିବା ଆଶଙ୍କା କରାଯାଉଛି। ତାକୁ ଉଦ୍ଧାର କରିବା ପାଇଁ ପୋଲିସ ଓ ଅଗ୍ନିଶମବାହିନୀ ଉଦ୍ୟମ ଅବ୍ୟାହତ ରଖିଛନ୍ତି।

### ଆସିଷ୍ଟାଣ୍ଟ ଟ୍ୟାକ୍ସ କମିଶନର ଗିରଫ

ଭୁବନେଶ୍ୱର, ୨୭।୮ (ଭାସ୍କର ନ୍ୟୁଜ): ଆସିଷ୍ଟାଣ୍ଟ ଟ୍ୟାକ୍ସ କମିସନର ସରିତା ବାରିକଙ୍କୁ ଗିରଫ କରିଛି ଭିଜିଲାନ୍ସ। ଚଢ଼ଉବେଳେ ସରିତା ବାରିକଙ୍କ ଘରୁ ଭିଜିଲାନ୍ସ ନଗଦ ୧ ଲକ୍ଷ ୪୫ ହଜାର ଟଙ୍କା, ୬୦ ଲକ୍ଷ ଟଙ୍କାର ସ୍ଥାୟୀ ଜମା ଏବଂ ୨୨୨ ଗ୍ରାମ୍ ସୁନା ଜବତ କରିଛି ଭିଜିଲାନ୍ସ ଟିମ୍। ଜଣେ ବ୍ୟବସାୟୀଙ୍କ ଠାରୁ ୨୫ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଜାଲରେ ଛନ୍ଦି ହୋଇପଡ଼ିଥିଲେ ସରିତା।

## ଚାଷୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ନୂଆଁଖାଇ ଭେଟି

# ଚାଷୀଙ୍କ ବିକାଶରେ ରାଜ୍ୟର ପ୍ରଗତି



### ସହାୟତା ପାଇଲେ ୫୧ଲକ୍ଷ କ୍ଷୁଦ୍ର, ନାମମାତ୍ର ଚାଷୀ

### ମୋଟ ୧,୦୪,୧୨୯ କୋଟି ପ୍ରଦାନ

### ଓୟୁଏଟିରେ କୃଷକ ଭବନ ଓ ଅଭ୍ୟର୍ଥନା ଗୃହ ଉଦ୍‌ଘାଟିତ

ଭୁବନେଶ୍ୱର, ୨୭।୮ (ଭାସ୍କର ନ୍ୟୁଜ): ପବିତ୍ର ନୂଆଁଖାଇ ଅବସରରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଦ୍ୱାରା ରବି ୨୦୨୫-୨୬ ପାଇଁ ସି ଏମ୍ କିଷାନ ସହାୟତା ରାଶି ପ୍ରଦାନର ରାଜ୍ୟସ୍ତରୀୟ ଉତ୍ସବ ଓୟୁଏଟି ଭୁବନେଶ୍ୱର ସ୍ଥିତ କୃଷି ଶିକ୍ଷା ସଦନଠାରେ ଆୟୋଜିତ ହୋଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସି ଏମ୍ କିଷାନ ସହାୟତାର ତୃତୀୟ କିସ୍ତି ରେ ୫୧ ଲକ୍ଷ ୫୪ ହଜାର ୧୧୫ ଜଣ କ୍ଷୁଦ୍ର, ନାମମାତ୍ର ଚାଷୀ, ଭୂମିହୀନ କୃଷକ ପରିବାର, ଅନୁଜାତ ଜନଜାତି ସମୂହ ଓ ସହରାଞ୍ଚଳର କୃଷକଙ୍କୁ ଡି. ବି.ଟି ମାଧ୍ୟମରେ ମୋଟ ୧,୦୪,୧୨୯ କୋଟି ଟଙ୍କା ପ୍ରଦାନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ରେ ପ୍ରାୟ ୫୯ କୋଟି ଟଙ୍କା ବ୍ୟୟରେ ଏକ 'କୃଷକ ଭବନ' ଏବଂ କୃଷି ଶିକ୍ଷା ସଦନର ଏକ 'ଅଭ୍ୟର୍ଥନା ଗୃହ' ଉଦଘାଟନ ମଧ୍ୟ କରିଛନ୍ତି ଏବଂ କୃଷକ ପଞ୍ଜିକରଣ ଅବଧି ବୃଦ୍ଧି କରିବା ପାଇଁ ଖୁବ ଶୀଘ୍ର ଘୋଷଣା ହେବ ବୋଲି କହିଛନ୍ତି। କାର୍ଯ୍ୟକ୍ରମରେ ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆମ ସରକାର ଆସିବା ମାତ୍ରେ ଚାଷୀ ମାନଙ୍କ ପ୍ରସଙ୍ଗକୁ ଗୁରୁତ୍ୱର ସହିତ ବିଚାରକୁ ନେଇଥିଲେ। ତେଣୁ, ତୁରନ୍ତ ପ୍ରଥମ କ୍ୟାବିନେଟରେ ନିର୍ବାଚନ ପ୍ରତିଶୃତି ମୁତବକ ସମୃଦ୍ଧ କୃଷକ ଯୋଜନାକୁ ଅନୁମୋଦନ ଦେଇଥିଲେ। ଏଣୁ ଚାଷୀଙ୍କୁ କୁଇଣ୍ଟାଲ ପିଛା ୩୧୦୦ ଟଙ୍କା ପ୍ରଦାନ କରଯାଇଥିଲା ଏବଂ ରେକର୍ଡ ୯୨ ଲକ୍ଷ ୬୩ ହଜାର ମେଟ୍ରିକ ଟନ ଧାନ ସଂଗ୍ରହ କରିଥିଲା। ଆଉ ଆଜି ରାଜ୍ୟର ୫୧ ଲକ୍ଷରୁ ଅଧିକ କ୍ଷୁଦ୍ର-ନାମମାତ୍ର ଚାଷୀ ଏବଂ ୩୯,୨୩୯ ଭୂମିହୀନ କୃଷି ପରିବାରଙ୍କୁ ସି.ଏମ୍-କିଷାନ୍ ଯୋଜନାର ତୃତୀୟ କିସ୍ତି ଭାବରେ ୧,୦୪୧ କୋଟି ଟଙ୍କା ଡି.ବି.ଟି. ମାଧ୍ୟମରେ ପ୍ରଦାନ କରାଗଲା। କେବଳ ଏହି ଗୋଟିଏ ପଦକ୍ଷେପରୁ ପଞ୍ଜୀକୃତ ଚାଷୀଙ୍କ ବାର୍ଷିକ ଆୟରେ ଅତି କମରେ ୩୮ ହଜାର ଟଙ୍କା ଯୋଡି ହୋଇଛି। ସୁଭଦ୍ରା ଯୋଜନାର ଦଶ ହଜାର ଏବଂ ପିଏମ ଓ ସିଏମ କିଶାନର ୧୦ ହଜାର ଟଙ୍କାକୁ ଯୋଡିବେ ତେବେ ସେମାନଙ୍କ ବାର୍ଷିକ ଆୟ ଅତି କମରେ ୫୮ ହଜାର ଟଙ୍କା ବୃଦ୍ଧି ପାଇଛି। କାରଣ, ପ୍ରାୟ ପ୍ରତ୍ୟେକ ସୁଭଦ୍ରା ହିତାଧିକାରୀ ହେଉଛନ୍ତି ଚାଷୀ ପରିବାରର। ଏହା ହେଉଛି ଆମ ସରକାରଙ୍କ ପ୍ରତିବଦ୍ଧତାକୁ ଦର୍ଶାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହା ଅତ୍ୟନ୍ତ ଖୁସିର ବିଷୟ ଯେ ଚଳିତ ବର୍ଷ କୃଷକ ସମୃଦ୍ଧି • ପୃଷ୍ଠା ୫ ଦେଖନ୍ତୁ

## ସଶସ୍ତ୍ରବାହିନୀକୁ ରାଜନାଥଙ୍କ ପରାମର୍ଶ

# ୫ବର୍ଷ ଯାଏ ଯୁଦ୍ଧ ପାଇଁ ପ୍ରସ୍ତୁତ ରୁହ




ନୂଆଦିଲ୍ଲୀ, ୨୭।୮: ସଶସ୍ତ୍ରବାହିନୀକୁ ସବୁବେଳେ ସତର୍କ ରହିବାକୁ ପଡ଼ିବ। ସମସ୍ତ ପ୍ରକାରର ସୁରକ୍ଷା ଚାଲେଞ୍ଜର ସମ୍ମୁଖୀନ ହେବାପାଇଁ ପ୍ରସ୍ତୁତି ଆବଶ୍ୟକ। ଭୂ-ରାଜନୈତିକ ପରିବେଶ ସଂପୂର୍ଣ୍ଣ ଅନିଶ୍ଚିତ ହୋଇପଡ଼ିଥିବାରୁ ସଶସ୍ତ୍ରବାହିନୀକୁ ଏକ କମ୍ ସମୟର ସଂଘର୍ଷଠାରୁ ନେଇ ୫ ବର୍ଷର ଯୁଦ୍ଧ ପର୍ଯ୍ୟନ୍ତ ଯେକୌଣସି ସ୍ଥିତି ପାଇଁ ପ୍ରସ୍ତୁତ ରହିବାକୁ ପଡ଼ିବ। ଭାରତ କାହାର ଭୂମି ଚାହେଁ ନାହିଁ, କିନ୍ତୁ ଏହାର କ୍ଷେତ୍ରୀୟ ଅଖଣ୍ଡତାକୁ ରକ୍ଷା କରିବା ପାଇଁ ଯେକୌଣସି ସୀମାକୁ ଯିବାକୁ ପ୍ରସ୍ତୁତ। ବୁଧବାର ମଧ୍ୟପ୍ରଦେଶର ଆର୍ମି ୱାର କଲେଜରେ ଆୟୋଜିତ ସମ୍ମିଳନୀକୁ ସମ୍ବୋଧନ କରି ଏହା କହିଛନ୍ତି ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ। ଶ୍ରୀ ସିଂହ କହିଛନ୍ତି, ଭାରତୀୟ ସେନା ପ୍ରତ୍ୟେକ ପରିସ୍ଥିତି ପାଇଁ ପ୍ରସ୍ତୁତ ରହିବା ଜରୁରି। ଆଜିର ଯୁଗରେ ଯୁଦ୍ଧ ଏତେ ହଠାତ୍ ଏବଂ ଅନିଶ୍ଚିତ ହୋଇଯାଇଛି ଯେ ଯୁଦ୍ଧ କେବେ ଶେଷ ହେବ ଏବଂ କେତେଦିନ ଚାଲିବ ତାହା କହିବା କଷ୍ଟକର। ଏହି କାରଣରୁ ଯଦି ଯୁଦ୍ଧ ଦୁଇମାସ, ଚାରିମାସ କିମ୍ବା ବର୍ଷେ, ଦୁଇବର୍ଷ ଚାଲୁରହେ ସେଥିପାଇଁ ପ୍ରସ୍ତୁତ ରହିବା ଜରୁରି। ଏହି କାର୍ଯ୍ୟକ୍ରମରେ ସିଡିଏସ୍ • ପୃଷ୍ଠା ୫ ଦେଖନ୍ତୁ

## କଟକ ରେଳ ଷ୍ଟେସନରେ ଅଘଟଣ

# ଭୁଶୁଡ଼ି ପଡ଼ିଲା ନିର୍ମାଣାଧୀନ ଛାତ

କଟକ, ୨୭।୮ (ଭାସ୍କର ନ୍ୟୁଜ): ବୁଧବାର ଅପରାହ୍ନରେ କଟକ ରେଳଷ୍ଟେସନରେ ଏକ ଅଘଟଣ ଘଟିଛି। ସେଠାରେ ନିର୍ମାଣାଧୀନ ଏକ ଛାତ ଭୁଶୁଡ଼ି ପଡ଼ିଛି। ଏ ନେଇ ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ଦିଆଯାଇଛି। ପ୍ଲାଟଫର୍ମ ନଂ-୧ରେ ଏହି ଛାତ ଭୁଶୁଡ଼ି ଉପର ସେଡ୍‌ର କିଛି ଅଂଶ ଟ୍ରାକ୍ ଉପରେ ପଡ଼ିଛି। ପ୍ରାୟ ୩୦୦ ମିଟରରୁ ଅଧିକ ଅଂଶର ଛାତ ଭୁଶୁଡ଼ି ପଡ଼ିଥିବା ସୂଚନା ଦିଆଯାଇଛି। ଘଟଣାସ୍ଥଳରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ନବୀକରଣ କାମ ଚାଲୁଥିବାବେଳେ ଏହା ଭୁଶୁଡ଼ି ପଡ଼ିଥିବା ସୂଚନା ମିଳିଛି। ତେବେ ଏଥିରେ କେହି ମୃତାହତ ହୋଇନଥିବା ରେଳବାଇ ପକ୍ଷରୁ ସୂଚନା ଦିଆଯାଇଛି। ରେଳ ଲାଇନ ଉପରେ ଛାତ ପଡ଼ିଥିବାରୁ କିଛି ଟ୍ରେନ୍‌ର ଯାତାୟତରେ ବିଳମ୍ବ ଘଟିଛି। ରେଳବାଇ ପକ୍ଷରୁ କୁହାଯାଇଛି ଯେ କାମ କରୁଥିବା ଶ୍ରମିକଙ୍କ ଉପସ୍ଥାନ ନିଆଯାଇଛି। ସମସ୍ତ ଶ୍ରମିକ ସୁରକ୍ଷିତ ଥିବା ପୂର୍ବତଟ ପକ୍ଷରୁ କୁହାଯାଇଛି। ତେବେ କେଉଁ ପରିସ୍ଥିତିରେ ଏହି ଛାତ ଭୁଶୁଡ଼ି ପଡ଼ିଲା ସେ ନେଇ ଅନୁଧ୍ୟାନ ଆରମ୍ଭ ହୋଇଛି। ଘଟଣାସ୍ଥଳରେ ରେଳବାଇର ବରିଷ୍ଠ ଅଧିକାରୀମାନେ ପହଞ୍ଚି ସ୍ଥିତିର ଅନୁଧ୍ୟାନ କରୁଛନ୍ତି।

## ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ

# ଉତ୍ସବମୁଖର ଗାଁଠୁ ସହର




ସମ୍ବଲପୁର, ୨୭।୮ (ଭାସ୍କର ନ୍ୟୁଜ): ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ପାଇଁ ଗାଁଠୁ ସହର ଉତ୍ସବମୁଖର ହୋଇ ଉଠିଛି। ବୁଧବାର ଚତୁର୍ଥୀ ତିଥିରେ ଘର ଲିପାପୋଛାଠାରୁ ଆରମ୍ଭ କରି ସାଜସଜ୍ଜା କରାଯାଇଛି। ଗୁରୁବାର ସକାଳୁ ଇଷ୍ଟଦେବୀଙ୍କ ନିକଟରେ ନୂଆ ଧାନ ଲାଗି ହେବାପରେ ପରିବାରର ସମସ୍ତ ସଦସ୍ୟ ମିଶି ନୂଆ ଖାଇବେ। ଏହାସହ ଏହା ଏକ କୃଷିଭିତ୍ତିକ ପର୍ବ ହୋଇଥିବାରୁ ଗୁରୁବାର ସକାଳେ କୃଷକମାନେ କ୍ଷେତରେ ମା' ଲକ୍ଷ୍ମୀଙ୍କୁ ପୂଜାର୍ଚ୍ଚନା କରିବାର ପରମ୍ପରା ରହିଛି। ଏହାପରେ ସମସ୍ତେ ନୂଆ ଖାଇବେ ବୋଲି ସୂଚନା ମିଳିଛି। ନୂଆ ଧାନ, ନୂଆ ଚୁଡ଼ା ସହିତ ରାକ୍ଷୀ, ଧାନକେଣ୍ଡା, କଦଳୀଭଣ୍ଡା, କଦଳୀପତ୍ର ଓ ପୂଜା ସାମଗ୍ରୀ ଆଦି ଲୋକମାନେ କିଣୁଥିବାର ଦେଖିବାକୁ • ପୃଷ୍ଠା ୫ ଦେଖନ୍ତୁ

## ଭୂସ୍ଖଳନରେ ଭୁଶୁଡ଼ିଲା ବୈଷ୍ଣୋଦେବୀ ମାର୍ଗରେ ଥିବା ଶିଡ଼ି

# ୩୩ ମୃତ, ୨୨ ଟ୍ରେନ୍ ବାତିଲ

ନୂଆଦିଲ୍ଲୀ, ୨୭।୮: ଦେବଭୂମିରେ ଏବେ ହାହାକାର। ମା' ବୈଷ୍ଣୋଦେବୀ ଯାତ୍ରା ମାର୍ଗରେ ଥିବା ଶିଡିଟି ଭୁଶୁଡ଼ି ପଡ଼ିବାରୁ ୩୩ଜଣଙ୍କର ଜୀବନ ଯାଇଛି। ଭୂସ୍ଖଳନ ପରେ ଶ୍ରଦ୍ଧାଳୁମାନେ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ଅଘଟଣ ପରେ ତୀର୍ଥଯାତ୍ରୀଙ୍କ ଯାତ୍ରାକୁ ସ୍ଥଗିତ ରଖାଯାଇଛି। ଶିଡି ଭୁଶୁଡ଼ି ପଡ଼ିବାରୁ ବହୁଲୋକ ଆହତ ହୋଇଛନ୍ତି।



ଅର୍ଦ୍ଧକୁମାରୀ ଗୁମ୍ଫା ମନ୍ଦିରର ୨୭୧ଟି ଶିଡି ଉପରେ ହଠାତ୍ ମାଟି ଅତଡ଼ା ଓ ବଡ଼ ପଥରଖଣ୍ଡ ଖସି ପଡ଼ିଥିଲା। ଘଟଣା ପରେ ତୁରନ୍ତ ବୈଷ୍ଣୋଦେବୀ ଯାତ୍ରାକୁ ସ୍ଥଗିତ ରଖାଯାଇଥିଲା। ଜିଲ୍ଲା ପ୍ରଶାସନ ଓ ପୋଲିସ ପ୍ରଶାସନ ପକ୍ଷରୁ ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇଛି। ସ୍ଥିତି ଉପରେ କଡ଼ା ନଜର ମଧ୍ୟ ରଖାଯାଇଛି। ଆଗକୁ ପ୍ରବଳ ବର୍ଷା ହେବାର • ପୃଷ୍ଠା ୫ ଦେଖନ୍ତୁ




॥ ନୂଆଁଖାଇ-୨୦୨୫ ଅବସରରେ
ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା ॥

ସୁଖ, ଶାନ୍ତି, ମୈତ୍ରୀ ଓ ଆନନ୍ଦର ପବିତ୍ର ପରମ୍ପରା ଓ ପର୍ବ 'ନୂଆଁଖାଇ' ପାଳନ ଅବସରରେ ମୁଁ ରାଜ୍ୟବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି। ଏହା ଏକ କୃଷିଭିତ୍ତିକ ପର୍ବ। ଏହି ପରିପ୍ରେକ୍ଷୀରେ ମୁଁ ରାଜ୍ୟର କୃଷକ ଭାଇଭଉଣୀମାନଙ୍କର ସୁଖ ଓ ସମୃଦ୍ଧି କାମନା କରିବା ସହ କୃଷିକ୍ଷେତ୍ରରେ ଓଡ଼ିଶାକୁ ଏକ ଅଗ୍ରଣୀ ଓ ପ୍ରଗତିଶୀଳ ରାଜ୍ୟରେ ପରିଣତ କରିବାକୁ ଆହ୍ୱାନ ଜଣାଉଛି।

(ହରି ବାବୁ କମ୍ଭମ୍‌ପାଟି)

DADLS - 47



ନୂଆଁଖାଇ ଜୁହାର୍
ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ନୂଆଁଖାଇ ତିହାର୍ ଉଧେ ସମ୍‌କୁ ମୋର୍ ଅଭିନନ୍ଦନ୍ ଆର୍ ଜୁହାର୍।

ନୂଆଁ ଧାନ୍ କେ ନିଜର୍ ଇଷ୍ଟ ଦେବାଦେବୀଙ୍କୁ ସମର୍ପିକରି ସଭେ ମିଶିକରି ନୂଆଁ ଖାଏବାର୍ ପରମ୍ପରା "ନୂଆଁଖାଇ ତିହାର୍" ହେଉଛେ ଆମର୍ ସଂସ୍କୃତି, ସମୃଦ୍ଧି ଆର୍ ଏକତାର୍ ପ୍ରତୀକ୍।

ନୂଆଁ ଆଶା ନେଇକରି ଆସିଥିବାର୍ ଇ ତିହାର୍ ସମକର୍ ଜୀବନଥି ସୁଖ, ଶାନ୍ତି ଆର୍ ସମୃଦ୍ଧି ଭରିଦେଉ, ଇଟା ହିଁ ମୁଇଁ ମାଁ ସମଲେଇଙ୍କର ପାହାତଲେ ଗୁହାରି କରୁଛେଁ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR 15001/13/0977/2526



କେନ୍ଦୁଝର(ଭାସ୍କର ନ୍ୟୁଜ୍): କେନ୍ଦୁଝରେ ସ୍ଥିତ ଭାରତୀୟ ଜୀବନବୀମା ନିଗମ ସିଏଲଆଇଏ ଶାଖାର ୧୬ ତମ ପ୍ରତିଷ୍ଠା ଦିବସ ମହା ଆଡମ୍ବର ସହକାରେ ପାଳିତ ହୋଇଛି । ଏହି ଅବସରରେ ଏଲଆଇସି କଟକ ମଣ୍ଡଳର ମାର୍କେଟିଙ୍ଗ ମ୍ୟାନେଜର ରାମକୃଷ୍ଣ ମିଶ୍ର କେନ୍ଦୁଝର ଶାଖା ପ୍ରବନ୍ଧକ ଶକ୍ତି ପ୍ରସାଦ ମିଶ୍ର, କେନ୍ଦୁଝର ସିଏଲଆଇ ଶାଖା ପ୍ରବନ୍ଧକ ଅନୀଲ ମହାପାତ୍ର, ସର୍କାରୀ ଶାଖା ପ୍ରବନ୍ଧକ ଶରତ ବେହେରା ଓ ଶୁଭବ୍ରତ ନାଏକ ପ୍ରମୁଖ ଯୋଗଦେଇ ସିଏଲଆଇଏ ଶାଖା କାର୍ଯ୍ୟାଳୟ ପରିସରରେ ପ୍ରଦୀପ ପ୍ରଜ୍ୱଳନ କରି ଶାଖାର ପ୍ରତିଷ୍ଠା ଉତ୍ସବ ପାଳନ କରିଥିଲେ। ଏହି ଅବସରରେ ଭାରତୀୟ ଜୀବନବୀମା ନିଗମ ଲୋକଙ୍କ ହିତରେ ଓ ଲୋକଙ୍କ ସେବାରେ ରହିଥିବା ଯୋଗଦାନ ବିଷୟରେ ମାର୍କେଟିଙ୍ଗ ମ୍ୟାନେଜର ଶ୍ରୀମିଶ୍ର ଉପସ୍ଥିତ ସମସ୍ତ ବରିଷ୍ଠ ସିଏଲଆଇଏ,ଏଜେଣ୍ଟ ଓ ପଲିସିଧାରକଙ୍କୁ କହିଥିଲେ। ଏହି ଅବସରରେ ସିଏଲଆଇଏ ଶାଖା ପ୍ରବନ୍ଧକ ଅନୀଲ ମହାପାତ୍ର, ବରିଷ୍ଠ ଅଧିକାରୀ କ୍ଷେତ୍ରବସୀ ମାନସିଂ, ଉଗ୍ରସେନ ନାୟକ ପ୍ରମୁଖ ଅନେକ ନୂତନ ପଲିସି ହୋଲ୍ଡରଙ୍କ ନୂତନ ବୀମା ପଲିସି କରିବାରେ ସହାୟତା କରିଥିଲେ। ଏହି ଅବସରରେ ଅନେକ ବରିଷ୍ଠ ସିଏଲଆଇଏ ଗୁଣନିଧି ମହାନ୍ତ, ଶରତ ଚନ୍ଦ୍ର ମହାନ୍ତ, ବସନ୍ତ ପତି, ଗଗନ ବିହାରୀ ସେଠୀ, ଅକ୍ରୁର ସେଠୀ, ସତ୍ୟବ୍ରତ ସାହୁ, ବିକ୍ରମ ସେଠୀ, ସତ୍ୟଜିତ ସାମନ୍ତରାୟ, ନରସିଂହ ପଣ୍ଡା ପ୍ରମୁଖ ଯୋଗଦେଇ ଶହ ଶହ ଏଜେଣ୍ଟଙ୍କର ନୂତନ ବିମାଧାରକଙ୍କ ନୂତନ ବୀମା ପଲିସି କରିବାରେ ସହଯୋଗ କରିଥିଲେ।

# ମାନସିକ ବିକାରଗ୍ରସ୍ତ ନହେବାକୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ



କେନ୍ଦୁଝର(ଭାସ୍କର ନ୍ୟୁଜ୍): କେନ୍ଦୁଝର ସିଟିଜି ଫାଉଣ୍ଡେସନ ଦ୍ୱାରା ପ୍ରତିଷ୍ଠିତ କେନ୍ଦୁଝର ହାୟର ସେକେଣ୍ଡାରୀ ସ୍କୁଲ ଏବଂ କେନ୍ଦୁଝର ଡିଗ୍ରୀ କଲେଜରେ ଚେୟାରମ୍ୟାନ୍ ରୋଟାରିୟାନ୍ ଡ଼ ରାଜେନ୍ଦ୍ର ପଲେଇଙ୍କ ତତ୍ତ୍ୱାବଧାନରେ ଡିଏମ୍ଏଚ୍ ଏବଂ ଡିଏଚ୍ଏଚ୍ କେନ୍ଦୁଝରର ମିଳିତ ଉଦ୍ୟମ ଓ ଆନୁକୂଲ୍ୟରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏହି କର୍ମଶାଳାରେ ଡାକ୍ତର ସୁଶାନ୍ତ କୁମାର ମାଝୀ, ପିଓ, ଡିଏମ୍ଏଚ୍,ଡିଏଚ୍ଏଚ୍, କେନ୍ଦୁଝର, ନମିତା ଗିରି, ସିପି, ଡିଏମ୍ଏଚ୍, ଡିଏଚ୍ଏଚ୍, ବିକାଶ ରଞ୍ଜନ ମହାନ୍ତ, ପିଏସ୍ଡବ୍ଲ୍ୟୁ,ଡିଏମ୍ଏଚ୍,ଜୟଶ୍ରୀ ଦାସ ଏବଂ ସିଟିଜିର ପ୍ରତିଷ୍ଠାତା ଏବଂ ସିଟିଜି ଗ୍ରୁପ ଅଫ୍ ଇନିଷ୍ଟିଚ୍ୟୁସନ ର ଚେୟାରମ୍ୟାନ୍ ଡ଼ ପଲେଇ ବକ୍ତା ଭାବେ ଯୋଗ ଦେଇଥିଲେ । ପ୍ରଥମେ ମା' ତାରିଣୀଙ୍କୁ ଧୂପ,ଦୀପ ଏବଂ ପୁଷ୍ପ ଅର୍ପଣ କରି ମା'ଙ୍କ ଆରାଧନା କରିବା ପରେ ଜାତୀୟ ସଂଗୀତ ଗାନ ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା । ଇଂରାଜୀ ବିଭାଗର ଅଧାପିକା ଆୟୁସି ପାଲ ପ୍ରାରମ୍ଭରେ କର୍ମଶାଳାର ଉଦ୍ଦେଶ୍ୟ, ଲକ୍ଷ୍ୟ ବିଷୟ ଅବଗତ କରିବା ପରେ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ । ଚେୟାରମ୍ୟାନ୍ ଡ଼ ପଲେଇ ଅତିଥିମାନଙ୍କୁ ଉତ୍ତରୀୟ ଏବଂ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଅଭିନନ୍ଦନ ଜଣାଇଥିଲେ । ଆଜିର ବାସ୍ତୁବାଦିତ ଦୁନିଆରେ ଅତ୍ୟଧିକ ପ୍ରତିଯୋଗୀତା, ପିତାମାତାଙ୍କର ଅଧିକ ଆଶା ପୁଅ ଓ ଝିଅ ମାନଙ୍କୁ ନେଇ, ଅନିଶ୍ଚିତ ଭବିଷ୍ୟତ,ବେକାର ସମସ୍ୟା,କିଶୋର ବୟସର ପ୍ରଭାବ,ସାମାଜିକ ଚଳଣୀ ଏବଂ ଅନ୍ୟାନ୍ୟ କାରଣ ପାଇଁ ଆଜିକାଲି ଯୁବ ସମାଜ ମାନସିକ ବିଷାଦଗ୍ରସ୍ତ ହେଉଛନ୍ତି ବୋଲି ଡ଼ ପଲେଇ ମତବ୍ୟକ୍ତ କରିଥିଲେ । ଡାକ୍ତର ସୁଶାନ୍ତ କୁମାର ମାଝୀ,ଡାକ୍ତର ବିକାଶ ରଞ୍ଜନ ମହାନ୍ତ ଏବଂ ନମିତା ଗିରି ମାନସିକ ବିକାରଗ୍ରସ୍ତ ନହେବା ପାଇଁ ପିଲାମାନଙ୍କୁ ବିଭିନ୍ନ ଉପଦେଶ, ପ୍ରସ୍ତାବ, ପରାମର୍ଶର ମାର୍ଗଦର୍ଶନ କରିଥିଲେ । ମାନସିକ ବିଷାଦ ଶାରିରୀକ ଏବଂ ମାନସିକ ସ୍ତରରେ ଗଭୀର ପ୍ରଭାବ ପକାଇଥାଏ । ତେଣୁ ପ୍ରତ୍ୟେକ ଦିନ ଶାରିରୀକ ବ୍ୟାୟାମ ସହିତ ପ୍ରାଣାୟମ କରିବା ଦରକାର । ତା' ସହିତ କିଛି ସମୟ ଧ୍ୟାନ ଏବଂ କିଛି ଖେଳାଖେଳି କରି ସମୟ ବିତାଇବା ଦରକାର । ଏକୁଟିଆ ନରହି ସାଙ୍ଗସାଥି,ପରିବାର ସହିତ ମିଶିବା ଜରୁରୀ,ନିଜର ଅନୁଶୋଚନା, ଦୁଃଖ ଏବଂ ବିଶାଦର କାରଣ ଅନ୍ୟ ମାନଙ୍କ ସହିତ ବାଣ୍ଟିବା ଦରକାର, ଫଳରେ ମନ ହାଲୁକା ହୋଇଯିବ, ଯାହାଦ୍ୱାରା କୌଣସି ନକରାତ୍ମକ ଚିନ୍ତାଧାରା ମନକୁ ଛୁଇଁବ ନାହିଁ କିମ୍ବା କରିବାକୁ ଇଚ୍ଛା ହେବ ନାହିଁ । ଏହି କର୍ମଶାଳା ପିଲାମାନଙ୍କ ଉପରେ ଭଲ ପ୍ରଭାବ ପକାଇବ ବୋଲି ଆଶା କରାଯାଏ । ଶେଷରେ ବାଣିଜ୍ୟ ବିଭାଗର ଅଧାପିକା ସୁଶ୍ରୀ ନିକିତା ପଲେଇ ଧନ୍ୟବାଦ ଅର୍ପଣ କଲା ପରେ କର୍ମଶାଳା ଉଦଯାପିତ ହୋଇଥିଲା ।

# ଦ୍ୱିତୀୟ ଦିନରେ ଗ୍ରାମୀଣ ପରିବହନ ବସ୍ ସେବା ଠପ୍



ପରଜଙ୍ଗ(ଭାସ୍କର ନ୍ୟୁଜ୍): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକରେ ପଞ୍ଚାୟତ ମାନଙ୍କୁ ଚାଲୁଥିବା ପାଞ୍ଚଟି ଯାକ ବସ୍ ଦୁଇ ଦିନ ଧରି ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି । ପରଜଙ୍ଗ ବ୍ଲକ କାର୍ଯ୍ୟାଳୟ ପରିସରରେ ସମସ୍ତ ବସ୍ ଗୁଡ଼ିକ ରାତିରେ ରହି ସକାଳେ ପରଜଙ୍ଗ ରୁ ବିଭିନ୍ନ ପଞ୍ଚାୟତ ଦିଗକୁ ପାସେଞ୍ଜର ଯାଉଥିବା ବେଳେ ଫେରିବା ବେଳେ ମଧ୍ୟ ବସରେ ପାସେଞ୍ଜର୍ ପରଜଙ୍ଗ ବଜାରକୁ ଆସି ନିଜ ନିଜର କାର୍ଯ୍ୟସ୍ଥଳକୁ ଯାଇଥାନ୍ତି ।କେତେକ ଦାବିକୁ ନେଇ ମଙ୍ଗଳବାର ଓ ବୁଧବାର ଦୁଇ ଦିନ ଧରି ପାଞ୍ଚଟି ଯାକ ବସ୍ ପରଜଙ୍ଗ ବ୍ଲକ କାର୍ଯ୍ୟାଳୟ ପରିସରରେ ଠିଆ ହୋଇ ରହିଥିବା ଦୃଶ୍ୟ ଦେଖିବାକୁ ମିଳିଛି । ସମସ୍ତ ବସ ଗୁଡ଼ିକର ଦାୟିତ୍ୱ ନିର୍ବାହ କରୁଥିବା ବ୍ଲକ ସୁପରଭାଇଜର କଳ୍ପନା ମହାପାତ୍ରଙ୍କ ମନମୁଖୀ କାର୍ଯ୍ୟକୁ ନେଇ ବସରେ କାର୍ଯ୍ୟରତ ଥିବା କର୍ମଚାରୀ ମାନେ ଏକତ୍ରିତ ହୋଇ ଯେ ପର୍ଯ୍ୟନ୍ତ ସମସ୍ୟା ସମାଧାନ ନହୋଇଛି ସେପର୍ଯ୍ୟନ୍ତ ଅଖଚକ ସମ୍ପୂର୍ଣ୍ଣ ବନ୍ଦ ରହିବ ବୋଲି ଚରମ ନିଷ୍ପତ୍ତି ନେଇଛନ୍ତି। ପରିବହନ ବସରେ କାର୍ଯ୍ୟରତ ଥିବା କର୍ମଚାରୀ ମାନଙ୍କର ମୁଖ୍ୟ ଦାବି ପୂରଣ କରିବା ଏବଂ ବସ ଦାୟିତ୍ୱରେଥିବା ବ୍ଲକ ସୁପରଭାଇଜର କଳ୍ପନା ମହାପାତ୍ରଙ୍କୁ ଅନ୍ୟତ୍ର ବଦଳି କରିବା ଏମାନଙ୍କର ମୁଖ୍ୟ ଦାବି ରହିଛି। ଦାବି ଗୁଡ଼ିକ ମଧ୍ୟରେ କର୍ମଚାରୀ ମାନଙ୍କ ଇପିଏଫ୍, ଇଏସଆଇ, ବୋନସ, ଲାଇଭ ବୋନସ ରହିଥିବା ବେଳେ ଏହା ସାଙ୍ଗକୁ ବ୍ଲକ ସୁପରଭାଇଜରକୁ ଅନ୍ୟତ୍ର ବଦଳି କରିବା ଏମାନଙ୍କ ମୁଖ୍ୟ ସମସ୍ୟା ବୋଲି ଜିଲ୍ଲା ମ୍ୟାନେଜରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ଏହି ଦାବି ଗୁଡ଼ିକ ଯେପର୍ଯ୍ୟନ୍ତ ପୂରଣ ନହୋଇଛି ସେତେ ଦିନ ପର୍ଯ୍ୟନ୍ତ ଗାଡ଼ି ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିବ ବୋଲି ଚେତାବନୀ ଦେଇଛନ୍ତି । ଦୁଇ ଦିନ ଧରି ବସ ଚଳାଚଳ ବନ୍ଦ ଥିବାରୁ କଲେଜପିଲା, ପୁରୁଷ ଓ ବିଶେଷକରି ମହିଳା ଯାତ୍ରୀ ମାନେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତୁରନ୍ତ ଏହି ସମସ୍ୟା ପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

# ଝିଅ ନିଖୋଜ

## ଅଭିଯୋଗ କଲେ ବାପା

**ଉଦ୍ଧାର ପାଇଁ ସାଇବର ଟିମ୍ ପକ୍ଷରୁ ତଦନ୍ତ ଆରମ୍ଭ**

ଡେରାବିଶ(ଭାସ୍କର ନ୍ୟୁଜ୍):ଡେରାବିଶ ଥାନା ଖମୋଳ ପଂଚାୟତ ଅନ୍ତର୍ଗତ ବଡ଼ସଲାରୋ ଗ୍ରାମର ଉତ୍ତମ ଚରଣ ପଲେଇ ତାଙ୍କ ଝିଅ ବର୍ଷାରାଣୀ (୨୦) ଗତ ୨୪ ତାରିଖ ରାତି ୮ଟାରୁ କେଉଁଆଡ଼େ ନିଖୋଜ ହୋଇଯାଇଥିବା ନେଇ ଥାନାରେ ଅଭିଯୋଗ କରିଛନ୍ତି । ଉତ୍ତମଙ୍କ ଅଭିଯୋଗ ପାଇବା ପରେ ଡେରାବିଶ ଥାନାରେ ୩୭/୨୦୨୫ରେ ଏକ ନିଖୋଜ ମାମଲା ରୁଜୁ ହେବା ସହିତ ବର୍ଷାରାଣୀଙ୍କୁ ଖୋଜିବା ପାଇଁ ପୋଲିସ୍ ପକ୍ଷରୁ ସ୍ୱତନ୍ତ୍ର ଭାବେ ସାଇବର ଟିମ୍ ସହାୟତା ନିଆଯାଇ ଝିଅକୁ ଖୋଜିବା କାର୍ଯ୍ୟ ଜାରି ରହିଛି । ଉତମଙ୍କ ଏତଲା ଅନୁଯାୟୀ ତାଙ୍କ ଝିଅ ବର୍ଷାରାଣୀ ଗତ ୨୪ ତାରିଖ ଦିନ ରାତିରେ ଘର ନିକଟରେ ଜଣୈକ ବ୍ୟକ୍ତିଙ୍କ ଘରେ ଭାଲୁକୁଣୀ ଓଷା କରିବାକୁ ଯିବ ବୋଲି ଘରୁ ଯାଇ ଆଉ ରାତିରେ ଫେରିନଥିଲା। ତାକୁ ବହୁ ଖୋଜାଖୋଜି କରିବା ପରେ ମଧ୍ୟ ତାର କୌଣସି ସନ୍ଧାନ ନମିଳିବାରୁ ସେ ଏ ସମ୍ପର୍କରେ ପୋଲିସ୍‌ରେ ଜଣାଇଥିଲେ ।

# ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ବିପର୍ଯ୍ୟସ୍ତ




କୋରେଇ(ଭାସ୍କର ନ୍ୟୁଜ୍): କୋରେଇ ବ୍ଲକ ଅନ୍ତର୍ଗତ ଚଞ୍ଚାଣିଆ ଭୟା ଜଇଁନ୍ତିରା ଯୁଗଳ ରାମକୃଷ୍ଣପୁର୍ ରାସ୍ତା ବର୍ତ୍ତମାନ ବିରାଟ ବିରାଟ ଖାଲଖମାରେ ପରିପୂର୍ଣ୍ଣ ହେଇଥିବା ଦେଖିବାକୁ ମିଳୁଛି ।କେନ୍ଦ୍ର ସରକାରଙ୍କ ଠାରୁ ରାଜ୍ୟସରକାର ସୁସ୍ଥ ଗମନା ଗମନ ପାଇଁ ଚେଷ୍ଟିତ ଥିବା ବେଳେ ଗ୍ରାମ୍ୟ ଉନ୍ନୟନ ବିଭାଗ ନିଦାବିଷ୍ଟୁ ସାଜିଥିବା ଅଭିଯୋଗ ହେଉଛି ।ଏହି ରାସ୍ତା ଦେଇ ପ୍ରତିଦିନ ବିଦ୍ୟାଳୟକୁ କୁନି କୁନି ଛାତ୍ର ଛାତ୍ରୀ ଯାତାୟାତ କରୁଥିବା ବେଳେ ମହାବିଦ୍ୟାଳୟ ଓ କୋରେଇ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କୁ ରୋଗୀ ମାନେ ଚିକିତ୍ସା ପାଇଁ ଏହି ରାସ୍ତା ଉପରେ ନିର୍ଭର କରନ୍ତି ଏବଂ ହଜାର ହଜାର ଲୋକ ଯାତାୟାତ କରୁଥିବା ବେଳେ ୪ ଗୋଟି ପଞ୍ଚାୟତ ସମେତ ପଡୋଶୀ କେନ୍ଦୁଝର ଜିଲ୍ଲା ଲୋକ ମାନେ ମଧ୍ୟ ଏହି ରାସ୍ତା ଉପରେ ନିର୍ଭର କରିଥାନ୍ତି । ବର୍ଷା ଋତୁ ଚାଲିଥିବା ବେଳେ ବର୍ଷା ହେବା ଦ୍ୱାରା ଖାଲ ଗୁଡ଼ିକ କୃତ୍ରିମ ପୋଖରୀରେ ପରିଣତ ହେବାରେ ଲାଗିଲାଣି ।ସାଧାରଣ ବିଦ୍ୟାଳୟ କୁ ଯାତାୟାତ କରୁଥିବା ଗାଡ଼ି ଠାରୁ ଆରମ୍ଭ କରି ମୋଟର ସାଇକେଲ ନେଇ ଯିବା କଷ୍ଟ ହୋଇପଡ଼ିଲାଣି । ଦୁଃଖର ବିଷୟ ଅଞ୍ଚଳବାସୀ ଏ ବିଷୟରେ ବିଭାଗକୁ ଅବଗତ କରିଥିଲେ ମଧ୍ୟ ସମାଧାନ ହୋଇପାରି ନାହିଁ ।ତେଣୁ ଯଥା ଶୀଘ୍ର ଏହାର ମରାମତି କରିବା ସହ ଉନ୍ନତ ମାନର ରାସ୍ତା ନିର୍ମାଣ ପାଇଁ ଅଞ୍ଚଳ ବାସୀଙ୍କ ତରଫରୁ ଦାବୀ ହେଉଛି ।

# ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟରୁ ମାଛ ମାରିବା ମହଙ୍ଗା ପଡିଲା

## ■ ଟ୍ରଲର ସହ ୯ ମତ୍ସ୍ୟଜୀବୀ ଗିରଫ




ରାଜନଗର(ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବନଖଣ୍ଡ ଅଧିନସ୍ଥ ଗହିରମଥା ବନ୍ୟ ପ୍ରାଣୀ ରେଞ୍ଜ ଅନ୍ତର୍ଗତ ବରୁଣେଇ ସାମୁଦ୍ରିକ ଅଭୟାରଣ୍ୟରୁ ମାଛ ମାରୁଥିବା ଟ୍ରଲରକୁ ପେଟ୍ରୋଲିଂ କରୁଥିବା ବନ ବିଭାଗ କର୍ମଚାରୀ ମାଡି ବସିବା ସହ ୯ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିବା ଭାରପ୍ରାପ୍ତ ରେଞ୍ଜର କପିଳେନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି ।ବିବରଣୀରୁ ପ୍ରକାଶ ଗତକାଲି ରାତିରେ ବରୁଣେଇ ସେକ୍ସନର ଫରେଷ୍ଟର ଶ୍ରୀ ମହନ୍ତ କୁମାର ମଲ୍ଲିକଙ୍କ ନେତୃତ୍ୱରେ ବନ କର୍ମଚାରୀ ସାମୁଦ୍ରିକ ଅଭୟାରଣ୍ୟରେ ପେଟ୍ରୋଲିଂ କରୁଥିଲେ । ବିନାନୁମତିରେ ଧରିତ୍ରୀ ନାମକ ଟ୍ରଲର ସାମୁଦ୍ରିକ ଅଭୟାରଣ୍ୟରୁ ମାଛ ମାରୁଥିବା ସମୟରେ ବନବିଭାଗ ଟିମ୍ ମାଡିବସିଥିଲା । ଟ୍ରଲର ଜବତ କରିବା ସହ ୯ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିବା ରେଞ୍ଜର ଶ୍ରୀ ପ୍ରଧାନ ସୂଚନା ଦେଇଛନ୍ତି । ଗିରଫ ବ୍ୟକ୍ତିମାନେ ହେଲେ ଚନ୍ଦ୍ରକାନ୍ତ ମଲ୍ଲିକ, ଭରତ ମଲ୍ଲିକ,ବିଜୟ ମଲ୍ଲିକ,ସଞ୍ଜୟ ମଲ୍ଲିକ, ଦୁର୍ଲ୍ଲଭ ମଲ୍ଲିକ, ରମାକାନ୍ତ ମଲ୍ଲିକ,ମଣ୍ଟୁ ମଲ୍ଲିକ, ବୁଦ୍ଧି ରାମ ମଲ୍ଲିକ, ଟୁକୁ ମଲ୍ଲିକ ପ୍ରମୁଖଙ୍କ ଘର ଭଦ୍ରକ ଓ ବାଲେଶ୍ୱର ଜିଲ୍ଲାର । ଟ୍ରଲର ସହିତ ଜିପିଏସ ୨ଟା,ଭିଏଚ୍ ୧,ଫିସ୍ ଫାଇଣ୍ଡର ୧,ଟ୍ରଲି ଜାଲ ୯,ଓ ମାଛ ୧୦କୁଇଣ୍ଟାଲ ୫୦ କେଜି ଜବତ କରାଯାଇଛି ।

## ସାମ୍ବାଦିକଙ୍କ ମାତୃ ବିୟୋଗ

ରଘୁନାଥପୁର: (ଭାସ୍କର ନ୍ୟୁଜ୍): ରଘୁନାଥପୁର ବ୍ଲକ ତାରପୁର ପଞ୍ଚାୟତ ଗୋକୁଳପୁର ସ୍ଥିତ ବରିଷ୍ଠ ସାମ୍ବାଦିକ ରାଜେନ୍ଦ୍ର ନାରାୟଣ ସିଂହଙ୍କ ମାତା ପ୍ରମିଳା ସିଂହ ୯୦ ଙ୍କ ବୁଧବାର ସକାଳେ ନିଜ ବାସଭବନରେ ବିୟୋଗ ହୋଇଛି । ସେ କିଛିଦିନ ଧରି ବାର୍ଦ୍ଧକ୍ୟଜନିତ ରୋଗରେ ପୀଡିତ ଥିଲେ । ମୃତ୍ୟୁଶଯ୍ୟା ନିକଟରେ ପୁଅବୋହୂ, ଝିଅଜ୍ୱାଇଁ ଓ ନାତି ନାତୁଣୀ ଉପସ୍ଥିତ ଥିଲେ । ଖବରପାଇ ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ସହ ବନ୍ଧୁ ଓ ଆତ୍ମୀୟ ସ୍ୱଜନ ତାଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ କରିଥିଲେ ।ଗ୍ରାମ୍ୟ ଶ୍ମଶାନରେ ସ୍ୱର୍ଗତା ସିଂହଙ୍କ ଶେଷକୃତ୍ୟ ସଂପନ୍ନ ହୋଇଥିବାବେଳେ ମଧ୍ୟମ ପୁତ୍ର ଇନ୍ଦ୍ରଜିତ ମୁଖାଗ୍ନି ଦେଇଥିଲେ ।

## ।।। ଜାଗୁଳାଇପଡ଼ାରେ କାଉମଡ଼କ ଘଟଣା ।।।

# ରକ୍ତ ନମୁନା ସଂଗ୍ରହ, ବାର୍ଡଫ୍ଲୁ ଅଶଙ୍କା



ଡେରାବିଶ(ଭାସ୍କର ନ୍ୟୁଜ୍): ଡେରାବିଶ ବ୍ଲକ ଅଞ୍ଚଳରେ ଗତ କିଛିଦିନ ହେବ ବିଭିନ୍ନ କୁକୁଡ଼ା ଫାର୍ମରେ ହଜାର ହଜାର ସଂଖ୍ୟାରେ କୁକୁଡ଼ାଙ୍କ ମୃତ୍ୟୁ ହୋଇଥିଲା । ଏହି ଖବର ବ୍ୟାପିବା ପରେ ଡେରାବିଶ ବ୍ଲକ ଅଞ୍ଚଳରେ ବାର୍ଡ଼ଫ୍ଲୁ ତାର କାୟା ବିସ୍ତାର କରିଥିବା ନେଇ ସନ୍ଦେହ ଘନୀଭୂତ ହୋଇଥିଲା। ଏହି ଖବର ପାଇବା ପରେ ଜିଲ୍ଲା ପ୍ରାଣୀଧନ ଅଧିକାରୀ ଓ ଡେରାବିଶ ପଶୁ ଚିକିତ୍ସା ଅଧିକାରୀଙ୍କ ନେତୃତ୍ୱରେ ଏକ ଟିମ୍ ଡେରାବିଶ ବ୍ଲକ ଅଞ୍ଚଳର ବିଭିନ୍ନ ଫାର୍ମକୁ ଯାଇ ମୃତ କୁକୁଡ଼ାମାନଙ୍କର ରକ୍ତନମୁନା ନେଇ ଫେରିଥିଲେ । ଏଥିସହିତ ଉକ୍ତ ମଲା କୁକୁଡ଼ାଗୁଡ଼ିକୁ ଏଣେତେଣେ ନପକାଇ ସତର୍କତାର ସହିତ ମାଟି ଖୋଳି ପୋତିଦେବାକୁ ଏହି ଫାର୍ମ ମାଲିକମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ତେବେ କୁକୁଡ଼ାଙ୍କ ରକ୍ତ ନମୁନା ଲାବୋରୋଟୋରୀକୁ ପରୀକ୍ଷା ନିମନ୍ତେ ପଠାଯାଇଥିବା ଆସନ୍ତା କାଲି ଏହାର ରିପୋର୍ଟ ଆସିବ ବୋଲି ଶୁଣିବାକୁ ମିଳିଛି । ତେବେ ଆଜି ଡେରାବିଶ ବ୍ଲକ ବାଲିଆ ପଂଚାୟତ ଅନ୍ତର୍ଗତ ଜାଗୁଳାଇପଡ଼ା ଗାଁରେ ୧୦ରୁ ଉର୍ଦ୍ଧ୍ୱ କାଉ ମରିପଡ଼ିଥିବା ଦେଖିବାକୁ ମିଳିଥିଲା । ତେବେ କାଉମାନଙ୍କ ମୃତ୍ୟୁର କାରଣ ଅସ୍ପଷ୍ଟ ଥିବା ବେଳେ ସ୍ଥାନୀୟ ଲୋକମାନେ ବାର୍ଡ଼ ଫ୍ଲୁ କାରଣରୁ ଏହି କାଉ ମଡ଼କ ହୋଇଥିବା ସନ୍ଦେହ କରି ଡେରାବିଶ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ଦିଲ୍ଲିପ ସେଠୀଙ୍କୁ ଖବର ଦେଇଥିଲେ । ଏହି ଖବର ପାଇବା ପରେ ଡାକ୍ତର ସେଠୀ ଘଟଣା ସ୍ଥଳରେ ପହଂଚି ମୃତ କାଉର ରକ୍ତ ନମୁନା ନେଇ ଫେରିଥିବା ଜଣାଯାଇଛି । ତେବେ ଗତ ବର୍ଷକ ତଳେ ଡେରାବିଶ ବ୍ଲକ ଅଂଚଳରେ ରହିଥିବା ବିଭିନ୍ନ ଫାର୍ମରେ ବାର୍ଡ଼ଫ୍ଲୁ ଯୋଗୁ ଏହିଭଳି କୁକୁଡ଼ା ମଡ଼କ ଦେଖାଯାଇଥିବା ବେଳେ ସେତେବେଳେ ସରକାରଙ୍କ ପକ୍ଷରୁ ଏକ ର୍ୟାପିଡ୍ ଆକ୍ସନ ଟିମ୍ ଗଠନ କରାଯାଇ ସଂକ୍ରମିତ ଅଂଚଳର ତିନିକିଲୋମିଟର ଯାଏ ରହିଥିବା ବିଭିନ୍ନ କୁକୁଡ଼ା ଫାର୍ମରୁ କୁକୁଡ଼ା ମରାଯିବା ସହିତ ଏହି ଅଂଚଳରେ ରହିଥିବା ସମସ୍ତ ଗୃହପାଳିତ ପକ୍ଷୀମାନଙ୍କୁ ମଧ୍ୟ ମରାଯାଇଥିଲା । ତେବେ ସ୍ଥାନୀୟ ଅଞ୍ଚଳରେ ବାରମ୍ବାର ଏପରି କୁକୁଡ଼ା ମଡ଼କ ହେବା ଯୋଗୁ ବହୁ କୁକୁଡ଼ା ଚାଷୀ ଏବେ ସର୍ବସ୍ୱାନ୍ତ ହୋଇଯାଇଥିବା ପ୍ରକାଶ କରିଛନ୍ତି ।

## ମହିଳା ଥାନା ଅଧିକାରୀଙ୍କୁ ବଦଳି କରିବାକୁ ଷଡ଼ଯନ୍ତ୍ର

# ନକଲି ଡାକ୍ତରଙ୍କୁ ଗିରଫ ପାଇଁ ଦାବି




ବଡ଼ଚଣା (ଭାସ୍କର ନ୍ୟୁଜ୍): ବଡ଼ଚଣା ଥାନାର ମହିଳା ଆଇଆଇସିଙ୍କ କାର୍ଯ୍ୟରେ ଅସାଧୁମାନେ ତ୍ରାହି ତ୍ରାହି ଡ଼ାକି ତାଙ୍କର ବଦଳି ପାଇଁ ଚଳାଇଛନ୍ତି ଷଡ଼ଯନ୍ତ୍ର । ମାତ୍ର ଚାରିମାସ ତଳେ ବଡ଼ଚଣା ଥାନାର ଆଇଆଇସି ଭାବେ ମହିଳା ଇନ୍ସପେକ୍ଟର ମଧୁସ୍ମିତା ବେହେରା କାର୍ଯ୍ୟଭାର ଗ୍ରହଣ କରିଥିଲେ । କାର୍ଯ୍ୟଭାର ଗ୍ରହଣ କରିବା ପର ଦିନ ହିଁ ବେଆଇନ ଗୋଚାଲାଣ କାରୀଙ୍କ ଆଡ୍ଡା ଉପରେ ଚଢ଼ାଉ କରି ସେଠାରେ ଚାଲାଣ ପାଇଁ ବୋଝେଇ ହେଉଥିବା ଗୋରୁ ଗାଡ଼ି ଜବତ କରିଥିଲେ । ଏଇ ଚାରିମାସ ଭିତରେ ଗୋତସ୍କରୀଙ୍କ ବିରୁଦ୍ଧରେ ସେ ଥାନାରେ ୧୪ ଟି କେଶ୍ ୨୦ଟି ଗାଡ଼ି ପ୍ରାୟ ୩ ଶହ ଗୋରୁ ଉଦ୍ଧାର କରି ବିଭିନ୍ନ ଗୋଶାଳାରେ ନେଇ ଛାଡ଼ିଛନ୍ତି । ବିଭିନ୍ନ ଅଞ୍ଚଳରୁ ବେଆଇନ ଗୋଚାଲାଣର ଅଭିଯୋଗ ନିୟମିତ ହୋଇ ଆସୁଥିଲେ ମଧ୍ୟ ଏତେ କମ ସମୟ ଅବଧି ମଧ୍ୟରେ କିନ୍ତୁ କେବଳ ଯାଜପୁର ଜିଲ୍ଲା କାହିଁକି ରାଜ୍ୟର କୌଣସି ବି ଥାନା ପକ୍ଷରୁ ଏତେ ସଂଖ୍ୟକ ଗୋରୁ ଗାଡ଼ି ଜବତ କିମ୍ବା ଏତେ ପରିମାଣର ଗୋରୁ ଉଦ୍ଧାର ହେବାର ନଜିର ହିଁ ନାହିଁ । ଯାହାକି ଗୋତସ୍କରୀମାନଙ୍କୁ ନିଶ୍ଚିତ ଭାବେ ବ୍ୟାପକ ଆର୍ଥିକ କ୍ଷତି ପହଞ୍ଚାଇଛି । ପୂର୍ବରୁ ସ୍ଥାନୀୟ କିଛି ଲୋକ ଥାନାର କିଛି ଅଧିକାରୀଙ୍କୁ ଧରି ଦଲାଲୀ କରି ଅର୍ଥ ରୋଜଗାର କରି ଆସୁଥିଲେ, ଯାହାକୁ ସେ ଏଠାରେ ଆଉ ପ୍ରଶୟ ଦେଉ ନାହାଁନ୍ତି । କେବଳ ସେତିକି ନୁହେଁ ଶ୍ରୀମତୀ ବେହେରା ଇତି ମଧ୍ୟରେ ବି ବହୁ ବେଆଇନ ମାଙ୍କଡ଼ା ପଥର ପରିବହନ କରୁଥିବା ଗାଡ଼ିକୁ ବି ଜବତ କରିଥିଲେ, ଯେଉଁଥିରେ ଶାସକ ଦଳ ଓ ବିରୋଧୀ ଦଳର ସମର୍ଥକଙ୍କ ଗାଡ଼ି ରହିଥିଲା । ଏଥିରୁ ଅନୁମାନ କରାଯାଇପାରେ ଯେ ସେ ବିନା କୌଣସି ଚାପରେ ରହି ନିରପେକ୍ଷ ଭାବେ ନିଜ ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପାଦନ କରି ଆସୁଛନ୍ତି । ତାଙ୍କର ଏଭଳି ସବୁ କାର୍ଯ୍ୟ ପୋଲିସକୁ ହାତବାରିସୀ କରି ଅସାଧୁ କାର୍ଯ୍ୟ ଚଳାଇ ଆସୁଥିବା ବ୍ୟକ୍ତିଙ୍କ ପାଇଁ ଆଉ ସୁଯୋଗ ସୃଷ୍ଟି କରି ପାରୁନାହିଁ, ଯେଉଁଥିପାଇଁ ସେମାନଙ୍କର ହୁଏତ ଭାରି ଗାତ୍ରଦାହ ହେଉଛି । ତେଣୁ ତାଙ୍କୁ ଏଠାରୁ ଅନ୍ୟତ୍ର ବଦଳି ପାଇଁ ସେମାନେ ଯୋଜନାବଦ୍ଧ ଭାବେ ଉଦ୍ୟମ ଚଳାଇଛନ୍ତି । ଏବଂ ତାଙ୍କ ବିରୁଦ୍ଧରେ ରିତି ବଦ୍ଧ ଷଡ଼ଯନ୍ତ୍ର ରଚା ଚାଲିଛି ବୋଲି ସ୍ଥାନୀୟ ସାମାଜିକ କର୍ମକର୍ତ୍ତା ପ୍ରକାଶ କରିଛନ୍ତି । ବହୁଚର୍ଚ୍ଚିତ ନିଶ୍ଚିନ୍ତକୋଇଲି ଟୁକୁନା ମେଡିସିନ ଷ୍ଟୋର ଟଙ୍କା ନେବା ଘଟଣାକୁ ଥାନା ଅଧିକାରୀଙ୍କୁ ଗଣମାଧ୍ୟମର ପ୍ରତିନିଧି ପଚାରିବାରୁ ଯେ ସେ ନିଜର ଉତ୍ତର ରଖିଥିଲେ ବଡ଼ଚଣାରେ ରହୁଥିବା ଜୈନିକ ମହିଳା ଇତୁଶ୍ରୀ ମହାନ୍ତିଙ୍କ ଅଭିଯୋଗ ନକଲି ଡାକ୍ତର ଏକେ ଜୟ ସିଂହ ମହିଳା ଜଣକୁ ଅନ୍ତରଙ୍ଗ ଜାଗାରେ ହାତ ମାରିବା ଓ ଦେଇଥିବା ଔଷଧରେ ଅଧିକ ଦେହ ଖରାପ ହେବା ବିଭିନ୍ନ ଲିଖିତ ଅଭିଯୋଗ ପାଇଲା ପରେ ପ୍ରାଥମିକ ତଦନ୍ତରେ ଥାନା ଟେସନ୍ ଡାଇରି ନଂ -୩୪/୨୩/୬ /୨୫ କରି ଘଟଣା ସ୍ଥଳରେ ଯାଇ ଟୁକୁନା ମେଡିସିନ ଷ୍ଟୋର ମାଲିକଙ୍କୁ ଥାନାକୁ ଆଣିଥିଲେ, ଯେହେତୁ ଏହି ନକଲି ଡାକ୍ତରଙ୍କୁ ମଗାଇ ରୋଗୀ ଚିକିତ୍ସିତ କରୁଥିବା ଜଣାପଡିଛି । ଖବର ପାଇ ନକଲି ଡାକ୍ତର ମୋବାଇଲ୍ ବନ୍ଦ୍ କରିଦେଇଥିଲେ । ତାକୁ ହାଜର କରିବା କହି ଆଜି ପର୍ଯ୍ୟନ୍ତ କରିନଥିଲେ । ଏହି ଡାକ୍ତର ଦେଇଥିବା ରୋଗୀଙ୍କୁ ପ୍ରେସ୍କ୍ରିପ୍ସନରେ ଘରୋଇ ହସ୍ପିଟାଲ ଗୁଜରାଟ ଏବଂ ହାଇଟେକ୍ ମେଡିକାଲ୍ କଲେଜ୍ ଭୁବନେଶ୍ୱର କାର୍ଯ୍ୟରତ ବୋଲି ଲେଖିଛନ୍ତି । ଏହାକୁ ନେଇ ଦୁଇ ଜାଗାରେ ଫୋନରେ ପଚାରିଲାରୁ କୌଣସି ଏହି ନାମକ ଡାକ୍ତର ନାହାଁନ୍ତି ପୂର୍ବରୁ ନଥିଲେ ବୋଲି ଜଣାପଡିଛି । ଏହି ମେଡିସିନ ଷ୍ଟୋର ସାଧାରଣ ରୋଗୀଙ୍କ ଜୀବନ ସହ ଖେଳୁଛନ୍ତି । ଦୁଇ ମାସ ପରେ ଥାନା ଅଧିକାରୀଙ୍କ ବିରୁଦ୍ଧରେ ପରୋକ୍ଷରେ ଟଙ୍କା ନେବା ମେଡିସିନ ଷ୍ଟୋର ମାଲିକ ଉଚ୍ଚ ପଦାଧିକାରୀଙ୍କ ନିକଟରେ ଅଭିଯୋଗ ଆଣିଛନ୍ତି । ଥାନା ଅଧିକାରୀଙ୍କ ଫଟୋକୁ ନେଇ ଚରିତ୍ର ସଂହାର ଘଟଣାକୁ ନେଇ ସମ୍ବାଦ ପରିବେଷଣ ସାମାଜିକ ଗଣମାଧ୍ୟମରେ ବଦନାମ କରିବା ଏବଂ ମହିଳା ଅଧିକାରୀଙ୍କ କାର୍ଯ୍ୟ ରେ ମନୋବଳ ଦୁର୍ବଳ କରିବା ଏକ ଦୁଃଖ ପରିତାପର ବିଷୟ ବୋଲି ସାମାଜିକ କାର୍ଯ୍ୟକର୍ତ୍ତା ଓ ଆଇନ୍‌ଜୀବୀ ଉଦୟନାଥ ସାହୁ ନିନ୍ଦା କରିବା ସହ ନକଲି ଡାକ୍ତରଙ୍କୁ ଗିରଫ କରିବା ସହ ଏହିପରି କରୁଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ କରିବାକୁ ସାଧାରଣରେ ଦାବି ହୋଇଛି ।

## ଛାତ୍ରଛାତ୍ରୀ ଜାଳେଣି କାଠବୋହିବା ଘଟଣା ।।।।।।।।।।।।।

# ପ୍ରଧାନଶିକ୍ଷକ ନିଲମ୍ବିତ



ଅସ୍ତରଙ୍ଗ(ଭାସ୍କର ନ୍ୟୁଜ୍): ମଧ୍ୟାହ୍ନ ଭୋଜନ ପାଇଁ ଜାଳେଣି କାଠ ବିଦ୍ୟାଳୟ ପରିସରରେ ଛାତ୍ର, ଛାତ୍ରୀ ବୋହିବା ଘଟଣା ଅଭିଯୋଗରେ ଜଣେ ପ୍ରଧାନଶିକ୍ଷକଙ୍କୁ ମାଧ୍ୟମିକ ଶିକ୍ଷାନିର୍ଦ୍ଦେଶାଳୟ କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି । ପ୍ରଧାନ ଶିକ୍ଷକ ଜଣକ ହେଲେ ଅସ୍ତରଙ୍ଗ ମଣ୍ଡଳଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧୀନ ସୁନ୍ଦର ସ୍ଥିତ ସୁରେନ୍ଦ୍ରନାଥ ବିଦ୍ୟାପୀଠ, ପ୍ରଧାନଶିକ୍ଷକ ପ୍ରକାଶ କୁମାର ବେହେରା । ବିଦ୍ୟାଳୟ ରେ ଛାତ୍ରଛାତ୍ରୀଙ୍କୁ ପୁଷ୍ଟିକର ସ୍ୱାଦିଷ୍ଟ ମଧ୍ୟାହ୍ନ ଭୋଜନ ଯୋଗାଇ ଦେବା ପାଇଁ ସରକାରଙ୍କ ତରଫରୁ ବିଭିନ୍ନ ସୁବିଧା ସୁଯୋଗ ଯୋଗାଇ ଦିଆଯାଉଛି । କାଠ ପରିବର୍ତ୍ତେ ବିଦ୍ୟାଳୟ ଗୁଡିକରେ ଗ୍ୟାସରେ ହେବ ମଧ୍ୟାହ୍ନଭୋଜନ ରୋଷେଇ। ପରିବେଶ ସ୍ୱଚ୍ଛତା ତଥା ବାୟୁ ମଣ୍ଡଳକୁ ପ୍ରଦୂଷଣ ମୁକ୍ତ କରିବା ପାଇଁ ସରକାର ବିଦ୍ୟାଳୟ ଗୁଡ଼ିକୁ ଗ୍ୟାସ ଯୋଗାଇ ଦେବାକୁ ନିର୍ଦ୍ଦେଶ ରହିଛି। ହେଲେ ଏ ଯୋଜନା କାଗଜ ପତ୍ରରେ ଚାଲିଥିବା ବେଳେ ଏହାର ବାସ୍ତବ ଘଟଣା ଛାତ୍ରଛାତ୍ରୀ ଜାଳେଣି କାଠ ବୋହୁଥିବା ଫଟୋ ସୋସିଆଲ ମିଡ଼ିଆ ରେ ଘୁରିବୁଲିବା ପରେ ମଣ୍ଡଳ ଶିକ୍ଷାଧିକାରୀ ଘଟଣାକୁ ଗୁରୁତ୍ୱର ସହ ନେଇ ତଦନ୍ତ କରିଥିଲେ । ଏଥିସହିତ ସରକାର ଜାଳେଣି ପାଇଁ ପ୍ରତି ପିଲା ପିଛା ପୂର୍ବରୁ ୫୦ପଇସା ରହିଥିବା ବେଳେ ଏବେ ୧ଟଙ୍କା ଦେଉଛନ୍ତି । କିନ୍ତୁ ପୁରୀ ଜିଲ୍ଲା ଅସ୍ତରଙ୍ଗ ମଣ୍ଡଳ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧୀନ ସୁନ୍ଦର ସ୍ଥିତ ସୁରେନ୍ଦ୍ର ନାଥ ବିଦ୍ୟାପୀଠ ବିଦ୍ୟାଳୟ ପରିସରରେ ଛାତ୍ରଛାତ୍ରୀ ଶ୍ରେଣୀ କକ୍ଷ ଛାଡି ମଧ୍ୟାହ୍ନ ଭୋଜନ ରୋଷେଇ ପାଇଁ କାଠ ବୋହୁଥିବା ତାହା ବିଦ୍ୟାଳୟରେ ଶିକ୍ଷକ, ଶିକ୍ଷୟତ୍ରୀ ଉପସ୍ଥିତ ଥିବା ସମୟରେ କୋମଳମତି ପିଲା ମାନଙ୍କ ହାତରେ ଏ କାର୍ଯ୍ୟ ସମ୍ପାଦନ କରୁଛନ୍ତି ବୋଲି ଫଟୋ ଭାଇରଲ ପରେ ଦୈନିକ ଖବର କାଗଜ'ଓଡିଶା ଭାସ୍କର'ଖବର ପ୍ରକାଶିତ ହୋଇଥିଲା । ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳ କିଛି ବ୍ୟକ୍ତି ବିଶେଷ ନିଜ ଏକ୍ସ ମାଧ୍ୟମରେ ଶିକ୍ଷାବିଭାଗକୁ ଅବଗତ କରାଇଥିଲେ । କିନ୍ତୁ ମଙ୍ଗଳବାର ମାଧ୍ୟମିକ ଶିକ୍ଷାନିର୍ଦ୍ଦେଶାଳୟ ଅର୍ଡର ନମ୍ବର ୨୨୭୪୭ରେ ସୁରେନ୍ଦ୍ର ନାଥ ବିଦ୍ୟାପୀଠର ପ୍ରଧାନଶିକ୍ଷକ ପ୍ରକାଶ କୁମାର ବେହେରାଙ୍କୁ ନିଲମ୍ବିତ କରାଯାଇଛି । ନିଲମ୍ବନ ଅବଧି ମଧ୍ୟରେ ଶ୍ରୀବେହେରା ଅସ୍ତରଙ୍ଗ ମଣ୍ଡଳ ଶିକ୍ଷାଧିକାରୀ କାର୍ଯ୍ୟାଳୟରେ କାର୍ଯ୍ୟ କରିବେ । ବିଭାଗୀୟ ଯୁଗ୍ମ ନିର୍ଦ୍ଦେଶକ ଏ ସମ୍ପର୍କିତ ଆଦେଶନାମା ନକଲ ପୁରୀ ଜିଲ୍ଲା ଶିକ୍ଷାଧିକାରୀ ଙ୍କୁ ପ୍ରେରଣ କରି ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ପାଇଁ ଡ୍ରାଫ୍ଟ ପ୍ରୋସିଡ଼ିଂ ପ୍ରସ୍ତୁତ କରିବା ପାଇଁ ପତ୍ରରେ ଉଲ୍ଲେଖ କରିଛନ୍ତି । ଏ ସମ୍ପର୍କିତ ଚିଠି ଅସ୍ତରଙ୍ଗ ମଣ୍ଡଳ ଶିକ୍ଷାଧିକାରୀ ଙ୍କୁ ବିଭାଗ ପକ୍ଷରୁ ପ୍ରେରଣ କରାଯାଇଛି । ସୂଚନାଯୋଗ୍ୟ, ଅଭିଯୋଗ ହସ୍ତଗତ ହେବା ପରେ ଏ ସମ୍ବନ୍ଧରେ ବିଭାଗ ପକ୍ଷରୁ ତଦନ୍ତ ପ୍ରକ୍ରିୟା ଆରମ୍ଭ କରାଯାଇଥିଲା । ଏହି ତଦନ୍ତର ଫଳାଫଳ ଅନୁଯାୟୀ ବିଦ୍ୟାଳୟ ରେ ଛାତ୍ରଛାତ୍ରୀ କାଠ ବୋହିବା ଘଟଣାରେ ବିଦ୍ୟାଳୟର ମୁଖିଆ ତଥା ପ୍ରଧାନଶିକ୍ଷକଙ୍କୁ ତାଙ୍କ କାର୍ଯ୍ୟରୁ ନିଲମ୍ବନ କରାଯାଇଛି ।

## ବିଶିଷ୍ଟ ଶିକ୍ଷାବିତ୍ ସ୍ୱର୍ଗତଃ ଲକ୍ଷ୍ମୀନାରାୟଣ ମହାପାତ୍ରଙ୍କ ୫ମ ଶ୍ରାଦ୍ଧବାର୍ଷିକୀ ପାଳିତ

ଫୁଲନଖରା (ଭାସ୍କର ନ୍ୟୁଜ୍) : କଟକ ସଦର ବ୍ଲକ ଅନ୍ତର୍ଗତ କନ୍ଦରପୁର ପଞ୍ଚାୟତର ସିଦ୍ଧେଶ୍ୱରପୁର ସ୍ଥିତ ଐତିହ୍ୟସମ୍ପନ୍ନ ସର୍ବପୁରାତନ ଶିକ୍ଷାନୁଷ୍ଠାନ ଗୋପାଳ ସ୍ମୃତି ବିଦ୍ୟାପୀଠର ଅବସରପ୍ରାପ୍ତ ଶିକ୍ଷକ ସ୍ୱର୍ଗତ ଲକ୍ଷ୍ମୀନାରାୟଣ ମହାପାତ୍ରଙ୍କ ୫ମ ଶ୍ରାଦ୍ଧବାର୍ଷିକୀରେ ଏହି ବିଦ୍ୟାପୀଠର ୧୯୬୯ ମସିହା ମାଟ୍ରିକ ବ୍ୟାଚର ପୁରାତନ ଛାତ୍ରଛାତ୍ରୀ ମାନଙ୍କ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ ସଭା ବିଦ୍ୟାପୀଠର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ଏହି ବ୍ୟାଚର ପୁରାତନ ଛାତ୍ର ଅବସରପ୍ରାପ୍ତ ପ୍ରଫୁଲ୍ଲ ଚନ୍ଦ୍ର କରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ବିଦ୍ୟାପୀଠର ପ୍ରଧାନ ଶିକ୍ଷୟତ୍ରୀ ମନୋରମା ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଏହି ବ୍ୟାଚର ପୁରାତନ ଛାତ୍ର ଉଚ୍ଚଶିକ୍ଷା ବିଭାଗର ଅବସରପ୍ରାପ୍ତ ଉପନିର୍ଦ୍ଦେଶକ ଡ. ହେମନ୍ତ କୁମାର ଦାସ, ବରିଷ୍ଠ ଚିକିତ୍ସକ ଡ ଲିଙ୍ଗରାଜ ହୋତା, ଶ୍ରୀମତୀ ଜାନକୀ ପ୍ରଧାନ ପ୍ରମୁଖ ଯୋଗଦେଇ ଆଦର୍ଶ ଶିକ୍ଷକ ସ୍ୱର୍ଗତ ମହାପାତ୍ରଙ୍କ ସ୍ମୃତିଚାରଣ କରିବାସହ ତାଙ୍କ କର୍ମମୟ ଜୀବନ ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ଗତ ମାଟ୍ରିକ ପରୀକ୍ଷାରେ ବିଦ୍ୟାପୀଠ ପକ୍ଷରୁ ଏ- ୧ ସହିତ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀ ସିପ୍ରା ବେହେରାଙ୍କୁ ଉତ୍ତରୀୟ, ଟ୍ରଫି ଓ ନଗଦ ଅର୍ଥରାଶି ପ୍ରଦାନ ସହ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ୫ମ 'ଲକ୍ଷ୍ମୀନାରାୟଣ ମହାପାତ୍ର ସ୍ମୃତି ସମ୍ମାନ' ରେ ସମ୍ମାନିତ କରାଯାଇଥିଲା ।

# ବେଦାନ୍ତ ଆଲୁମିନିୟମ ପକ୍ଷରୁ ଫାଇଲେରିଆ ସଚେତନତା ଅଭିଯାନ



ଝାରସୁଗୁଡା(ଭାସ୍କର ନ୍ୟୁଜ୍):ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ଝାରସୁଗୁଡା ଜିଲ୍ଲା ପ୍ରଶାସନ ସହିତ ମିଳିତ ଭାବେ ଏକ ୧୦ ଦିନିଆ ଫାଇଲେରିଆ ସଚେତନତା ସ୍ୱାସ୍ଥ୍ୟ ଅଭିଯାନ ଆୟୋଜିତ କରିଛି । ଯାହା ଜିଲ୍ଲା ସାରା ପ୍ରାୟ ୨.୭ ଲକ୍ଷ ଲୋକଙ୍କ ପାଖରେ ପହଞ୍ଚି ପାରିଛି । ଏହି କ୍ଷେତ୍ରରେ ଫାଇଲେରିଆର ମୁକାବିଲା ପାଇଁ ସମ୍ପ୍ରଦାୟର ଅଂଶଗ୍ରହଣ ଏବଂ ଜନସ୍ୱାସ୍ଥ୍ୟ ସଚେତନତାକୁ ଏକତ୍ରିତ କରିବାରେ କମ୍ପାନୀର ପ୍ରୟାସ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା । ଏହି ପ୍ରୟାସରେ ବେଦାନ୍ତ କର୍ମଚାରୀ, ସମ୍ପ୍ରଦାୟ ସଦସ୍ୟ, ସ୍ଥାନୀୟ ନେତା ଏବଂ ସ୍ୱାସ୍ଥ୍ୟ କର୍ମୀଙ୍କ ସକ୍ରିୟ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା । ବ୍ରଜବନ୍ଧୁ ଭୋଇ (ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ୍ - ଜେନେରାଲ), ଡକ୍ଟର ଏଲ.କେ. କର୍ମୀ (ଅତିରିକ୍ତ ଜିଲ୍ଲା ଚିକିତ୍ସା ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀ ଇନ-ଚାର୍ଜ), ଏବଂ ଡକ୍ଟର ରାଧା ରମଣ ଭିର୍ତିଆ (ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ) ସମେତ ଅନେକ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତିରେ ଝାରସୁଗୁଡାର ରିଜର୍ଭ ପୋଲିସ ଗ୍ରାଉଣ୍ଡରେ ଏହି ଅଭିଯାନର ଶୁଭାରମ୍ଭ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସମ୍ମାନିତ ବ୍ୟକ୍ତିମାନେ ଫାଇଲେରିଆ ରୋଗର ପ୍ରସାରକୁ ରୋକିବା ପାଇଁ ସକ୍ରିୟ ଫାଇଲେରିଆ ନିବାରଣ ଏବଂ ସମୟୋଚିତ ଔଷଧ ସେବନର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ । ବେଦାନ୍ତ ଲିମିଟେଡର ଏକ ବ୍ୟବସାୟ, ବେଦାନ୍ତ ଆଲୁମିନିୟମ । ଭାରତର ସର୍ବବୃହତ ଆଲୁମିନିୟମ୍ ଉତ୍ପାଦକ, ଯାହା ଭାରତର ଅଧାରୁ ଅଧିକ ଆଲୁମିନିୟମ୍ ଅର୍ଥାତ୍ ୨୫ ଆର୍ଥିକ ବର୍ଷରେ ୨.୪୨ ନିୟୁତ ଟନ୍ ଉତ୍ପାଦନ କରୁଛି । ଏହା ମୂଲ୍ୟଯୁକ୍ତ ଆଲୁମିନିୟମ ଉତ୍ପାଦରେ ଏକ ନେତା ଯାହା ମୁଖ୍ୟ ଶିଳ୍ପଗୁଡ଼ିକରେ ଗୁରୁତ୍ୱପୂର୍ଣ୍ଣ ପ୍ରୟୋଗ ପାଇଥାଏ । ଆଲୁମିନିୟମ ଶିଳ୍ପ ପାଇଁ ଏସଏଣ୍ଡପି ଗ୍ଲୋବାଲ୍ କର୍ପୋରେଟ୍ ସଷ୍ଟେନେବିଲିଟି ଆସେସମେଣ୍ଟ ୨୦୨୪ ବିଶ୍ୱ ରାଙ୍କିଂରେ ବେଦାନ୍ତ ଆଲୁମିନିୟମ ଦ୍ୱିତୀୟ ସ୍ଥାନରେ ଅଛି, ଯାହା ଏହାର ଅଗ୍ରଣୀ ସ୍ଥାୟୀ ବିକାଶ ଅଭ୍ୟାସର ପ୍ରତିଫଳନ । ଭାରତରେ ଏହାର ବିଶ୍ୱସ୍ତରୀୟ ଆଲୁମିନିୟମ ସ୍ମେଲଟର, ଆଲୁମିନା ରିଫାଇନାରୀ ଏବଂ ପାୱାର ପ୍ଲାଣ୍ଟ ସହିତ, କମ୍ପାନୀ ଏକ ସବୁଜ ଆସନ୍ତାକାଲି ପାଇଁ 'ଭବିଷ୍ୟତର ଧାତୁ' ଭାବରେ ଆଲୁମିନିୟମର ଉଦୀୟମାନ ପ୍ରୟୋଗଗୁଡ଼ିକୁ ପ୍ରୋତ୍ସାହିତ କରିବାର ଏହାର ଲକ୍ଷ୍ୟ ପୂରଣ କରେ ।

ଓଡ଼ିଶା ଭାସ୍କର
ODISHA BHASKAR
# ମହାନଗର





ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଆଜି ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ । ଏହି କୃଷିଭିତ୍ତିକ ପର୍ବ ଅବସରରେ ଭୁବନେଶ୍ୱର ପୋଖରୀପୁଟ ଅଞ୍ଚଳର କୁନି ଚିତ୍ରଶିଳ୍ପୀ ଶାନ୍ତନୁ ଶାନ୍ତିସ୍ୱରୂପ ରଙ୍ଗତୂଳୀରେ ପଶ୍ଚିମ ଓଡ଼ିଶାର ଅଧିଷ୍ଠାତ୍ରୀ ମାଆ ସମଲେଶ୍ୱରୀଙ୍କ ଚିତ୍ର ଆଙ୍କି ସଭିଁଙ୍କୁ ଜଣାଇଛନ୍ତି ନୂଆଁଖାଇ ଜୁହାର । ଫସଲ ଅମଳ ଖୁସିରେ ଏହି ପର୍ବ ପାଳିତ ହେଉଥିବା ଯୋଗୁଁ ମାଆଙ୍କ ପାଖରେ ନବାହ୍ନ ଭୋଗକୁ ନିଜ ଚିତ୍ରକଳାରେ ସ୍ଥାନିତ କରି ସମସ୍ତଙ୍କ ସୁଖ, ସମୃଦ୍ଧି କାମନା କରିଛନ୍ତି । ନୂଆଁଖାଇ ପଶ୍ଚିମ ଓଡ଼ିଶାର ଗଣପର୍ବ ଭାବେ ବେଶ୍ ପରିଚିତ । ଏହିଦିନ ଆସିଲେ ସେମାନଙ୍କ ମନରେ ଅଫୁରନ୍ତି ଆନନ୍ଦ ଓ ଉଲ୍ଲାସ ଦେଖିବାକୁ ମିଳିଥାଏ । ଏହି ଦିନ ଆସିଲେ ସଭିଁଏ ଏକାଠି ହୋଇ ଭଗବାନଙ୍କୁ ପୂଜାର୍ଚ୍ଚନା କରିବା ସହ ନବାନ୍ନ ଭୋଗରେ ଆପାୟିତ ହୋଇଥାନ୍ତି । ସମସ୍ତେ ନବବସ୍ତ୍ର ପରିଧାନ କରିବା ସହ ପରସ୍ପରକୁ ନୂଆଁଖାଇର ଅଭିନନ୍ଦ ଓ ଶୁଭେଚ୍ଛା ଜଣାଇ ଏହି ଦିନକୁ ଅତି ଆନନ୍ଦରେ ଅତିବାହିତ କରିବା ପାଇଁ ନିଜ ସ୍ତରରେ ଉଦ୍ୟମ କରିଥାନ୍ତି ।

### ଟ୍ୱିନ୍‌ସିଟିରେ ଧୂମ୍‌ଧାମ୍‌ରେ ଗଣେଶ ପୂଜା ପାଳିତ

# ଅଗ୍ରପୂଜ୍ୟ ଗଜାନନଙ୍କ ଆଗମନ



ଭୁବନେଶ୍ୱର/ କଟକ (ଭାସ୍କର ନ୍ୟୁଜ୍): ଚଳିତ ବର୍ଷ ଟ୍ୱିନ୍‌ସିଟିରେ ଧୂମ୍‌ଧାମରେ ଗଣେଶ ଚତୁର୍ଥୀ ପାଳିତ ହୋଇଯାଇଛି । ଖାସକରି ଶିକ୍ଷାନୁଷ୍ଠାନ ଗୁଡ଼ିକରେ ଛାତ୍ରଛାତ୍ରୀମାନେ ଅଗ୍ରପୂଜ୍ୟ ଗଜାନନଙ୍କୁ ପୂଜାର୍ଚ୍ଚନା କରି ଆଶିର୍ବାଦ ନେଇଛନ୍ତି । ଅଗ୍ରପୂଜ୍ୟ ଗଜାନନଙ୍କ ଆଗମନରେ ଟ୍ୱିନ୍‌ସିଟି ଚଳଚଞ୍ଚଳ ହୋଇପଡ଼ିଛି । ବିଭିନ୍ନ ଶିକ୍ଷାନୁଷ୍ଠାନଠାରୁ ଆରମ୍ଭ କରି ବେଶରକାରୀ ସ୍ତରରେ ଗଣେଶ ପୂଜାକୁ ଧୁମ୍‌ଧାମ୍‌ରେ ପାଳନ କରାଯାଇଛି । ରାଜଧାନୀର ସବୁଠାରୁ ବଡ଼ଗଡ଼ରେ ବଡ଼ ଗଣେଶ ପୂଜା ପାଇଥିଲା ବେଳେ ଏହାର ଉଚ୍ଚତା ୬୧ଫୁଟ ରହିଛି । ଏଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା ବେଳେ ପ୍ରଥମ ସଂନ୍ଧ୍ୟାରେ ବିଶିଷ୍ଟ କଣ୍ଠଶିଳ୍ପି ହ୍ୟୁମାନ ସାଗର ସଙ୍ଗୀତ ପରିବେଶଣ କରି ଶ୍ରୋତାଙ୍କୁ ନିଜ କଣ୍ଠଯାଦୁରେ ବାନ୍ଧି ରଖିଥିଲେ । ସେହିପରି ମଞ୍ଚେଶ୍ୱର ଶିଳ୍ପାଞ୍ଚଳଠାରୁ ଆରମ୍ଭ କରି ଗାଡ଼କଣ, ଭିଏସ୍‌ଏସ୍ ନଗର, ଚକେଇସିହାଣୀ, ଭୋଟପଡ଼ା, ରସୁଲଗଡ଼, ଜଗନ୍ନାଥ ନଗର, ବମିଖାଲ, ଝାରପଡ଼ା, ଲକ୍ଷ୍ମୀସାଗର, ଷ୍ଟେସନବଜାର, କଳ୍ପନା, ରବିଟକିଜ୍, ରାଜମହଲ, ବାପୁଜି ନଗର, ଅଶୋକ ନଗର, ମାଷ୍ଟର କ୍ୟାଣ୍ଟିନ୍, ୟୁନିଟ୍-୯, ଜୟଦେବ ବିହାର, ପଟିଆ, ଖଣ୍ଡଗିରି, ଚନ୍ଦ୍ରଶେଖରପୁର ଆଦି ଅଞ୍ଚଳରେ ବିଭିନ୍ନ ସ୍କୁଲ୍, କଲେଜ୍, କ୍ଲବ୍ ପକ୍ଷରୁ ପ୍ରଭୁ ଗଜାନନଙ୍କୁ ଆବାହାନ କରାଯାଇ ପୂଜାର୍ଚ୍ଚନା କରାଯାଇଛି । ସେହିପରି ଐତିହ ସମ୍ପର୍ଣ୍ଣ କଟକ ସହରର ବାଉନବଜାର ତେପନଗଳି ଭିତରେ ଧମ୍‌ଧାମ୍‌ରେ ପାଳନ କରାଯାଇଥିବା ଦେଖିବାକୁ ମିଳିଛି । ଏଥିପାଇଁ କମିସନରେଟ୍ ପୋଲିସ୍ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି ।


**ନୂଆଁଖାଇ ଜୁହାର**

ପଶ୍ଚିମ ଓଡିଶାର କୃଷି ଭିତ୍ତିକ ଗଣପର୍ବ ନୂଆଁଖାଇ ଉପଲକ୍ଷେ ତୁର୍ଲାଖମଣ ଗ୍ରାମପଞ୍ଚାୟତର ସମସ୍ତଙ୍କୁ ନୂଆଁଖାଇର ଅଭିନନ୍ଦନ ଓ ଜୁହାର ।

ପାର୍ବତୀ ସାହୁ
ତୁର୍ଲାଖମଣ ସରପଞ୍ଚ, କେସିଙ୍ଗା

**ନୂଆଁଖାଇ ଜୁହାର**

ପଶ୍ଚିମ ଓଡିଶାର କୃଷି ଭିତ୍ତିକ ଗଣପର୍ବ ନୂଆଁଖାଇ ଉପଲକ୍ଷେ କାଣ୍ଡେଲ ଗ୍ରାମପଞ୍ଚାୟତର ସମସ୍ତଙ୍କୁ ନୂଆଁଖାଇର ଅଭିନନ୍ଦନ ଓ ଜୁହାର ।

ଡ. ସଦାନନ୍ଦ ପୁଟେଲ
(ଆୟୁର୍ବେଦ ସେବାକେନ୍ଦ୍ର) କାଣ୍ଡେଲ, କେସିଙ୍ଗା

**ନୂଆଁଖାଇ ଜୁହାର**

ଅଁଳାଭଟ୍ଟା ଗ୍ରାମପଞ୍ଚାୟତର ସମସ୍ତ ଜନସାଧାରଣ ତଥା ପଶ୍ଚିମଓଡ଼ିଶାବାସୀଙ୍କୁ ନୂଆଁଖାଇର ଅଭିନନ୍ଦନ ଓ ଜୁହାର ।

ଭଗବତୀ ନାୟକ
ସରପଞ୍ଚ, ଅଁଳାଭଟ୍ଟା ଗ୍ରାମପଞ୍ଚାୟତ, ଜୟପାଟଣା

**ନୂଆଁଖାଇ ଜୁହାର**

ମୁଖିଗୁଡ଼ା ଗ୍ରାମପଞ୍ଚାୟତର ସମସ୍ତ ଜନସାଧାରଣ ତଥା ପଶ୍ଚିମଓଡ଼ିଶାବାସୀଙ୍କୁ ନୂଆଁଖାଇର ଅଭିନନ୍ଦନ ଓ ଜୁହାର ।

ଜୟନ୍ତୀ ମହାଲିକ
ସରପଞ୍ଚ, ମୁଖିଗୁଡ଼ା ଗ୍ରାମପଞ୍ଚାୟତ

**ନୂଆଁଖାଇ ଜୁହାର**

ପଶ୍ଚିମ ଓଡିଶାର କୃଷି ଭିତ୍ତିକ ଗଣପର୍ବ ନୂଆଁଖାଇ ଉପଲକ୍ଷେ ଖଡ଼ିଆଳ ବ୍ଲକ୍ ସାନମହେଶ୍ୱର ଗ୍ରାମପଞ୍ଚାୟତର ସମସ୍ତଙ୍କୁ ନୂଆଁଖାଇର ଅଭିନନ୍ଦନ ଓ ଜୁହାର ।

ଆଲ୍ହାଦିନୀ ବେହେରା
ସରପଞ୍ଚ, ସାନମହେଶ୍ୱର ଗ୍ରାମପଞ୍ଚାୟତ, ଖଡ଼ିଆଳ

**ନୂଆଁଖାଇ ଜୁହାର**

ପଶ୍ଚିମ ଓଡିଶାର କୃଷି ଭିତ୍ତିକ ଗଣପର୍ବ ନୂଆଁଖାଇ ଉପଲକ୍ଷେ ନୂଆପଡ଼ା ଜିଲ୍ଲାବାସୀଙ୍କୁ ନୂଆଁଖାଇର ଅଭିନନ୍ଦନ ଓ ଜୁହାର ।

ଅଜିତ କିଶୋର ଚାଲାନ
ଜିଲ୍ଲା ସଭାପତି, ଓବିସି ମୋର୍ଚ୍ଚା, ବିଜେପି, ନୂଆପଡ଼ା

**ନୂଆଁଖାଇ ଜୁହାର**

ପଶ୍ଚିମ ଓଡିଶାର କୃଷି ଭିତ୍ତିକ ଗଣପର୍ବ ନୂଆଁଖାଇ ଉପଲକ୍ଷେ ଖଡ଼ିଆଳ ବ୍ଲକ୍‌ବାସୀଙ୍କୁ ନୂଆଁଖାଇର ଅଭିନନ୍ଦନ ଓ ଜୁହାର ।

ଗୌତମ ତାଣ୍ଡି
ଖଡ଼ିଆଳ ବ୍ଲକ୍ ଉପାଧ୍ୟକ୍ଷ

**ନୂଆଁଖାଇ ଜୁହାର**

ବୀରମହାରାଜପୁର ଉପଖଣ୍ଡର ସମସ୍ତ ଚାଷୀ ଭାଇ ଓ ଭଉଣୀ ମାନଙ୍କୁ ଆମ୍ଭର କୃଷିଭିତ୍ତିକ ଗଣପର୍ବ ନୂଆଖାଇ ଉପଲକ୍ଷେ ଶୁଭେଚ୍ଛା ଓ ଶୁଭକାମନା । ପ୍ରତିବର୍ଷପରି ଚଳିତ ବର୍ଷ ମଧ ବିଭିନ୍ନ ପ୍ରକାରର ଯୋଜନା ଯଥା ଆମ, କାଜୁ, ଲେମ୍ବୁ, କଦଳୀ, ଆତ, ପଳୁଳି ଫଳ ଚାଷ ପିଆଜ, ଧନିଅ, ଲଙ୍କା, ହଳଦୀ ଚାଷ ଏବଂ ବିଭିନ୍ନ ପ୍ରକାରର ଫୁଲ ଓ ପନିପରିବା ଚାଷ ପାଇଁ ସରକାରୀ ପ୍ରୋତ୍ସାହନ ଦେବାସହିତ ରିହାତି ଦରରେ ମଞ୍ଜି ଓ ଚାରା ଉଦ୍ୟାନ ବିଭାଗ ବୀରମହାରାଜପୁର ଯୋଗାଇ ଦେଇ ଆସୁଅଛି । ଛତୁ ଓ ଫୁଲ ଚାଷ ନିମନ୍ତେ ସ୍ୱୟଂ ସହାୟକ ଗୋଷ୍ଠି ମହିଳାମାନଙ୍କୁ ସରକାରୀ ପ୍ରୋତ୍ସାହନ ଦିଅଯାଉଅଛି । ସମସ୍ତ ଯୋଜନାର ସଫଳ ରୂପାୟନ ପାଇଁ ଉଦ୍ୟାନ ବିଭାଗ, ବୀରମହାରାଜପୁର ସହିତ ଯୋଗାଯୋଗ କରିବା ପାଇଁ ଅନୁରୋଧ ।

ବିଦ୍ୟାଧର ଦାସ
ସହକାରୀ ଉଦ୍ୟାନକୃଷି ନିର୍ଦ୍ଦେଶକ, ବୀରମହାରାଜପୁର

**ନୂଆଁଖାଇ ଜୁହାର**

ପଶ୍ଚିମ ଓଡିଶାର କୃଷି ଭିତ୍ତିକ ଗଣପର୍ବ ନୂଆଁଖାଇ ଉପଲକ୍ଷେ ପୁଇଁନ୍ତଳାବାସୀଙ୍କୁ ମୋର ନୂଆଁଖାଇ ଜୁହାର ଓ ଅଭିନନ୍ଦନ ।

ସରୋଜ କୁମାର ପ୍ରଧାନ
ପୁଇଁନ୍ତଳା ବ୍ଲକ୍ ଅଧକ୍ଷ, ପୁଇଁନ୍ତଳା

**ନୂଆଁଖାଇ ଜୁହାର**

ପଶ୍ଚିମ ଓଡିଶାର କୃଷି ଭିତ୍ତିକ ଗଣପର୍ବ ନୂଆଁଖାଇ ଉପଲକ୍ଷେ ବ୍ରଜରାଜନଗର ବାସୀଙ୍କୁ ମୋର ନୂଆଁଖାଇ ଜୁହାର ଓ ଅଭିନନ୍ଦନ ।

ଟିଟୁ ପରିଡ଼ା
(ସମାଜସେବୀ, ବ୍ରଜରାଜନଗର)

**ନୂଆଁଖାଇ ଜୁହାର**

ପବିତ୍ର ଗଣେଶ ଚତୁର୍ଥୀ ଏବଂ ପଶ୍ଚିମ ଓଡ଼ିଶାର କୃଷିଭିତ୍ତିକ ଗଣପର୍ବ ନୂଆଁଖାଇ ଉପଲକ୍ଷେ ମାଲକାନଗିରି ବାସୀଙ୍କୁ ଏବଂ ପଶ୍ଚିମ ଓଡ଼ିଶାବାସୀଙ୍କୁ ମୋର ନୂଆଁଖାଇ ଜୁହାର ଓ ଅଭିନନ୍ଦନ ।ସମସ୍ତଙ୍କୁ ଘଣ୍ଟ ଘୋଡାଇ ରଖିଥାନ୍ତୁ ।

ଶ୍ରୀ ପ୍ରିତପାଲ୍ ସିଂ
ସଭାପତି ଜିଲ୍ଲା ଓକିଲ ସଂଘ, ମାଲକାନାଗିରି

**ନୂଆଁଖାଇ ଜୁହାର**

ପଶ୍ଚିମ ଓଡ଼ିଶାର ଗଖା ତିହାର କୃଷି ଭିତ୍ତିକ ଗଣ ପର୍ବ ନୁଆଁଖାଇ ଉପଲକ୍ଷେ ବୀରମହାରାଜପୁର ଅଞ୍ଚଳର ସମସ୍ତ ଜନସାଧାରଣମାନଙ୍କୁ ନୁଆଁଖାଇ ଜୁହାର । ମା ସୁରେଶ୍ୱରୀ ମା ସମଲେଶ୍ୱରୀ ମା ମେଟାକାନି ସମସ୍ତଙ୍କୁ ଘଣ୍ଟ ଘୋଡାଇ ରଖିଥାନ୍ତୁ ।

ଅମୃତାଂଶୁ ପାତ୍ର
(ବୀରମହାରାଜପୁର ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ)

**ନୂଆଁଖାଇ ଜୁହାର**

ପଶ୍ଚିମ ଓଡିଶାର କୃଷି ଭିତ୍ତିକ ଗଣପର୍ବ ନୁଆଁଖାଇ ଉପଲକ୍ଷେ ସୁବର୍ଣ୍ଣପୁର ଜିଲ୍ଲାବାସୀଙ୍କୁ ନୁଆଁଖାଇ ଜୁହାର ।

ପୃଥ୍ୱୀରାଜ ଜଗଦଲା
ଆମ ଅଦମୀ ପାର୍ଟି ଜିଲ୍ଲା ଉପସଭାପତି, ସୁବର୍ଣ୍ଣପୁର



ପ୍ରଧାନମନ୍ତ୍ରୀ ଜନ ଧନ ଯୋଜନା

Government of India



୧୧ ବର୍ଷ ପୂର୍ତ୍ତି

କେବଳ ଏକ ବ୍ୟାଙ୍କ ଖାତା ନୁହେଁ... ଏହା ସମ୍ମାନ ଓ ସଶକ୍ତିକରଣର ମାର୍ଗ

- ୫୬ କୋଟିରୁ ଅଧିକ ଜନଧନ ବ୍ୟାଙ୍କ ଖାତା ଖୋଲିଛି, ଆନୁଷ୍ଠାନିକ ବ୍ୟାଙ୍କିଙ୍ଗ ବ୍ୟବସ୍ଥାରେ ସାମିଲ ହେଲେ ଗରିବ
- ଜନ ଧନ ଖତାରେ ଜମା ହେଲା ୨.୬ ଲକ୍ଷ କୋଟି ଟଙ୍କା- ଗର୍ବର ସହିତ ଗରିବଙ୍କ ସାମର୍ଥ୍ୟ ଦେଖିଲା ଦେଶ
- ୯୯.୯% ଗାଁରେ ପହଞ୍ଚିଲା ବ୍ୟାଙ୍କ ସେବା, ପ୍ରତ୍ୟେକ ୩ ମଧ୍ୟରୁ ୨ଟି ଖାତା ଗାଁ ଏବଂ ଅର୍ଦ୍ଧ ସହରାଞ୍ଚଳରେ ଖୋଲିଛି ମହିଳାଙ୍କ ନାମରେ ୫୬% ଖାତା
- ଜାମ (ଜନ-ଧନ, ଆଧାର, ମୋବାଇଲ) ତ୍ରୟ ୧୦ କୋଟିରୁ ଅଧିକ ନକଲି ହିତାଧିକାରୀଙ୍କୁ ହଟେଇଛି, ଦେଶର ୪.୩ ଲକ୍ଷ କୋଟି ଟଙ୍କା ସଞ୍ଚୟ
- ଡିବିଟି ଜରିଆରେ ୪୫ ଲକ୍ଷ କୋଟି ଟଙ୍କା ସିଧାସଳଖ ପ୍ରକୃତ ହିତାଧିକାରୀଙ୍କ ଖାତାରେ ପହଞ୍ଚିଛି ଏବଂ ଦଲାଲମାନେ ବ୍ୟବସ୍ଥାରୁ ବାହାରିଛନ୍ତି
- ଶତାବ୍ଦୀର ସବୁଠୁ ବଡ଼ ମହାମାରୀ ସମୟରେ ଜନ-ଧନ ପାଲଟିଛି ସୁରକ୍ଷା କବଚ, ବଞ୍ଚିତ ମହିଳାଙ୍କ ଜନ-ଧନ ଖାତାରେ ୩୧,୦୦୦ କୋଟି ଟଙ୍କାର ସହାୟତା ଭାରତ ସରକାରଙ୍କଠାରୁ ମିଳିଛି
- ଜନ-ଧନ ପ୍ରଥମ ଥର କୋଟି କୋଟି ଗରିବଙ୍କୁ ରୂପେ ଡେବିଟ୍ କାର୍ଡ, ବୀମା, ଋଣ, ୟୁପିଆଇ ଭଳି ବ୍ୟାଙ୍କ ସୁବିଧା ସହ ଯୋଡ଼ିଛି

ଏବେ ଗରିବଙ୍କୁ ସେମାନଙ୍କ ହକ୍‌ଠାରୁ କେହି ବଞ୍ଚିତ କରିପାରିବେ ନାହିଁ,
ବର୍ତ୍ତମାନ ସେମାନଙ୍କ ପାଖରେ ଅଛି ଜନ-ଧନ ଖାତାର ଶକ୍ତି

CBC 15415/13/0006/2526



"ଖୁସି ସେତେବେଳେ ହୁଏ, ଯେତେବେଳେ ଆମେ କ'ଣ ଭାବୁ, କ'ଣ କହୁ, କ'ଣ କରୁ ସବୁ ସମନ୍ୱୟରେ ହୁଏ ।"
- ମହାତ୍ମା ଗାନ୍ଧୀ



"ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ ଦେଖୁ ଦେଖୁ କେବା ସହୁ
ମୋ ଜୀବନ ପଛେ ନର୍କେ ପଡିଥାଉ ଜଗତ ଉଦ୍ଧାର ହେଉ ।"
-ସନ୍ଥକବି ଭୀମଭୋଇ



# କମୁଛି ପାଣି-ବଢୁଛି ଦୁର୍ଦ୍ଦଶା

## ବନ୍ୟା ପୀଡିତଙ୍କୁ ତୁରନ୍ତ ସହାୟତା ଲୋଡ଼ା

ସାରା ରାଜ୍ୟରେ ଦେଖା ଦେଇଥିବା ବନ୍ୟା ବିପ୍ୱାତରେ ସୁଧାର ଆସିଛି। ବିଭିନ୍ନ ନଦୀର ଜଳସ୍ତର ହ୍ରାସ ପାଇବାରେ ଲାଗିଛି। ସୁବର୍ଣ୍ଣରେଖା, ବୈତରଣୀ ଏବଂ ଜଳକା ନଦୀର ଜଳପତନ କମୁଥିବା ଜଳସମ୍ପଦ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସୁବର୍ଣ୍ଣରେଖାରେ ପଞ୍ଚମ ଥର ପାଇଁ ବନ୍ୟା ଆସିଥିବା ବେଳେ ବୈତରଣୀରେ ତୃତୀୟ ଥର ପାଇଁ ବନ୍ୟା ଆସିଛି। ବାରମ୍ବାର ବନ୍ୟା ଫଳରେ ତଳି ଅଞ୍ଚଳର ଲୋକେ ଦୁର୍ଦ୍ଦଶା ଭିତରକୁ ଠେଲି ହୋଇଯାଉଛନ୍ତି। ତେବେ ସାଂପ୍ରତିକ ବନ୍ୟାରେ ବାଲେଶ୍ୱର, ଭଦ୍ରକ, ଯାଜପୁର ଓ କେନ୍ଦ୍ରାପଡ଼ା ଜିଲ୍ଲାରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ବାଲେଶ୍ୱର ଜିଲ୍ଲାର ବସ୍ତା, ବାଲିଆପାଳ, ଭୋଗରାଇ ଓ ଜଳେଶ୍ୱର ବ୍ଲକ ଅଞ୍ଚଳରେ ପ୍ରଭୂତ କ୍ଷତି ଘଟିଥିବା ବେଳେ ଭଦ୍ରକର ଧାମନଗର, ଭଣ୍ଡାରିପୋଖରୀ ଓ ଯାଜପୁର ଦଶରଥପୁର ଏବଂ କେନ୍ଦ୍ରାପଡ଼ା ଜିଲ୍ଲାର ଆଳି ବ୍ଲକରେ ବ୍ୟାପକ କ୍ଷତି ଘଟିଛି। ହଜାର ହଜାର ଲୋକ ଜଳବନ୍ଦୀ ହୋଇ ପଡ଼ିଥିବା ବେଳେ ବ୍ୟାପକ ଚାଷ ଜମିରେ ଧାନ ଫସଲ ଓ ପନିପରିବା ଚାଷ ନଷ୍ଟ ହୋଇଛି। ଲୋକଙ୍କ ଘରେ ପାଣି, ବାହାରେ ପାଣି। ଜୁଆଡ଼େ ଦେଖିବ ଖାଲି ପାଣି ଆଉ ପାଣି। ବହୁ ଲୋକ ଘରୁ ପଦାକୁ ବାହାରିବା ଅସମ୍ଭବ ହୋଇ ପଡ଼ିଥିବା ବେଳେ ହଜାର ହଜାର ଲୋକ ଆଶ୍ରୟସ୍ଥଳୀ ଓ ସୁରକ୍ଷିତ ସ୍ଥାନରେ ପିଲାଛୁଆ ଓ ଗୃହପାଳିତ ପଶୁଙ୍କୁ ଧରି ଆଶ୍ରୟ ନେଇଛନ୍ତି। ବନ୍ୟାରେ ସେମାନଙ୍କ ସ୍ଥିତି ଦୟନୀୟ ହୋଇପଡିଛି। ଦିନ ଦିନ ଧରି ଲୋକେ ଭୋକ ଉପାସରେ ପଡି ରହିଛନ୍ତି। ପ୍ରଶାସନ ପକ୍ଷରୁ ଯୋଗାଇ ଦିଆଯାଉଥିବା ଖାଦ୍ୟ ସାମଗ୍ରୀ ସମୁଦ୍ରକୁ ଶଙ୍ଖେ ବୋଲି କୁହାଯାଉଛି। ପାଣି ଭଲ ଭାବରେ କମି ନଥିବାରୁ ଲୋକେ ଘରକୁ ଫେରିବା ସମ୍ଭବପର ହୋଇପାରୁ ନାହିଁ। ଏଣେ ବନ୍ୟାରେ କୁମ୍ଭୀର ଓ ସାପ ଭୟ ଲାଗି ରହିଥିବାରୁ ବହୁ ସ୍ଥାନରେ ଲୋକେ ଭୟଭୀତ ଅବସ୍ଥାରେ ରହିଛନ୍ତି। ଗୋଟେ ପଟେ ପାଣି ନକମିବା, ଅନ୍ୟପଟେ ସରୀସୃପ ଭୟ ତଥା ସର୍ବୋପରି ପେଟର ଦାଉ ପୀଡିତଙ୍କୁ ନାକେଦମ୍ କରି ପକାଉଛି। ଦଶରଥପୁର ବ୍ଲକର କସପା ଠାରେ ବୈତରଣୀ ଶାଖା ନଦୀରେ ୧୦୦ଫୁଟ୍‌ର ଘାଇ ପରିସ୍ଥିତିକୁ ଅଧିକ ଗମ୍ଭୀର କରିପକାଇଛି। ଘାଇ ମୁହଁରେ ଥିବା ଗାଁ ଲୋକଙ୍କ ଦୁର୍ଦ୍ଦଶା କହିଲେ ନସରେ। ରାଜ୍ୟ ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି ଯେ, ବନ୍ୟା ଛାଡିଲେ କ୍ଷୟକ୍ଷତି ଆକଳନ କରାଯାଇ କ୍ଷତିପୂରଣ ପ୍ରଦାନ କରାଯିବ। ଏଠାରେ ପ୍ରଶ୍ନ ଉଠୁଛି ଗତଥର ବନ୍ୟାରେ ପ୍ରଭାବିତ ପରିବାର ବର୍ତ୍ତମାନ ସୁଦ୍ଧା ସହାୟତା ରାଶି ପାଇନଥିବା ବେଳେ ଏବର ବନ୍ୟାର ସହାୟତା ରାଶି କେବେ ମିଳିବ ? ଲୋକେ ଏବେ ବି ଭୋକ ଉପାସରେ ପଡ଼ିରହିଛନ୍ତି। ବାରମ୍ବାର ବନ୍ୟା ଆସି ଲୋକଙ୍କ ମେରୁଦଣ୍ଡ ଦୋହଲାଇ ଦେଉଛି। ଚାଷ ନଷ୍ଟ ହୋଇଥିବାରୁ କିପରି ପରିବାର ପ୍ରତିପୋଷଣ କରାଯିବ, ସେ ଚିନ୍ତା ଏବେ ସମସ୍ତଙ୍କୁ ଘାରିଛି। ଏ କ୍ଷେତ୍ରରେ ସରକାରୀ ସହାୟତାର ଜରୁରି ଆବଶ୍ୟକତା ରହିଛି। ତେଣୁ ସରକାର ଓ ପ୍ରଶାସନ ଆଉ କାଳ ବିଳମ୍ବ ନକରି ଜିଲ୍ଲାପାଳଙ୍କ ମାଧ୍ୟମରେ କ୍ଷୟକ୍ଷତି ଆକଳନ କରାଇ ତ୍ୱରିତ ସହାୟତା ପ୍ରଦାନ କଲେ ପୀଡିତଙ୍କ ଦୁଃଖ ସାମାନ୍ୟ ଲାଘବ ହୋଇପାରନ୍ତା।

# ପରମ୍ପରାରେ ନୂଆଖାଇ



ମୋହନ ଚରଣ ବିଷି
ଗଡରାମାଲ, କୋକସରା, କଳାହାଣ୍ଡି
ମୋ: ୯୭୭୭୪୬୮୮୪୧

ବଞ୍ଚିବା ପାଇଁ ଖାଦ୍ୟର ଆବଶ୍ୟକତା ରହିଛି। ଖାଦ୍ୟ ଶରୀରକୁ ଶକ୍ତି ଯୋଗାଇଥାଏ। ଖାଦ୍ୟ ଅଭାବରେ ଜୀବନ ଧାରଣ କରିବା ସମ୍ଭବ ପର ନୁହେଁ। ଜୀବନ ପ୍ରଦାନ କରୁଥିବା ଖାଦ୍ୟକୁ ସମ୍ମାନ ଜଣାଇବା ଉଚିତ୍। ଆମ ଓଡ଼ିଶାରେ ବିଭିନ୍ନ ଖାଦ୍ୟ ମଧ୍ୟରେ ଅନ୍ନର ସ୍ଥାନ ସର୍ବାଗ୍ରେ ରହିଛି। ଅନ୍ନକୁ ବ୍ରହ୍ମ ବୋଲି ଶାସ୍ତ୍ରରେ କୁହାଯାଇଛି। ଅନ୍ନକୁ ନିଜ ଇଷ୍ଟ ଦେବଦେବୀଙ୍କ ଠାରେ ସମର୍ପଣ କରି ସେବନ କରିବାକୁ ନୂଆଖାଇ କୁହାଯାଏ। ପ୍ରକୃତିର ଅନନ୍ୟ ଉପହାର ହେଉଛି ଖାଦ୍ୟାନ୍ନ। ଅନ୍ୟ ଅର୍ଥରେ ଯେଉଁ ପ୍ରକୃତି ଆମକୁ ଅଯାଚିତ ଭାବରେ ଏତେ ଖାଦ୍ୟ ଶସ୍ୟ ଦେଇଛି ତାର ଉପାସନା କରିବା , ପ୍ରକୃତିକୁ କୃତଜ୍ଞତା ଜଣାଇବାର ପର୍ବ ହେଉଛି ନୂଆଖାଇ।

ବିଧିପୂର୍ବକ ନୂଆଖାଇ ସରିଲା ପରେ ନୂଆଖାଇ ଜୁହାର ଭେଟ ହୋଇଥାଏ। ନୂଆଖାଇ ଜୁହାର ନୂଆଖାଇର ଅନ୍ୟତମ ଆକର୍ଷଣ।

ନୂଆଖାଇରେ ରାଗରଷା ମାନ ଅଭିମାନ ଭୁଲି ସାନମାନେ ବଡ଼ମାନଙ୍କୁ ଜୁହାର (ପ୍ରଣାମ/ନମସ୍କାର) କରିଥାନ୍ତି। ବଡ଼ମାନେ ସାନମାନଙ୍କୁ ଆଶୀର୍ବାଦ ଦେଇଥାନ୍ତି। ଜୁହାର ମାଧ୍ୟମରେ ଆତ୍ମିୟତା ରହିଥାଏ। ଜୁହାର ଏକଜୁଟ କରିଥାଏ। ଜୁହାର ସଂପର୍କକୁ ଦୃଢ଼ କରେ। ନୂଆଖାଇ ଜୁହାର କରିବା ପାଇଁ ଲୋକମାନେ ଘରକୁ ଘର, ପଡ଼ାକୁ ପଡା ବୁଲି ବୁଲି ଜୁହାର ଭେଟ ହୋଇଥାନ୍ତି।

ଜୁହାର ଭେଟ ଦିନେ ଦୁଇଦିନ ପର୍ଯ୍ୟନ୍ତ ଚାଲିଥାଏ। କିଏ ଯଦି କାହାକୁ ସାକ୍ଷାତ କରି ନ ପାରିଲେ ଖୋଜି ଖୋଜି ଜୁହାର କରିଥାନ୍ତି। ନିଜ ସଂପର୍କୀୟ ବା ବନ୍ଧୁ ବାନ୍ଧବଙ୍କ ଗାଁ ଯାଇ ମଧ୍ୟ ନୂଆଖାଇ ଜୁହାର କରାଯାଏ। ଜ୍ୱାଇଁ ଶ୍ୱଶୁର ଘରକୁ ଯାଇ ନୂଆଖାଇ ଜୁହାର କରିଥାଏ। ଶ୍ୱଶୁର ଘର ସହ ସ୍ତ୍ରୀର ସଂପର୍କୀୟ ଘରକୁ ଯାଇ ନୂଆଖାଇ ଜୁହାର କରାଯାଏ। ମାଲିକ ପାଖକୁ ମୁନିବ ଜୁହାର ପାଇଁ ଆସିଥାଏ। ନୂଆଖାଇରେ ଝିଅ ଘର, ବନ୍ଧୁବାନ୍ଧବ, ମିତ ମହାପ୍ରସାଦ, ମକର, ଭେଲୋକ, ସଙ୍ଗାତ ଘରମାନଙ୍କୁ ଜୋଗାର ବା ନୂଆ ପୋଷାକ ସହ ଖଜାମିଠା ଦିଆନିଆ କରାଯାଏ। ନୂଆଖାଇ ପରେ ସେମାନେ ମଧ୍ୟରେ ଜୁହାର ଓ ଭେଟଘାଟ ହୋଇଥାଏ। ଜୁହାର ଓ ଭେଟଘାଟ ମଧ୍ୟରେ ଭାବର ଆଦାନ ପ୍ରଦାନ ସହ ଅନ୍ତରଙ୍ଗତା ବୃଦ୍ଧି ପାଇଥାଏ।

ଆଜିକାଲି ନୂଆଖାଇ ପରେ ବିଭିନ୍ନ ଅନୁଷ୍ଠାନମାନଙ୍କ ପକ୍ଷରୁ ନୂଆଖାଇ ଭେଟଘାଟ ଆୟୋଜନ ହେଉଛି। ସଭାବସି ନୂଆଖାଇ ବିଷୟରେ ଆଲୋଚନା ହେଉଛି। ପ୍ରତିଭାର ସମ୍ମାନ କରାଯାଉଛି। ଗୀତ, ବାଦ୍ୟ, ନୃତ୍ୟ ପରିବେଷଣ ହେଉଛି। କଳା, ସଂସ୍କୃତିର ଝଲକ ଦେଖିବାକୁ ମିଳୁଛି। ନୂଆଖାଇ ପରେ ଅନେକ ଦିନ ପର୍ଯ୍ୟନ୍ତ ଭେଟଘାଟ ଚାଲିଯାଏ। କେବଳ ଓଡ଼ିଶାରେ କି ଭାରତର ବିଭିନ୍ନ ସ୍ଥାନରେ ନୁହେଁ। ସୁଦୂର ବିଦେଶରେ ମଧ୍ୟ ଭାରତୀୟମାନେ ନୂଆଖାଇ ଭେଟଘାଟ କରିଥାନ୍ତି। ସେଠି ମଧ୍ୟ ନୂଆଖାଇର ଐତିହ୍ୟକୁ ସ୍ମରଣ ପୂର୍ବକ ଆୟୋଜକ ମାନେ ବିଭିନ୍ନ ପ୍ରକାରର ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରିଥାନ୍ତି। ତାଙ୍କ ଭିତରେ ମଧ୍ୟ ନୂଆଖାଇ ପ୍ରତି ଆନୁଗତ୍ୟ ପ୍ରକାଶ କରିବାର ଦେଖାଯାଏ। ନୂଆଖାଇ ଭେଟଘାଟରେ ଭାଇଚାରା ବୃଦ୍ଧି ପାଇଥାଏ। ମନୋମାଳିନ୍ୟ ସବୁ ତୁଟାଇ ଏକଜୁଟ ହେବା ପାଇଁ ନୂଆଖାଇ ଭେଟଘାଟ ଏକ ପ୍ରକୃଷ୍ଟ ଆୟୋଜନ। ପରସ୍ପର ପ୍ରତି ସ୍ନେହ, ଆଦର ଓ ଆକର୍ଷଣ ନୂଆଖାଇରେ ଦେଖାଯାଇଥାଏ। ଏହି ଆକର୍ଷଣ ହଜାର ହଜାର ବର୍ଷର ପରମ୍ପରାକୁ ଉଜ୍ଜୀବିତ ରଖିବାରେ ସହାୟତା ହେଉଛି। ଆମେ ଯେତେ ଆଧୁନିକ ହେଲେ ମଧ୍ୟ ଆମ ସଂସ୍କୃତି, ପରମ୍ପରା ଛାଡ଼ି ଜୀବନ ଧାରଣ କରିବା ସହଜ ନୁହେଁ। ମଣିଷ ସାମାଜିକ ପ୍ରାଣୀ ଭାବରେ ପ୍ରଚଳିତ ପରମ୍ପରାକୁ ପାଳନ କରିବା ତାର ଧର୍ମ। ମଣିଷ ଯେଉଁ ସଂସ୍କୃତି ସଂପନ୍ନ ବୋଲି ପରିଚୟ ଦେଇଥାଏ ସେଥିପାଇଁ ପରମ୍ପରା ହିଁ ତ ପଥ ପ୍ରଦର୍ଶନ କରିଥାଏ।

ପରମ୍ପରା ହିଁ ମଣିଷକୁ ସ୍ୱାବଲମ୍ବୀ କରିଥାଏ। ଯେମିତି ପ୍ରକୃତି ସହିତ ଏକ ନିବିଡ଼ ସଂପର୍କ ସ୍ଥାପନ କରିବାର ପର୍ବ ହେଉଛି ନୂଆଖାଇ। ମଣିଷ ପ୍ରକୃତି ଓ ସଂସ୍କୃତିକୁ ଭୁଲି କେବେ ମଧ୍ୟ ବଞ୍ଚି ପାରିବ ନାହିଁ। ତେଣୁ ବିଭିନ୍ନ ସମୟରେ ପୁରୁଷାନୁକ୍ରମେ ପ୍ରଚଳିତ ପରମ୍ପରାକୁ ପାଳନ କରିବା ବିଧେୟ। ନୂଆଖାଇର ମଧ୍ୟ ସେମିତି ଗୁରୁତ୍ୱ ରହିଛି। ନୂଆଖାଇ ଭେଟଘାଟ ଓ ନୂଆଖାଇ ଜୁହାର ଏକତାର ସୂତ୍ରରେ ସମସ୍ତଙ୍କୁ ସଂସ୍କୃତି ମନସ୍କ କରିଥାଏ। ନୂଆଖାଇ ହଜିଯାଇଥିବା



ସଂସ୍କୃତି, ପରମ୍ପରା, ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହେବା ଶିଖାଉଛି। ନୂଆଖାଇ ସଂହତିର ବାର୍ତ୍ତା ଦିଏ। ଭାବର ତିହାର ହେଉଛି ନୂଆଖାଇ।

ଭାରତୀୟ ସଂସ୍କୃତିରେ ଜୁହାର, ପ୍ରଣାମ ବା ନମସ୍କାରର ସ୍ୱତନ୍ତ୍ର ସ୍ଥାନ ରହିଛି। କରୋନା ସମୟରେ ଭାରତୀୟ ନମସ୍କାରକୁ ପରମ୍ପରାକୁ ସାରା ବିଶ୍ୱରେ ଗ୍ରହଣ କରିଥିଲେ। ହେ କେଶବ ଯିଏ ବି ଯାହାକୁ ନମସ୍କାର କରେ ତାହା ମୁଁ ହିଁ ଗ୍ରହଣ କରେ ବୋଲି ଗୀତାରେ ଭଗବାନ ଶ୍ରୀକୃଷ୍ଣଙ୍କ କହିଛନ୍ତି। ନୂଆଖାଇର ଜୁହାର ନମ୍ରତା ଓ ଶିଷ୍ଟାଚାର ଶିକ୍ଷା ପ୍ରଦାନ କରିଥାଏ। ଜୁହାର କେବଳ ସମ୍ମାନ ସୂଚକ ଅଭିବ୍ୟକ୍ତି ନୁହେଁ ଜୁହାର ଆତ୍ମସମର୍ପଣ, ଆତ୍ମସନ୍ତୋଷ ଓ ଆତ୍ମିୟତାର ପୁଲକ ଆଣିଥାଏ। ଜୁହାର ସହନଶୀଳତା,ଉଦାରତା, ସମଦର୍ଶିତା ଶିଖାଇ ଥାଏ।

ନୂଆଖାଇ ଜୁହାର ମଧ୍ୟରେ ସହଯୋଗ, ସଦଭାବନା, ସମର୍ପଣ ଭାବନା ରହିଛି। ଜୁହାର ସେବା,ତ୍ୟାଗ ଓ ମଣିଷ ପଣିଆର କଥା ଶିକ୍ଷା ଦେଇଥାଏ।ଜୁହାର ଶତ୍ରୁକୁ ମଧ୍ୟ ମିତ୍ରରେ ରୂପାନ୍ତରିତ କରିଥାଏ। ସମସ୍ତଙ୍କୁ ନୂଆଖାଇ ଜୁହାର।

# ଗଣପର୍ବ ନୂଆଖାଇ



ବିପିନ ବିହାରୀ ମହାନ୍ତି
ଅଧ୍ୟକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ, ବିପିନ ବିହାରୀ ପାଠାଗାର, ଜଟଣୀ ଖୋର୍ଦ୍ଧା, ମୋ : ୯୯୩୮୩୪୧୩୮

ନୂଆଖାଇ ଏକ କୃଷିଭିତ୍ତିକ ପର୍ବ। ଯେଉଁ କୃଷିଭିତ୍ତିକ ଚାଷ ଲବ୍ଧ ଫଳ, ଶସ୍ୟ ଏବଂ ଅନ୍ୟ କିଛି ପ୍ରଥମେ ଅନୁକୂଳ କରାଯାଇ ଦେବଦେବୀଙ୍କୁ ସମର୍ପଣ ପରେ ପରିବାର ସଦସ୍ୟମାନେ ଖାଆନ୍ତି, ତାକୁ ନୂଆଖାଇ କୁହାଯାଏ। ଏମିତିରେ ଧାନ 'ନୂଆଖାଇ' ଆମ୍ବ 'ନୂଆଖାଇ', 'ମହୁଲ ନୂଆଖାଇ' ଏବଂ କେତେ ନୂଆଖିଆ କଥାକୁ ବୁଝାଏ। ତେବେ ସଚରାଚରରେ ନୂଆଖାଇ କହିଲେ ସାଧାରଣତଃ ଭାଦ୍ରବ ମାସରେ ଖିଆ ଯାଉଥିବା ନୂଆଧାନରୁ ଉତ୍ପନ୍ନ ଚାଉଳ ବା ତହିଁରୁ ପ୍ରସ୍ତୁତ ଚୂଡ଼ା, ଅନ୍ନ, ଖିରୀ ବା ପିଠା ଇତ୍ୟାଦିକୁ ନୂଆକରି ଖାଇବା ଅର୍ଥରେ ବୁଝାଯାଏ। ଏ ପ୍ରଥା କେବେଠୁ ଚଳିଆସୁଛି ତାହା ବାସ୍ତବରେ କେହି କହିପାରିବେ ନାହିଁ।

ପ୍ରଚଳିତ ପରମ୍ପରା ଅନୁସାରେ ଭାଦ୍ରବ ଶୁକ୍ଲପକ୍ଷ ଦ୍ୱାଦଶୀ ଅବସରରେ ଅର୍ଥାତ୍ ସୁନିଆଁ ବା ବାମନ ଜନ୍ମଦିନ ନୂଆଖାଇ ପାଳିତ ହୁଏ ଏବଂ ହେଉଥିଲା ମଧ୍ୟ। ଓଡ଼ିଶା ଉପକୂଳ ଅଞ୍ଚଳରେ ଢ଼ିପ ବା ପଠାଜମିରୁ ଲଘୁଧାନ ଏହି ମାସରେ ଅମଳ ହୁଏ। ପଶ୍ଚିମ ଓଡ଼ିଶାରେ ଆଦିବାସୀ ବହୁଳ ଅଞ୍ଚଳରେ ଏହି ମାସରେ ପାହାଡ଼ିଆ ଜମିରୁ ଧାନ ଫସଲ ଅମଳ ହୁଏ। ଏହି ନୂଆଧାନର ଚୂଡ଼ା ଓ ଚାଉଳକୁ ଆଧାର କରି ଭୋଗରାଗ ପ୍ରସ୍ତୁତ କରାଯାଇ ଦେବତାଙ୍କୁ ସମର୍ପଣ କରାଯାଏ।

ପଶ୍ଚିମ ଓଡ଼ିଶାରେ ଏହା ଏକ ପ୍ରସିଦ୍ଧ ଗଣପର୍ବ। ତେବେ ଏହା ଭାଦ୍ରବ ଶୁକ୍ଳ ଦ୍ୱାଦଶୀଦିନ ପାଳିତ ନହୋଇ ଭାଦ୍ରବ ଶୁକ୍ଳ ପଞ୍ଚମୀ ଦିନ ପାଳିତ ହୁଏ। ଏହା ମଧ୍ୟ ସବୁ ସ୍ଥାନରେ ସମାନ ନୁହେଁ। କାରଣ ବିଭିନ୍ନ ଜିଲ୍ଲାରେ ସ୍ଥାନୀୟ ଇଷ୍ଟଦେବ ଦେବୀଙ୍କ ନାମରେ ଲଗ୍ନ ସ୍ଥିର କରାଯାଇ ଅଥବା ପୂର୍ବତନ ଶାସକ ତଥା ରାଜା, ଜମିଦାର ବା ଗଉଁତିଆଙ୍କ ଜାତକ ସିଦ୍ଧ ବାହାର କରି ନବାନ୍ନ ଭକ୍ଷଣ ଲଗ୍ନ ନିଶ୍ଚିତ କରାଯାଏ। ଏଥିକୁ ମଧ୍ୟ ସୁବିଧା ଅସୁବିଧା ପ୍ରତି ଦୃଷ୍ଟି ଦିଆଯାଏ।

ଅନେକ ସ୍ଥାନରେ ଏହା ଏକାଧିକ ଦିବସ ଧରିଚାଲେ। କଳାହାଣ୍ଡିରେ ଏହି ପର୍ବ ଭାଦ୍ରବ ଶୁକ୍ଳ ପଂଚମୀ ଠାରୁ ଆରମ୍ଭ ହୋଇ ତିନିଦିନ ଧରି ଚାଲେ। ଏହି ସମୟରେ କଳାହାଣ୍ଡିର ସଂସ୍କୃତି ପରମ୍ପରାରେ 'ଘୁମୁରା' ନୃତ୍ୟର ଶୁଭାନୁକୂଳ ହୁଏ। ବଲାଙ୍ଗୀରରେ ରାକ୍ଷୀ ପଂଚମୀ ଦିନ ଅନୁକୂଳ ନୂଆଖାଇ ପର୍ବରେ ରାକ୍ଷୀବନ୍ଧନ ଉତ୍ସବ ପାଳନ କରାଯାଏ। ଉପକୂଳ ଅଞ୍ଚଳରେ ନୂଆଧାନର ଚୂଡ଼ାଘଷା, ମିଷ୍ଟାନ୍ନ, ପିଠା ଓ ଖିରୀ ଇତ୍ୟାଦି ପ୍ରସ୍ତୁତ ହୋଇ ଇଷ୍ଟ ଦେବାଦେବୀଙ୍କ ସମର୍ପଣ ପୂର୍ବକ ନୂଆଚାଉଳର ଭାତ ଖାଇବା ଆରମ୍ଭ କରାଯାଏ।

ଶ୍ରୀମନ୍ଦିରରେ ଭାଦ୍ରବ ଶୁକ୍ଳ ଦ୍ୱାଦଶୀ ଦିନ ଯଥାବିଧି ନବାନ୍ନ ଭକ୍ଷଣ ଉତ୍ସବ ପାଳିତ ହୁଏ। ଅନ୍ୟ ସ୍ଥାନମାନଙ୍କରେ ସ୍ଥାନୀୟ ମୁଖ୍ୟ ଇଷ୍ଟଦେବୀ ବା ଦେବତାଙ୍କୁ ଏହି ନବାନ୍ନ ସମର୍ପଣ ପରେ ଅନ୍ୟାନ୍ୟ ଦେବଦେବୀଙ୍କୁ ସମର୍ପଣ କରାଯାଇ ପରସ୍ପର ମଧ୍ୟରେ ଆଦାନ ପ୍ରଦାନ ହୁଏ। ସମ୍ବଲପୁରର ସମଲେଶ୍ୱରୀ, ଭବାନୀପାଟଣାର ମାଣିକେଶ୍ୱରୀ, ବଲାଙ୍ଗୀରର ପାଟେଶ୍ୱରୀ ଓ ସୋନପୁରର ସୁରେଶ୍ୱରୀ ପ୍ରଭୃତି ପଶ୍ଚିମାଞ୍ଚଳର ଏବଂ ପ୍ରସିଦ୍ଧ ଶକ୍ତିପୀଠମାନଙ୍କରେ 'ନୂଆଖାଇ ବେଳା' (ଲଗ୍ନ)ର ଉତ୍ସବ ମହା ଯାକଜମକରେ ପାଳିତ ହୁଏ।

ନୂଆଖାଇ ପାଇଁ କିଛିଦିନ ପୂର୍ବରୁ ପ୍ରସ୍ତୁତି ଚାଲିଥାଏ। ପୂର୍ବଦିନ ଘରବାଡ଼ି ଓ ବଗିଚା ଇତ୍ୟାଦି ସଫାସୁତୁରା ସହ ଘର ଅଗଣା ଲିପାପୋଛା କରାଯାଏ। ନୂଆଖାଇ ଦିନ ପାହାନ୍ତା ପହରରୁ ଝିଅବୋହୂମାନେ ସ୍ନାନାଦି ନିତ୍ୟକର୍ମ ସାରି ଘରକୁ ପରିଷ୍କାର ପରିଚ୍ଛନ୍ନ କରନ୍ତି। ତା'ପରେ ନୂଆଧାନ କୁଟି ସେଥିରେ କ୍ଷୀର, ଘିଅ, ମହୁ ଓ କଦଳୀ ଇତ୍ୟାଦି ମିଶାଇ ନୂଆ ଭୋଗ ତିଆରି କରାଯାଏ। ପୂର୍ବରୁ ନୂଆ ହାଣ୍ଡି, ମାଠିଆ, ସରା ଓ ପଲମ ଇତ୍ୟାଦି କିଣି ପବିତ୍ରତା ସହ ସଜାଇ ରଖାଯାଇଥାଏ। ଏଥିରେ ନବାନ୍ନ ପ୍ରସ୍ତୁତି ହୁଏ ଓ ପିଠାପଣା ଇତ୍ୟାଦି ପ୍ରସ୍ତୁତ ହୁଏ। ଏହାପରେ ଇଷ୍ଟ ଦେବାଦେବୀ ଓ ପିତୃପକ୍ଷଙ୍କୁ ସମର୍ପଣ କରାଯାଏ। ଏଥୁଅନ୍ତେ ପ୍ରସ୍ତୁତ ଭୋଗ ବା ନବାନ୍ନ ଇତ୍ୟାଦି ଘର ବା ଗ୍ରାମର ମୁଖିଆଙ୍କ ଦ୍ୱାରା ପରିବେଷଣ କରାଯାଏ। ବ୍ରାହ୍ମଣମାନଙ୍କୁ ଏହି ଦିନ ମଧ୍ୟ ଦାନ ଭୋଜନ କରାଯାଏ



ଏବଂ ଆଶ୍ରିତ ବା ହଳିଆମାନଙ୍କୁ ଚାଉଳ ଓ ନୂଆବସ୍ତ୍ର ସାହୁକାର ମାନେ ଦିଅନ୍ତି। ଏହି ଦିନ ସମସ୍ତେ ନୂତନ ବସ୍ତ୍ର ପରିଧାନ କରନ୍ତି। ପରିବାରଠାରୁ ଦୂରରେ ରହିଥିବା ଭାଇବଂଧୁ ଓ ପରିଜନ ସମସ୍ତେ ଏହିଦିନ ଘରକୁ ଫେରନ୍ତି ଏବଂ ମିଳିତ ଭାବେ ନବାନ୍ନ ଭୋଜନ କରନ୍ତି। ସାନମାନେ ବଡ଼ଙ୍କୁ ପ୍ରଣାମ ଜଣାନ୍ତି ଓ ବଡ଼ମାନେ ସାନମାନଙ୍କୁ ଆଶୀର୍ବାଦ କରନ୍ତି। ଏହାକୁ କୁହାଯାଏ 'ନୂଆଁଖାଇ ଜୁହାର'। ସାଇପଡ଼ିଶା, ଭାଇବନ୍ଧୁ ଓ କୁଟୁମ୍ବ ଭିତରେ ଥିବା ରାଗ, ରୂଷା, ମାନ, ଅଭିମାନ ଓ ମନୋମାଳିନ୍ୟ ବାଦବିବାଦ ତୁଟାଇ ସମସ୍ତେ ଏକାଠି ହୁଅନ୍ତି। ଏହାକୁ କୁହାଯାଏ 'ନୂଆଖାଇ ଭେଟଭାଟ'। ଏହିଦିନ ସମସ୍ତେ ଆନନ୍ଦରେ ବିଭୋର ଥାଆନ୍ତି।

ଆଧୁନିକ ସଭ୍ୟତାରେ ଅନେକ ପଶ୍ଚିମାଞ୍ଚଳ ଲୋକ ଯେଉଁମାନେ ଏହି ପର୍ବ ସହିତ ସଂପୃକ୍ତ ସେମାନେ ତାଙ୍କ ଅଞ୍ଚଳ ବାହାରେ ସହରୀ ସଭ୍ୟତାରେ ଚାକିରି ବା ବସବାସ କରୁଥିଲେ, ଏହି ନୂଆଖାଇ ଅବସରରେ ଦୈବାତ୍ ଯଦି ନିଜ ନିଜ ଘରକୁ ଫେରିପାରନ୍ତି ନାହିଁ ସେମାନେ ସେସବୁ ସ୍ଥାନ ମାନଙ୍କରେ ଏକତ୍ରିକ ହୋଇ ନୂଆଖାଇ ଭେଟ୍‌ଭାଟ୍ ପାଳନ କରନ୍ତି।

ଏକାଠି ଖାଇସାରିଲା ପରେ ଗାଁରେ ଖେଳ କସରତ ଚାଲେ : କୋଉଠି ମେଣ୍ଢା ଲଢ଼େଇ ତ, ଆଉ କୋଉଠି ନାଚଗୀତ ବା ସେମିତି କିଛି। ପିଲାରୁ ବୁଢ଼ାଯାଏଁ ଏଥିରେ ବିଭୋର। ଦିନଟି ଖିଆପିଆ, ଦିଆନିଆ ଓ ଖେଳକୁଦରେ କିପରି କଟିଯାଏ ଜାଣିହୁଏନା। ନୂଆଖାଇ ଗୀତ ଶୁଣାଏ:

"ମନୁଷ ଜାଏତ କେ ଏକ କରବାକେ
ଫି ବଛର ଆଏବୁ ଧାଇଁ
ଜାଁ ଜାଣିଥିଲେ ଆଏଲା ବଛର
କେ ଭେଟ ହେବା ତୁଇଁ ମୁଇଁ ।"

ଅର୍ଥାତ୍ ଜୀଇଁ ରହିଥିବାରୁ ନୂଆଖାଇରେ, ଜୀଇଁଥିଲେ ବା ବଞ୍ଚିଥିଲେ ଆସନ୍ତାବର୍ଷକୁ ପୁଣି ନୂଆଖାଇ ଶୁଭେଚ୍ଛା ଜଣାଇବୁ ଏହା ଭଗବାନ କରନ୍ତୁ । ଆଉ ବର୍ଷେ ଭଲରେ କଟିଯାଉ। ପୁଣି ଆସନ୍ତା ବର୍ଷ ନୂଆଖାଇରେ ଭେଟଭାଟ ହେବ।

ନୂଆଖାଇ ପର୍ବ ଓଡ଼ିଶାର ଏକ ମହାନ୍ ସାମାଜିକ ଗଣପର୍ବ। ଏହା ଏ ସଂସ୍କୃତିର ଶାନ୍ତି, ମୈତ୍ରୀ, ପ୍ରଗତି ଓ ସଦ୍‌ଭାବନାର ପ୍ରତୀକ।

# ପ୍ରକୃତିର ମହାପୂଜା; ନୂଆଖାଇ



ପ୍ରେମାନନ୍ଦ ପାଣିଗ୍ରାହୀ
ଭୁଷଲ, ଭୁବନ, ଢେଙ୍କାନାଳ
ମୋ: ୯୪୩୭୭୨୯୩୮୪

କୃଷି ହିଁ ମଣିଷର ଜୀବନ। କୃଷି ବିନା ଜୀବନ ସମ୍ଭବ ନୁହେଁ । ଆର୍ଯ୍ୟମାନଙ୍କ ବହୁ ପୂର୍ବରୁ ଜନଜାତି ଓ ଆଦିମ ଅଧିବାସୀମାନଙ୍କର ମୁଖ୍ୟ ଜୀବିକା ଥିଲା କୃଷି ଓ ପଶୁପାଳନ। ଚାଷରୁ ଉତ୍ପାଦିତ ପ୍ରଥମ ଶସ୍ୟକୁ ଇଷ୍ଟଦେବୀଙ୍କୁ ଅର୍ପଣ କରିବା ପରେ ସେମାନେ ଗ୍ରହଣ କରୁଥିଲେ। ପ୍ରାଣୀର ଜୀବନ ଧାରଣ ପାଇଁ ଅନ୍ନ ଅନିବାର୍ଯ୍ୟ। ତେଣୁ ଉପନିଷଦରେ କୁହାଯାଇଛି ଅନ୍ନଂ ବ୍ରହ୍ମେତି ବ୍ୟଜନାତ। ଅର୍ଥାତ ଅନ୍ନର ଅନ୍ୟନାମ ହେଉଛି ବ୍ରହ୍ମ। ଅନ୍ନ ଭବନ୍ତି ଭୂତାନି...ଅର୍ଥାତ ଅନ୍ନ ଯୋଗୁଁ ସମସ୍ତ ପ୍ରାଣୀ ଜୀବନ ଧାରଣ କରନ୍ତି। ଅନ୍ନ ଲକ୍ଷ୍ମୀଙ୍କ ଦୟାରୁ ପ୍ରାପ୍ତ ହୋଇଥାଏ। ଶୁଦ୍ଧ ଅନ୍ନ ମନକୁ ଶାନ୍ତ ତଥା ପବିତ୍ର କରିଥାଏ। ତେଣୁ ଅନ୍ନକୁ ନେଇ ଓଡ଼ିଶାରେ ପାଳନ ହୁଏ ଅନେକ ପର୍ବପର୍ବାଣୀ। ଧାନରୁ ଅନ୍ନର ସୃଷ୍ଟି। ଅନ୍ନ ହିଁ ଭଗବାନ। ତେଣୁ କବି ଗଙ୍ଗାଧର ମେହେର କହିଛନ୍ତି- ଅନ୍ନ ଘେନି ରହିଛି ଅଖିଳ ସଂସାର, ଅନ୍ନ ବିନା ଜଗତେ ଉଠେ ହାହାକାର। ଅନ୍ନ ଘେନି ପୃଥିବୀ ସରଗ ସମାନ, ଅନ୍ନ ବିନା ପୃଥିବୀ ସତେ ତ ହୁଅନ୍ତା ଶମସାନ ହେ...। ଗୀତା ମତରେ ଦେବତାଙ୍କୁ ନବ ଶସ୍ୟ ଅର୍ପଣ କଲେ ଜୀବନ ଅମୃତମୟ ହୁଏ। ଅନ୍ନ ହେଉଛି ଭଗବାନଙ୍କର ଅନ୍ୟ ରୂପ। ଜୀବନ ଧାରଣ ପାଇଁ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। କୃଷିପ୍ରଧାନ ପଶ୍ଚିମ ଓଡ଼ିଶାର ମୁଖ୍ୟ ଫସଲ ଧାନ। ଚାଷୀ ଧାନ ଫସଲର ପ୍ରଥମ ଉତ୍ପାଦକୁ ନିଜର ଇଷ୍ଟଦେବୀଙ୍କୁ ସର୍ବପ୍ରଥମେ ସମର୍ପଣ କରେ। ଭାଦ୍ରବ ମାସ ଶୁକ୍ଳ ପକ୍ଷ ପଞ୍ଚମୀ ତିଥି ଯାହାକୁ ଋଷି ପଞ୍ଚମୀ କୁହାଯାଏ। ଏହି ଦିନ ପଶ୍ଚିମ ଓଡ଼ିଶାବାସୀ ପାଳନ କରନ୍ତି ପ୍ରୀତି, ମୈତ୍ରୀ, ବନ୍ଧନ, ସଦ୍‌ଭାବନାର ପର୍ବ ନୂଆଖାଇ। ଋଷି ପଞ୍ଚମୀ ପରି ପବିତ୍ର ଦିନରେ ନୂଆ ଖାଇଲେ ସୁଖ ଓ ସମୃଦ୍ଧି ମିଳିଥାଏ ବୋଲି ବିଶ୍ୱାସ ରହିଛି। ଜମିରୁ ପ୍ରଥମ ଫସଲ ବା ଶଶ୍ୟକୁ ଅମଳ କରିବା ପରେ ଇଷ୍ଟଦେବୀଙ୍କୁ ଅର୍ପଣ କରାଯାଏ ଏହିଦିନ। ପ୍ରକୃତିକୁ ଆରାଧନା ସହ ସଂସ୍କୃତି, ଭାଇଚାରା ଓ ବନ୍ଧୁମିଳନର ଗଣପର୍ବ ନୂଆଖାଇ। କନିଷ୍ଠ ବରିଷ୍ଠଙ୍କୁ ସମ୍ମାନ ଦେବାର ପରମ୍ପରା ସହ ନୂଆ ଯୁବପିଢୀଙ୍କୁ କୃଷି ପ୍ରତି ଆକୃଷ୍ଟ କରିବା ଏହି ଉତ୍ସବର ଅନ୍ୟ ଏକ ଅଙ୍ଗ।



ଦକ୍ଷିଣ ଭାରତରେ ପୋଙ୍ଗଲ, କେରଳରେ ଓନମ୍, ଆସାମରେ ବିହୁ ପର୍ବରେ ନବାନ୍ନ ଭକ୍ଷଣ ହୋଇଥାଏ। ଇଷ୍ଟଙ୍କୁ ନବାନ୍ନ ସମର୍ପଣ କଲେ ସମସ୍ତଙ୍କ ମନରେ ନୂଆ ଆଶା ଓ ଉତ୍ସାହ ଭରିଯାଏ। ନୂଆଖାଇ ପଶ୍ଚିମ ଓଡ଼ିଶାର ଗଣପର୍ବ ହେଲେ ହେଁ କେନ୍ଦ୍ର ଓ ପୂର୍ବ ଭାରତର ଅଧିକାଂଶ ଜନଜାତି ଏହାକୁ ପାଳନ କରିଥାନ୍ତି। ପଶ୍ଚିମ ଓଡ଼ିଶାର ପ୍ରସିଦ୍ଧ ଏହି କୃଷିଭିତ୍ତିକ ପର୍ବ ନୂଆଖାଇ ପାଇଁ ପ୍ରଥମେ ମା' ସମଲେଶ୍ୱରୀଙ୍କ ଲଗ୍ନ ଧାର୍ଯ୍ୟ କରାଯାଏ। ଝାଡୁଆପଡାସ୍ଥିତ ବ୍ରହ୍ମପୁରା ମନ୍ଦିରରେ ପଣ୍ଡିତ ମହାସଭା ବସି ଲଗ୍ନ ସ୍ଥିର କରନ୍ତି। କାହିଁ କେଉଁ ଆବାହମାନ କାଳରୁ ପରମ୍ପରା ଅନୁଯାୟୀ ମା' ସମଲେଶ୍ୱରୀଙ୍କ ଲଗ୍ନରେ ପଶ୍ଚିମ ଓଡ଼ିଶାର ୧୦ଟି ଜିଲ୍ଲାର ପ୍ରାୟ ଦେଢ କୋଟି ଲୋକ ନୂଆ ଖାଇଥାନ୍ତି । ପ୍ରଚଳିତ ପରମ୍ପରା ଅନୁଯାୟୀ ନୂଆ ସରିଆ ଧାନରୁ ପ୍ରସ୍ତୁତ ହୁଏ ନୂଆ ଚୁଡା। ନୂଆଖାଇରେ ନୂଆ ଚାଉଳ, ନୂଆ ବସ୍ତ୍ର ସାଙ୍ଗକୁ ନୂଆ ପତ୍ରର ବ୍ୟବହାର କରାଯାଏ। ପ୍ରତ୍ୟେକ ଘର ବିଭିନ୍ନ ପ୍ରକାର ବ୍ୟଞ୍ଜନ ଯଥା ଆମ୍ବିଲ, ସାରୁ ଶାଗ, ପିଠା ପ୍ରସ୍ତୁତ କରନ୍ତି। ସମ୍ବଲପୁରର ଇଷ୍ଟଦେବୀ ମା' ସମଲେଇଙ୍କୁ ସମ୍ବଲପୁରୀ ପାଟ ବସ୍ତ୍ର ଓ ସୁନା ରୌପ୍ୟ ଅଳଙ୍କାରରେ ବିଭୂଷିତ କରାଯାଏ। ନୂଆ ଚାଉଳ, ଗାଈଘିଅ ଓ ଗୁଡରେ ପ୍ରସ୍ତୁତ ନବାନ୍ନ ଭୋଗ ମା'ଙ୍କ ଠାରେ ଓ ୧୧୫ ପାର୍ଶ୍ୱ ଦେବଦେବୀଙ୍କୁ ଅର୍ପଣ କରାଯାଏ। ମା' ସମଲେଶ୍ୱରୀଙ୍କ ଠାରେ ନବାନ୍ନ ଲାଗି ପରେ ପ୍ରତ୍ୟେକ ନିଜ ଘରେ ଇଷ୍ଟଦେବୀଙ୍କୁ ନବାନ୍ନ ଭୋଗ ଅର୍ପଣ କରନ୍ତି। ସେହିପରି ମା' ସମଲେଶ୍ୱରୀଙ୍କ ଲଗ୍ନରେ ଛତିଶଗଡ ଓ ଝାଡଖଣ୍ଡର ଅନେକ ଲୋକ ମଧ୍ୟ ନୂଆଁଖାଇବାର ପରମ୍ପରା ରହିଛି। ନୂଆଖାଇର କିଛିଦିନ ପୂର୍ବରୁ ମହିଳାମାନେ ଘରଅଗଣା ଲିପାପୋଛା କରିବା ସହ ଘରକରଣା ସାମଗ୍ରୀକୁ ଧୂଆମଜା କରନ୍ତି। ନୂଆ ଧାନ, ମାଟି ଚୁଲି, ମାଟି ପାତ୍ର, ବାଉଁଶ ଟୋକେଇ, ଶାଳ-କୁରେଇ ପତ୍ର, ସାରୁ ଶାଗ ଠାରୁ ଆରମ୍ଭ କରି ବିଭିନ୍ନ ସାମଗ୍ରୀ ଯୋଗାଡ କରନ୍ତି । ପଶ୍ଚିମ ଓଡ଼ିଶାର ପରିଚୟ ହେଉଛି ସମ୍ବଲପୁରୀ ବସ୍ତ୍ର। ଏଣୁ ନୂଆଖାଇ ଭଳି ପର୍ବରେ ପରିବାରର ସମସ୍ତଙ୍କ ପାଇଁ ନୂତନ ସମ୍ବଲପୁରୀ ବସ୍ତ୍ର କରାଯାଏ। ପ୍ରଚଳିତ ପରମ୍ପରା ଅନୁସାରେ ନୂଆଖାଇ ଦିନ ପଶ୍ଚିମ ଓଡ଼ିଶାର ଆରାଧ୍ୟ ଦେବୀ ମା' ସମଲେଶ୍ୱରୀଙ୍କ ଠାରେ ନବାନ୍ନ ଭୋଗ ଅର୍ପଣ ହେବା ପରେ ସାଧାରଣ ଲୋକେ ନିଜ ନିଜର ଇଷ୍ଟଦେବୀଙ୍କୁ ନବାନ୍ନ ସମର୍ପଣ କରନ୍ତି ଓ ସପରିବାର ଗୋଟିଏ ସ୍ଥାନରେ ବସି ଏହାକୁ ସେବନ କରନ୍ତି। ଗୁହାଳ ପୂଜା ଠାରୁ ଆରମ୍ଭ କରି କ୍ଷେତ ପୂଜା ଓ ପତରରେ ନୂଆ ଖାଇବା ସମସ୍ତଙ୍କ ମନରେ ଅପୂର୍ବ ପୁଲକ ଭରି ଦେଇଥାଏ। ତେବେ ବିଭିନ୍ନ ଜାତିର ଲୋକେ ଅଲଗା ଅଲଗା ଗଛର ପତ୍ରରେ ଇଷ୍ଟଦେବୀଙ୍କୁ ଭୋଗ ଲଗାଇବା ସହ ନିଜେ ପ୍ରସାଦ ସେବନ କରିଥାନ୍ତି। ତେବେ ନବାନ୍ନ ଭକ୍ଷଣ ପାଇଁ ପତ୍ର ତୋଳିବା ପୂର୍ବରୁ ଗଛଗୁଡିକୁ ପରିବାରର ମୁଖ୍ୟମାନେ ପୂଜା କରିଥାନ୍ତି। କିଏ କୁରେଇ ପତ୍ରରେ ତ କିଏ ଶାଳ, କଦଳୀ, ମହଲ, ରଙ୍ଗାଲ ପତ୍ରରେ ଚୁରାକୁଣ୍ଡା କରି ଇଷ୍ଟଦେବୀଙ୍କୁ ନୈବେଦ୍ୟ ଅର୍ପଣ କରିଥାନ୍ତି। ବ୍ରାହ୍ମଣ, ଗୋପାଳ, କୈବର୍ତ୍ତ ଜାତିର ଲୋକେ କୁରେଇ ପତ୍ରରେ, ତୁମ୍ବାଳ ଜାତିର ଲୋକେ ଭାଲିଆ ପତ୍ରରେ, ଚଷା ଜାତିର ଲୋକେ ସରଗୀ ପତ୍ରରେ, ଭୁଲିଆ ଜାତିର ଲୋକେ ମହୁଲପତ୍ର ବ୍ୟବହାର କରିଥାନ୍ତି। ନବାନ୍ନ ଭକ୍ଷଣ ପରେ ପରିବାରର କନିଷ୍ଠ ସଦସ୍ୟମାନେ ଜ୍ୟେଷ୍ଠ ସଦସ୍ୟଙ୍କୁ ମୁଣ୍ଡିଆ ମାରି ଜୁହାର ଭେଟ ହୁଅନ୍ତି। ଏହି ପରମ୍ପରା ପରିବାରରେ ସ୍ନେହ, ଶ୍ରଦ୍ଧା, ଅତୁଟ ବନ୍ଧନର ନିଦର୍ଶନ ଭାବେ ପରିଗଣିତ ହୋଇଆସୁଛି। ଜ୍ୟେଷ୍ଠମାନେ କନିଷ୍ଠମାନଙ୍କୁ ଆଶୀର୍ବାଦ ପୂର୍ବକ ମଙ୍ଗଳ କାମନା କରିଥାନ୍ତି। ନବାହ୍ନ ଭକ୍ଷଣ କରିବା ପରେ ସାଇପଡିଶାଙ୍କ ମଧ୍ୟରେ ଶୁଭେଚ୍ଛା ଆଦାନ ପ୍ରଦାନ ହୁଏ। ସନ୍ଧ୍ୟାରେ ବିଭିନ୍ନ ସ୍ଥାନରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ନୂଆଖାଇ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୁଏ। ପ୍ରତ୍ୟେକ ଭେଟଘାଟରେ ଆକର୍ଷଣୀୟ ଲୋକନୃତ୍ୟ ଓ ଲୋକଗୀତ କାର୍ଯ୍ୟକ୍ରମ ଆୟୋଜନ ହୁଏ। ରସରକେଲି, ଡାଲଖାଇ, ମା' ଏଲାକତ ନୃତ୍ୟରେ ସମସ୍ତେ ଝୁଲନ୍ତି। ପଶ୍ଚିମ ଓଡ଼ିଶାର କଳା, ସଂସ୍କୃତି, ଭାଷା, ପରମ୍ପରା, ଚାଲିଚଳନ ଏବଂ ସର୍ବୋପରି ଭାବାବେଗ ପରିସ୍ଫୁଟ ହୁଏ ଏହି କୃଷିଭିତ୍ତିକ ପର୍ବରେ। ଏହି ଗଣ ପର୍ବରେ ଥାଏ ମାଟି ଓ ମଣିଷର ନିବିଡ ସମ୍ପର୍କ । ନୂଆଁଖାଇର ସ୍ମୃତି ବେଶ୍ କିଛିଦିନ ରହିଥାଏ ପଶ୍ଚିମ ଓଡିଶାବାସୀଙ୍କ ମାନସପଟ୍ଟରେ। ସମସ୍ତଙ୍କ ପାଟିରୁ ଆପଣା ଛାଏଁ ବାହାରି ଆସେ ନୂଆଖାଇ ଜୁହାର...ଜିଁ ଜାଗିଥିଲେ ବଛରେ...। ଅର୍ଥାତ୍ ଆସନ୍ତା ବର୍ଷକୁ ଜୀବନ ଥିଲେ ପୁଣି ଦେଖାହେବା, ଜୁହାର ଭେଟ ନେବା।

# ଜିଇଁ ଚାଲିଥିବା ନା ମଣିଷ ହେବା ?



ଭାସ୍କର ବାରିକ୍
ବାସୁଦେବପୁର, ଭଦ୍ରକ
ମୋ: ୯୪୩୭୩୨୦୩୫୦

"If you feel pain ,you are alive. But if you feel pain of others,you are human" - Leo Tolstoy.


ସୋଭିଏତ ଋଷର ସୁନାମଧନ୍ୟ ବିଶ୍ୱ ପ୍ରସିଦ୍ଧ ଲେଖକ, ଗାଳ୍ପିକ, ଔପନ୍ୟାସିକ ଓ ଦାର୍ଶନିକ ଲିଓ ଟଲଷ୍ଟୟଙ୍କର ଏହି ଉକ୍ତିଟି ଆଜିର ଦୁନିଆରେ କେତେ ପ୍ରାସଂଗିକ, ସେ ପ୍ରଶ୍ନର ଉତ୍ତର ଖୋଜିଲେ ମନଟା ଭାରି ଗୋଳେଇ ଘାଣ୍ଟି ହୁଏ। ଟଲଷ୍ଟୟଙ୍କର ଉପରୋକ୍ତ ଉକ୍ତିକୁ ଅନୁବାଦ କଲେ ଏଇଆ ବୁଝାପଡ଼େ ଯେ ଯେତେବେଳେ ତୁମେ କିଛି ଯନ୍ତ୍ରଣା ଅନୁଭବ କର, ସେତେବେଳେ ବୁଝିହୁଏ ଯେ ତୁମେ ଜିଇଁଛ। କିନ୍ତୁ ତୁମେ ଯେତେବେଳେ ଅନ୍ୟର ଦୁଃଖ ବେଦନା ଯନ୍ତ୍ରଣାକୁ ଅନୁଭବ କର, ସେତେବେଳେ ତୁମେ ଜଣେ ମଣିଷ। କି ଚମତ୍କାର ପବିତ୍ର ଚିନ୍ତାଧାରା ସତରେ। ଆମେ ଆଧୁନିକ ଯୁଗରେ ପାର୍ଥିବ ଦୁନିଆରେ ଖାଲି ସର୍ବଗିଳା ଚିନ୍ତାଧାରା ନେଇ ଜୀବନ ଜିଇଁବା ଲୋଭରେ ବଞ୍ଚିଛନ୍ତି ନା ହୃଦୟରେ ମାନବୀୟ ମୂଲ୍ୟବୋଧ ଓ ମହନୀୟତା ଧରି ରଖିଛନ୍ତି ? ଆମେ କେତେ ପରିମାଣରେ ସତରେ ଅନ୍ୟର ଦୁଃଖ ବେଦନା ଯନ୍ତ୍ରଣା ଲୁହକୁ ହୃଦୟଙ୍ଗମ କରି ପାରନ୍ତି। ଏ ପ୍ରଶ୍ନର ଉତ୍ତର ଆମ ବିବେକକୁ ନିରୋଳାରେ ଶାନ୍ତ ପରିବେଶରେ ପଚାରିଲେ, ବିବେକ ନିଶ୍ଚିତ ଉତ୍ତର ଦେବ ଯେ ଆମ ଭିତରୁ ଅଧିକାଂଶ ଲୋକ ଖାଲି ବଞ୍ଚିଛେ। ମଣିଷ ପଣିଆ ଓ ମାନବବାଦ ଆମଠାରୁ ଅନେକ ଦୂରରେ। ଆମ ଚାରିପଟେ ରୋଗାକ୍ରାନ୍ତ, ଦାରିଦ୍ର୍ୟ ପ୍ରପୀଡ଼ିତ, ଅଭାବ ଅନଟନ, ଦୁଃଖ ଯନ୍ତ୍ରଣାରେ କାଳାତିପାତ କରୁଥିବା ଲୋକମାନଙ୍କର ଆଖିର ଲୁହ ଆମ ଉପରେ ପ୍ରାୟତଃ କିଛି ପ୍ରଭାବ ପକଉ ନାହିଁ। ନିଜେ ବଞ୍ଚିଲେ ବାପର ନାଁ ନ୍ୟାୟରେ ଆମେ ଜୀବନ ଜିଉଁଛୁ। କେହି ଯଦି ବିପଦରେ ପଡ଼ିଛି, ଅସହାୟ ଅବସ୍ଥାରେ ଆମର କିଛିଟା ସାହାଯ୍ୟ ସାହାରା ଲୋଡୁଛି, ସାହାଯ୍ୟ ସହଯୋଗ ଓ ମଣିଷ ପଣିଆର ହାତ ବଢ଼ାଇବା ବଦଳରେ ଆମେ ମୁହଁ ବୁଲେଇ ଚାଲି ଯାଉଛୁ। ଯଦି ବି କେହି ସାହାଯ୍ୟର ହାତ ବଢଉଛି, ପରବର୍ତ୍ତୀ ସମୟରେ ସେ ଲୋକ ପାଖରୁ କେମିତି ସାହାଯ୍ୟ କରିଥିବାର ଫାଇଦା ସୂଧମୂଳ ସହିତ ହାସଲ କରିହେବ, ସେହି ଚିନ୍ତା ମୁଣ୍ଡରେ ରହୁଛି। ସେଇଥିପାଇଁ ବୋଧହୁଏ କୁହାଯାଏ ଏ ହେଉଛି ଦେ ନେ ର ଦୁନିଆଁ। ରାସ୍ତା କଡ଼ରେ ଦୁର୍ଘଟଣାଗ୍ରସ୍ତ ହେଇ କେହି ଜଣେ ଛଟପଟ ହେଉଥିବାର ଦେଖିଲେ, ଆମେ ଗାଡିର ବେଗ ଅଧିକ କରି ସେ ଜାଗା ଛାଡ଼ି ଚାଲିଯିବାକୁ ଶ୍ରେୟ ମନେ କରୁଛୁ। ସବୁ ମଣିଷ ଯେ ଏମିତି କରନ୍ତି, ସେକଥା କହିବା ଭୁଲ୍ ହେବ। କିଛି ଲୋକ ମାନବିକତାର ଡାକରାରେ ଦୁର୍ଘଟଣାଗ୍ରସ୍ତ ଲୋକଟିକୁ ସାହାଯ୍ୟ କରିବା ପାଇଁ ଆଗେଇ ଆସନ୍ତି। ଯଦିଓ ଆଜିର ଦୁନିଆରେ ଏମିତି ମଣିଷଙ୍କ ସଂଖ୍ୟା ବହୁତ କମ୍ କିନ୍ତୁ ଏହି ଅଳ୍ପ ସଂଖ୍ୟକ ଲୋକଙ୍କ ପାଇଁ ମାନବିକତା ଓ ମାନବବାଦ କିଛିଟା ବଞ୍ଚିଛି ବୋଲି ଆମେ କହି ପାରିବା। ହଁ, ଆଉ ଗୋଟିଏ କଥା ଆମ ନିଜର ଅସୁବିଧା ସମୟରେ ଆମେ ସମସ୍ତଙ୍କ ପାଖରୁ ସାହାଯ୍ୟ ସହଯୋଗ କାମନା କରୁଛୁ କିନ୍ତୁ ଅନ୍ୟର ଆବଶ୍ୟକତା ସମୟରେ ଆମେ ସହଯୋଗର ହାତ ବଢ଼ାଇବାକୁ କୁଣ୍ଠାବୋଧ କରୁଛୁ। ଅନ୍ୟକୁ ସାହାଯ୍ୟର ହାତ ବଢ଼ାଇବାକୁ ଆମେ ସମୟ ଓ ଅର୍ଥର ଅଯଥା ଅପଚୟ ବୋଲି ମନେ କରୁଛୁ।

ଅନ୍ୟର ଦୁଃଖ ବେଦନା ଯନ୍ତ୍ରଣା ବୁଝିବା ଦୂରେଥାଉ, ଆମେ ତ ବୃଦ୍ଧ ଅବସ୍ଥାରେ ନିଜର ବାପାମାଆଙ୍କର ଦୁଃଖ ଲାଘବ କରିବାକୁ କୁଣ୍ଠିତ। ଗାଁରୁ ସହର ପର୍ଯ୍ୟନ୍ତ ଆମେ ସମସ୍ତେ ଏମିତି ଦୁଃଖଦ ଘଟଣା ପ୍ରାୟ ଦେଖିଛେ। ବୁଢ଼ା ବୟସରେ ବାପାମାଆ ରୋଷେଇ କରି ଖାଉଥିବେ। ବାର୍ଦ୍ଧକ୍ୟରେ ମାଆ ଆଖିକୁ ଆଉ ଠିକ୍ ରେ ଦେଖାଯାଉ ନଥିବ, କିନ୍ତୁ ପେଟ ବିକଳରେ ଅଣ୍ଡାଳି ଅଣ୍ଡାଳି ରୋଷେଇ କରୁଥିବ। ଏମିତି କରୁଣ ଦୃଶ୍ୟ ଦେଖିଲେ ଜଣେ ମଣିଷ ତା ଆଖିର ଲୁହକୁ ଅଟକେଇବା କ'ଣ ସମ୍ଭବ ? ଅସହାୟ ବାର୍ଦ୍ଧକ୍ୟ ଅବସ୍ଥାରେ ବାପାମାଆଙ୍କ ଦାୟିତ୍ୱ କିଏ ନେବ, ସେ ବିଷୟରେ ପୁଅମାନଙ୍କ ଭିତରେ ଲାଗିଥିବ ଝଗଡ଼ା। ଜ୍ୱରରେ ପଡିଲେ, ବାପାମାଆଙ୍କୁ ଔଷଧ ଟିକେ ଆଣି ଦେବା ପାଇଁ ଆମ ପାଖରେ ଅର୍ଥ ନାହିଁ। କିନ୍ତୁ ନିଜ ପିଲା ଓ ସ୍ତ୍ରୀ ପାଇଁ ଅଯଥା ଖର୍ଚ୍ଚ କରିବାକୁ ପକେଟରେ ଅର୍ଥ ଅଛି। ସାଙ୍ଗସାଥିଙ୍କ ସହିତ ନିଜର ଷ୍ଟାଟସ୍ ଦେଖେଇବା ପାଇଁ ଦାମିକିଆ ହୋଟେଲରେ ପାର୍ଟିରେ ଯୋଗଦେବା ପାଇଁ ପକେଟରେ ଟଙ୍କା ଅଛି। ମାଆ ନିଜ ଗର୍ଭରୁ ଜନ୍ମିତ ସବୁ ପିଲାଙ୍କୁ ଛାତିରୁ ଅମୃତ ପିଆଇ ବଡ଼ କରେ। ବାପା ଦିନରାତି ଏକ କରି ମୁଣ୍ଡ ଝାଳ ତୁଣ୍ଡରେ ମାରି ପିଲାମାନଙ୍କୁ ଗାଁ ଦାଣ୍ଡରେ ଚାଲିବା ଶିଖାନ୍ତି। ଅଥଚ ଆମେ ବଡ଼ ହେଲାପରେ ସମସ୍ତେ ମିଶି ବାପାମାଆଙ୍କର ଦାୟିତ୍ୱ ନେଇ ପାରୁନା। ବାପାମାଆଙ୍କୁ ଆମେ ପଣ୍ୟ ଦ୍ରବ୍ୟ ଭଳି ଭାଗ ଭାଗ କରି ଦେଉଛୁ। ଗୋଟିଏ ପୁଅ ପାଖରେ ମାଆ ଓ ଆଉ ଗୋଟିଏ ପୁଅ ପାଖରେ ବାପା। ବୃଦ୍ଧା ଅବସ୍ଥାରେ ବାପାମାଆଙ୍କୁ ଜୋରକରି ଅଲଗା କରି ଦେଉଛୁ। କି ଦୂର୍ଭାଗ୍ୟ, କି ବିଡ଼ମ୍ବନା ସତରେ!!! ମଣିଷ ଜନ୍ମ ପାଇ ଆମେ ଏତେ ତଳକୁ କେମିତି ଖସି ଯାଉଛନ୍ତି ? ଗାଁ ଠାକୁରାଣୀ ମନ୍ଦିରରେ ରଙ୍ଗ ଦେବାପାଇଁ, ଗାଁରେ ଅଷ୍ଟମ ପ୍ରହରୀ ନାମଯଜ୍ଞ ଆୟୋଜିତ ହେଉଥିଲେ, ସେଥିପାଇଁ ପକେଟରୁ ଅର୍ଥ ବାହାରିବା ବହୁତ କଷ୍ଟ। ଭଲ ପାଠପଢୁଥିବା ଗରୀବ ପିଲାଟିଏ ପାଇଁ କେଇ ଖଣ୍ଡ ବହି ଖାତା କଲମ କିଣି ଦେବାକୁ ଆମ ମନ ବଳୁନି। ହୃଦୟରେ ଭଗବତ୍ ପ୍ରେମ ନଥିଲେ, ଈଶ୍ୱରଙ୍କ ପ୍ରତି ଭକ୍ତି ନଥିଲେ, ରକ୍ତର ସମ୍ପର୍କ ଦୃଢ଼ ନଥିଲେ, ବାପାମାଆଙ୍କ ପ୍ରତି ଭଲପାଇବା ନଥିଲେ, ଆଉ ରହିଲା କ'ଣ ଯେ। ଏଇ କ'ଣ ମଣିଷ ପଣିଆ ? (କ୍ରମଶଃ...)




କେନ୍ଦୁଝର(ଭାସ୍କର ନ୍ୟୁଜ): ଟାଟା ଷ୍ଟିଲ୍ ପକ୍ଷରୁ ଡୋରାବଜି ଟାଟାଙ୍କ ୧୬୬ ତମ ଜୟନ୍ତୀ ବୁଧବାର ଯୋଡାଠାରେ ପାଳନ କରାଯାଇଛି । ଯୋଡା ସ୍ଥିତ ଡୋରାବଜି ଟାଟା ବଟାନିକାଲ ପାର୍କ ଠାରେ ଆୟୋଜିତ ଏହି ଉତ୍ସବରେ କମ୍ପାନୀର ବରିଷ୍ଠ ଅଧିକାରୀ, କର୍ମଚାରୀ ଏବଂ ୟୁନିୟନ୍ ପ୍ରତିନିଧିଙ୍କ ଉପସ୍ଥିତିରେ ଟାଟା ଷ୍ଟିଲ୍ ଯୋଡ଼ାର ମୁଖ୍ୟ ରାଜେଶ କୁମାର ଏହି ଦିବ୍ୟଦ୍ରଷ୍ଟା ବ୍ୟକ୍ତିତ୍ୱଙ୍କୁ ପୁଷ୍ପ ଶ୍ରଦ୍ଧାଞ୍ଜଳି ପ୍ରଦାନ କରିବା ସହ ଜୟନ୍ତୀ ପାଳନର ଶୁଭାରମ୍ଭ କରିଥିଲେ । ଏହାପରେ ସମସ୍ତେ ସେହି ପ୍ରବାଦ ପୁରୁଷଙ୍କୁ ସ୍ମରଣ କରି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ ଓ ସେହିପରି, ଯୋଡ଼ା ଇଷ୍ଟ ଲୌହ ଖଣି, ଖଣ୍ଡବନ୍ଧ ଖଣି, ମାଙ୍ଗାନିଜ୍ ଗ୍ରୁପ୍ ଅଫ୍ ମାଇନ୍ସ, କଳମଙ୍ଗ ଏବଂ ଗନ୍ଧଲପଦା ପ୍ରୋଜେକ୍ଟ ଅଫିସ, ବିଜ୍ଞାକୁଣ୍ଡି, ନାଉଟର ଅଫିସ ଓ ଯୋଡ଼ା ଫେରୋ ଆଲଏକ୍ କାରଖାନାରେ ମଧ୍ୟ ଏହିଭଳି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ସେ ଏକ ଆତ୍ମନିର୍ଭରଶୀଳ ଭାରତ ଗଠନ ପାଇଁ ପ୍ରତିବଦ୍ଧ ଥିଲେ । ଛୋଟ ନାଗପୁରରେ ଦେଶର ପ୍ରଥମ ଷ୍ଟିଲ ପ୍ଲାଣ୍ଟ ସ୍ଥାପନରେ ସେ ଥିଲେ ମୁଖ୍ୟ ପୁରୋଧା, ଯାହାକି ଭାରତର ଔଦ୍ୟୋଗିକ ଉନ୍ନତିର ମୂଳଦୁଆ ରଚିଥିଲା । ସମାଜସେବା ପ୍ରତି ସମର୍ପିତ ଟାଟା ଟ୍ରଷ୍ଟ ସ୍ଥାପନ କରିବା ସହ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ (ଆଇଆଇଏସ), ଟାଟା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ ସାଇନ୍ସ, ଟାଟା ମେମୋରିଆଲ୍ ସେଣ୍ଟର, ଟାଟା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫଣ୍ଡାମେଣ୍ଟାଲ୍ ରିସର୍ଚ୍ଚ ଏବଂ ଅନ୍ୟାନ୍ୟ ଅଗ୍ରଣୀ ସଂସ୍ଥା ସ୍ଥାପନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ ।

# ଅନୁଗୁଳ ଓ ଢେଙ୍କାନାଳରେ ଟାଟା ଷ୍ଟିଲ୍ ଫାଉଣ୍ଡେସନ୍‌ର ବିଭିନ୍ନ ପ୍ରକଳ୍ପ ଲୋକାର୍ପିତ




ଢେଙ୍କାନାଳ, (ଭାସ୍କର ନ୍ୟୁଜ): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବୁଧବାର ଅନୁଗୁଳ ଜିଲ୍ଲାର ବର୍ଥରପାଳ ନିକଟସ୍ଥ ଯୋଗାଗାଡ଼ିଆରେ ଟାଟା ଷ୍ଟିଲ ଫାଉଣ୍ଡେସନର ବିଭିନ୍ନ ଗୋଷ୍ଠୀ ଉନ୍ନୟନ ଉପକ୍ରମର ଶୁଭାରମ୍ଭ ସହ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । କେନ୍ଦ୍ରମନ୍ତ୍ରୀ ଜାତୀୟ ରାଜପଥ -୫୫ର ଆଲୋକୀକରଣ ଓ ନୂଆହାତରେ ଏକ ସୌର ଚାଳିତ ସଡ଼କ ଆଲୋକୀକରଣ ପ୍ରକଳ୍ପର ଭୂମିପୂଜନ କରିଥିଲେ । ଏହି ଅବସରରେ ଅନ୍ୟ ମାନ୍ୟଗଣ୍ୟ ଅତିଥିମାନେ ଉପସ୍ଥିତ ଥିଲେ । ଜଗାପଥାରୁ ନୂଆହାତ ଛକ ପର୍ଯ୍ୟନ୍ତ ଏନଏଚ-୫୫ରେ ୩.୫ କିଲୋମିଟର ପର୍ଯ୍ୟନ୍ତ ରାସ୍ତାରେ ଆଲୋକୀକରଣ ବ୍ୟବସ୍ଥାର ଶିଳାନ୍ୟାସ କରାଯାଇଛି । ହାତୀ ପ୍ରବଣ ଅଞ୍ଚଳ ସହିତ ଛକର୍ ହାତୁରା ପର୍ଯ୍ୟନ୍ତ ୨୦ କିଲୋମିଟର ବ୍ୟାପୀ ସୌରଶକ୍ତି ଚାଳିତ ସଡ଼କ ଆଲୋକୀକରଣ ବ୍ୟବସ୍ଥାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି । ଏହି ପ୍ରକଳ୍ପ ଦ୍ୱାରା ସ୍ଥାନୀୟ ଲୋକେ ଉପକୃତ ହେବେ ଏବଂ ଅଙ୍ଗାରକାମ୍ଳ ନିର୍ଗମନ ବାର୍ଷିକ ୩୫ ନିୟୁତ ଟନ୍ ହ୍ରାସ ପାଇବ । ଏଥିସହିତ ଏକାଧିକ ପ୍ରକଳ୍ପର ଲୋକାର୍ପଣ ମଧ୍ୟ କରାଯାଇଛି । ଅନୁଗୁଳର ବର୍ଥରପାଳ ବ୍ଲକ୍‌ରେ ୧.୨୮ କୋଟି ଟଙ୍କା ବ୍ୟୟରେ ଡ୍ରେନ୍ ବ୍ୟବସ୍ଥା ସହିତ ୧ କିଲୋମିଟରର କଂକ୍ରିଟ୍ ସଡ଼କ, ଡିହସାହିରେ ଏକ ଗୋଷ୍ଠୀ କେନ୍ଦ୍ର ଏବଂ ନୂଆହାତ ଗ୍ରାମପଞ୍ଚାୟତରେ ୨ଟି ହାଇମାଷ୍ଟ ଲାଇଟ୍ ଏବଂ ୧୨ଟି ଷ୍ଟ୍ରିଟଲାଇଟର ଲୋକାର୍ପଣ କରାଯାଇଛି । ଢେଙ୍କାନାଳ ଜିଲ୍ଲାର ସୂଚନା କେନ୍ଦ୍ର, ନରେନ୍ଦ୍ରପୁରରେ ଏକ ନୂଆ ବିଦ୍ୟାଳୟ କୋଠା ଏବଂ ହିନ୍ଦୋଳ ଓ ଓଡ଼ାପଡ଼ା ବ୍ଲକ୍‌ରେ ୮ଟି ହାଇମାଷ୍ଟ ଲାଇଟ ଓ ୧୬୦ଟି ଷ୍ଟ୍ରିଟଲାଇଟ ସ୍ଥାପନ କରାଯାଇଛି । ଗୋଷ୍ଠୀ ଭିତ୍ତିଭୂମି କାର୍ଯ୍ୟକ୍ରମର ଶୁଭାରମ୍ଭ ପୂର୍ବରୁ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଅନ୍ୟ ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କ ସହ ଟାଟା ଷ୍ଟିଲ ମେରାମଣ୍ଡଳୀର ଜୈବ ବିବିଧତା ପାର୍କ ପରିଦର୍ଶନ କରିଥିଲେ । ଏହି ଅବସରରେ କେନ୍ଦ୍ର ସରକାରଙ୍କ 'ମା ପାଇଁ ଗଛଟିଏ' ଅଭିଯାନ ଅଧୀନରେ ସେ ପାର୍କ ଓ ପରିପାର୍ଶ୍ୱ ଅଞ୍ଚଳରେ ୫୦୦୦ ବୃକ୍ଷରୋପଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଏହି ସମାରୋହରେ ଅତିଥି ଭାବେ ଅନୁଗୁଳର ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ପଲ୍ଲହଡ଼ା ବିଧାୟକ ବିଭୂତି ଭୂଷଣ ପ୍ରଧାନ, କାମାକ୍ଷାନଗର ବିଧାୟକ ସତ୍ୟଜିତ ଜେନା, ଅନୁଗୁଳ ଆଞ୍ଚଳିକ ବନ ସଂରକ୍ଷକ ଡ଼ ସଞ୍ଜୟ କୁମାର ସ୍ୱାଇଁ, ତାଳଚେର ଏନସିଆର ଆଇଜି ସତ୍ୟବ୍ରତ ଭୋଇ (ଆଇପିଏସ), ଅନୁଗୁଳ ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ୍ ଅବଦାଲ ମୁହମ୍ମଦ ଅଖତର, ଢେଙ୍କାନାଳର ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ୍ ଆଶିଷ ଈଶ୍ୱର ପାଟିଲ, ଢେଙ୍କାନାଳ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଅଭିନବ ସୋନକର, ଅନୁଗୁଳର ଆରକ୍ଷୀ ଅଧୀକ୍ଷକ ରାହୁଲ ଜୈନ, ଅନୁଗୁଳ ବନଖଣ୍ଡ ଅଧିକାରୀ ନିତୀଶ କୁମାର, ଢେଙ୍କାନାଳ ବନଖଣ୍ଡ ଅଧିକାରୀ ସୁମିତ କୁମାର କରଙ୍କ ସମେତ ଟାଟା ଷ୍ଟିଲ ମେରାମଣ୍ଡଳୀର ଉପସଭାପତି (ଅପରେସନ୍) ଉତ୍ତମ ସିଂହ ଓ ଟାଟା ଷ୍ଟିଲ ଉପସଭାପତି (କର୍ପୋରେଟ୍ ସେବା) ତଥା ଟାଟା ଷ୍ଟିଲ ଫାଉଣ୍ଡେସନର ନିର୍ଦ୍ଦେଶକ ଟିଭି ସୁନ୍ଦରମ ଉପସ୍ଥିତ ଥିଲେ । ଟାଟା ଷ୍ଟିଲ ମେରାମଣ୍ଡଳୀର ଉପସଭାପତି (ଅପରେସନ୍) ଉତ୍ତମ ସିଂହ କହିଛନ୍ତି ଯେ, 'ଗୋଷ୍ଠୀ କଲ୍ୟାଣ ସହ ମିଳିତ ଭାବେ ବିକାଶଧାରା ଆଗକୁ ବଢ଼ିବା ଉଚିତ ବୋଲି ଟାଟା ଷ୍ଟିଲ୍ ମେରାମଣ୍ଡଳୀ ବିଶ୍ୱାସ କରେ । ଆମ ଅଭିବୃଦ୍ଧି ଯାତ୍ରାର ଅଭିନ୍ନ ଅଙ୍ଗ ପାଲଟିଥିବା ଟାଟା ଷ୍ଟିଲ୍ ଉପସଭାପତି (କର୍ପୋରେଟ୍ ସେବା) ତଥା ଟାଟା ଷ୍ଟିଲ ଫାଉଣ୍ଡେସନର ନିର୍ଦ୍ଦେଶକ ଟିଭି ସୁନ୍ଦରମ କହିଛନ୍ତି ଯେ, 'ଏହି ଅଞ୍ଚଳରେ ସ୍ଥାୟୀ ଓ ଅନ୍ତର୍ଭୁକ୍ତିକରଣ ବିକାଶ ସୃଷ୍ଟି କରିବା ଲାଗି ଟାଟା ଷ୍ଟିଲ ଫାଉଣ୍ଡେସନ ପ୍ରତିବଦ୍ଧ । କାର୍ଯ୍ୟକ୍ରମରେ ଆଖପାଖ ଗ୍ରାମବାସୀଙ୍କ ସମେତ ବରିଷ୍ଠ ସରକାରୀ ଅଧିକାରୀ, ଟାଟା ଷ୍ଟିଲ ଓ ଟାଟା ଷ୍ଟିଲ ଫାଉଣ୍ଡେସନର କର୍ମଚାରୀମାନେ ସାମିଲ ହୋଇଥିଲେ ।

### ଖବର ପ୍ରକାଶ ପରେ ଫେରିବ ପ୍ରବାସୀଙ୍କ ମରଶରୀର

# ଗଣମାଧ୍ୟମକୁ ପ୍ରଶଂସା କଲେ ମୃତକଙ୍କ ପରିବାର



ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ା ଦାଦନ ଖଟିବାକୁ ଯାଇ ପ୍ରବାସୀ ଶ୍ରମିକଙ୍କ ମୃତ୍ୟୁ ଖବର 'ଓଡ଼ିଶା ଭାସ୍କର'ରେ ପ୍ରକାଶ ପାଇବା ପରେ ପ୍ରଶାସନ ପ୍ରବାସୀଙ୍କର ଶବ ଆଣିବା ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରିଥିବା ବେଳେ ଶବ ରେଳୱେ ଷ୍ଟେସନରେ ପହଞ୍ଚିବା ପରେ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ାଙ୍କ ଉପସ୍ଥିତିରେ ପରିବାରକୁ ଶବ ହସ୍ତାନ୍ତର କରାଯିବ ବୋଲି ଜଣାପଡ଼ିଛି । ମିଳିଥିବା ସୂଚନା ଅନୁଯାୟୀ, ନିମାପଡ଼ା ବ୍ଲକ୍ ବଡ଼ମାଲ୍ଲଡ଼ପୁର ଗ୍ରାମର ବିଜୟ କୁମାର ନାୟକ (୪୬) କେରଳରେ ଦାଦନ ଶ୍ରମିକ ଭାବେ କାମ କରୁଥିଲେ । ଦୀର୍ଘଦିନ ହେବ ଦାଦନ ଖଟି ଅର୍ଥ ଘରକୁ ପଠାଉଥିଲେ ବିଜୟଙ୍କ ଚାରୋଟି ଝିଅ, ବାପା-ମାଆ ସେଥିରେ ଚଳୁଥିଲେ । ବିଜୟଙ୍କ ଶରୀର ଅସୁସ୍ଥ ଥିବା ୩ଦିନ ପୂର୍ବରୁ ନିଜ ପତ୍ନୀ ଓ ଝିଅଙ୍କୁ ଫୋନ୍ ମାଧ୍ୟମରେ ଜଣାଇଥିଲେ । ଘରକୁ ଟ୍ରେନ୍ ଯୋଗେ ଆସୁଥିବା ବେଳେ ଶରୀର ଅଧିକ ଅସୁସ୍ଥ ଥିବାରୁ କେରଳର ପାଲଘାଟ ଷ୍ଟେସନ୍‌ରେ ଓହ୍ଲାଇ ଥିଲେ । ତଳେ ପଡ଼ି ସଂଜ୍ଞା ହରାଇ ଥିବାରୁ ରେଲୱେ ପୋଲିସ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନେଇଥିଲେ । ସେଠାରେ ବିଜୟଙ୍କୁ ଡାକ୍ତର ମୃତ ଘୋଷଣା କରିଥିବା ବେଳେ ସେଠାରେ ପୋଲିସ ଏ ସଂପର୍କରେ ବିଜୟଙ୍କ ଘର ନିମାପଡ଼ାକୁ ଯୋଗାଯୋଗ କରିଥିଲେ । ପରିବାର ଏକଥା ଶୁଣି ଯେପରି ତାଙ୍କ ମୁଣ୍ଡ ଉପରେ ଆକାଶ ଛିଡ଼ି ପଡ଼ିଲା ସେହିପରି ଲାଗିଥିଲା । ଘରେ କାନ୍ଦ ବୋବାଳି ଲାଗିଥିବା ବେଳେ ସ୍ୱାମୀଙ୍କ ମୃତଦେହ ଫେରାଇ ଆଣିବା ପାଇଁ ବିଜୟଙ୍କ ପତ୍ନୀ ପ୍ରମିଳା ଓ ଚାରି ଝିଅ ପ୍ରଶାସନକୁ ନିବେଦନ କରିଥିଲେ । ଏହି ଘଟଣା ଉପରେ ପ୍ରଶାସନ ଗୁରୁତ୍ୱ ଦେଇ କେରଳ ପାଲଘାଟରୁ ଶବ ଆଣିବା ପାଇଁ ବ୍ୟବସ୍ଥା କରାଯାଇଛି । ଗୁରୁବାର ପ୍ରବାସୀଙ୍କ ଶବ ଗ୍ରାମରେ ପହଞ୍ଚିବା ପାଇଁ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯାଉଥିବା ବେଳେ ନିମାପଡ଼ା ବିଧାୟିକା ତଥା ରାଜ୍ୟ ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତି ପରିଡ଼ା ବିଜୟଙ୍କ ମାଆଙ୍କ ସହିତ ଫୋନ୍ ମାଧ୍ୟମରେ କଥା ହୋଇଥିବା ତାଙ୍କ ମାଆ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ପ୍ରବାସୀଙ୍କ ଶବ ଭୁବନେଶ୍ୱରରେ ପହଞ୍ଚିବା ପରେ ଉପ-ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ତାଙ୍କ ପରିବାରକୁ ହସ୍ତାନ୍ତର କରାଯିବ । ଖବର ପ୍ରକାଶ ପାଇବା ପରେ ମୋର ସ୍ୱାମୀଙ୍କର ଶବ ଗ୍ରାମକୁ ଆସୁଛି 'ଓଡ଼ିଶା ଭାସ୍କର' ଗଣମାଧ୍ୟମ ଓ ରାଜ୍ୟ ସରକାରଙ୍କୁ ବିଶେଷ ଧନ୍ୟବାଦ ବୋଲି ବିଜୟଙ୍କ ପରିବାର କହିଛନ୍ତି ।

# ଦୁର୍ଘଟଣାରେ ବାଇକ୍ ଚାଳକ ମୃତ

ତିହିଡ଼ି(ଭାସ୍କର ନ୍ୟୁଜ): ଭଦ୍ରକ-ଚାନ୍ଦବାଲି ରାଜ୍ୟ ରାଜପଥର ତିହିଡ଼ି ଥାନା ଅଧୀନ କୋହ୍ଲ ହାଇସ୍କୁଲ ଛକ ନିକଟରେ ବୁଧବାର ଅପରାହ୍ଣ ୩ଟା ସମୟରେ ଅଟୋ ଓ ବାଇକ୍ ମୁହାଁମୁହିଁ ଧକ୍କା ହୋଇଛି । ଫଳରେ ବାଇକ୍ ଆରୋହୀ ଧୁଷୁରୀଥାନା ଅଧୀନ ଅସୁରାଳି ନେଞ୍ଜରା ଗ୍ରାମର ଅଲେଖ ମଲିକ (୨୫) ନାମକ ଜଣେ ଯୁବକଙ୍କର ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିବା ଜଣା ପଡ଼ିଛି । ପ୍ରକାଶ ଯେ ଏକ ଅଟୋ (ନଂ ଓଡି ୨ ୨ ଏଚ୍୩୮ ୧୮) ତିହିଡ଼ି ରୁ ପୀରହାଟ ଅଭିମୁଖେ ଯାଉଥିଲା । ଏହି ସମୟରେ ଚାନ୍ଦବାଲି ଆଡୁ ଅଲେଖ ଏବଂ ଅନ୍ୟ ଜଣେ ଯୁବକ ବାଇକ୍‌ରେ ଆସୁଥିଲେ । କୋହ୍ଲ ହାଇସ୍କୁଲ ଛକ ନିକଟରେ ଅଟୋ-ବାଇକ୍ ମୁହାଁମୁହିଁ ଧକ୍କା ହୋଇଥିଲା । ସେଠାରେ ବାଇକ୍ ଚାଳକ ଅଲେଖର ମୃତ୍ୟୁ ହୋଇ ଯାଇଥିଲା । ଖବର ପାଇ ତିହିଡ଼ି ଥାନା ଅଧିକାରୀ ସତ୍ୟବ୍ରତ ଗ୍ରହାଚାର୍ଯ୍ୟ ଅନ୍ୟ ପୁଲିସ୍ କର୍ମଚାରୀଙ୍କ ସହିତ ଘଟଣା ସ୍ଥଳରେ ପହଞ୍ଚି ମୃତ ଅଲେଖଙ୍କୁ ଦମକଳ ବାହିନୀ ସହାୟତାରେ ତିହିଡ଼ି ଡାକ୍ତରଖାନାକୁ ଆଣିଥିଲେ । ଏ ସମ୍ପର୍କରେ ତିହିଡ଼ି ଥାନାରେ ୩୦୨/୨୫ରେ ଏକ ମାମଲା ରୁଜୁ କରାଯାଇ ଶବ ବ୍ୟବଚ୍ଛେଦ ପାଇଁ ପଠାଯାଇଥିବା ଜଣାପଡ଼ିଛି ।

# ଚାଷୀ ପରିବାରକୁ ଉଜାଡ଼ି ଦେଲା ବନ୍ୟା

ବସ୍ତା(ଭାସ୍କର ନ୍ୟୁଜ) ବାଲେଶ୍ୱର ଜିଲ୍ଲାର ସୁବର୍ଣ୍ଣରେଖା ନଦୀରେ ଷଷ୍ଠ ର ବନ୍ୟା ପରିସ୍ଥିତି ତିନୋଟି ବ୍ଲକର ୧୨୦ଟି ଗାଁ ଜଳବନ୍ଦି ଅବସ୍ଥାର ରହିଛି । ଅର୍ଥାତ୍ ବାଲିଆପାଳ ବ୍ଲକର ଆଠଟି ପଞ୍ଚାୟତରେ ପାଖାପାଖି ୪୦ଟି ଗାଁ, ଭୋଗରାଇ ବ୍ଲକର ୯ଟି ପଞ୍ଚାୟତର ୫୦ରୁ ଉର୍ଦ୍ଧ୍ୱ ଗାଁ ଏବଂ ଜଳେଶ୍ୱର ବ୍ଲକର ଛଅଟି ପଞ୍ଚାୟତରେ ୩୦ଟି ଗାଁ ଜଳମଗ୍ନ ଅବସ୍ଥାର ରହିଛି । ସୁବର୍ଣ୍ଣ ରେଖାରେ ଏବେ ବିପଦ ସଙ୍କେତ ୧୦.୩୬ମିଟର ଥିଲାବେଳେ ରାଜଘାଟ ଠାରେ ଏହା ୯.୮୪ ମିଟର ରହିଛି । ଉପର ମୁଣ୍ଡରେ ଜଳସ୍ତର କମିଲେ ମଧ୍ୟ ଯେହେତୁ ଏହି ଗ୍ରାମ ସବୁ ତଳିଆ ଅଞ୍ଚଳରେ ଅବସ୍ଥିତ ଏବଂ ଏହି ଷଷ୍ଠ ଥର ବନ୍ୟାର ମୁକାବିଲାରେ ହାରିଯାଇଛନ୍ତି ଏହି ତିନି ବ୍ଲକର ଗ୍ରାମବାସୀ ତଥା ଚାଷୀକୁଳ ପରିବାର । ଏହି ବନ୍ୟାରେ ଚାଷୀକୁଳ ପରିବାର ତଥା ମଧ୍ୟବିତ୍ତ ଓ ଗରିବ ଶ୍ରେଣୀର ଲୋକେ ଚାଷ ଉପରେ ନିର୍ଭରଶୀଳ ରହିଥାନ୍ତି । କିନ୍ତୁ ଏଥର ଏହି ବନ୍ୟାରେ ଚାଷ ଜମିରେ ପାଣି ପଶି ଧାନଗଛ ସବୁ ଜଳପୂର୍ଣ୍ଣ ହୋଇରହିଛି ଏବଂ ନଷ୍ଟ ହେବାକୁ ବସିଥିବା ବେଳେ ଏହା ଚାଷୀଙ୍କ ପାଇଁ ସାଜିଛି ଦାଉ ।

# ନୂତନ ଫାଣ୍ଡି ଅଧିକାରୀଙ୍କ ଯୋଗଦାନ

ଭୁବନ(ଭାସ୍କର ନ୍ୟୁଜ): ଭୁବନ ଥାନା ଅନ୍ତର୍ଗତ ସୁରପ୍ରତାପପୁର ଫାଣ୍ଡିରେ ଏସ ଆଇ ସୁବ୍ରତ କୁମାର ସାହୁ ନୂତନ ଫାଣ୍ଡି ଅଧିକାରୀ ଭାବେ ଯୋଗ ଦେଇଛନ୍ତି । ପୂର୍ବତନ ଫାଣ୍ଡି ଅଧିକାରୀ ସୌଭାଗ୍ୟ ପାଣିଙ୍କ ଠାରୁ ଦାୟିତ୍ୱ ଗ୍ରହଣ କରିଥିଲେ । ସୁବ୍ରତ କୁମାର ସାହୁ ପୂର୍ବରୁ କାମାକ୍ଷାନଗର ଥାନାରେ କାର୍ଯ୍ୟରତ ଥିଲେ । ସୁରପ୍ରତାପପୁର ଫାଣ୍ଡି ସମସ୍ତଙ୍କ ପାଇଁ ଆସ୍ଥାଭାଜନ ହେବା ସହ ସମସ୍ତ ଜନସାଧାରଣଙ୍କୁ ଉଚିତ ଓ ସମାନ ନ୍ୟାୟ ପ୍ରଦାନ କରାଯିବା ନେଇ ପ୍ରତିକ୍ରିୟାରେ କହିଥିଲେ ।

# ଜଗନ୍ନାଥ ମନ୍ଦିରରେ ଭୋଗ ମଣ୍ଡପ ଗୃହ ଉଦ୍‌ଘାଟିତ

ଟାଙ୍ଗୀ-ଚୌଦ୍ୱାର(ଭାସ୍କର ନ୍ୟୁଜ): ଚୌଦ୍ୱାର ପୌରପାଳିକାର ଚାରବାଟିଆ ହାଉସିଂବୋର୍ଡ଼ସ୍ଥିତ ଶ୍ରୀ ଜଗନ୍ନାଥ ମନ୍ଦିରରେ ନବ ନିର୍ମିତ ଭୋଗ ମଣ୍ଡପ ଗୃହ ସମୁହର ଉଦ୍‌ଘାଟନ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି । ଶ୍ରୀ ଜଗନ୍ନାଥ ମହାପ୍ରଭୁ ଟ୍ରଷ୍ଟର ମ୍ୟାନେଜିଙ୍ଗ ଟ୍ରଷ୍ଟି ତଥା ପୌର ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲଙ୍କ ପରିଚାଳନାରେ  ଅନୁଷ୍ଠିତ ଏହି ଉତ୍ସବରେ ଶ୍ରୀ ଜଗନ୍ନାଥ ସଂସ୍କୃତି ଓ ମହିମା ଆନ୍ତରାଷ୍ଟ୍ରୀୟ ପ୍ରଚାରକ ବାବା ସତ୍ୟାନନ୍ଦ ଦାସ ମହାରାଜ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଟ୍ରଷ୍ଟ ତରଫରୁ ନିର୍ମାଣ ହୋଇଥିବା ଜଗନ୍ନାଥ ମହାପ୍ରଭୁଙ୍କ ଭୋଗ ମଣ୍ଡପ (୧୦ଟି ନୂତନ ଗୃହ)ର ଶୁଭ ଉଦ୍‌ଘାଟନ କରିବା ସହିତ ଉପସ୍ଥିତ ଜଗନ୍ନାଥପ୍ରେମୀ ମାନଙ୍କୁ ଜଗନ୍ନାଥ ସଂସ୍କୃତି ସମ୍ପର୍କିତ ଆଶୀର୍ବଚନ  ପ୍ରଦାନ କରିଥିଲେ । ପୁର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ଅନ୍ୟତମ ଅତିଥି ଭାବେ ଯୋଗଦେଇ ଟ୍ରଷ୍ଟର ଏଭଳି କାର୍ଯ୍ୟକ୍ରମକୁ ପ୍ରସଂଶା କରି ଶ୍ରଜଗନ୍ନାଥଙ୍କ ସମିସ୍ତ କାର୍ଯ୍ୟକ୍ରମରେ ପୂର୍ବବତ୍ ସହଯୋଗ ଜାରୀ ରହିବ ବୋଲି ପ୍ରକାଶ କରିଥିଲେ । ଜଗନ୍ନାଥ ଭକ୍ତ ସମାଜର ସନ୍ତୋଷ କୁମାର ଧର, ଶରତ ଚନ୍ଦ୍ର ଖୁଣ୍ଟିଆ, ମୀନକେତନ ପଣ୍ଡା, ବୈଷ୍ଣବ ପ୍ରଧାନ,ବିମଲ କୁମାର ବେଉରା, ସ୍ୱାଧୀନ ଦାସ,ଗୌରାଙ୍ଗ ଦାସ, ଅଜୟ ସ୍ୱାଇଁ, ରଞ୍ଜନ ବାରିକ୍, ଚାରଣ ଗୋଷ୍ଠୀ ପ୍ରତିନିଧି ସରୋଜିନୀ ନାୟକଙ୍କ ସମେତ ସ୍ଥାନୀୟ ବହୁ ଜନସାଧାରଣ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

# ଜୟଗୁରୁ ଆଶ୍ରମ-ମୁସଲିମ୍ ବସ୍ତି ରାସ୍ତାବସ୍ଥା ବେହାଲ, ଯାତାୟାତ ବାଧାପ୍ରାପ୍ତ



ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ା ଏନ୍‌ଏସିରେ ରାସ୍ତା ଅବସ୍ଥା ବେହାଲ ହୋଇପଡ଼ିଥିବା ବେଳେ ଏହି ରାସ୍ତାଟି ନ୍ୟାୟାଳୟକୁ ସଂଯୋଗ କରିଅଛି । ଯାହାଦ୍ୱାରା ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ପ୍ରତ୍ୟେକ ଦିନ ଛୋଟବଡ଼ ଦୁର୍ଘଟଣା ଘଟୁଛି । ପଞ୍ଚାୟତରେ ଏପରି ରାସ୍ତା ନଥିବା ବେଳେ ପରିଷଦ ଅଞ୍ଚଳରେ ଏପରି ରାସ୍ତାକୁ ଦେଖି ଲୋକମାନେ ହସୁଛନ୍ତି । ନିମାପଡ଼ା ସାରା କାଦୁଅ ପଚ ପଚ ହେଉଥିବା ବେଳେ ପରିଷଦର ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ପ୍ରତ୍ୟେକ ବର୍ଷ ରାସ୍ତା ନିର୍ମାଣ ନାମରେ ବ୍ୟାପକ ଅର୍ଥ ବାଟ ମାରଣା ହେଉଥିବା ବେଳେ ମୁଖ୍ୟ ରାସ୍ତାର ଏପରି ଅବସ୍ଥା କହିଲେ ନ ସରେ । ମିଳିଥିବା ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ନିମାପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦ ଜୟଗୁରୁ ଆଶ୍ରମ ଠାରୁ ମୁସଲିମ୍ ବସ୍ତିକୁ ସଂଯୋଗ କରୁଥିବା ପଶ୍ଚିମ ପଟ ନାଳବନ୍ଧ ରାସ୍ତା ଖାଲଖମାରେ ପରିପୂର୍ଣ୍ଣ ହୋଇପଡ଼ିଛି । ସାଧାରଣ ଲୋକମାନେ ଏହି ରାସ୍ତା ଦେଇ ଯାତାୟାତ କରିପାରୁ ନାହାନ୍ତି । ବାରମ୍ବାର ଅଭିଯୋଗ ପରେ ପ୍ରଶାସନ ପକ୍ଷରୁ ଡ଼ଷ୍ଟ ନାମରେ କଳା ମାଟି ରାସ୍ତାରେ ପଡ଼ିବା ଦ୍ୱାରା ରାସ୍ତା ଅବସ୍ଥାକୁ ଆହୁରି ବେହାଲ କରିଛି । ଏହି ରାସ୍ତା କୋର୍ଟକୁ ସଂଯୋଗ ହୋଇଥିବା ବେଳେ ନିମାପଡ଼ା କଲେଜକୁ ମଧ୍ୟ ସଂଯୋଗ ହୋଇଛି । ନାଳବନ୍ଧର ଏହି ପ୍ରମୁଖ ରାସ୍ତାଟି ଦୀର୍ଘଦିନ ହେବ ଏପରି ପଡ଼ିଥିବା ବେଳେ ପ୍ରଶାସନର ନିଦ ଭାଙ୍ଗୁ ନାହିଁ । ଆବଶ୍ୟକ ନଥିବା ସ୍ଥାନରେ ଡ଼ଷ୍ଟ ମୋରମ ପକାଇ ମାତ୍ରାଧିକ ଅର୍ଥ ବିଲ୍ କରାଯାଉଛି । ମାତ୍ର ପ୍ରମୁଖ ରାସ୍ତା କଥାକୁ ବିଭାଗୀୟ ଅଧିକାରୀ ଭୁଲି ଯାଉଛନ୍ତି । ଯାହାଦ୍ୱାରା ନିମାପଡ଼ାରେ ବିକାଶ ନାମରେ ବିନାଶ ହେବାକୁ ଯାଉଛି । ଅଧିକାରୀଙ୍କ ମନୋମୁଖୀ କାର୍ଯ୍ୟ ଯୋଗୁ ଲୋକମାନେ ଦୁର୍ଦ୍ଦଶା ଭୋଗୁଛନ୍ତି । କେବେ ପ୍ରଶାସନ ଏହି ରାସ୍ତା ପ୍ରତି ଦୃଷ୍ଟି ଦେବ ତାହାକୁ ନିମାପଡ଼ାର ଜନସାଧାରଣ ଅନାଇ ବସିଛନ୍ତି ।

# ମାଟି ମାଫିଆଙ୍କ ନାଲି ଆଖି, ଅଭିଯୋଗ କଲେ ମିଳୁଛି ଧମକ

ବାଙ୍କୀ/ବୈଦେଶ୍ୱର(ଭାସ୍କର ନ୍ୟୁଜ): ଏବେ ଦିନକୁ ଦିନ ବଢ଼ି ଚାଲିଛି ବାଙ୍କୀ ତହସିଲ ଅଧୀନରେ ରହିଥିବା ଅନେକ ଖଣି ଖାଦାନରେ ଖଣିମାଫିଆଙ୍କ ଦବଙ୍ଗଗିରି । ଚୋରିକୁ ବାରଣ କଲେ ମିଳୁଛି ଧମକ । ପୂର୍ବ ରୁ ଖଣିଜ ସଂପଦ ବିଭିନ୍ନ ସରକାର ପାହାଡ଼ ପର୍ବତରୁ ଲୁଟୁଥିଲେ ଏବେ ଏମାନଙ୍କ ଲୁଲୁପ ଦୃଷ୍ଟି ପଡିଛି ବହୁ ନିରୀହ ଲୋକଙ୍କ ଜମିବାଡ଼ି ଉପରେ । ଜମି ଅର୍ଥାତ ଜାଗା ମାଲିକ ଘରେ ରହୁନଥିବା ବେଳେ ମାଟି ତାଡି ଲୁଟ କରୁଛନ୍ତି ମାଫିଆ । ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ବାଙ୍କୀ କଳାପଥରର ଲେମ୍ବେରୀ ଅଂଚଳରେ । ନ୍ୟାୟ ପାଇଁ ଏବେ ବୈଦେଶ୍ୱର ଥାନାର ଦ୍ୱାରସ୍ଥ ହୋଇଛନ୍ତି ସ୍ଥାନୀୟ ଲେମ୍ବେରୀ ଗ୍ରାମର ଚଗଲା ଜୟ ସିଂ । ତାଙ୍କ ଅନୁପସ୍ଥିତିରେ ନ ଜଣାଇ ଜାଗାକୁ ତାଡି ଲୁଟି ଚାଲିଛନ୍ତି ମାଟି । ବିରୋଧ କଲେ ମିଳୁଛି ଜେସିବି ଚଢାଇ ମାରିଦେବାର ଧମକ ବୋଲି ଅଭିଯୋଗ କରିଛନ୍ତି ଚଗଲା ଜୟ ସିଂ । ସେ ମାଫିଆ ଜଣଙ୍କ କେଉଁ ଆଡୁ ଉଡି ଆସିନାହାନ୍ତି ସେ ସେହି ଅଞ୍ଚଳର କୁଖ୍ୟାତ ଖଣି ମାଫିଆ ଦାମୋଦର ପ୍ରଧାନ । ନ୍ୟାୟ ପାଇଁ ଜଗଲା ଜୟ ସିଂ ବୈଦେଶ୍ୱର ପୋଲିସ ସହିତ ବାଙ୍କୀ ତହସିଲଦାର ଅଶେଷ ସାହୁଙ୍କ ନିକଟରେ ହୋଇଛନ୍ତି ଫେରାଦ । କେଉଁ ଭଳି ସୁରକ୍ଷା ଓ ନ୍ୟାୟ ମିଳୁଛି ଅଭିଯୋଗକାରି ଚଗଲାଙ୍କୁ ତାହା ଦେଖିବାକୁ ବାକି ରହିଲା ।

# ମାଟିଆସାହି- ନନ୍ଦକନ୍ଦର୍ପ ରାସ୍ତା ମରଣଯନ୍ତା: ମରାମତି ଦାବି



ତିହିଡି(ଭାସ୍କର ନ୍ୟୁଜ): ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ବାହାବଳପୁର ପଞ୍ଚାୟତ ଅଧୀନ ମାଟିଆସାହି-ନନ୍ଦକନ୍ଦର୍ପ ଗ୍ରାମ ଉନ୍ନୟନ ବିଭାଗ ରାସ୍ତା ମରଣଯନ୍ତା ପାଲଟିଛି । ଯାହାଫଳରେ ଲୋକମାନେ ଯାତାୟତରେ ନାହିଁ ନଥିବା ଦୁର୍ଦ୍ଦଶା ଭୋଗୁଛନ୍ତି । ଏହି ରାସ୍ତାଟି ମନ୍ତେଇ ନଦୀ ନିକଟ ମାଟିଆସାହିରୁ ନନ୍ଦକନ୍ଦର୍ପ ପର୍ଯ୍ୟନ୍ତ ୪କି.ମି. ରାସ୍ତା ଅଟେ । ଏହି ରାସ୍ତାରେ ପ୍ରତିଦିନ ବାହାବଳପୁର ପଞ୍ଚାୟତ ଲୋକଙ୍କ ସହିତ ବାସୁଦେବପୁର ବ୍ଲକର କେତକ ଗ୍ରାମର ଲୋକ ଯାତାୟତ କରିଥାନ୍ତି । ମନ୍ତେଇ ନଦୀ ଉପରେ ସେତୁ ନିର୍ମାଣ ପରେ ବହୁ ଲୋକ ଏହି ରାସ୍ତା ଦେଇ ବାସୁଦେବପୁର ଓ ଧାମରାକୁ ମଧ୍ୟ ବାଇକ୍ ଓ ୪ ଚକିଆ ଯାନରେ ଯାତାୟାତ କରନ୍ତି । ଏଥିସହିତ ବାହାବଳପୁର ପଞ୍ଚାୟତକୁ ମୁଖ୍ୟମନ୍ତ୍ରୀ ବସ୍‌ସେବାରେ ଚାଲୁଥିବା ବସ୍‌ରେ ମଧ୍ୟ ପଞ୍ଚାୟତର ବିଭିନ୍ନ ଗ୍ରାମକୁ ଲୋକମାନେ ଯାତାୟତ କରନ୍ତି । ରାସ୍ତାରେ ବିଭିନ୍ନ ସ୍ଥାନରେ ଖାଲଖମା ହୋଇ କୁତ୍ରିମ ପୋଖରୀ ସୃଷ୍ଟି ହୋଇଛି । ଯାହାଫଳରେ ଲୋକମାନେ ବାଇକ୍ ନେଇ ଯିବା ତ ଦୂରର କଥା ପାଦରେ ଚାଲି ଚାଲି ଯିବା କଷ୍ଟସାଧ ହୋଇପଡ଼ିଛି । ମୁଖ୍ୟମନ୍ତ୍ରୀ ବସ୍ ସେବା ଦୀର୍ଘଦିନ ହେବ ବନ୍ଦ ହୋଇ ଯାଇଥିବାରୁ ଲୋକମାନେ ବହୁ ହଇରାଣ ହେଉଛନ୍ତି । ରାସ୍ତାକୁ ତୁରନ୍ତ ମରାମତି କରିବା ପାଇଁ ପଞ୍ଚାୟତର ସମିତିସଭ୍ୟ ପ୍ରିୟବନ୍ଧୁ ମାଝୀ ଓ କଂଗ୍ରେସ ନେତା ବେଣୁଧର ଦାସ ଜିଲାପାଳଙ୍କୁ ଭେଟି ଦାବି ଜଣାଇଥିଲେ । ଜିଲାପାଳ ଦିଲ୍ଲିପ ରାଉତରାଏ ତୁରନ୍ତ ସମସ୍ୟାର ସମାଧାନ କରିବା ଦିଗରେ ପଦକ୍ଷେପ ନେବାକୁ ଗ୍ରାମ ଉନ୍ନୟନ ବିଭାଗ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାଯାଇଛି ।

# ପାଣିକୋଇଲିକୁ ଏନ୍‌ଏସି ମାନ୍ୟତା ପାଇଁ ମନ୍ତ୍ରୀଙ୍କୁ ଚିଠି ଲେଖିଲେ ବିଧାୟକ

କୋରେଇ(ଭାସ୍କର ନ୍ୟୁଜ): ପୂର୍ବ ସରକାରରେ ପାଣିକୋଇଲିକୁ ଏନଏସି ଘୋଷଣା କେବଳ ଏକ ଲଲିପପ୍ ଥିବା ବର୍ତ୍ତମାନର ସରକାରଙ୍କ ପାଖରେ ସେମିତି କିଛି କାଗଜ ପତ୍ର ଦାଖଲ ହୋଇନଥିବା ପ୍ରକାଶ କରିବା ପରେ ସାଧାରଣରେ ଜନ ଅସନ୍ତୋଷ ଦେଖଦେଇଥିଲା । କୋରେଇ ନିର୍ବାଚନ ମଣ୍ଡଳୀ ପାଣିକେ କୋଇଲିକୁ ଏନଏସି ଅନ୍ତର୍ଭୁକ୍ତ କରିବାକୁ କୋରେଇ ବିଧାୟକ ଆକାଶ ଦାସନାୟକ ଓଡ଼ିଶା ସରକାରଙ୍କ ଗୃହ ନିର୍ମାଣ ଓ ପୌର ଉନ୍ନୟନ ମନ୍ତ୍ରୀଙ୍କୁ ପତ୍ର ଦେଇଛନ୍ତି । ପୂର୍ବରୁ ପାଣିକୋଇଲି, ପଥରପଦା ଓ ଗୋଳେଇପୁରକୁ ନେଇ ୨୦ ହଜାରରୁ ଉର୍ଦ୍ଧ୍ୱ ଜନସଂଖ୍ୟା ବିଶିଷ୍ଟ ପାଣିକୋଇଲି ଏନଏସି ଘୋଷଣା କରାଇ ଇଥିଲା । ଏନଏସି ପାଇଁ ସମସ୍ତ ଭିତ୍ତିଭୂମି ଉପଲବ୍ଧ । ମାତ୍ର ଏବେର ସରକାର ୧୨ଟି ୧୨ ଏନ୍‌ଏସି ଘୋଷଣା କରିଥିବା ବେଳେ ପାଣିକୋଇଲି ସେଥିରୁ ବାଦ ପଡ଼ିଛି । ପାଣିକୋଇଲିକୁ ଏନ୍‌ଏସି ଘୋଷଣା କରିବାକୁ ରାଜ୍ୟ ସରକାରଙ୍କ ନିକଟରେ ବିଧାୟକ ଦାବି କରିଛନ୍ତି ।

# ସୁନାଚେନ ଲୁଟ୍ ଉଦ୍ୟମ, ଜଣେ ଗିରଫ



କାକଟପୁର(ଭାସ୍କର ନ୍ୟୁଜ): ଗତକାଲି ସନ୍ଧ୍ୟା ସମୟରେ କାକଟପୁର ଥାନା ଅଧିନସ୍ଥ ବିଭୁତିପୁର ଗ୍ରାମର ନଳିନୀ ଚାନ୍ଦ ଦାଣ୍ଡ ଓଳାଉଥିବା ସମୟରେ ୨ ଜଣ ଦୁର୍ବୃତ୍ତ ହେଲମେଟ ପିନ୍ଧି ନଳିନୀଙ୍କୁ କାକଟପୁର ଯିବାପାଇଁ ବାଟ ପଚାରୁଥିବା ସମୟରେ ସେ ଅନ୍ୟମନସ୍କ ଥିବା ଦେଖି ତାଙ୍କ ବେକରୁ ଏକ ପନ୍ଦର ଗ୍ରାମର ସୁନା ଚେନକୁ ଛିଣ୍ଡାଇବାକୁ ଉଦ୍ୟମ କରୁଥିବା ସମୟରେ ନଳିନୀ ପାଟି କରିବାରୁ ଗ୍ରାମବାସୀମାନେ ଆସି ପହଞ୍ଚିବା ଜାଣି ଲୁଟେରା ମାନେ ଖସି ଯିବା ସମୟରେ ତାଙ୍କର ଏକ ମୋବାଇଲ ପଡିଯାଇଥିଲା । ନଳିନୀ କାକଟପୁର ଥାନାରେ ଲିଖିତ ଅଭିଯୋଗ କରିବାପରେ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଲୁଟେରାଙ୍କ ମୋବାଇଲ ଫୋନ ଉଦ୍ଧାର କରି ତଦନ୍ତ କରିବା ପରେ ଗୋପ ଅଞ୍ଚଳର ରମଜାନ ଖାଁ (ଡୁବୁଲୁ)କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଚଢ଼ାଉରେ କାକଟପୁର ଥାନା ଅଧିକାରୀ ବସନ୍ତ କୁମାର ସାହୁଙ୍କ ନିର୍ଦ୍ଦେଶ କ୍ରମେ ଏସଆଇ ପ୍ରିୟଦର୍ଶିନୀ ବରାଳ, ଏଏସଆଇ ପ୍ରମୋଦ ସେଠୀ, କନେଷ୍ଟବଳ ବବୁବାହାନ ମହାନ୍ତି ପ୍ରମୁଖ ସାମିଲ ଥିଲେ । ଏ ସଂକ୍ରାନ୍ତରେ ଥାନା କେଶ ନମ୍ବର ୨୪୨/୨୫ରେ ଏକ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଚାଲୁ ରହିଛି ବୋଲି ତଦନ୍ତକାରୀ ଅଧିକାରିଣୀ ଏସଆଇ ପ୍ରିୟଦର୍ଶିନୀ ବରାଳ ସୂଚନା ଦେଇଛନ୍ତି । ଅଭିଯୁକ୍ତ ରମଜାନଙ୍କ ନାମରେ ଜିଲ୍ଲାର ବିଭିନ୍ନ ଥାନାରେ ଚୋରି, ଡକାୟତି ଓ ରାହାଜାନି ମାମଲା ରହିଛି ।

# ପୋଷ୍ଟ ଅଫିସ ଛକ-ଆଳିପିଙ୍ଗଳ ରାସ୍ତାବସ୍ଥା ଶୋଚନୀୟ



ଜଗତସିଂହପୁର(ଭାସ୍କର ନ୍ୟୁଜ): ଜଗତସିଂହପୁର ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଠାରୁ ମାତ୍ର ୨ ଶହ ମିଟରରେ ଥିବା ପୋଷ୍ଟ ଅଫିସ ଛକ ଠାରୁ ଆଳିପିଙ୍ଗଳ ପର୍ଯ୍ୟନ୍ତ ପୂର୍ତ୍ତ ବିଭାଗ ରାସ୍ତା ଦୁର୍ଗମ ହୋଇପଡିଛି । ଦୁର୍ଭାଗ୍ୟର ପ୍ରସଙ୍ଗ ଯେ ଜାତୀୟ ରାଜପଥ ୫୫କୁ ସଂଯୋଗ କରୁଥିବା ପୋଷ୍ଟ ଅଫିସ ଛକ ନିକଟରେ ଉକ୍ତ ରାସ୍ତା ଖାଲଖମାରେ ଭର୍ତ୍ତି ହୋଇଥିବାରୁ ଦୈନିକ ଛୋଟ ବଡ଼ ଦୁର୍ଘଟଣା ଘଟୁଛି । ବିଶେଷ କରି ଏହି ରାସ୍ତା ଉପରେ ଐତିହାସିକ ସୋମନାଥ ହାଟକୁ ମଙ୍ଗଳବାର ଓ ଶନିବାର ଦିନ ହଜାର ହଜାର ଲୋକ ଯାତାୟାତ କରିଥାନ୍ତି । ଏତଦଭିନ୍ନ ପୁରୀ ଓ କଟକ ଜିଲ୍ଲାକୁ ସଂଯୋଗ କରୁଥିବା ଆଳିପିଙ୍ଗଳ ପୋଷ୍ଟ ଅଫିସ ରାସ୍ତା ଉପରେ ବହୁ ଭାରିଯାନ, ବାଲି ବୋଝେଇ ଟ୍ରକ ଓ ଅନ୍ୟାନ୍ୟ ଗାଡି ଯାତାୟାତ କରିଥାନ୍ତି । ମାତ୍ର ପୋଷ୍ଟ ଅଫିସ ଛକ ଠାରୁ ଆଳିପିଙ୍ଗଳ ପର୍ଯ୍ୟନ୍ତ ମାତ୍ର ୬ କିଲୋମିଟର ରାସ୍ତା ମରାମତି ହୋଇପାରୁନାହିଁ । ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତା ଯୋଗୁଁ ଜନସାଧାରଣ ଅକଥନୀୟ ଯନ୍ତ୍ରଣା ଭୋଗ କରୁଛନ୍ତି । ଏଠାରେ ପ୍ରକାଶ ଥାଉ ଯେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରୁ ମାତ୍ର ୧୦୦ ମିଟର ଦୂରରେ ଥିବା ବ୍ୟସ୍ତବହୁଳ ପୋଷ୍ଟ ଅଫିସ ଛକ ଆଳିପିଙ୍ଗଳ ରାସ୍ତା ମରାମତି ନହେବାରୁ ଜନ ଅସନ୍ତୋଷ ବୃଦ୍ଧି ପାଉଛି । ସୂଚନା ଯୋଗ୍ୟ ଯେ ପୂର୍ତ୍ତ ବିଭାଗର ଏହି ରାସ୍ତା ଦେଇ ନେଉଟିଆ କିଆରୀ ହେଉଥିବାରୁ ବର୍ଷକୁ ୩ରୁ ୪ ଥର ନିମ୍ନ ମାନର ମରାମତି କାମ କରି ବିଭାଗୀୟ ଅଧିକାରୀ ମାନେ ମାଲାମାଲ ହେଉଥିବାର ଅଭିଯୋଗ ହେଉଛି । ତୁରନ୍ତ ପୋଷ୍ଟ ଅଫିସ ଛକ ଠାରୁ ଆଳିପିଙ୍ଗଳ ୬ କିଲୋମିଟର ରାସ୍ତା ମରାମତି ପାଇଁ ଦାବି ହେଉଛି ।

# ଚୌଦ୍ୱାରରେ ଶ୍ରୀ ଗଣେଶ ପୂଜା ଉତ୍ସବ

ଟାଙ୍ଗୀ-ଚୌଦ୍ୱାର(ଭାସ୍କର ନ୍ୟୁଜ): ଚୌଦ୍ୱାରରେ ଶ୍ରୀଗଣେଶଙ୍କ ପୂଜା ଉତ୍ସବ ଉତ୍ସାହ ଉଦ୍ଦିପନା ମଧ୍ୟରେ ଅନୁଷ୍ଠିତ ହୋଇଛି । ଅଞ୍ଚଳରେ ୧୦୦ରୁ ଉର୍ଦ୍ଧ ପୂଜା ମଣ୍ଡପ ଏବଂ ସମସ୍ତ ଶିକ୍ଷାନୁଷ୍ଠାନରେ ରୀତିନୀତିରେ ବିଘ୍ନ ବିନାଶକଙ୍କ ପୂଜା ସମ୍ପନ୍ନ କରାଯାଇଛି । ବିଭିନ୍ନ କ୍ଲବ୍ ଓ ଅନୁଷ୍ଠାନ ଗୁଡ଼ିକ ମଣ୍ଡପ ଗୁଡ଼ିକୁ ରଙ୍ଗୀନ ଆଲୋକମାଳାରେ ସଜ୍ଜିତ କରାଯାଇଛି । ଗଣେଶ ମୂର୍ତ୍ତି ସାଜସଜ୍ଜା ଦେଖିବା ପାଇଁ ସଂଧ୍ୟାରେ ମଣ୍ଡପରେ ଭିଡ଼ ଲାଗିଛି । ଚୌଦ୍ୱାର ବିରୁପା ବ୍ୟାରେଜରେ ବ୍ଲୁ ଡାଇମଣ୍ଡ କ୍ଲବ, ଚୌଦ୍ୱାର ବଡବଜାର ଆଜାଦ କ୍ଲବ, ୟୁନିଟ୍ କ୍ଲବ, ଯାତ୍ରା ପଡିଆ ସ୍ଥିତ ୟୁଥ୍ କ୍ଲବ, ବ୍ରାହ୍ମଣ ସାହି ସ୍ଥିତ ଗଣେଷ କ୍ଲବ ପକ୍ଷରୁ ବୁଢା ଗଣେଷ, ବେଉରା ସାହି ଯୋଗେଶ୍ୱର ପୁଜା କମିଟି ତରଫରୁ ନିର୍ମାଣ ହେଉଥିବା ଗଣେଷ ମୂର୍ତ୍ତି, ୧୭ନଂ ୱାର୍ଡ ନୁଆସାହିଏ-୧ଫ୍ରେଣ୍ଡସ କ୍ଲବ, ସାଇଶ୍ରୀ କ୍ଲବ, ହାଉସିଂବୋର୍ଡ଼ ବିରାଟେଶ୍ୱରୀ କ୍ଲବ୍, ଲେବର ଟେନାମେଣ୍ଟ ଯଯାତୀ କେଶରୀ କ୍ଲବ୍ ଓ ହାପି କ୍ଲବର ପୂଜା ମଣ୍ଡପରେ  ଲୋକମାନଙ୍କ ଭିଡ ଜମିଥିବା ଦେଖିବାକୁ ମିଳିଛି ।

# ଆର୍ଯ୍ୟ ସମାଜ ପକ୍ଷରୁ ନବମାତୃକା ପୂଜା

ଭୁବନେଶ୍ୱର, (ଭାସ୍କର ନ୍ୟୁଜ୍): ଆର୍ଯ୍ୟ ସମାଜ, ଓଡ଼ିଶା ପକ୍ଷରୁ ଆସନ୍ତା ନବରାତ୍ରର ପ୍ରଥମ ଦିବସ, ସେପ୍ଟେମ୍ବର ୨୨ ତାରିଖରେ ଚନ୍ଦ୍ରଶେଖରପୁର ୱାର୍ଡ଼ ନଂ-୯ ଶ୍ରୀଅରବିନ୍ଦ ନଗରସ୍ଥିତ ସ୍ୱାମୀ ବ୍ରହ୍ମାନନ୍ଦ ଭବନଠାରେ ନବମାତୃକା ପୂଜା ଅନୁଷ୍ଠିତ ହେବ ବୋଲି ଆର୍ଯ୍ୟ ସମାଜ, ଓଡ଼ିଶାର ଅଧ୍ୟକ୍ଷ ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର ଏକ ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି । ଏହି କାର୍ଯ୍ୟକ୍ରମର ସୁପରିଚାଳନା ପାଇଁ ମଙ୍ଗଳବାର ପୂର୍ବାହ୍ନରେ ଡଃ ଜ୍ଞାନେନ୍ଦ୍ରଙ୍କ ପୌରହିତ୍ୟରେ ଏକ ପ୍ରସ୍ତୁତି ବୈଠକ ସ୍ୱାମୀ ବ୍ରହ୍ମାନନ୍ଦ ଭବନଠାରେ ଅନୁଷ୍ଠିତ ହୋଇ ଯାଇଛି । ପୂର୍ବବର୍ଷ ମାନଙ୍କ ଭଳି ଚଳିତବର୍ଷ ସମାଜର ବିଭିନ୍ନ ବର୍ଗର ୯ଜଣ ମା'ଙ୍କୁ ପୂଜା କରାଯିବ । ଏହି ଉପଲକ୍ଷେ ବୈଦିକ ଯଜ୍ଞ, ମାତୃପୂଜା ଓ ବିଶିଷ୍ଟ ସନ୍ଥ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ, ବାବା ପ୍ରଣବାନନ୍ଦ ଦାସ ଓ ସିଦ୍ଧଗିରି ମଠର ମହନ୍ତ ବାବା ବିଶ୍ୱନାଥ ଦାସ ଆଶୀର୍ବଚନ ଦେବାର କାର୍ଯ୍ୟକ୍ରମ ରହିଛି । ସମସ୍ତ କାର୍ଯ୍ୟକ୍ରମକୁ ଉତ୍କଳ ଆର୍ଯ୍ୟ ପ୍ରତିନିଧି ସଭାର କାର୍ଯ୍ୟକାରୀ ଅଧ୍ୟକ୍ଷ ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା ପରିଚାଳନା କରିବେ ଓ ପଣ୍ଡିତ ବିନୋଦ ବିହାରୀ ଦାସ ସହଯୋଗ କରିବେ । ଏହି ଏକଦିବସୀୟ ମାତୃପୂଜା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ମହାନଗର ନିଗମର ମେୟର ଶ୍ରୀମତୀ ସୁଲୋଚନା ଦାସ ଯୋଗଦେବେ ଓ ସମ୍ମାନିତ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକ, ଭୁବନେଶ୍ୱର ଉ□ର ବିଧାୟକ ସୁଶାନ୍ତ କୁମାର ରାଉତ, ପର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନଗୋ, ପୂର୍ବତନ କୁଳପତି ପ୍ରଫେସର ଡଃ ପ୍ରଫୁଲ୍ଲ ମିଶ୍ର, ପ୍ରଫେସର ଡଃ ହରେକୃଷ୍ଣ ଶତପଥୀ, ବାଗ୍ମୀ ପ୍ରଦ୍ୟୁମ୍ନ କୁମାର ଶତପଥୀ, ପ୍ରଗତିବାଦୀର କାର୍ଯ୍ୟକାରୀ ସମ୍ପାଦକ ବିରୁପାକ୍ଷ ତ୍ରିପାଠୀ ଓ ପୁରୀ ଜିଲ୍ଲା ପରିଷଦର ପୂର୍ବତନ ଅଧ୍ୟକ୍ଷା ଶ୍ରୀମତୀ ମଞ୍ଜୁ ମହାନ୍ତି ଯୋଗଦେବା ପାଇଁ ସଦୟ ସ୍ୱୀକୃତି ପ୍ରଦାନ କରିଛନ୍ତି । ବିଶିଷ୍ଟ ବେଦବିତ୍ ଡଃ ଇଂ ପ୍ରିୟବ୍ରତ ଦାସ, ଇଂ ବ୍ରଜବନ୍ଧୁ ପଣ୍ଡା ଓ ଶନ୍ନୋଦେବୀ ମାତୃପୂଜାର ଉଦ୍ଦେଶ୍ୟ ଉପରେ ନିଜସ୍ୱ ମତ ସହ ଆଶୀର୍ବାଦ ପ୍ରଦାନ କରିବେ । ଡଃ ଜ୍ଞାନେନ୍ଦ୍ର ଆହୁରି କହିଛନ୍ତି ଯେ, ଏହି ମାତୃପୂଜା କାର୍ଯ୍ୟକ୍ରମରେ ୯ଜଣ ମା'ଙ୍କ ମଧ୍ୟରେ ଦୁଇଜଣ ପତିହରା ମା' ମଧ୍ୟ ଭାଗ ନେବେ । ସେମାନେ ହେଲେ କନକଲତା ବିଶ୍ୱାଳ ଓ ସବିତା ପ୍ରଧାନ । ଜୀବିତ ମା'ମାନଙ୍କୁ ପୂଜା ଦ୍ୱାରା ସମାଜକୁ ଏକ ସଂସ୍କାରର ବାର୍ତ୍ତା ଦେବା ଆର୍ଯ୍ୟ ସମାଜର ମୁଖ୍ୟ ଉଦ୍ଦେଶ୍ୟ । ମା' ସ୍ୱର୍ଣ୍ଣପ୍ରଭା ପଟ୍ଟନାୟକ, ପୁଷ୍ପରେଣୁ ଶତପଥୀ, ରାଜଶ୍ରୀ ମହାପାତ୍ର, ଆରତୀ ଜ୍ଞାନେନ୍ଦ୍ର, ସୁଲୋଚନା ପାଣିଗ୍ରାହୀ, ବିଚିତ୍ରା ରଥ, ବିଯୋତପ୍ରଜ୍ଞା ତ୍ରିପାଠୀଙ୍କୁ ଜାଭିୟର ଇଣ୍ଟରନ୍ୟାସନାଲ ସ୍କୁଲ୍‌ର ୯ଜଣ ଛାତ୍ରୀ ନବମାତୃକାଙ୍କୁ ପୂଜା ଆରଧନା କରିବାର କାର୍ଯ୍ୟକ୍ରମ ରହିଛି ।

# ରାସନ ସାମଗ୍ରୀ ପାଇବାରୁ ବଞ୍ଚିତ ଦିବ୍ୟାଙ୍ଗ ଛାତ୍ର



ନିଶ୍ଚିନ୍ତକୋଇଲି(ଭାସ୍କର ନ୍ୟୁଜ): ଦିବ୍ୟାଙ୍ଗ ମାନଙ୍କର ସର୍ବାଙ୍ଗୀନ ଉନ୍ନତି ଓ ସେମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ନିମନ୍ତେ ସରକାର ନା ନା ପ୍ରକାର କଲ୍ୟାଣକାରୀ ଯୋଜନା କାର୍ଯ୍ୟକାରୀ କରିଛନ୍ତି । ସରକାର ଦିବ୍ୟାଙ୍ଗ ମାନଙ୍କୁ ୩ଚକିଆ ଯାନ, ଶ୍ରବଣ ଯନ୍ତ୍ର, ଆଶାବାଡି, ଭତା ଓ ରାସନ ସାମଗ୍ରୀ ଯୋଗାଇ ଦେଉଛନ୍ତି । ଏଥିନିମନ୍ତେ ସରକାରୀ ରାଜକୋଷରୁ କୋଟି କୋଟି ଟଙ୍କା ବିନିଯୋଗ କରାଯାଉଛି । ଏପରିସ୍ଥଳେ ନିଶ୍ଚିନ୍ତକୋଇଲି ବ୍ଲକ ଯୋଗାଣ ବିଭାଗର ଦାୟୀତ୍ୱ ହୀନତା ଓ କର୍ତବ୍ୟରେ ଚରମ ଅବହେଳା କାରଣରୁ ଜଣେ ଦିବ୍ୟାଙ୍ଗ ଛାତ୍ର ରାସନ ସାମଗ୍ରୀ ପାଇବାରୁ ବଂଚିତ ହୋଇଥିବାର ଅଭିଯୋଗ ହୋଇଛି । ନିଶ୍ଚିନ୍ତକୋଇଲି ବ୍ଲକ କେନ୍ଦୁପାଟଣା ଗ୍ରାମପଂଚାୟତ ଖଣ୍ଡଗାଁ ର ରମେଶ ଚନ୍ଦ୍ର ମଳିକଙ୍କ ପୁତ୍ର ପ୍ରଜ୍ଞାନଜିତ ମଳିକ(୧୫) ସ୍ଥାନୀୟ କେନ୍ଦୁପାଟଣା ସରକାରୀ ଉଚ୍ଚ ବିଦ୍ୟାଳୟର ନବମ ଶ୍ରେଣୀରେ ଅଧ୍ୟୟନ କରନ୍ତି । ପ୍ରଜ୍ଞାନଜିତ ଜଣେ ଦିବ୍ୟାଙ୍ଗ ହୋଇଥିବାରୁ କଟକ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ତାଙ୍କୁ ୭୫% ଦିବ୍ୟାଙ୍ଗ ପ୍ରମାଣପତ୍ର ପ୍ରଦାନ କରିଛନ୍ତି । ରାଜ୍ୟ ସରକାରଙ୍କ ତରଫରୁ ପ୍ରଜ୍ଞାନଜିତଙ୍କୁ ମାସିକ ଦିବ୍ୟାଙ୍ଗ ଭତା ପ୍ରଦାନ କରାଯାଉଛି । ତାଙ୍କ ପରିବାରକୁ ସରକାରଙ୍କ ତରଫରୁ ଏକ ରାସନ କାର୍ଡ ପ୍ରଦାନ କରାଯାଇଥିଲା । ଏହି ରାସନ କାର୍ଡ ମାଧ୍ୟମରେ ଦୀର୍ଘ ଦିନ ଦରି ପ୍ରଜ୍ଞାନଜିତ ରାସନ ସାମଗ୍ରୀ ପାଇ ଆସୁଥିଲେ । ମାତ୍ର ନିଶ୍ଚିନ୍ତକୋଇଲି ବ୍ଲକ ଯୋଗାଣ ବିଭାଗ ତରଫରୁ ଚଂଚକତା କରାଯାଇ ପ୍ରଜ୍ଞାଜିତଙ୍କ ନାମରେ କୌଣସି ରାସନ ସାମଗ୍ରୀ ଦୀର୍ଘ ୫ବର୍ଷ ହେଲା ରହସ୍ୟ ଜନକ ଭାବେ ପ୍ରଦାନ କରାଯାଉନଥିବାର ଅଭିଯୋଗ ହୋଇଛି । ତାଙ୍କର ନାମରେ ରାସନ ସାମଗ୍ରୀ ଯୋଗାଇ ଦେବା ନିମନ୍ତେ ପିତା ରମେଶ ଚନ୍ଦ୍ର ମଳିକ ବାରମ୍ବାର ନିଶ୍ଚିନ୍ତକୋଇଲି ବ୍ଲକ ପ୍ରଶାସନ ନିକଟରେ ଲିଖିତ ଅଭିଯୋଗ ଓ ଦାବି କରିଥିଲେ ମଧ ତାଙ୍କର ଦାବି ପତ୍ର ପ୍ରଶାସନର ନାଲିଫାଇଲ ତଳେ ଚାପି ହୋଇ ରହିଯାଇଛି । ତାଙ୍କର ବାପାଙ୍କୁ ଯୋଗାଣ ବିଭାଗ ତରଫରୁ ବିଭିନ୍ନ ଆଳ ଦେଖାଇ ଚାଉଳ ଦିଆଯାଉନଥିବାର ଅଭିଯୋଗ ହୋଇଛି । ତେବେ ଜଣେ ଦିବ୍ୟାଙ୍ଗ ଛାତ୍ରକୁ ରାସନ ସାମଗ୍ରୀରୁ ବଂଚିତ କରାଯିବା ଦିବ୍ୟାଙ୍ଗ ପ୍ରତି ଏକ ଉପହାସ କହିଲେ ଅତ୍ୟୁକ୍ତି ହେବ ନାହିଁ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି । ପ୍ରଶାସନ ତରଫରୁ ତୁରନ୍ତ ଏଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ସାଧାରଣରେ ଦାବି ହୋଇଛି । ଏସମ୍ପର୍କରେ ଆମ ପ୍ରତିନିଧି ନିଶ୍ଚିନ୍ତକୋଇଲି ବ୍ଲକ ଯୋଗାଣ ଅଧିକାରୀ ଦେବୀ ପ୍ରସାଦ ଦାସଙ୍କୁ ପଚାରିବାରୁ ଖୁବ ଶୀଘ୍ର ତାଙ୍କୁ ରାସନ ସାମଗ୍ରୀ ପ୍ରଦାନ କରାଯିବା ନିମନ୍ତେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ମତବ୍ୟକ୍ତ କରିଥିଲେ ।




କେନ୍ଦୁଝର, (ଭାସ୍କର ନ୍ୟୁଜ୍) : ମଙ୍ଗଳବାର ଦିନ ଓଡିଶା ଗାନ୍ଧୀ ବିଚାର ପରିଷଦ ମନୋଜମଞ୍ଜରୀ ଶିଶୁଭବନ ଉଚ୍ଚ ବିଦ୍ୟାଳୟ ସୋମଗିରୀର ମିଳିତ ସହଯୋଗରେ ଉକ୍ତ ବିଦ୍ୟାଳୟ ପରିସରରେ ଗୋପ କଥା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଦୀପକ କୁମାର ଦାସ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ବିଦ୍ୟାଳୟର ଶତାଧିକ ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀ ଓ ଆଦିବାସୀ ସ୍ୱାସ୍ଥ୍ୟକେନ୍ଦ୍ର, ସୋମଗିରୀର ସ୍ୱାସ୍ଥ୍ୟସେବକ ସେବିକା ମାନେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଓଡିଶା ଗାନ୍ଧୀ ବିଚାର ପରିଷଦର ଅଧ୍ୟକ୍ଷ ଭକ୍ତବତ୍ସଳ ମହାନ୍ତି ଅତିଥି ଭାବରେ ଯୋଗଦେଇ ଉତ୍କଳମଣୀ ଗୋପବନ୍ଧୁ ଦାସଙ୍କ ବକୁଳବନର ବନବିଦ୍ୟାଳୟର ସ୍ୱାବଲମ୍ବନଶୀଳ ଶିକ୍ଷା ବିଷୟରେ ବୁଝାଇଥିଲେ। ଗୋପବନ୍ଧୁ ଦାସ ଜଣେ ଶିକ୍ଷା ଦାର୍ଶନିକ ଥିଲେ। ମହାତ୍ମାଗାନ୍ଧୀଙ୍କ ପ୍ରେରଣା ପଣ୍ଡିତ ଗୋପବନ୍ଧୁ ଦାସ ମୌଳିକ ଶିକ୍ଷାର ପ୍ରୟୋଗଶାଳା କରିଥିଲେ । ଜାତିଆଣ ଭାବର ପ୍ରବଳ ବିରୋଧ ସତ୍ତ୍ୱେ ସର୍ବଧର୍ମରେ ବିଶ୍ୱାସ କରୁଥିବା ଉତ୍କଳମଣୀ ଗୋପବନ୍ଧୁ ସବୁଜାତିର ପିଲାଙ୍କ ପଢିବାର ସୁଯୋଗ ସୃଷ୍ଟି କରିଥିଲେ। ଶିକ୍ଷା ସହିତ ଦେଶପ୍ରେମ,ସ୍ୱାବଲମ୍ବନଶୀଳ ଶିକ୍ଷା, ଦୁଃଖୀରଙ୍କୁ ସେବା କରିବା,ବନ୍ୟା ମରୁଡି ବେଳେ କ୍ଷତିଗ୍ରସ୍ତ ଲୋକଙ୍କ ସାହାଯ୍ୟ କରିବାର ଚେତନାର ବାର୍ତ୍ତା ଶିକ୍ଷା ମାଧ୍ୟମରେ ପ୍ରଦାନ କରୁଥିଲେ । ଚଉକି, ଟେବୁଲ ଆସବାବପତ୍ର ଇତ୍ୟାଦି ବଦଳରେ ସତ୍ୟବାଦୀ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଚଟାଣରେ ନଡିଆ ଓ ବରଡାପତ୍ରର ଚଟେଇ ପକାଇ ଶିକ୍ଷକଙ୍କ ସହ ବସି ବକୁଳବନର ପ୍ରାକୃତିକ ପରିବେଶରେ ଶିକ୍ଷାଲାଭ କରୁଥିଲେ । ଆମ ସୋମଗିରି ଉଚ୍ଚ ବିଦ୍ୟାଳୟ ପ୍ରାକୃତିକ ପରିବେଶରେ ଗଢି ଉଠିବା ଏକ ନିଆରା ଉଦାହରଣ ସୃଷ୍ଟି କରିବାକୁ ଆହ୍ୱାନ ଦେଇଥିଲେ । ବରିଷ୍ଠ ସ୍ୱାସ୍ଥ୍ୟସେବିକା ଜ୍ୟୋତ୍ସ୍ନାରାଣୀ ଚକ୍ରବର୍ତ୍ତୀ ଶିକ୍ଷାମାନଙ୍କ ମଧ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ ।

# ସ୍କୁଲ ନିକଟରେ ବିଷାକ୍ତ ପାଉଁଶ ପକାଇବାକୁ ଦୃଢ ବିରୋଧ



ବେଲପାହାଡ, (ଭାସ୍କର ନ୍ୟୁଜ୍ ): ଝାରସୁଗୁଡା ଜିଲ୍ଲା ବେଲପାହାଡ ପୌର ପରିଷଦ ଅନ୍ତର୍ଗତ ୱାର୍ଡ ନଂ ୧୭ କର୍ଲାଖମନ ୟୁପି ସ୍କୁଲ୍ ନିକଟ ରାସ୍ତା ପାର୍ଶ୍ୱରେ ଦୁର୍ବୃତ୍ତ ମାନେ କାରଖାନା ନିର୍ଗତ ବର୍ଜ୍ୟ ବିଷାକ୍ତ ପାଉଁଶ ପକେଇଦେଇଥିବା ଦୃଷ୍ଟିଗୋଚର ହୋଇଛି। ଏଥିପାଇଁ ରାସ୍ତାପାର୍ଶ୍ୱର ଏକାଧିକ ଗଛକୁ ଜେସିବି ମେସିନ୍ ସାହାଯ୍ୟରେ ଭଙ୍ଗାଯାଇ ସ୍ୱତନ୍ତ୍ର ସ୍ଥାନ କରାଯାଇଛି। ବିଗତ ଦିନେ ଦୁଇଦିନ ମଧ୍ୟରେ ବର୍ଷାରାତିର ସୁଯୋଗ ନେଇ ଦୁର୍ବୃତ୍ତ ମାନେ ଏପରି ଘଟଣା ଭିଆଇଥିବା ଅନୁମାନ କରାଯାଉଛି। ସ୍ଥାନୀୟ ଲୋକଙ୍କ ବିରୋଧ ଯୋଗୁଁ ଖବର ପାଇ ସୋମବାର ବେଲପାହାଡ ବନାଞ୍ଚଳ ରେଞ୍ଜର ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିବା ବେଳେ ଲଖନପୁର ତହସିଲଦାରଙ୍କୁ ଉକ୍ତ ଜମିର କିସମ ଯାଞ୍ଚ କରିବାକୁ ପତ୍ର ପ୍ରେରଣ କରିଥିବା ପ୍ରକାଶ କରିଛନ୍ତି। ଏଥିସହ ଘଟଣାସ୍ଥଳ ନିକଟ ମିଲନ୍ ଛକରେ ବେଲପାହାଡ ପୋଲିସ ଦ୍ୱାରା ଲଗାଯାଇଥିବା ସିସିଟିଭି ଫୁଟେଜ ଯାଞ୍ଚ କରି ଘଟଣାରେ ବ୍ୟବହୃତ ଟ୍ରକ୍ ଓ ଜେସିବି ମେସିନ୍ ସହ ଦୁର୍ବୃତ୍ତ ମାନଙ୍କୁ ଧରିବା ପାଇଁ ପ୍ରୟାସ ଆରମ୍ଭ କରିଥିବା ରେଞ୍ଜର ପ୍ରକାଶ କରିଛନ୍ତି। ପ୍ରକାଶଯୋଗ୍ୟ ଜିଲାର ପ୍ରତ୍ୟେକ ପାୱାର ପ୍ଲାଣ୍ଟ ତଥା କାରଖାନା ମାନଙ୍କରୁ ନିର୍ଗତ ବର୍ଜ୍ୟ ପାଉଁସ ପରିଚାଳନା ପାଇଁ ଉଦ୍ଦିଷ୍ଟ ବିଧିବ୍ୟବସ୍ଥା ପର୍ଯ୍ୟାପ୍ତ ନ ହେବାରୁ କାରଖାନା କର୍ତ୍ତୃପକ୍ଷ ଜିଲ୍ଲାର କିଛି ଅସାଧୁ ନ୍ୟସ୍ତ ସ୍ୱାର୍ଥ ବ୍ୟକ୍ତିଙ୍କ ଜରିୟାରେ ପାଉଁସ ପରିଚାଳନା ପାଇଁ ଗଳାବାଟ ଅବଲମ୍ବନ କରୁଥିବା ପରିଲିକ୍ଷିତ ହେଉଛି । କାରଖାନା ନିର୍ଗତ ବର୍ଜ୍ୟ ପାଉଁସ ଅସାଧୁ ପରିବହନ ସଂସ୍ଥାଙ୍କ ଦ୍ୱାରା ଜିଲ୍ଲାର ଏଣେ ତେଣେ ରାତ୍ରିର ସୁଯୋଗ ନେଇ ପକାଯିବା ଦ୍ୱାରା ଜିଲ୍ଲାରେ ବ୍ୟାପକ ପ୍ରଦୁଷଣ ବୃଦ୍ଧିପାଉଛି। ଜନସାଧାରଣ ଏଥିଯୋଗୁଁ ନାନା ପ୍ରକାର ବ୍ୟାଧିର ଶିକାର ହେଉଛନ୍ତି। ବର୍ଷାଜଳରେ ପ୍ରବାହିତ ହୋଇ ନଦି ନାଳରେ ମିଶି ଜିଲ୍ଲାର ପ୍ରତ୍ୟେକ ଜଳ ଉତ୍ସ ବ୍ୟାପକ ପ୍ରଦୁଷିତ ହେବାରେ ଲାଗିଛି। କେତେକ ସ୍ଥାନରେ କାରଖାନା ନିର୍ଗତ ବର୍ଜ୍ୟ ପାଉଁସ ଚାଷ ଜମିକୁ ମାଡି ଅଶିବା ଦ୍ୱାରା ଜମି ସବୁ ଉତ୍ପାଦନ କ୍ଷମତା ହରେଇ ବସିଲାଣି । ଜିଲ୍ଲାରେ ବ୍ୟାପକ ଶିଳ୍ପାୟନ ଧିରେଧିରେ ମଣିଷ ସମାଜ ପାଇଁ ଅଭିସପ୍ତ ସାବ୍ୟସ୍ତ ହେବା ଚିନ୍ତାର ବିଷୟ ହୋଇଛି। ଜିଲ୍ଲା ପ୍ରଦୂଷଣ ବିଭାଗ, ପ୍ରଶାସନ ଓ ସ୍ଥାନୀୟ ଜନପ୍ରତିନିଧିଙ୍କ ଏଥିପ୍ରତି ଉଦାସୀନତା ଜିଲ୍ଲାବାସୀଙ୍କ ପାଇଁ କାଳ ପାଲଟିଛି। ଏହା ବିରୁଦ୍ଧରେ ସମୟ ସମୟରେ ସ୍ୱର ଉତ୍ତୋଳନ କରୁଥିବା ବୁଦ୍ଧିଯିବି ମାନଙ୍କୁ ପ୍ରତ୍ୟେକ ମୁହୂର୍ତ୍ତରେ ଏମାନଙ୍କର ଆକ୍ରୋଶର ଶିକାର ହେବାକୁ ପଡୁଛି। ତେବେ ବେଲପାହାଡ କର୍ଲାଖମନ ସ୍କୁଲ ନିକଟରେ ପକାଯାଇଥିବା କାରଖାନା ନିର୍ଗତ ବର୍ଜ୍ୟ ପାଉଁଶ ଘଟଣାରେ ପ୍ରଶାସନ କିଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛ ତାହା ଦେଖିବାକୁ ବାକି ରହିଲା। ଅଞ୍ଚଳବାସୀ ଏହି ଘଟଣାରେ ସମ୍ପୃକ୍ତ ଦୋଷିଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି ଜଣାଇଛନ୍ତି ।

# ଲାୟନ୍ସ କ୍ଲବ୍ ଅଫ୍ ହିରାକୁଦ ପରିବାର ଓ ଲାୟନ୍ସ କ୍ଲବ୍ ଅଫ୍ ମହାନଦୀ ଗ୍ରୀନ୍‌ର ମିଳିତ ଅଧିଷ୍ଠାନ ଉତ୍ସବ




ହୀରାକୁଦ, (ଭାସ୍କର ନ୍ୟୁଜ) : ଗତ ୨୫ ତାରିଖରେ ଲାୟନ୍ସ କ୍ଲବ୍ ଅଫ୍ ମହାନଦୀ ଗ୍ରୀନ୍ ଓ ଲାୟନ୍ସ କ୍ଲବ୍ ଅଫ୍ ହିରାକୁଦ ପରିବାରଙ୍କର ମିଳିତ ସହଯୋଗରେ ହୋଟେଲ ପରଲ ଅରଚାର୍ଡ, ରେମେଡ୍ ଠାରେ ମିଳିତ ଅଧିଷ୍ଠାନ ଉତ୍ସବ ମହାସମାରୋହରେ ପାଳିତ ହୋଇ ଯାଇଛି । ଏହି ଇନ୍‌ଷ୍ଟଲେସନ୍ ସେରିମୋନୀକୁ ମୁଖ୍ୟ ଅତିଥି ଭାବରେ, ପିଡିଜି ଲାୟନ୍ ଦେବେନ୍ଦ୍ର କୁମାର ଲାଠ, ଇନ୍‌ଷ୍ଟଲିଂ ଅଫିସର, ପିଡିଜି ଲାୟନ୍ ବେଣୁମାଧବ ଡୋରା, ୨୦୨୫-୨୬ର ନୂତନ କର୍ମକର୍ତ୍ତା ମାନଙ୍କୁ ଶପଥ ପାଠ କରାଇଥିଲେ। ଆରସି ଲାୟନ୍ ବିକାଶ କୁମାର ଅଗ୍ରୱାଲ, ଜେଡ୍‌ସି ଲାୟନ୍ ସନ୍ତୋଷ କୁମାର ପାଲଙ୍କ ନିର୍ଦ୍ଦେଶନାରେ ପରିଚାଳନା କରାଯାଇଥିଲା। ଲାୟନାଷ୍ଟିକ୍ ୟିଅର ୨୦୨୫ -୨୬ ପାଇଁ, ଲାୟନ୍ସ କ୍ଲବ୍ ଅଫ୍ ମହାନଦୀ ଗ୍ରୀନ୍ ରୁ ନୂତନ ଭାବେ ନିର୍ବାଚିତ ପ୍ରେସିଡେଣ୍ଟ ଲାୟନ୍ ସରୋଜ କୁମାର ନାୟକ, ସେକ୍ରେଟାରି ଲାୟନ୍ ନେହେରୁ ଦୀପ ଓ କୋଷାଧ୍ୟକ୍ଷ ଲାୟନ୍ ତପନ କୁମାର ନାୟକ ଶପଥଗ୍ରହଣ କରିଥିଲେ ଓ ସେହିପରି, ଲାୟନ୍ସ କ୍ଲବ୍ ଅଫ୍ ହିରାକୁଦ ପରିବାର ପକ୍ଷରୁ ପ୍ରେସିଡେଣ୍ଟ ଲାୟନ୍ ରବୀନ୍ଦ୍ରନାଥ ସୁବୁଦ୍ଧି, ସେକ୍ରେଟାରୀ ଲାୟନ୍ ସେକ. ମନସୁର ଅଲି ଓ କୋଷାଧ୍ୟକ୍ଷ ଲାୟନ୍ ନିମାଇ ଚରଣ ପ୍ରଧାନ ତାଙ୍କ ଟିମ୍ ସହିତ ଶପଥଗ୍ରହଣ କରିଥିଲେ। ପାଶ୍ୱବର୍ତ୍ତୀ କ୍ଲବ୍ ଗୁଡ଼ିକର ପିଏସ୍‌ଟି ମାନଙ୍କ ଉପସ୍ଥିତି ଏହାକୁ ଆହୁରି ଗୌରବମୟ କରିଥିଲା। ଏହି କାର୍ଯ୍ୟକ୍ରମକୁ ଲାୟନ୍ ସରୋଜ କୁମାର ଆଚାର୍ଯ୍ୟ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଗେଷ୍ଟ ଅଫ୍ ଅନର୍ ଭାବରେ ହିନ୍ଦାଲକୋର କ୍ଲଷ୍ଟର୍ ହେଡ୍ ବିଘ୍ନେଶ୍ୱର ପଣ୍ଡା, ଆଡଭାଇଜର୍ (ସିଆର୍‌ସି) ସୁକାନ୍ତ କୁମାର ମହାପାତ୍ର, ହେଡ୍ ସିଆର୍‌ସି ଆନନ୍ଦ ଚକ୍ରବର୍ତ୍ତୀ ଯୋଗଦେଇଥିଲେ। କାର୍ଯ୍ୟକ୍ରମର ଶେଷରେ ଲାୟନ ନେହେରୁ ଦୀପ ଧନ୍ୟବାଦ ଅର୍ପଣ କରିଥିଲେ। ଲାୟନ୍ସ କ୍ଲବ ଅଫ ମହାନଦୀ ଗ୍ରୀନ୍ ଓ ହିରାକୁଦ ପରିବାର କ୍ଲବ୍‌ର ସମସ୍ତ ସଦସ୍ୟ କାର୍ଯ୍ୟକ୍ରମକୁ ହୃଦୟ ଖୋଲି ଉପଭୋଗ କରିଥିଲେ।

# ଗଣେଶ ଚତୁର୍ଥୀ ଓ ଇଦ୍ ମିଲାଦୁନ୍ ନବୀକୁ ନେଇ ଶାନ୍ତି କମିଟି ବୈଠକ



ରାଜଗାଙ୍ଗପୁର, (ଭାସ୍କର ନ୍ୟୁଜ୍) : ଆସନ୍ତା ଶ୍ରୀଶ୍ରୀ ଗଣେଶ ଚତୁର୍ଥୀ ଓ ଇଦ୍ ମିଲାଦୁନ୍ ନବୀ ଉତ୍ସବକୁ ନେଇ ରାଜଗାଙ୍ଗପୁରରେ ପ୍ରଶାସନ ପକ୍ଷରୁ ଏକ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ବିଜୁ କଲ୍ୟାଣ ମଣ୍ଡପ ସଭାଗୃହରେ ମଙ୍ଗଳବାର ସନ୍ଧ୍ୟା ୭ଟାରେ ଆୟୋଜିତ ଏହି ବୈଠକରେ ସମସ୍ତ ସମ୍ପ୍ରଦାୟର ପ୍ରତିନିଧି, ସାମାଜିକ ସଂଗଠନ, ପୂଜା କମିଟି, ପୋଲିସ ଏବଂ ପ୍ରଶାସନ ଅଧିକାରୀମାନେ ଉପସ୍ଥିତ ହୋଇଥିଲେ।ବୈଠକରେ ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ ରାୟ, ସୁନ୍ଦରଗଡ଼ ଏସ୍‌ପି ଅମୃତପାଲ କୌର, ବିଧାୟକ ଡ଼. ସିଏସ୍ ରାଜନ ଏକ୍କା, ଏସଡିପିଓ ବିଭୂତି ଭୂଷଣ ଭୋଇ, ଆଇସି ବିଜୟ କୁମାର ଦାସ, ପୌରପାଳିକା ଅଧ୍ୟକ୍ଷା ମାଧୁରୀ ଲୁଗୁନ୍, ଉପାଧ୍ୟକ୍ଷ ଏମଡି ଇରଫାନ, ତହସିଲଦାର ଜଗବନ୍ଧୁ ମଲ୍ଲିକ ଓ ବିଡିଓ ଅକ୍ଷୟ କୁମାର ବାଗ ସହିତ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ। ବୈଠକରେ ଶ୍ରୀଶ୍ରୀ ସାର୍ବଜନୀନ ଗଣେଶ ପୂଜା କମିଟିର ସଭାପତି ରମେଶ ଅଗ୍ରୱାଲ ପୂଜା ସମୟରେ କମିଟିମାନଙ୍କ ଆବଶ୍ୟକତା, ବିଭିନ୍ନ ସମସ୍ୟା ଓ ପ୍ରଶାସନୀକ ସହଯୋଗ ବିଷୟରେ ମତାମତ ରଖିଥିଲେ। ସେ ଗଣେଶ ଉତ୍ସବକୁ ମର୍ଯ୍ୟାଦାପୂର୍ଣ୍ଣ ଓ ଶୃଙ୍ଖଳାବଦ୍ଧ ଭାବରେ ପାଳନ କରିବାକୁ ସମସ୍ତଙ୍କୁ ଆହ୍ୱାନ କରିଥିଲେ। ଏସ୍‌ପି ଅମୃତପାଲ କୌର କହିଥିଲେ, 'ଉତ୍ସବ ସମୟରେ କୌଣସି ଆପତ୍ତିଜନକ ଗୀତ ବଜାଉନି, ବଜାରେ କେବଳ ଭକ୍ତିମୟ ସଙ୍ଗୀତ ବଜାଇବେ।' ସେ ସମସ୍ତଙ୍କୁ ଶାନ୍ତିପୂର୍ଣ୍ଣ ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ଭାବରେ ପର୍ବ ପାଳନ କରିବାକୁ ନିବେଦନ କରିଥିଲେ। ବୈଠକରେ ଆନନ୍ଦ ଅଗ୍ରୱାଲ, ଅମରେଶ ପଣ୍ଡା, କୁଲଦୀପ ସିଂହ, କମଳ ଅଗ୍ରୱାଲ, ରାଜେନ ସୋନି, ମୁସଲିମ ପଞ୍ଚାୟତ କମିଟିର ସଭାପତି ଏମଡି ଆରିଫ୍, ୱାର୍ଡ କାଉନସିଲର ଓ ସହରର ବିଶିଷ୍ଟ ବ୍ୟକ୍ତିମାନେ ସମେତ ଅନେକେ ଉପସ୍ଥିତ ରହିଥିଲେ।ପ୍ରଶାସନ ପକ୍ଷରୁ ସମସ୍ତଙ୍କୁ ନିବେଦନ – 'ପର୍ବକୁ ଆନନ୍ଦ, ଉତ୍ସାହ ଓ ସୌହାର୍ଦ୍ଦ୍ୟରେ ପାଳନ କରିବାକୁ।'

## ଗଣେଶ ପୂଜାରେ ଅଘଟଣ

# ତୃତୀୟ ଶ୍ରେଣୀ ଛାତ୍ର ଜଙ୍ଘରେ ଗଳିଗଲା ଫାଟକର ଲୁହା ରଡ଼



ଗୁଣପୁର(ଭାସ୍କର ନ୍ୟୁଜ): ରାୟଗଡା ଜିଲ୍ଲା ପୁରୁଣା ଗୁଣପୁର ଆଶ୍ରମ ବିଦ୍ୟାଳୟରେ ଏକ ଅଘଟଣ ଘଟି ଯାଇଛି । ବିଦ୍ୟାଳୟରେ ଗଣେଶ ପୂଜା ଚାଲିଥିବା ସମୟରେ ଜଣେ ତୃତୀୟ ଶ୍ରେଣୀ ଛାତ୍ରର ଜଙ୍ଘରେ ରୋଷେଇ ଘର ପଛପଟେ ଥିବା ଏକ ଫାଟକର ଲୁହା ରଡ଼ ଗଳି ଯାଇଥିଲା। ଗୁରୁତର ଆହାତ ଛାତ୍ର ଜଣକ ହେଲେ ଗିରିଧର ଶବର ଏବଂ ସେ ଉକ୍ତ ଆଶ୍ରମ ବିଦ୍ୟାଳୟର ତୃତୀୟ ଶ୍ରେଣୀର ଛାତ୍ର। ପୁରୁଣା ଗୁଣପୁର ଗ୍ରାମର ବୋଲି ଜଣା ପଡ଼ିଛି। ଛାତ୍ର ଜଣକ ଅଘଟଣର ଶିକାର ହେବା ସଙ୍ଗେ ବିଦ୍ୟାଳୟ କର୍ତ୍ତୃପକ୍ଷ ଗୁଣପୁର ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ ।ଗୁଣପୁର ଅଗ୍ନିଶମ ବିଭାଗ ଓ ସ୍ଥାନୀୟ ଉପଖଣ୍ଡ ଚିକିତ୍ସାଳୟର ଡ଼ାକ୍ତର ଦଳଙ୍କ ପ୍ରୟାସରେ ଗୁରୁତର ଛାତ୍ରକୁ ଉଦ୍ଧାର କରଯାଇ ଗୁଣପୁର ଉପଖଣ୍ଡ ଚିକିଛାଳୟରେ ଚିକିଛା ପାଇଁ ଭର୍ତ୍ତି କରାଯାଇଛି। ସୁଚାନଯୋଗ୍ୟ ଯେ, ବିଦ୍ୟାଳୟରେ ଗଣେଶ ପୁଜା ଚାଲିଥିବା ବେଳେ ଛାତ୍ର ଜଣକ କୌଣସି କାରଣ ବସତ ବିଦ୍ୟାଳୟର ପଛପଟେ ଥିବା ରୋଷେଇ ଘର ପଛ ପଟକୁ ଯାଇ ଏହି ଅଘଟଣ ଶିକାର ହୋଇଥିବା ଜଣାପଡିଛି। ଆହତ ଛାତ୍ର ଜଣକର ଚିକିଛା ଗୁଣପୁର ଉପଖଣ୍ଡ ଚିକିଛାଳୟରେ ଜାରି ରହିଥିବା ବେଳେ ବର୍ତ୍ତମାନ ସେ ସୁସ୍ଥ ରହିଥିବା ଗୁଣପୁର ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଗଙ୍ଗାଧର ବେହେରା ପ୍ରକାଶ କରିଛନ୍ତି। ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଦାୟୀତ୍ୱହିନତା ଯୋଗୁଁ ଏଭଳି ଅଘଟଣ ଘଟିଥିବା ଅଭିଭାବକ ମହଲରେ ତିବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିବା ବେଳେ ବିଭାଗୀୟ କର୍ତ୍ତୁପକ୍ଷ୍ୟ ଆଗକୁ କଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି ଦେଖିବାକୁ ବାକି ରହିଲା।



ଖୋର୍ଦ୍ଧା ଜିଲ୍ଲା ଚନ୍ଦନପୁର ଗାଁରେ ପୂଜା ପାଉଛନ୍ତି ପ୍ରଭୁ ଗଜାନନ

# ମା' ଶୁହାଣୀ ଦେବୀଙ୍କ ପୀଠରେ ପୂଜା ସମ୍ପନ୍ନ



ରେଢ଼ାଖୋଲ, (ଭାସ୍କର ନ୍ୟୁଜ) : ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ ବଂଶାଜାଲ ଗ୍ରାମ ନିକଟସ୍ଥ ଶୁହାଣୀ ପାହାଡ଼ରେ ମଙ୍ଗଳବାର ମା' ଶୁହାଣୀ ଦେବୀଙ୍କ ପୂଜା ରୀତିନୀତି ଅନୁଯାୟୀ ସମ୍ପନ୍ନ ହୋଇଛି। ଗଡ଼ଜାତ ସମୟରୁ ଆରମ୍ଭ ହୋଇଥିବା ପୂଜା ଗତ କିଛି ବର୍ଷ ହେବ ବଂଶାଜାଲ ଆଖପାଖ ଅଞ୍ଚଳର ଜନସାଧାରଣଙ୍କ ସହଯୋଗରେଅନୁଷ୍ଠିତ ହୋଇ ଆସୁଛି। ମଙ୍ଗଳବାର ସକାଳୁ ବଂଶାଜାଲ ଗ୍ରାମରେ ଥିବା ଉଷାକୋଠିରେ ପୂଜାର୍ଚ୍ଚନା କରାଯାଇ ଶତାଧିକ ଗ୍ରାମବାସୀ ଦେବାଦେବୀଙ୍କୁ ଏକ ଶୋଭାଯାତ୍ରାରେ ଶୁହାଣୀ ପାହାଡ଼ରେ ଥିବା ଦେବୀଙ୍କ ପୀଠକୁ ନେଇଥିଲେ। ମାଁ ଶୁହାଣୀ ପୀଠରେ ମାଁଙ୍କ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା। ମା'ଙ୍କ ପୂଜକ ପ୍ରବୀଣ ଦେହୁରୀ, ଯୁଧିଷ୍ଠିର ଦେହୁରୀ, ଗିରିଶ୍ଚନ୍ଦ୍ର ଦେହୁରୀ, ମନୁ ଦେହୁରୀ, ପ୍ରକାଶ ଦେହୁରୀ,ଟିନୁ ଦେହୁରୀ ପ୍ରମୁଖ ପୂଜାର୍ଚ୍ଚନା କରିଥିଲେ। ରାଜା ରାଜୁଡ଼ା ଅମଳରୁ ଗଣେଶ ଚତୁର୍ଥୀ ପରେ ପ୍ରଥମ ରବିବାର ରାଜବାଟି ସ୍ଥିତ ପଞ୍ଚଖଣ୍ଡାଙ୍କୁ ପୂଜା ପରେ ଅଞ୍ଚଳରେ ନୂଆଁଖାଇ ପର୍ବର ପ୍ରସ୍ତୁତି ଆରମ୍ଭ ହୁଏ। ପ୍ରଥମ ଦିନ ରେଢ଼ାଖୋଲ ରାଜବାଟିରେ ପଞ୍ଚଖଣ୍ଡା ଏବଂ ନୂଆମୁଣ୍ଡା ପୂଜା, ଦ୍ୱିତୀୟ ଦିନରେ ଖୁବେଲଗଡ଼ରେ ବାଉଡି ଦେବୀଙ୍କ ପୂଜା ଓ ତୃତୀୟ ଦିନରେ ଶୁହାଣୀ ଦେବୀଙ୍କୁ ପୂଜାର୍ଚ୍ଚନା ପରେ ରେଢ଼ାଖୋଲର ସମସ୍ତ ଅଞ୍ଚଳରେ ନୂଆଁଖାଇ ପର୍ବ ସମ୍ପନ୍ନ ହୋଇଥାଏ। ବଂଶାଜାଲ ଠାରେ ଆୟୋଜିତ ଶୁହାଣି ଦେବୀ ପୂଜାକୁ ବଂଶାଜାଲ ସରପଞ୍ଚ ଲୋକନାଥ ପ୍ରଧାନ, ସମିତି ସଭ୍ୟ ଦିଲ୍ଲିପ କୁମାର ପ୍ରଧାନ , ବଂଶାଜାଲ ସେବା ସମବାୟ ସମିତିର ପୂର୍ବତନ ସଭାପତି ଲକ୍ଷ୍ମଣ ପ୍ରଧାନ ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ଶ୍ରଦ୍ଧାଳୁ ଯୋଗ ଦେଇ ଥିଲେ।

# ବ୍ଲକସ୍ତରୀୟ ଭଲିବଲ ଓ କବାଡ଼ି ପ୍ରତିଯୋଗିତା



ବୋଲଗଡ଼, (ଭାସ୍କର ନ୍ୟୁଜ): ବୋଲଗଡ଼ ବ୍ଲକ ଅନ୍ତର୍ଗତ ସାଗରଗୁଆଁ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରବୀନ୍ଦ୍ର କୁମାର ବେହେରାଙ୍କ ପୌରହିତ୍ୟରେ ବ୍ଲକସ୍ତରୀୟ ଭଲିବଲ ଓ କବାଡ଼ି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରମୋଦ କୁମାର ସ୍ୱାଇଁ କ୍ରୀଡା ପତାକା ଉତ୍ତୋଳନ କରିଥିଲେ। ସମ୍ମାନିତ ଅତିଥି ରୂପେ ପ୍ରାକ୍ତନ ଶହ ଗୋଷ୍ଠୀ ଶିକ୍ଷା ଅଧିକାରୀ ପଦ୍ମଚରଣ ବେହେରା, ସେବା ନିବୃତ୍ତ କ୍ରୀଡା ଶିକ୍ଷକ ଜୟରାମ ଦାସ, ଗୋପାଳ ଚରଣ ମହାନ୍ତି, ବିଦ୍ୟାଳୟ ପରିଚାଳନା ପରିଷଦର ଅଧ୍ୟକ୍ଷ ଏସ ଏମ ସି ଅଂଶୁମାନ ବେହେରା, ଉପସଭାପତି ଗୋବିନ୍ଦ ଚନ୍ଦ୍ର ସାହୁ, ପଞ୍ଚସଖା ଶିକ୍ଷା ସେତୁ ସଂଗଠନର ସଭାପତି ବୈକୁଣ୍ଠ ଖୁଣ୍ଟିଆ ପ୍ରମୁଖ ଯୋଗଦାନ କରିଥିଲେ। ବୋଲଗଡ଼ ବ୍ଲକର ୨୮ଟି ହାଇସ୍କୁଲ, ୫ଟିକଲେଜ୍, ୬ଟି ମ.ଇ ସ୍କୁଲରୁ ୨୦୦ କ୍ରୀଡ଼ାପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାରେ ୪୮ଜଣପ୍ରତିଯୋଗୀ ବ୍ଲକସ୍ତରରୁ ଜିଲ୍ଲା ସ୍ତରକୁ ଚୟନ କରାଯାଇ ସେମାନଙ୍କୁ ପୁରସ୍କୃତ କରାଯାଇଥିଲା । ମଣ୍ଡଳ କ୍ରୀଡା ସମ୍ପାଦକ ଅଭିଷେକ ମହାନ୍ତି, ପୂର୍ବତନ ସଂପାଦକ ମାନସ କୁମାର ବେହେରା, ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ପ୍ରୀତମ କୁମାର ଦାଶ,ଶୁସାନ୍ତ କୁମାର ପାଇକରାୟ ଓ ଏଥି ସହିତ ସମସ୍ତ ଖେଳ ଶିକ୍ଷକ ଓ ଶିକ୍ଷୟିତ୍ରୀ ପରିଚାଳନା କରିଥିଲେ। ଶେଷରେ ବିଦ୍ୟାଳୟର ଶିକ୍ଷକ ରସାନନ୍ଦ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଲକ୍ଷାଧିକ ଟଙ୍କାର କାଠ ତିଆରି ଆସବାବପତ୍ର ଜବତ, ଦୁଇ ଗିରଫ

ରାଇଘର, (ଭାସ୍କର ନ୍ୟୁଜ୍) : ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଅନ୍ତର୍ଗତ ସୋନପୁର ଗ୍ରାମରେ ଗତକାଲି ବନ ବିଭାଗ ଦ୍ୱାରା ଛାନ୍‌ଭିନ୍ କରାଯାଇଥିଲା। ସେତେବେଳେ ଲକ୍ଷାଧିକ ଟଙ୍କାର ପଟା, କାଠରୁ ନିର୍ମିତ ଆସବାବ ଆଦି ଜବତ କରିଥିବା ବନ ବିଭାଗ ପକ୍ଷରୁ ସୂଚନା ମିଳିଛି। ତାସହ ଦୁଇଟା ମୋଟର ସାଇକେଲ, ଗୋଟିଏ ଭ୍ୟାନ୍ ଏବଂ ଦୁଇ ଜଣଙ୍କୁ ଗିରଫ କରିଛି ବନ ବିଭାଗ। ପ୍ରକାଶ ଥାଉ କି ଛତିଶଗଡ଼ ଜଙ୍ଗଲରୁ ଏହି କାଠ ଆସୁଥିବା ଜାଣିବା ପରେ ଗରିଆବନ୍ଧ ବନ ବିଭାଗ ଦ୍ୱାରା ସୋନପୁର ଗ୍ରାମରେ ଚଢ଼ାଉ କରିଥିଲେ। ଗତ ଜାନୁଆରୀ ମାସରେ ଲକ୍ଷ୍ୟ ଲକ୍ଷ୍ୟ ଟଙ୍କାର କାଠ ସାମଗ୍ରୀ ଜବତ ହୋଇଥିଲା। ଛତିଶଗଡ଼ର ଗରିଆବନ୍ଧ ଡିଏଫ୍‌ଓଙ୍କ ନିର୍ଦ୍ଦେଶ କ୍ରମେ ସୋନପୁର ଗ୍ରାମରେ ନବରଙ୍ଗପୁର ବନ ବିଭାଗ ଏବଂ ଛତିଶଗଡ଼ ବନ ବିଭାଗଙ୍କ ଉଦ୍ୟମରେ ସୋନପୁର ଗ୍ରାମରେ ଚଢ଼ାଉ କରାଯାଉଥିବା ସୂଚନା ମିଳିଛି। ଏହି ଛାନ୍‌ଭିନ୍‌ରେ ନବରଙ୍ଗପୁର ଜିଲ୍ଲାର ବନ ବିଭାଗ ଓ ଛତିଶଗଡ଼ ବନ ବିଭାଗ ସାମିଲ ହୋଇଛନ୍ତି। ଯାହା ଫଳରେ କିଛି ଦିନ ପାଇଁ ସ୍ଥାନୀୟ କାଠ ମାଫିଆ ମାନଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଥିଲା। ପୁଣି ସୋନପୁର ଗ୍ରାମରେ ବନ ବିଭାଗ ପକ୍ଷରୁ ଘର ଘର ବୁଲି ଛାନ୍‌ଭିନ୍ ପରେ ଭୟର ବାତାବରଣ ଦେଖିବାକୁ ମିଳିଛି।

# ଚାନ୍ଦବାଲିରୁ କନ୍ଧା ରାସ୍ତା ପାଲଟିଛି ମରଣଯନ୍ତା




ଚାନ୍ଦବାଲି, (ଭାସ୍କର ନ୍ୟୁଜ) : ଭଦ୍ରକ ଜିଲା ଚାନ୍ଦବାଲି ଏନ୍‌ଏସି ଅନ୍ତର୍ଗତ କାଳୀମନ୍ଦିର ଠାରୁ କନ୍ଧା ମୁଖ୍ୟ ରାସ୍ତା ଏବେ ମରଣାଯାନ୍ତା ପାଲଟିଛି। ରାସ୍ତା ଖରାପ ଯୋଗୁଁ ଅନେକ ସମୟରେ ଦୁର୍ଘଟଣା ଘଟି ଲୋକେ ଆହତ ସହ ମୃତ୍ୟୁବରଣ କରୁଛନ୍ତି। ହେଲେ ବିଭାଗୀୟ ଅଧିକାରୀ ଓ ନିଯୁକ୍ତଠିକା ସଂସ୍ଥା ସମ୍ପୂର୍ଣ ବେଫିକର ହୋଇ ଅଧା କାମ କରି ଛାଡିଦେଇଛି। ଉକ୍ତ ରାସ୍ତା ଉପରେ ଚାନ୍ଦବାଲି ଏନଏସି ସମେତ ଓରାସାହି, ବିଜୟନଗର, କାଣ୍ଡଗରଡି, ଚରଡିଆ ପଞ୍ଚାୟତର ଜନସାଧାରଣ ପାଇଁ ମେଡିକାଲ, ସ୍କୁଲ, କଲେଜ, ବ୍ଲକ, ତହସିଲ, କୋର୍ଟ ଚାନ୍ଦବାଲି ମୁଖ୍ୟ ବଜାରକୁ ଏହି ଗୋଟେ ରାସ୍ତା କ୍ଷ ତାହାସହ ଜାତୀୟ ଉଦ୍ୟାନ ଭିତରକନିକାକୁ ନଳିତାପଟିଆ ଘାଟ ଦେଇ ଟୁରିଷ୍ଟ ମାନେ ଯାତାୟାତ କରିଥାନ୍ତି। ବର୍ଷାଦିନେ ରାସ୍ତାରେ ଯାତାୟତ ସମ୍ପୂର୍ଣ ଠପ ହେଇପଡିବା ସହ ଯାତ୍ରୀମାନେ ରାସ୍ତା ତଳକୁ ଦୁର୍ଘଟଣାର ଶିକାର ହୋଇ ପଡିଯାଇଥିବାର ବହୁ ଅଭିଯୋଗ ଦାୟିନିକ ଆସୁଛି।୨୦୨୩ ମାର୍ଚ୍ଚରେ ବିଧାୟକ ବ୍ୟାମକେଶ ରାୟ ଏହି ରାସ୍ତା ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ପୂର୍ତ୍ତି ବିଭାଗ ଅଧୀନରେ ଥିବା ଏହି ୫ କିମି ରାସ୍ତା ପାଇଁ ୭କୋଟି ୪୦ ଲକ୍ଷ୍ୟ ଟଙ୍କା ବ୍ୟୟରେ ଟେଣ୍ଡର ହୋଇଥିଲା କ୍ଷ କିନ୍ତୁ ରାସ୍ତା କାମର ଅବଧି ସରିସାରିଲେଣି ହେଲେ ଏପର୍ଯ୍ୟନ୍ତ ୨୦ ପ୍ରତିଶତ କାମ ନହୋଇ ଓଲଟା ରାସ୍ତାକୁ ସମ୍ପୃକ୍ତ ଠିକା ସଂସ୍ଥା ଖୋଳି ପକାଇ ମରଣାଯାନ୍ତା କରିପକାଇଛି। ଏନେଇ ଅଞ୍ଚଳବାସୀ ବିଭାଗୀୟ ଅଧିକାରୀ ଓ ଜିଲ୍ଲାପାଳଙ୍କ ଜନଶୁଣାଣୀରେ ବାରମ୍ବାର ଅଭିଯୋଗ କରିଥିଲେ ସୁଦ୍ଧା ପ୍ରଶାସନ ପକ୍ଷରୁ କେବଳ ସାନ୍ତ୍ୱନା ଦେବା ସହ କିଛି ସୁଫଳ ମିଳୁନି। ଯଦି ତୁରନ୍ତ ରାସ୍ତା କାମ ମରାମତି ସହିତ ନିର୍ମାଣ କାର୍ଯ୍ୟ ଆରମ୍ଭ ନହେଲେ ଉକ୍ତ ଅଞ୍ଚଳ ବାସୀ ଭଦ୍ରକ ଚାନ୍ଦବାଲି ମୁଖ୍ୟ ରାସ୍ତା ଅବରୋଧ କରିବେ ବୋଲି ଚେତାବନୀ ଦେଇଛନ୍ତି ।

# ୧୩ରେ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ

ନବରଙ୍ଗପୁର,(ଭାସ୍କର ନ୍ୟୁଜ୍) : ରାଷ୍ଟ୍ରୀୟ ଆଇନ ସେବା ପ୍ରାଧିକରଣ ଏବଂ ଓଡିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ ନିର୍ଦ୍ଦେଶ କ୍ରମେ ଆସନ୍ତା ସେପ୍ଟେମ୍ବର ୧୩ ତାରିଖ ଶନିବାର ଦିନ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ୨୦୨୫ ଅନୁଷ୍ଠିତ ହେବାକୁ ଯାଉଛି। ଜିଲ୍ଲା ଆଇନ ସେବା ପ୍ରାଧିକରଣ, ନବରଙ୍ଗପୁର ତରଫରୁ ଏଥିପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଜିଲ୍ଲା ଦୌରାଜର୍ଜ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣ, ନବରଙ୍ଗପୁରର ଅଧ୍ୟକ୍ଷ ସୁବ୍ରତ ମହାନ୍ତିଙ୍କ ଆଦେଶ କ୍ରମେ ନବରଙ୍ଗପୁର, ଉମରକୋଟ, ରାଇଘର, ଚନ୍ଦାହାଣ୍ଡି ଓ ଝରିଗାଁରେ ଥିବା ବିଚାରାଳୟ ଗୁଡିକରେ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ୨୦୨୫ ଅନୁଷ୍ଠିତ ହେବାକୁ ଯାଉଛି। ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ପ୍ରାୟ ସମସ୍ତ ପ୍ରକାର ବିଚାରଧୀନ ମକଦ୍ଦମା ଯଥା- ଦେୱାନୀ, ଫୌଜଦାରୀ (ସାଲିସ ଯୋଗ୍ୟ), ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ, ବ୍ୟାଙ୍କ ଋଣ, ବିଦ୍ୟୁତ ଓ ଜଳଯୋଗାଣ, ପାରିବାରିକ, ଜମି ଅଧିଗ୍ରହଣ, ଶ୍ରମ ବିବାଦ, ଚେକ ବାଉନ୍ସ ଇତ୍ୟାଦି ମକଦ୍ଦମା ଅପୋଷ ସହମତିରେ ସହଜ, ଚୂଡାନ୍ତ ଏବଂ ଅମଳଯୋଗ୍ୟ ସମାଧାନ ହୋଇଥାଏ। ଏହି ଲୋକ ଅଦାଲତରେ କେବଳ ବିଚାରଧୀନ ମକଦ୍ଦମା ନୁହେଁ, ବରଂ ପ୍ରାକ- ମକଦ୍ଦମା ସ୍ତରୀୟ (ମକଦ୍ଦମାକୁ ଯିବା ପୂର୍ବରୁ) ବିବାଦ ଯଥା- ବ୍ୟାଙ୍କ ଋଣ ଦେୟ, ବିଜୁଳି/ଜଳଯୋଗାଣ ଦେୟ, ଚେକ ବାଉନ୍ସ ସମ୍ବନ୍ଧୀୟ ବିବାଦ, ଶ୍ରମବିବାଦ ଇତ୍ୟାଦିର ଅପୋକ୍ଷ ସହମତିରେ ସମାଧାନ ମଧ୍ୟ ହୋଇପାରିବ। ସବିଶେଷ ବିବରଣୀ ପାଇଁ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ନବରଙ୍ଗପୁର, ତାଲୁକ ଆଇନ ସେବା କମିଟି, ଉମରକୋଟ ଓ ଚାନ୍ଦାହାଣ୍ଡି ସହ ତୁରନ୍ତ ଯୋଗାଯୋଗ କରନ୍ତୁ ବୋଲି ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ସାଇ ଅଭିପ୍ସା ଗୋଛାୟତ ସୂଚନା ଦେଇଛନ୍ତି। ଯୋଗାଯୋଗ ନମ୍ବର. ୧୫୧୦୦/ ୦୬୮୫୮-୨୨୨୪୪୫/ ୦୬୮୫୮-୨୨୨୫୪୫.

# ସାଂସଦ ପ୍ରତିନିଧିଙ୍କ ପିତୃ ବିୟୋଗ

ଗୁଣପୁର (ଭାସ୍କର ନ୍ୟୁଜ): ଗୁଣପୁର ବ୍ରାହ୍ମଣ ସାହି ଚୈତନ୍ୟ ମନ୍ଦିରର ମାର୍ଫତଦାର, ଅବସରପ୍ରାପ୍ତ ଶିକ୍ଷକ ତଥା କରାପୁଟ ସାଂସଦ ପ୍ରତିନିଧି ତରଣୀ ଶତପଥିଙ୍କ ପିତା ନିଳକଣ୍ଠ ଶତପଥିଙ୍କ ୮୫ ବର୍ଷ ବୟସରେ ବୁଧବାର ଦିନ ସକାଳେ ତାଙ୍କ ପୁରୁଣା ପୋଷ୍ଟ ଅଫିସ ସାହି ବାସ ଭବନରେ ଦେହାନ୍ତ ହୋଇଯାଇଛି। କିଛିଦିନ ହେଲା ସେ ବାର୍ଦ୍ଧକ୍ୟ ଜନିତ କାରଣରୁ ଅସୁସ୍ଥତା ଯୋଗୁଁ ଚିକିତ୍ସିତ ହେଉଥିଲେ। ମୃତ୍ୟୁ ବେଳକୁ ତାଙ୍କର ତିନି ପୁତ୍ର ତରଣୀ,ତପନ ଓ ତନୟ ସହ ଦୁଇ ଝିଅ ଏବଂ ଧର୍ମପତ୍ନୀ ମୃତ୍ୟୁଶର୍ଯ୍ୟା ନିକଟରେ ଉପସ୍ଥିତ ଥିଲେ। ସାଂସଦ ପ୍ରତିନିଧିଙ୍କ ପିତୃ ବିୟଗ ଖବର ପାଇ କରାପୁଟ ସାଂସଦ ସପ୍ତଗିରୀ ଉଲ୍ଲକା, ଗୁଣପୁର ବିଧାୟକ ସତ୍ୟଜିତ ଗମାଙ୍ଗ, ରାୟଗଡା ବିଧାୟକ ଆପ୍ପଲସ୍ୱାମୀ କାଡ୍ରାକା, ଜୟପୁର ବିଧାୟକ ତାରାପ୍ରସାଦ ବାହିନିପତି, ପୂର୍ବତନ ରାୟଗଡା କଂଗ୍ରେସ ସଭାପତି ବିଜୟ ଗମାଙ୍ଗ, ଜିଆଇଇଟି ବିଶ୍ୱବିଦ୍ୟାଳୟ ଉପସଭାପତି ଡ ଚନ୍ଦ୍ରଧ୍ୱଜ ପଣ୍ଡା, ପୂର୍ବତନ ବିଧାୟକ ରଘୁନାଥ ଗମାଙ୍ଗଙ୍କ ସମେତ ବିଭିନ୍ନ ରାଜନୈତିକ ଦଳର କର୍ମକର୍ତ୍ତା ଶକ ପ୍ରକାଶ କରିବା ସହ ଅମର ଆତ୍ମାର ସଦଗତି କାମନା କରିଛନ୍ତି।

# ଶେରଗଡ଼ ବ୍ଲକ ପଞ୍ଚାୟତ ସମିତି ସାଧାରଣ ବୈଠକ

ଶେରଗଡ଼, (ଭାସ୍କର ନ୍ୟୁଜ) : ଗଞ୍ଜାମ ଜିଲ୍ଲା ଶେରଗଡ଼ ବ୍ଲକ ପରିସରରେ ଶେରଗଡ଼ ପଞ୍ଚାୟତ ସମିତି ସାଧାରଣ ବ୍ୟଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ଜିଲ୍ଲା ପରିଷଦ ନିଜର ବକ୍ତବ୍ୟ ରଖି ଥିବାବେଳେ, କିଭଳି ଭାବରେ ଏହାର ସମାଧାନ ହେବ ତାହା ନେଇ ଆଲୋଚନା କରାଯାଇଥିଲା। ଅନ୍ୟ ପଟେ ହିଞ୍ଜିଳି ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରତିନିଧି ତଥା ବିରୋଧି ଦଳ ନେତା ନବୀନ ପଟ୍ଟନାୟକ ପ୍ରତିନିଧି ଉପସ୍ଥିତ ଥିବାବେଳେ ଆସିକା ସାଂସଦ ଅନିତା ଶୁଭଦର୍ଶିନୀ ପଟ୍ଟନାୟକ ପ୍ରତିନିଧି ଭାବେ ଶିଶିର ମିଶ୍ର ଯୋଗ ଦେଇଥିଲେ। ନିଜ ନିର୍ବାଚନ ମଣ୍ଡଳୀର ବିକାଶକୁ ନେଇ ଗୁରୁତ୍ୱ ଦେଇ ଥିବାବେଳ ଶେରଗଡ଼ ପଞ୍ଚାୟତର କାର୍ଯ୍ୟାଳୟ ଏହାକୁ ନେଇ କିଛି ସମୟ ପାଇଁ ସରପଞ୍ଚ ସମିତି ସଭ୍ୟ ମାନେ ହୋ ହାଲ୍ଲା କରିବା ଦେଖିବାକୁ ମିଳିଥିଲା। କାହିଁକି ନା ଦୀର୍ଘ ଦିନ ସରକାର ରହି ମଧ୍ୟ କାହିଁକ ବିକାଶ ହୋଇ ପାରିଲା ନାହିଁ। ଅନ୍ୟ ପଟେ ବର୍ତ୍ତମାନର ନୂତନ ସରକାରର ଏକ ବର୍ଷ ପୂର୍ତ୍ତି ହୋଇଥିଲେ ମଧ୍ୟ କଣ କଣ କାମ ହୋଇଛି ତାହା ଆଲୋଚନା ହୋଇଥିଲା।



ଜଳେଶ୍ୱର(ଭାସ୍କର ନ୍ୟୁଜ୍) : ଆସନ୍ତା ୩୧ ଅଗଷ୍ଟରେ ରାଜ୍ୟବ୍ୟାପୀ ସ୍ୱାୟତ୍ତ ଶାସନ ଦିବସ ବିଭିନ୍ନ ବିଜ୍ଞାପିତ ଅଞ୍ଚଳ ପରିଷଦ, ପୌରପରିଷଦ ଓ ମହାନଗର ନିଗମ ଗୁଡିକରେ ପାଳିତ ହେବାକୁ ଥିବାବେଳେ ସପ୍ତାହବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଅଛି। ଏହି କାର୍ଯ୍ୟକ୍ରମ ଗତ ୨୫ ତାରିଖରୁ ୩୧ ତାରିଖ ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବା ବେଳେ ବୁଧବାର ପୂର୍ବାହ୍ନରେ ଆଇନତଃ ସଫେଇ ସୁରକ୍ଷା ସଫେଇ ଅଭିଯାନ ଅନୁଷ୍ଠିତ ହୋଇ ଯାଇଛି।ସୁରକ୍ଷିତ ସେପ୍ଟିକ୍ ଟ୍ୟାଙ୍କ ସଫେଇ ବାବଦରେ ଲୋକଙ୍କୁ ସଚେତନ କରାଯିବା ସହ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ତେବେ ଜଳେଶ୍ୱର ପୌରାଞ୍ଚଳର ବସଷ୍ଟାଣ୍ଡ ପାଖରୁ ବ୍ଲକ୍ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଓ ବଡ଼ବଜାର ଛକ ଠାରୁ ଜି.କେ ଭଟ୍ଟର ହସ୍ପିଟାଲ ପର୍ଯ୍ୟନ୍ତ ସାମୂହିକ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟନିର୍ବାହୀ ଅଧିକାରୀ ହେମନ୍ତ କୁମାର ସିଂ, ଗୋଷ୍ଠୀ ସଂଗଠିକା (ସିଓ) ଜ୍ୟୋସ୍ନାରାଣୀ ପତି, ବିଭିନ୍ନ ୱାର୍ଡର କାଉନସିଲର, ସହକାରୀ ଯନ୍ତ୍ରୀ ସୁଶିଲ କୁମାର ସିଂ, ଏମଆଇଏସ ବ୍ରଜଗୋପାଳ ଘୋଷ ମହାପାତ୍ର, କନିଷ୍ଠ ଯନ୍ତ୍ରୀ ଧରିତ୍ରୀ ସିଂ ତଥା ସମସ୍ତ ସ୍ୱଚ୍ଛ ସୁପରଭାଇଜର ସ୍ୱଚ୍ଛ ସାଥୀ ଓ ସ୍ୱଚ୍ଛକର୍ମୀ ଉପସ୍ଥିତ ରହି ସାମୂହିକ ସ୍ୱଚ୍ଛତା ଅଭିଯାନକୁ ସଫଳ କରିଥିଲେ।

## ଓଡିଶା ରାଜ୍ୟ ଶିଶୁ ସୁରକ୍ଷା ଆୟୋଗ ସଦସ୍ୟାଙ୍କ ସମୀକ୍ଷା ବୈଠକ

# 'ଶିଶୁ ଶ୍ରମିକ ମୁକ୍ତ ଓ ଅନାହାର ନରହିବାକୁ ପରାମର୍ଶ



ଭଦ୍ରକ(ଭାସ୍କର ନ୍ୟୁଜ୍): ଓଡିଶା ରାଜ୍ୟ ଶିଶୁ ସୁରକ୍ଷା ଆୟୋଗର ସଦସ୍ୟା ମନସ୍ମିତା ଖୁଣ୍ଟିଆ ଜିଲ୍ଲାକୁ ଦୁଇଦିନିଆ ଗସ୍ତରେ ଆସି ବିଭିନ୍ନ ଶିଶୁ ଅନୁଷ୍ଠାନ, ଅଙ୍ଗନୱାଡ଼ି କେନ୍ଦ୍ର, ମୁକ୍ତାଶ୍ରୟ କେନ୍ଦ୍ର, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଶିଶୁ ମାତୃ କକ୍ଷ ଇତ୍ୟାଦି ପରିଦର୍ଶନ କରିଥିଲେ। ପରେ ଜିଲ୍ଲା ସଦଭାବନା ସଭାଗୃହ ପରିସରରେ ଜିଲ୍ଲାପାଳ ଦିଲ୍ଲିପ ରାଉତ ରାଏଙ୍କ ପୌରୋହିତ୍ୟରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା ।ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁ, ଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷ ଡା.ଦେବରାଜ ପାଣିଗ୍ରାହୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତି, ଅତିରିକ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରିଣୀ, ଡିଏସ୍‌ପି ବିଶ୍ୱପତି ପଣ୍ଡା ସମେତ ଜିଲ୍ଲା ସ୍ତରର ଶିଶୁ ସୁରକ୍ଷା ସମ୍ପର୍କିତ ସମସ୍ତ ବିଭାଗୀୟ ଅଧିକାରୀ, ଶିଶୁ ମଙ୍ଗଳ ସମିତିର ସଦସ୍ୟ ସଦସ୍ୟା, କିଶୋର ନ୍ୟାୟ ପରିଷଦର ସଭ୍ୟ, ସଭ୍ୟା,ଶ୍ରମ ବିଭାଗ, ଶିକ୍ଷା ବିଭାଗ, ଶିଶୁ ଯତ୍ନ ଅନୁଷ୍ଠାନର କର୍ମକର୍ତ୍ତା, ଚାଇଲ୍ଡ଼ ଲାଇନ,ଶକ୍ତି ସଦନର କର୍ମକର୍ତ୍ତା , ମହିଳା ଓ ଶିଶୁ ବିକାଶ ବିଭାଗର ସମସ୍ତ ସିଡ଼ିପିଓ, ସୁପରଭାଇଜର, ମମତା,ପୋଷଣର କର୍ମକର୍ତ୍ତା ଯୋଗଦାନ କରିଥିଲେ। ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀମହାନ୍ତିଙ୍କ ପ୍ରାରମ୍ଭିକ ସୂଚନା ପରେ ଆୟୋଗର ସଦସ୍ୟା ଶ୍ରୀମତୀ ଖୁଣ୍ଟିଆ ଜିଲ୍ଲାସ୍ତରରେ ଥିବା ସମସ୍ତ ଶିଶୁ ଅନୁଷ୍ଠାନର ଶିଶୁ ମାନଙ୍କର ଶିକ୍ଷାର ଉନ୍ନତି ଓ ବିକାଶ ହେଲେ ସାଧାରଣ ଶିଶୁ ଭଳି ସମାସ୍କନ୍ଧ ହୋଇପାରିବେ ଏବଂ ମାନସିକ ସ୍ଥିତିକୁ ପରଖି ପରାମର୍ଶ ସେବା ଯୋଗାଇ ଦେବା ଉପରେ ଗୁରୁତ୍ୱାରୋପ କରିଥିଲେ । ସେହିପରି ଶିଶୁ ଶ୍ରମିକ ମୁକ୍ତ, ରାସ୍ତାକଡ଼ରେ ବୁଲୁଥିବା ଶିଶୁ ଯେପରି ଅନାହାରରେ ନ ରହିବେ ସେଥିପାଇଁ ଦୃଷ୍ଟିଦେବା ପାଇଁ କହିଥିଲେ। ତତ୍ ସହ ଶିକ୍ଷା ବିଭାଗରେ ଡ୍ରପଆଉଟ୍ ପିଲା,ପରିବହନ ବିଭାଗ ଶିଶୁମାନଙ୍କୁ ବିଦ୍ୟାଳୟ ଯିବା ଆସିବାରେ ବ୍ୟବହାର ଯୋଗ୍ୟ ଯାନକୁ ନିରୀକ୍ଷଣ କରିବା, ବାଲ୍ୟବିବାହ, ପୋକସୋ ପୀଡ଼ିତା ନାବାଳିକାକୁ ତ୍ୱରିତ ସହାୟତା,ସମସ୍ତ ଶିଶୁ ମାନଙ୍କୁ ଆଧାର ସଂଯୋଗୀକରଣ ବ୍ୟବସ୍ଥା ଉପରେ ପଦକ୍ଷେପ,ଶିଶୁ ମଙ୍ଗଳ ପୋଲିସ ଅଧିକାରୀ ଶିଶୁଙ୍କୁ ମିତ୍ର ବ୍ୟବହାର,ଶିଶୁ ମିତ୍ର ଥାନା ପ୍ରତିଷ୍ଠା ପାଇଁ ଉଦ୍ୟମ ଜାରି ରହିବା ସକାଶେ ବୈଠକରେ ଆଲୋକପାତ କରିଥିଲେ । ଏହି ବୈଠକରେ ଶିଶୁ ସୁରକ୍ଷା ୟୁନିଟର ଆନୁଷ୍ଠାନିକ ଅଧିକାରୀ ବିଶ୍ୱ ନାରାୟଣ ପଣ୍ଡା, ସାମାଜିକ କର୍ମୀ ସୁବ୍ରତ ଦାସ, ହିସାବ ରକ୍ଷକ ଧୀରେନ ବାରିକ୍, ବାହ୍ୟକର୍ମୀ ମହେଶ ଚନ୍ଦ୍ର ଦାଶ ଅଣଆନୁଷ୍ଠାନିକ ଅଧିକାରିଣୀ ସ୍ୱାଗତିକା ବାରିକ୍, ସାମାଜିକ କର୍ମୀ ଲକ୍ଷ୍ମୀପ୍ରିୟା ମଲିକ, ବାହ୍ୟକର୍ମୀ ଦମୟନ୍ତୀ ଦାଶ, ପରାମର୍ଶ ଦାତା କୁଳଦୀପ ଯେନା ଓ ଚାଇଲ୍ଡ଼ ଲାଇନର ପ୍ରକଳ୍ପ ସଂଯୋଜିକା ଶୁଭଶ୍ରୀ ପଡ଼ିହାରି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଅଧ୍ୟକ୍ଷ ଶ୍ରୀ ମହାନ୍ତି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ରଘୁନାଥ ଜୀୟୁ ମନ୍ଦିର ମ୍ୟାନେଜିଂ ଟ୍ରଷ୍ଟିଙ୍କୁ ମରଣାନ୍ତକ ଆକ୍ରମଣ ଘଟଣା

# ମୁଖ୍ୟ ଆସାମୀଙ୍କୁ ଆଜୀବନ କାରାଦଣ୍ଡ, ଜଣେ ନିର୍ଦ୍ଦୋଷରେ ଖଲାସ

ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ୍) : ନିଶ୍ଚିନ୍ତକୋଇଲି ବ୍ଲକ କେଣ୍ଡୋଳୋ ଗ୍ରାମପଞ୍ଚାୟତ ମଲ୍ଲିପୁରସ୍ଥିତ ପ୍ରସିଦ୍ଧ ଅସୁରେଶ୍ୱରର ଶ୍ରୀ ଶ୍ରୀ ରଘୁନାଥ ଜୀୟୁ ମନ୍ଦିର ପରିଚାଳନା କମିଟିର ମ୍ୟାନେଜିଂ ଟ୍ରଷ୍ଟି ପ୍ରକାଶ ସାହୁଙ୍କ ଉପରେ ହୋଇଥିବା ମରଣାନ୍ତକ ଆକ୍ରମଣ ଘଟଣାରେ ମୁଖ୍ୟ ଅଭିଯୁକ୍ତ କୁଲୁ ଓରଫ ପ୍ରଫୁଲ ବେହେରାଙ୍କୁ ସାଲେପୁର ଅତିରିକ୍ତ ଜିଲ୍ଲା ତଥା ଦୌରାଜ ଜଜ୍ ମାନ୍ୟବର ସରୋଜ କୁମାର ଦାଶ ଆଜୀବନ ସଜା ଶୁଣାଇଛନ୍ତି। ସାକ୍ଷୀପ୍ରମାଣ ଅଭାବରୁ ଅନ୍ୟତମ ଅଭିଯୁକ୍ତ କଇନ ଓରଫ କୈାଳାସ ଦାଶଙ୍କୁ ନିର୍ଦ୍ଦୋଶ ଖଲାସ କରିଛନ୍ତି। ତେବେ ସଜା ଶୁଣାଇବା ପରେ ସ୍ଥାନୀୟ ଅଂଚଳରେ ନ୍ୟାୟ ବ୍ୟବସ୍ଥା ଉପରେ ସାଧାରଣ ଲୋକେ ଆସ୍ଥା ପ୍ରକଟ କରିଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ ଗତ ୨୦୨୦ ମସିହା ଅଗଷ୍ଟ ୯ ତାରିଖ ପ୍ରାୟ ରାତି ୮ଟା ସମୟରେ ମଲ୍ଲିପୁର ଅସୁରେଶ୍ୱର ରଘୁନାଥ ମନ୍ଦିରର ମ୍ୟାନେଜିଂ ଟ୍ରଷ୍ଟି ପ୍ରକାଶ ଚନ୍ଦ୍ର ସାହୁ ମନ୍ଦିର କାର୍ଯ୍ୟ ସାରି ମାଳିଆଛକ ବଜାର ଦେଇ ନିଜ ଘରକୁ ଫେରୁଥିଲେ। ଯୋଜନାବଦ୍ଧଭାବେ ତାଙ୍କୁ ଜୀବନରୁ ମାରି ଦେବାକୁ ଷଡଯନ୍ତ୍ର ରଚାଯାଇଥିଲା। ସ୍ଥାନୀୟ ପାଟନାଳୀ ପୋଲ ନିକଟରେ ପୂର୍ବ ପ୍ରସ୍ତୁତ ଥିବା କୁଲୁ ଓରଫ ପ୍ରଫୁଲ୍ଲ ବେହେରା ଓ କଇନ ଓରଫ କୈଳାସ ଦାଶ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିବାର ଅଭିଯୋଗ ହୋଇଛି। ଶ୍ରୀ ସାହୁଙ୍କର ବେକ, ମୁଣ୍ଡ ଓ ଶରୀରର ବିଭିନ୍ନ ଅଂଶରେ ଗଭୀର କ୍ଷତ ହୋଇଥିଲା। ଏନେଇ ପ୍ରକାଶଙ୍କ ବଡ ଭାଇ ଅଧ୍ୟାପକ ପ୍ରତାପ କୁମାର ସାହୁ ନିଶ୍ଚିନ୍ତକୋଇଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତିକରି ନିଶ୍ଚିନ୍ତକୋଇଲି ଥାନା ପୋଲିସ କେଶ ନଂ୧୦୮/୨୦୨୦ରେ ଏକ ମାମଲା ରୁଜୁ କରିଥିଲେ। ପୋଲିସ ୨ଅଭିଯୁକ୍ତ ମଲ୍ଲିପୁର କେଂଟାଳର କଇନ ଓରଫ କୈଳାସ ଦାଶ ଓ କୁଲୁ ଓରଫ ପ୍ରଫୁଲ୍ଲ ବେହେରା ଗିରଫ କରି ସାଲେପୁର ଜେଏମଏଫସି କୋର୍ଟରେ ହାଜର କରିଥିଲେ। ସେମାନଙ୍କ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଶିଶୁଆ ଜେଲ ହାଜତକୁ ପଠାଇ ଦିଆଯାଇଥିଲା। ପରବର୍ତ୍ତୀ ସମୟରେ କଇନ ଓରଫ କୈଳାସ ଦାଶଙ୍କୁ ଅନ୍ତରୀଣ ଜାମିନ ମିଳିଥିଲାବେଳେ ପ୍ରଫୁଲ୍ଲ ଅଦ୍ୟାବଧି ବିଚାର ବିଭାଗ ହାଜତରେ ଥିଲେ। ଏହି ମାମଲା ଜେଏମଏଫସି କୋର୍ଟ ଜିଆର କେଶ ନଂ ୬୨୧/୨୦୨୦ ଓ ପରବର୍ତୀ ସମୟରେ ଅତିରିକ୍ତ ଜିଲ୍ଲା ଦୌରାଜର୍ଜଙ୍କ କୋର୍ଟ କେଶ ନଂ ଏସଟି ୧୪/୨୦୨୧ରେ ମାମଲା ଚାଲିଥିଲା। ଏହି ମାମଲାରେ ସରକାରଙ୍କ ପକ୍ଷରୁ ୧୯ଜଣ ସାକ୍ଷୀ ଓ ମୁଦାଲାଙ୍କ ପକ୍ଷରୁ ୫ଜଣ ସାକ୍ଷୀଙ୍କ ବୟାନ ନିଆଯାଇଥିଲା। ପୋଲିସ ତଦନ୍ତ ରିପୋର୍ଟ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ମଙ୍ଗଳବାର ସାଲେପୁର ଅତିରିକ୍ତ ଜିଲ୍ଲା ତଥା ଦୌରାଜଜ୍ ସରୋଜ କୁମାର ଦାଶ କୁଲୁ ଓରଫ ପ୍ରଫୁଲ୍ଲ ବେହେରାଙ୍କୁ ଆଜୀବନ ସଜା ଶୁଣାଇବା ସହ କୈଳାସକୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ସରକାରଙ୍କ ପକ୍ଷରୁ ବରିଷ୍ଠ ସରକାରୀ ଓକିଲ ରବିନ୍ଦ୍ର କୁମାର ପଣ୍ଡା ଓ ସହକାରୀ ଓକିଲ ଏମ ମହାମାୟା ମାମଲା ପରିଚାଳନା କରିଥିଲେ। ଅପରପକ୍ଷରେ କଇନ ଓରଫ କୈଳାସ ଦାଶଙ୍କ ପକ୍ଷରୁ ଆଇନଜୀବୀ ପ୍ରଦୀପ୍ତ କୁମାର ନନ୍ଦ ଓ କୁଲୁ ଓରଫ ପ୍ରଫୁଲକୁମାର ବେହେରାଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ବିକ୍ରମ କେଶରୀ ବଳ ମାମଲା ପରିଚାଳନା କରୁଥିବା ସରକାରୀ ଓକିଲ ଶ୍ରୀ ପଣ୍ଡା ସୂଚନା ଦେଇଥିଲେ।

## ଡକାୟତି ଉଦ୍ୟମ ପଣ୍ଡ

# ବନ୍ଧୁକ ସହ ଜୀବନ୍ତ ଗୁଳି ଜବତ





ଭଦ୍ରକ(ଭାସ୍କର ନ୍ୟୁଜ୍): ଭଦ୍ରକ ସହରରେ ଦିନକୁ ଦିନ ଅପରାଧ ବଢୁଥିବାବେଳେ ଅପରାଧୀମାନେ ଖୋଲାଖୋଲି ଭାବେ ପୋଲିସକୁ ଚ୍ୟାଲେଞ୍ଜ କରି ଘଟାଇ ଚାଲୁଛନ୍ତି ଗୋଟିଏ ପରେ ଗୋଟିଏ ଅପରାଧ ଓ ବିଭିନ୍ନ ସମୟରେ ପୋଲିସର ନିଷ୍କ୍ରିୟ କାର୍ଯ୍ୟକଳାପକୁ ନେଇ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ଆକ୍ସନ ମୁଡ଼ରେ ଭଦ୍ରକ ପୋଲିସ ଓ ସୂଚନା ଅନୁଯାଇ ଡକାୟତି ଉଦ୍ୟମ କରିବା ପାଇ କିଛି ଯୁବକ ଯୋଜନା କରୁଥିବାର ଖବର ପାଇ ସେମାନଙ୍କୁ ଠାବ କରିବାରେ ସକ୍ଷମ ହୋଇଥିଲା ଭଦ୍ରକ ପୋଲିସ ଓ ଠାବ କରିବା ସହ ସେମାନଙ୍କୁ କାବୁ କରିବାରେ ମଧ୍ୟ ସକ୍ଷମ ହୋଇଥିଲା ଭଦ୍ରକ ପୋଲିସ ଓ ତେବେ ୩ ଡକାୟତଙ୍କୁ କାବୁ କରିବା ସହ ସେମାଙ୍କ ପାଖରୁ ଗୋଟିଏ ପିସ୍ତଲ ଏବଂ ତିନୋଟି ଜୀବନ୍ତ ଗୁଳି ଜବତ କରିଥିଲା ଭଦ୍ରକ ସହରାଞ୍ଚଳ ପୋଲିସ ଓ ପରେ ସେମାନେ ପୋଲିସ ପାଖରୁ ଚମ୍ପଟ ମାରିବା ପାଇଁ ଉଦ୍ୟମ କରୁଥିବାବେଳେ ପୋଲିସ ସେମାନଙ୍କୁ ଭଦ୍ରକ ସହରର ବନ୍ତଛକର ଅନୁକୂଳ ଚନ୍ଦ୍ର ମନ୍ଦିର ନିକଟସ୍ଥ ଭାରତୀୟ ଷ୍ଟେଟ ବ୍ୟାଙ୍କ ଏଟିଏମ୍ ଘର ଭିତରେ ପୁରାଇ ଦେଇଥିଲେ ଓ ଏହି ସୁଯୋଗରେ ଡକାୟତ ମାନେ ସେହି ଏଟିଏମ୍ ବାକ୍ସ ପଛପଟେ ଏକ ନକଲି ବନ୍ଧୁକକୁ ଲୁଚାଇ ଦେଇଥିଲେ ଓ ପରବର୍ତ୍ତୀ ମୁହୂର୍ତ୍ତରେ ଜେରା କରିବା ପରେ ଆଉ ଏକ ବନ୍ଧୁକ ଲୁଟେରା ମାନଙ୍କ ପାଖରେ ଥିବାର ସୂଚନା ମିଳିଥିଲା ପୋଲିସକୁ ତେବେ ଆଜି ଉକ୍ତ ଏଟିଏମ୍ ବାକ୍ସ ପଛପଟେ ଆଉ ଏକ ବନ୍ଧୁକ (ନକଲି) ଡକାୟତ ମାନେ ଲୁଚାଇଥିବାର ସନ୍ଧାନ ପାଇ ତାକୁ ଏଟିଏମ୍ ରୁମରୁ ଜବତ କରିବାରେ ସକ୍ଷମ ହୋଇଛି ପୋଲିସ ଓ ତେବେ ଏହି ଡକାୟତ ମାନେ ବାଲେଶ୍ୱର ଜିଲ୍ଲାର ସୋର ଅଞ୍ଚଳର ବୋଲି ଜଣା ପଡ଼ିଥିବା ବେଳେ ସେମାନଙ୍କ ବିରୁଦ୍ଧରେ ପୂର୍ବରୁ ଗୁଳିକାଣ୍ଡ ଏବଂ ଲୁଟ, ଡକାୟତି ଭଳି ଅନେକ ମାମଲା ଥିବାର ଜଣାପଡିଛି।

## ସାର୍ ଦୋରାବଜୀ ଟାଟାଙ୍କ ଜୟନ୍ତୀ ପାଳିତ

ବ୍ୟାସନଗର(ଭାସ୍କର ନ୍ୟୁଜ୍): ଟାଟା ଷ୍ଟିଲ କଳିଙ୍ଗନଗର ପକ୍ଷରୁ ଯାଜପୁର ଜିଲ୍ଲା ଡୁବୁରିସ୍ଥିତ ପ୍ଲାଣ୍ଟରେ ବୁଧବାର ସାର୍ ଦୋରାବଜୀ ଟାଟାଙ୍କ ୧୬୬ତମ ଜୟନ୍ତୀ ସମାରୋହରେ ପାଳିତ ହୋଇଯାଇଛି। ଟାଟା ଷ୍ଟିଲ କଳିଙ୍ଗନଗରର ଟିଏସକେ ସେଣ୍ଟରରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସମାରୋହରେ ଟିଏସକେର ଜେନେରାଲ ମ୍ୟାନେଜର ଅପେରେସନ୍ସ କରମବୀର ସିଂ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଟାଟା ଷ୍ଟିଲ କଳିଙ୍ଗନଗର ୱାର୍କର୍ସ ୟୁନିୟନର ଅଧ୍ୟକ୍ଷ ରବୀନ୍ଦ୍ର କୁମାର ଜାମୁଦା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟାଟା ଷ୍ଟିଲ କଳିଙ୍ଗନଗରର ବରିଷ୍ଠ ଅଧିକାରୀ, ସଂଘ ପ୍ରତିନିଧି ଓ କର୍ମଚାରୀମାନେ ମଧ୍ୟ ଉପସ୍ଥିତ ଥିଲେ। ନୀଳାଚଳ ଇସ୍ପାତ ନିଗମ ଲିମିଟେଡ୍ (ଏନ୍‌ଆଇଏସ୍‌ଏଲ୍), ଫେରୋ ଆଲଏଜ୍ ପ୍ଲାଣ୍ଟ ବ୍ରହ୍ମଣୀପାଳ ଓ ଫେରୋ ଆଲଏଜ୍ ପ୍ଲାଣ୍ଟ ଯାଜପୁରରେ ମଧ୍ୟ ଶ୍ରଦ୍ଧାଞ୍ଜଳି ସମାରୋହରେ ଅନୁଷ୍ଠିତ ହୋଇଥିଲା। ଶ୍ରଦ୍ଧାଞ୍ଜଳି ସମାରୋହ ପରେ, ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ ଦ୍ୱାରା ଏକ ସ୍ୱେଚ୍ଛାସେବୀ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା ଯେଉଁଥିରେ କର୍ମଚାରୀମାନେ ସୁକିନ୍ଦା ବ୍ଲକର ଓଳିଆ ପଞ୍ଚାୟତ ଅନ୍ତର୍ଗତ ଧଉରାସାହି ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ସହିତ ଗଣେଶ ପୂଜା ପାଳନ କରିଥିଲେ ।


# ୩୯ ଗାଡ଼ିରୁ ଲକ୍ଷାଧିକ ଟଙ୍କା ଜରିମାନା ଆଦାୟ





ଭଦ୍ରକ, (ଭାସ୍କର ନ୍ୟୁଜ୍) : ଦୁର୍ଘଟଣା ରୋକିବାକୁ ଜିଲ୍ଲା ପ୍ରଶାସନ ଓ ପରିବହନ ବିଭାଗ ତରଫରୁ ଯେତେ ସଚେତନତା କରାଗଲେବି ସେ ସବୁକୁ ଅମାନିଆ ଗାଡି ଚାଳକମାନେ ଫୁ କରିଦେଉଛନ୍ତି। ଫଳରେ ଭଦ୍ରକ ଚାନ୍ଦବାଲି ରାଜ୍ୟ ରାଜପଥରେ ଦିନକୁ ଦିନ ଦୁର୍ଘଟଣା ଘଟିବାରେ ଲାଗୁଛି। ତେଣୁ ଏହାକୁ ରୋକିବାକୁ ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ ରାଉତ ରାୟଙ୍କ ନିର୍ଦ୍ଦେଶ କ୍ରମେ ମଙ୍ଗଳ ବାର ଏହି ରାଜ୍ୟ ରାଜପଥର ଇଚ୍ଛାପୁର ବାଲିବିଲି ଠାରେ ଗାଡି ଯାଞ୍ଚ କରାଯାଇଛି। ଏହି ଯାଞ୍ଚବେଳେ ୩୯ ଗୋଟି ଗାଡ଼ିରୁ ଏକ ଲକ୍ଷ ୬୯ ହଜାର ଟଙ୍କାର ଚାଲାଣ କଟାଯାଇଥିବା ଜଣାପଡିଛି। ଏହି ଯାଞ୍ଚ ସମୟରେ ଜିଲ୍ଲା ସଡ଼କ ସୁରକ୍ଷା ଅଧିକାରୀ ଅବଦୁଲ ରହିମ, ଟ୍ରାଫିକ ସବ୍ ଇନ୍ସପେକ୍ଟର ଶର୍ମିଷ୍ଠା ମିଶ୍ର, ଜୁନିଅର ଏମଭିଆଇ ପ୍ରିୟଙ୍କା ପ୍ରଧାନ,ଅତିରିକ୍ତ ଟ୍ରାଫିକ ଇନ୍ସପେକ୍ଟର ଶ୍ୟାମ ସୁନ୍ଦର ନାୟକଙ୍କ ସମେତ ପରିବହନ ବିଭାଗର ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ। ଆଗାମୀ ଦିନରେ ଏହି ଯାଞ୍ଚ ପ୍ରକ୍ରିୟା ଜୋରଦାର ହେବ ବୋଲି ବିଭାଗ ସୂତ୍ରରୁ ପ୍ରକାଶ।

# କେନାଲରେ ବୁଡ଼ି କାରିଗରଙ୍କ ମୃତ୍ୟୁ



ବାଲିଚନ୍ଦ୍ରପୁର,(ଭାସ୍କର ନ୍ୟୁଜ୍): ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ବାଲିଚନ୍ଦ୍ରପୁର ଗ୍ରାମର ଭିକାରି ମହାରଣା (୮୪) ପଟ୍ଟାମୁଣ୍ଡାଇ ଜଗତପୁର କେନାଲର ବାଲିଚନ୍ଦ୍ରପୁର ଠାରେ ଶୌଚ ହେବା ସମୟରେ ପାଣିରେ ବୁଡ଼ିଯାଇ ମୃତ୍ୟୁବରଣ କରିଛନ୍ତି। ବହୁ ଖୋଜାଖୋଜି ପରେ ଆତ୍ମିୟ ସ୍ୱଜନମାନେ ତାଙ୍କୁ ଚାରିନଙ୍ଗଳ ପଞ୍ଚାୟତ ଅନ୍ତର୍ଗତ ବାହାଦୁରନଗର ନିକଟ କେନାଲରୁ ଉଦ୍ଧାର କରିଥିଲେ ମଧ୍ୟ ସେତେବେଳକୁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ତାଙ୍କ ପରଲୋକଗତ ଖବର ମିଳିବା ପରେ ବାଲିଚନ୍ଦ୍ରପୁର ତଥା ଆଖପାଖ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିଲା। ସେ ଜଣେ କୁଶଳି କସଂପିତଳ କାରିଗର ଥିବା ବେଳେ ଏକ ଆଧ୍ୟାତ୍ମିକବାଦୀ ମିଷ୍ଟଭାଷି, ପରୋପକାରୀ ବ୍ୟକ୍ତିଥିଲେ। ସେ ବାଲିଚନ୍ଦ୍ରପୁର ଗ୍ରାମ ପଞ୍ଚାୟତ ବିଜୁ ଜନତା ଦଳ ସଭାପତି ଅନନ୍ତ ମହାରଣାଙ୍କ ବାପା ଅଟନ୍ତି। ତାଙ୍କ ପରଲୋକଗତ ଖବର ମିଳିବା ପରେ ବଡ଼ଚଣା ବିଜୁ ଜନତା ଦଳ ସଭାପତି ତାପସ ରାୟ, ବାଲିଚନ୍ଦ୍ରପୁର ପୂର୍ବତନ ସରପଞ୍ଚ ଫନିନ୍ଦ୍ରନାଥ ପଣ୍ଡା, ବଡ଼ଚଣା କଂଗ୍ରେସ ନେତା ଅଜୟ କୁମାର ସାମଲ, ବାଲିଚନ୍ଦ୍ରପୁର ସରପଞ୍ଚଙ୍କ ପ୍ରତିନିଧି ଅମୀୟ ସାହାଣୀ, ସମିତି ସଭ୍ୟଙ୍କ ପ୍ରତିନିଧି ରଞ୍ଜନ ମହାରଣା, ମନୋଜ କୁମାର ପରିଡ଼ା, ରାଜ କିଶୋର ଜେନା, ପ୍ରତାପ ଚନ୍ଦ୍ର ପରିଡ଼ା, ଦୀଲ୍ଲିପ ଷେଣ୍ଟ, ଅକ୍ଷୟ ଷେଣ୍ଟ, ଉମେଶ ମହାରଣା, କ୍ଷେତ୍ରବାସୀ ମହାରଣା, ଦାମୋଦର ମହାରଣା, ଶ୍ୟାମସୁନ୍ଦର ଦାସ, ପ୍ରକାଶ ଚନ୍ଦ୍ର ସାମଲ, ପ୍ରମୋଦ ଦାସ, ଦାମୋଦର ସେନ୍, ରାଜେନ୍ଦ୍ର କୁମାର ସାହୁ, ପ୍ରତାପ ଚନ୍ଦ୍ର ନାୟକ, ଅନନ୍ତ ସିଂହ, ଅକ୍ଷୟ କୁମାର ପରିଡ଼ା ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ କରିବା ସହ ତାଙ୍କ ପରିବାରକୁ ସମବେଦନା ଜ୍ଞାପନ କରିଥିଲେ।

# ମଦ ଜବତ, ଦମ୍ପତି ଗିରଫ

ନିଶ୍ଚିନ୍ତକୋଇଲି (ଭାସ୍କର ନ୍ୟୁଜ୍): ନିଶ୍ଚିନ୍ତକୋଇଲି ବ୍ଲକ ଜିଗ୍ନିପୁରରୁ ଅବକାରୀ ବିଭାଗ ଚଢାଉ କରି ଏକ ଘରୁ ୪ପେଟି ଦେଶୀ ମଦ ଜବତ କରିଥିଲାବେଳେ ଏକ ଦମ୍ପତିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ଦୀର୍ଘ ଦିନ ଧରି ଜିଗ୍ନିପୁର ଠାରେ ଅନ୍ନପୂର୍ଣ୍ଣା ପତି ଓ ତାଙ୍କ ସ୍ୱାମୀ ଟିକିନା ପତି ଏକ ଭଡା ଘରେ ରହି ଅବାଧରେ ଚୋରା ଦେଶୀ ବିଦେଶୀ ମଦ ବିକ୍ରୟ କରିଆସୁଥିଲେ। ତେବେ ଖବର ପାଇ ଆଜି ଅବକାରୀ ବିଭାଗ ତରଫରୁ ଅଚାନକ ଭାବେ ଏହି ଘର ଉପରେ ଚଢାଉ କରାଯାଇ ୪ପେଟି ଦେଶୀ ମଦ ଜବତ କରାଯାଇଛି। ଟିକିନା ପତି ଓ ତାଙ୍କ ପତ୍ନୀ ଅନ୍ନପୂର୍ଣ୍ଣା ପତିଙ୍କୁ ଅବକାରୀ ବିଭାଗ ଗିରଫ କରି କୋର୍ଟ ଚାଲାଣ କରିଛି। ଏଠାରେ ସୂଚନା ଥାଉକି ଏହି ଦମ୍ପତି ପୂର୍ବରୁ ଏକାଧିକବାର ଚୋରା ମଦ ବ୍ୟବସାୟ କରି ଗିରଫ ହୋଇଥିବାର ନଜିର ରହିଛି। ତେବେ ଅନ୍ନପୂର୍ଣ୍ଣା ପତି ସ୍ଥାନୀୟ ବାଳକୃଷ୍ଣ ବିଦ୍ୟା ନିକେତନରେ ରୋଷେଇଆ ଭାବେ କାର୍ଯ୍ୟ କରୁଥିଲା ବେଳେ ଅବକାରୀ ବିଭାଗ ସେଠାରୁ ତାଙ୍କୁ ଗିରଫ କରିବା ଦ୍ୱାରା ବିଦ୍ୟାଳୟର ମଧ୍ୟାହ୍ନ ଭୋଜନ ରୋଷେଇ ପ୍ରସ୍ତୁତିରେ ବ୍ୟାଘାତ ସୃଷ୍ଟି ହୋଇଥିଲା।

# ଗାନ୍ଧୀ ସ୍କୁଲ ଅଫ୍ ଇଂଜିନିୟରିଂ କଲେଜରେ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ



ହିଞ୍ଜିଳି (ଗଞ୍ଜାମ): ଶିକ୍ଷା, ସଂସ୍କାର ଓ ପ୍ରେରଣାର ମହାମିଳନରେ ପରିଣତ ହେଲା ହିଞ୍ଜିଳି ବ୍ଲକର ଗାନ୍ଧୀ ସ୍କୁଲ ଅଫ ଇଂଜିନିୟରିଂ କଲେଜ। (୨୬ ଅଗଷ୍ଟ ୨୦୨୫) ଏଠାରେ ୨୦୨୫-୨୬ ଶିକ୍ଷାବର୍ଷରେ ନୂଆଭାବେ ଭର୍ତ୍ତି ହୋଇଥିବା ଛାତ୍ରଛାତ୍ରୀମାନଙ୍କ ପାଇଁ ୧୮ତମ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଉଦ୍‌ଯାପିତ ହେଲା। କଲେଜର ବିଶାଳ ସଭାଗୃହରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ, ଅଭିଭାବକ, ଶିକ୍ଷକ, ପ୍ରଶାସକ ଏବଂ ଅନେକ ଗଣମାନ୍ୟଙ୍କର ଉପସ୍ଥିତି ଦେଖାଗଲା। ଉତ୍ସବର ଶୁଭାରମ୍ଭ ସ୍ୱାଗତ ସଙ୍ଗୀତ ସହିତ ହୋଇଥିଲା ଯାହାକି ଛାତ୍ରମାନଙ୍କରେ ନୂଆ ଉତ୍ସାହ ଓ ସ୍ପୃହା ସୃଷ୍ଟି କରିଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ଡ଼. ରାମକୃଷ୍ଣ ଦାସ (ଅବସରପ୍ରାପ୍ତ ଉପ ମହା-ନିର୍ଦ୍ଦେଶକ, ଏନଆଇସି.) ଛାତ୍ରଛାତ୍ରୀଙ୍କୁ ସମ୍ବୋଧିତ କରି କହିଥିଲେ–"ଶିକ୍ଷା ମାନବଜୀବନର ପଥଦର୍ଶକ। ତଥ୍ୟ ଓ ପ୍ରଯୁକ୍ତିର ଏହି ଯୁଗରେ ଇଂଜିନିୟରମାନଙ୍କ ପାଇଁ ସୁଯୋଗ ଅସୀମ। କିନ୍ତୁ ସୁଦୃଢ଼ ଚରିତ୍ର, କର୍ମନିଷ୍ଠା ଓ ସୃଜନଶୀଳତା ବିନା ଆଗକୁ ବଢ଼ିବା ସମ୍ଭବ ନୁହେଁ।" ସେ ସମସ୍ତଙ୍କୁ ଦୃଢ଼ ସଙ୍କଳ୍ପ ଓ ପରିଶ୍ରମ ସହିତ ନିଜର ଭବିଷ୍ୟତ ଗଢିବାକୁ ଆହ୍ୱାନ କରିଥିଲେ। ସମ୍ମାନିତ ଅତିଥି ଇଂ. ରମେଶ ଚନ୍ଦ୍ର ସାହୁ (ଯୁଗ୍ମ ନିର୍ଦ୍ଦେଶକ, ବୈଷୟିକ ଶିକ୍ଷା ଓ ତାଲିମ ନିର୍ଦ୍ଦେଶାଳୟ, ଓଡିଶା) ନିଜ ବକ୍ତବ୍ୟରେ ବୃତ୍ତିମୂଳକ ଶିକ୍ଷାର ପ୍ରାସଙ୍ଗିକତା ଉଲ୍ଲେଖ କରିଥିଲେ। ସେ କହିଥିଲେ–"ବର୍ତ୍ତମାନ କାଳରେ କେବଳ ପୁସ୍ତକୀୟ ଜ୍ଞାନରୁ କିଛି ହେବ ନାହିଁ। ପ୍ରାୟୋଗିକ ଅଭ୍ୟାସ, ଶିଳ୍ପ ସମ୍ପର୍କୀୟ ପ୍ରଶିକ୍ଷଣ ଓ ଉଦ୍ୟମିତାରେ ନିଜକୁ ପ୍ରସ୍ତୁତ କରିବା ଆବଶ୍ୟକ।" ପ୍ରିନ୍ସିପାଲଙ୍କ ଉଦ୍‌ବୋଧନ ଶିକ୍ଷା କେବଳ ଡିଗ୍ରୀ ପାଇବା ପାଇଁ ନୁହେଁ, ଏହା ହେଉଛି ଜୀବନରେ ସଚେତନ, ଦାୟିତ୍ୱପରାୟଣ ଓ ସୁଦୃଢ଼ ମଣିଷ ହେବାର ପଥ। ପରିଶ୍ରମ ଓ ଶିଷ୍ଟାଚାର ହେଉଛି ସଫଳତାର ମୂଳମନ୍ତ୍ର। କେତେ ବଡ଼ ସ୍ୱପ୍ନ ଥାଉ, ସେଥିପାଇଁ ନିୟମିତ ପ୍ରୟାସ ଓ ସତ୍ୟନିଷ୍ଠା ଅତ୍ୟାବଶ୍ୟକ। ଉତ୍ସବରେ କଲେଜର ସଭାପତି ସଂଜୀବ କୁମାର ପୁରୋହିତ, ଉପସଭାପତି ସଂଜୀବ କୁମାର ସାହୁ, ସଚିବ ରାଜୀବ କୁମାର ପୁରୋହିତ ମଞ୍ଚାସୀନ ହୋଇ ନୂଆ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ।


# ବିରୂପା ନଦୀରେ ତୃତୀୟ ବନ୍ୟା



ବାଲିଚନ୍ଦ୍ରପୁର, (ଭାସ୍କର ନ୍ୟୁଜ୍) : ବିରୁପା ନଦୀରେ ପୂର୍ବରୁ ଦୁଇଥର ବନ୍ୟା ଆସି ବ୍ୟାପକ ଫସଲ ନଷ୍ଟ ହୋଇଥିବାବେଳେ ଗତକାଲିଠାରୁ ତୃତୀୟ ଥର ନଦୀରେ ପାଣି ଆସି ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ବୈତରଣୀ ନଦୀର ଶାଖା ନଦୀ କେଲୁଅ ଓ ବିରୁପା ନଦୀର ଶାଖା ନଦୀ ଗେଙ୍ଗୁଟି ବଡ଼ଚଣା ବ୍ଲକ ଗୋପାଳପୁର ପଞ୍ଚାୟତ ଖଡ଼ଗପୁର ଠାରେ ମିଳିତ ହୋଇଥିବାରୁ ବିରୁପା ଗେଙ୍ଗୁଟି କେଲୁଅ ନଦୀରେ ବନ୍ୟାପାଣି ଆସିବା ଦ୍ୱାରା ଚାରିନଙ୍ଗଳ, ଗୋପାଳପୁର, କଳାଶ୍ରୀ, ଗଜେନ୍ଦ୍ରପୁର, ଖଡ଼ଗପୁର ଓ ବାଲିପଡ଼ିଆ ପଞ୍ଚାୟତର ତିଗିରିଆ ଓ ଦେକୁଡ଼ି ଗ୍ରାମର ଚାଷ ଜମି ଗୁଡ଼ିକରେ ବନ୍ୟା ଜଳ ପ୍ରବାହିତ ହେଉଛି। ଖଡ଼ଗପୁର ଓ ତିଗିରିଆ ଗ୍ରାମର ଲୋକମାନେ ଏକ ପ୍ରକାର ଜଳବନ୍ଦୀ ଅବସ୍ଥାରେ ଅଛନ୍ତି। ସ୍ଥାନୀୟ ଲୋକମାନେ ଗୃହ ପାଳିତ ପଶୁମାନଙ୍କୁ ଜଗତପୁର ପଟ୍ଟାମୁଣ୍ଡାଇ କେନାଲ ବନ୍ଧକୁ ନେଇଆସି ଆଶ୍ରୟ ଦେଇଛନ୍ତି। ତୃତୀୟ ଥର ବନ୍ୟା ଆସିବା ଦ୍ୱାରା ଫସଲ ସମ୍ପୂର୍ଣ୍ଣ ଉଜୁଡ଼ିବାର ଆଶଙ୍କାରେ ଚାଷୀମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି। ଏ ପର୍ଯ୍ୟନ୍ତ ସ୍ଥାନୀୟ ଅଞ୍ଚଳରେ କୌଣସି ପ୍ରଶାସନିକ ଅଧିକାରୀ ପହଞ୍ଚିନାହାଁନ୍ତି। ତେବେ ତୁରନ୍ତ ସେମାନଙ୍କ ପାଖରେ ପହଞ୍ଚି ଗୋ ଖାଦ୍ୟ ରିଲିଫ ଦେବା ପାଇଁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।

# ରାଶିଫଳ

ଗୁରୁବାର, ୨୮ ଅଗଷ୍ଟ ୨୦୨୫



**ମେଷ:** ଦୈନ୍ୟନ୍ଦିନ କାର୍ଯ୍ୟଗୁଡିକ କିଛି ବିପଦ ବହନ କରିପାରେ। ଚାକିରିରେ ସମସ୍ୟା ହୋଇପାରେ। ଯଦି ଆପଣ ଜିଦି କରନ୍ତି ତେବେ, କାହା ସହିତ ବିବାଦ ହେବାର ସମ୍ଭାବନା ଅଛି। ଅଧିକ ଚିନ୍ତାରେ ସମୟ ନଷ୍ଟ କରନ୍ତୁ ନାହିଁ। ହଠାତ୍ ଆପଣ ଅସୁବିଧା ମଧ୍ୟ ବଢିପାରେ।




**ବୃଷ:** ବ୍ୟବସାୟରେ ବ୍ୟସ୍ତ ରହିବେ। ସାମାଜିକ ସ୍ତରରେ ସମ୍ମାନ ମିଳିବ। କଠିନ ପରିଶ୍ରମ ସହିତ ଟଙ୍କା ରୋଜଗାର କରିବେ। ଗତ କିଛି ଦିନ ଧରି ଥିବା ଅସମ୍ପୂର୍ଣ୍ଣ କାମ ସଂପୂର୍ଣ୍ଣ ହେବ। ନୂତନ ଚୁକ୍ତିନାମା କିମ୍ବା ନୂତନ ସମ୍ପର୍କ ଗଠନ ହେବାର ସମ୍ଭାବନା ଅଛି। ସମୟ ଭଲ ଅଟେ।



**ମିଥୁନ:** ଧାର୍ମିକ ଏବଂ ସାଂସ୍କୃତିକ ମହୋତ୍ସବରେ ଏକ ଅଂଶ ରହିବେ। ବ୍ୟବସାୟ ଭଲ କରିବ। ଅଫିସରେ ଚାକିରିକୁ ନେଇ ସନ୍ତୁଷ୍ଟ ରହିବେ। ବିନିଯୋଗ ଇତ୍ୟାଦିରେ ଲାଭବାନ ହେବ। ଘର ବାହାରେ ଜୀବନ ଖୁସି ହେବ। ଆର୍ଥିକ ଦିଗ ଦୃଢ଼ ହେବ।




**କର୍କଟ:** କାରବାରରେ ସତର୍କତା ବ୍ୟବହାର କରନ୍ତୁ। ପରିସ୍ଥିତିକୁ ନେଇ ଟଙ୍କା ଚିନ୍ତା କରିବାକୁ ପଡିବ। ଆପଣଙ୍କର ଅନାବଶ୍ୟକ ଖର୍ଚ୍ଚ ହୋଇପାରେ। ଚାକିରି ଏବଂ ବ୍ୟବସାୟରେ ଦ୍ୱନ୍ଦ୍ୱ ବଢିପାରେ। ଟଙ୍କା ମାମଲାରେ ଯତ୍ନବାନ ହେବାକୁ ପଡିବ।



**ସିଂହ:** ଆପଣ ମଧୁରବାଣୀ ଦ୍ୱାରା ଯେକୌଣସି କାର୍ଯ୍ୟରେ ବିଜୟୀ ହେବାକୁ ସମର୍ଥ ହେବେ। ପରିବାର ସଦସ୍ୟଙ୍କ ସହିତ ଖୁସିରେ ସମୟ ଅତିବାହିତ କରିବେ। ଆଜି ଭାଗ୍ୟ ଆପଣଙ୍କ ସହିତ ରହିବ। ଆୟର ନୂତନ ଉତ୍ସ ଉତ୍ପନ୍ନ ହୋଇପାରେ। ଅଫିସ୍ କାର୍ଯ୍ୟ ସବୁଦିନ ଅପେକ୍ଷା ଆଜି ଭଲ ହେବ। ଜୀବନ ସାଥୀଙ୍କ ପୂର୍ଣ୍ଣ ସମର୍ଥନ ପାଇବେ।




**କନ୍ୟା:** ପରିବାର ସାହାଯ୍ୟ କରିବେ। ଆପଣଙ୍କର ମାନସିକ ସନ୍ତୁଳିତ ରହିବ ଏବଂ ଏହା ଆପଣଙ୍କ ପାରିବାରିକ ଜୀବନରେ ମଧ୍ୟ ସୁଖ ଆଣିପାରେ। କାର୍ଯ୍ୟ ସମାପ୍ତ ହୋଇପାରିବ। କ୍ୟାରିୟର ଏବଂ ପୁଞ୍ଜି ବିନିଯୋଗ କ୍ଷେତ୍ରରେ ଆପଣ କିଛି ନୂତନ ଏବଂ ମହତ୍ ସୁଯୋଗ ମଧ୍ୟ ପାଇପାରିବେ।



**ତୁଳା:** ଆପଣଙ୍କର ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ଆପଣ ଲୋକମାନଙ୍କୁ ମଧ୍ୟ ପ୍ରଭାବିତ କରିବେ। ଲୋକମାନେ ଆପଣଙ୍କର ଚିନ୍ତାଧାରାକୁ ପସନ୍ଦ କରିବେ। ଲୋକମାନେ ଆପଣଙ୍କ ପରାମର୍ଶରୁ ଉପକୃତ ହେବେ। ଆପଣ କିଛି ଭଲ ଖବରକୁ ଅପେକ୍ଷା କରିବେ।



**ବିଛା:** ଆପଣଙ୍କର ଜୀବନରେ କିଛି ପରିବର୍ତ୍ତନ କରିବାକୁ ପଡିପାରେ। ପରିବାର ସାହାଯ୍ୟ ମିଳିବ। ଆପଣଙ୍କର ମାନସିକ ସନ୍ତୁଳିତ ରହିବ ଏବଂ ଏହା ଆପଣଙ୍କ ପାରିବାରିକ ଜୀବନରେ ମଧ୍ୟ ସୁଖ ଆଣିପାରେ। କାର୍ଯ୍ୟ ସମାପ୍ତ ହୋଇପାରିବ। ବୁଦ୍ଧିମାନ ଭାବରେ ଷ୍ଟକ୍ ମାର୍କେଟରେ ବିନିଯୋଗ କରନ୍ତୁ।




**ଧନୁ:** ଭାଗ୍ୟ ଆପଣଙ୍କ ସହିତ ରହିପାରେ। ଆପଣଙ୍କୁ ଦେଖା କରୁଥିବା ଲୋକମାନେ ଆପଣଙ୍କୁ କିଛି ନୂଆ ଚେଷ୍ଟା କରିବାକୁ ପ୍ରେରଣା ଦେଇପାରିବେ। ଏହି ସମୟରେ କରାଯାଇଥିବା ପ୍ରୟାସ ସଫଳ ହେବାର ସମ୍ଭାବନା ଅଧିକ। ବୋଧହୁଏ ଆପଣ ଅତିରିକ୍ତ ଦାୟିତ୍ୱ ପାଇବେ କିମ୍ବା ସାମ୍ପ୍ରତିକ ଚାକିରିରେ କାମ କରିବ।




**ମକର:** ଆପଣ ଆଜି ଧର୍ଯ୍ୟବାନ ହେବା ଉଚିତ୍। ଟଙ୍କା କ୍ଷେତ୍ରରେ କ୍ଷତି ହୋଇପାରେ। କିଛି ଆଇନଗତ ପ୍ରସଙ୍ଗରେ ଆପଣ ଜଡିତ ହୋଇପାରନ୍ତି। ସମୟର ଯତ୍ନ ନିଅନ୍ତୁ। କିଛି ବିଶେଷ କାର୍ଯ୍ୟ ପାଇଁ ଆପଣଙ୍କୁ ବହୁତ କଠିନ ପରିଶ୍ରମ କରିବାକୁ ପଡିପାରେ। ଆପଣ ମଧ୍ୟ କୌଣସି ଆକସ୍ମିକ ଘଟଣାରେ ତୁରନ୍ତ ନିଷ୍ପତ୍ତି ନେବା ଠାରୁ ଦୂରେଇ ରହିବା ଉଚିତ୍। ଆପଣଙ୍କ ସ୍ୱାସ୍ଥ୍ୟ ସ୍ୱାଭାବିକ ହେବ।



**କୁମ୍ଭ:** ଦିନ ଧରି ବନ୍ଦ ହୋଇଯାଇଥିବା କାର୍ଯ୍ୟଗୁଡ଼ିକ ମଧ୍ୟ ସଂପୂର୍ଣ୍ଣ ହୋଇପାରିବ। ପାରିବାରିକ ସମ୍ପର୍କ ଆନ୍ତରିକ ହେବ। ଆପଣଙ୍କର ଭାବମୂର୍ତ୍ତିରେ ଉନ୍ନତି ଆଣିବାକୁ ଆପଣ ଏକ ସୁଯୋଗ ମଧ୍ୟ ପାଇପାରିବେ। ଚିନ୍ତା ସମାପ୍ତ ହୋଇପାରିବ। ଦିନଟି ଆପଣଙ୍କ ପାଇଁ ଉତ୍ସାହଜନକ ଏବଂ ମନୋରଞ୍ଜନ ଜାରି ରହିବ।



**ମୀନ:** ଶାରୀରିକ ଭାବରେ ବ୍ୟସ୍ତ ରହିବେ। ଆପଣଙ୍କ କାମରୁ ପଛକୁ ଯାଅନ୍ତୁ ନାହିଁ। ଟଙ୍କା ରୋଜଗାର କରିବାର କିଛି ନୂତନ ଏବଂ ଭଲ ସୁଯୋଗ ମଧ୍ୟ ମିଳିପାରେ । ଆପଣଙ୍କର ଆତ୍ମବିଶ୍ୱାସ ଆଧାରରେ, ଅନ୍ୟମାନଙ୍କଠାରୁ ଭିନ୍ନ ପରିଚୟ ସୃଷ୍ଟି କରିବାରେ ସଫଳ ହୋଇପାରିବ। ଆୟ ବୃଦ୍ଧି ପାଇବ। ପିଲାମାନଙ୍କର ଅଗ୍ରଗତିରେ ଖୁସି ହେବେ।



ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ମାଥିଲି (ଭାସ୍କର ନ୍ୟୁଜ): କିଛିଦିନ ହେଲା ଚର୍ଚ୍ଚା ଓ ବିତର୍କର ବିଷୟ ପାଲଟିଛି ମାଲକାନଗିରି ଜିଲ୍ଲାର ମାଥିଲି ଲ୍ୟାମ୍ପସ। ତେବେ ବ୍ୟାପକ ଅର୍ଥ ହେରଫେର ଅଭିଯୋଗକୁ ସିଧସଳଖ ଖଣ୍ଡନ କରିଛନ୍ତି ଲ୍ୟାମ୍ପସ ଏମଡି ସନ୍ତୋଷୀ ପରିଡ଼ା। କହିଛନ୍ତି ସାରରେ ମଧ କୌଣସି ଘୋଟାଲା ହୋଇନାହିଁ। ପୂର୍ବରୁ ଯେଉଁ ସାର ବଣ୍ଟା ଯାଇଥିଲା ଅଫ୍‌ଲାଇନ ମାଧ୍ୟମରେ ଚାଷୀଙ୍କୁ ବଣ୍ଟା ଯାଇଥିଲା। ପରବର୍ତ୍ତୀ ସମୟରେ ଅନଲାଇନ୍ ମାଧ୍ୟମରେ ବାଣ୍ଟିଲା ବେଳେ ପୂର୍ବ ଷ୍ଟକ୍‌କୁ ଆଡଜଷ୍ଟ କରିବା ପାଇଁ ଛଅଟା ଲେଖାଏଁ ଏଣ୍ଟ୍ରି କରାଯାଉଥିଲା। ଲ୍ୟାମ୍ପସରେ ଅନିୟମିତତା ସମ୍ପର୍କରେ ସମାଜସେବୀ ଶରତ ଚନ୍ଦ୍ର ବୁରୁଦା ଯେଉଁ ଅଭିଯୋଗ ଆଣିଛନ୍ତି ସମସ୍ତ ଅଭିଯୋଗ ଭିତ୍ତିହୀନ ବୋଲି ଲ୍ୟାମ୍ପସ ଏମଡି ପ୍ରକାଶ କରିଛନ୍ତି। ସେହିପରି ୫୦ ଲକ୍ଷ ୫୭ ହଜାର ୧୦୦ ଟଙ୍କା ବ୍ୟାଙ୍କ ମ୍ୟାନେଜରଙ୍କ ଡ୍ରାଇଭର ପ୍ରଦୀପ ଖାଡେଙ୍ଗାଙ୍କ ନାମ ଦିଆଯାଇଛି। ଏହା ସମ୍ପୂର୍ଣ୍ଣ ଭୁଲ୍ ତଥ୍ୟ ଅଟେ। ପ୍ରଦୀପ ଖାଡେଙ୍ଗା ଜଣେ ଡିଲଓ ଅଟନ୍ତି। ସମସ୍ତ କର୍ମଚାରୀଙ୍କ ଇପିଏଫ ପଇସା ତାଙ୍କ ଆକାଉଣ୍ଟରେ ଜମା ହୁଏ। ତାପରେ ଅନ୍ୟମାନଙ୍କ ଆକାଉଣ୍ଟକୁ ପଠାଯାଏ । ଆଉ ୨ଲକ୍ଷ ଟଙ୍କା ଏ ମୁରଲୀଙ୍କୁ ପ୍ରଦାନ କରାଯାଇଥିବା ଅଭିଯୋଗ କରିଛନ୍ତି ତାହା ମଧ ଭିତ୍ତିହୀନ। ଯଦି ଜଣେ ବ୍ୟକ୍ତି ନିଜେ ବାନ୍ଧିଥିବା ପଇସା ଉଠାଇ ନେବା କୌଣସି ଅପରାଧ କି ? ମାଥିଲି ଲ୍ୟାମ୍ପସରୁ କୌଣସି ଗୋଟିଏ ଟଙ୍କା କାଲିମେଲା ଲ୍ୟାମ୍ପସକୁ ଯାଇନାହିଁ। ଆଉ ନିଯୁକ୍ତିରେ ଯେଉଁ ଅନିୟମିତତା ଖବର ପ୍ରସାରଣ କରାଯାଇଛି ତାହା ବୋର୍ଡର ନିର୍ଦ୍ଦେଶ କ୍ରମେ ନିଯୁକ୍ତି ପ୍ରଦାନ କରାଯାଇଥିବା ଏମଡି ପ୍ରକାଶ କରିଛନ୍ତି। ବାରମ୍ବାର ଏମଡିଙ୍କ ନାମରେ ମିଥ୍ୟା ଅଭିଯୋଗ ହୋଇଆସୁଥିବାରୁ ନିଜ ସମ୍ମାନ ରକ୍ଷା କରିବାକୁ ଯାଇ ନିଜ ଇସ୍ତଫା ପ୍ରଦାନ କରିଛନ୍ତି। ଯେହେତୁ ବର୍ତ୍ତମାନ ପର୍ଯ୍ୟନ୍ତ ତାଙ୍କ ଇସ୍ତଫା ଗୃହୀତ ହୋଇନାହିଁ ସେ ଗୃହୀତ ହେବା ପର୍ଯ୍ୟନ୍ତ କାର୍ଯ୍ୟରେ ରହିବେ ବୋଲି ପ୍ରକାଶ କରିଛନ୍ତି।

# ଓଡିଶା ରାଜ୍ୟ ଶିଶୁ ସୁରକ୍ଷା ଆୟୋଗ ସଦସ୍ୟଙ୍କ ବୌଦ୍ଧ ଗସ୍ତ




ବୌଦ୍ଧ (ଭାସ୍କର ନ୍ୟୁଜ୍): ଓଡିଶା ରାଜ୍ୟ ଶିଶୁ ସୁରକ୍ଷା ଆୟୋଗର ସଦସ୍ୟା ଚନ୍ଦନା ଦାସ ବୌଦ୍ଧ ଜିଲ୍ଲାକୁ ଦିନିକିଆ ଗସ୍ତରେ ଆସି ମହିଳା ଓ ଶିଶୁ ବିକାଶ ବିଭାଗ ଏବଂ ସ୍କୁଲ ଓ ଗଣଶିକ୍ଷା ବିଭାଗ ଅନ୍ତର୍ଗତ ବିଭିନ୍ନ କାର୍ଯ୍ୟକ୍ରମ ପରିଦର୍ଶନ କରିଥିଲେ। ପ୍ରଥମେ ମାର୍ଡିଙ୍ଗ ଅଙ୍ଗନବାଡି କେନ୍ଦ୍ର ଏବଂ ବଡ଼ବନ୍ଧ ଅଙ୍ଗନବାଡି କେନ୍ଦ୍ର, ପରିଦର୍ଶନ କରି ଶିଶୁଙ୍କ ସହିତ ଆଲୋଚନା କରିବା ସଙ୍ଗେ ସଙ୍ଗେ ଖାଦ୍ୟ, ପାନୀୟଜଳ ବ୍ୟବସ୍ଥା ଏବଂ ସେଠାରେ ନଥିପତ୍ର ଯାଞ୍ଚ କରିବା ସହ ସୁଭଦ୍ରା ହିତାଧିକାରୀଙ୍କ ସହ ଆଲୋଚନା କରିଥିଲେ। ଏହାପରେ ଲୁଣିବାହାଲ ପ୍ରଥମିକ ବିଦ୍ୟାଳୟ ପରିଦର୍ଶନରେ ଯାଇ ଛାତ୍ରଛାତ୍ରୀମାନଙ୍କ ସହ ଆଲୋଚନା କରିବା ପରେ ରୋଷେଇ ଗୃହ, ଶୌଚାଳୟ ଏବଂ ମଧ୍ୟାହ୍ନ ଭୋଜନର ମାନ ପରଖିଥିଲେ। ଏହାପରେ ବୀର ନରସିଂହପୁର ଠାରେ ଥିବା ଶିଶୁ ଗୃହ ଓ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର ପରିଦର୍ଶନ କରି ପରିମଳ ବ୍ୟବସ୍ଥା ଓ ଶିଶୁ ମାନଙ୍କ ବିଭିନ୍ନ ଦିଗ ଉପରେ ତର୍ଜମା କରିଥିଲେ। ପରେ ବୃନ୍ଦାବନ ଠାରେ ଥିବା ପର୍ଯ୍ୟବେକ୍ଷଣ ଗୃହ ତଥା ସ୍ୱତନ୍ତ୍ର ଗୃହ ପରିଦର୍ଶନ କରି ଅନ୍ତେବାସୀଙ୍କ ସହ ଆଲୋଚନା କରିଥିଲେ। ଅପରାହ୍ନରେ ସଦସ୍ୟା ଶ୍ରୀମତୀ ଦାସ ସର୍କିଟ ହାଉସ ଠାରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରାହୁଲ ପ୍ରଧାନ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଗୋପାଳ ଚରଣ ମଲ୍ଲିକ ଏବଂ ପ୍ରୋଗ୍ରାମ ଅଫିସର ସନ୍ତୋଷିନୀ ଭୋଇ , ଅତିରିକ୍ତ ଶିକ୍ଷା ଅଧିକାରୀ ଚୂଡ଼ାମଣି ବାରିକ୍, ଜିଲ୍ଲା ଶିଶୁ ମଙ୍ଗଳ କମିଟିର ସଦସ୍ୟ ପ୍ରମୋଦ ସାହୁ, ପ୍ରିୟଦର୍ଶନ ପୁରୋହିତ ଏବଂ ଧନଞ୍ଜୟ ଖମାରୀ ପ୍ରମୁଖଙ୍କୁ ସରକାର ଙ୍କ ବିଭିନ୍ନ ଯୋଜନା ଉପରେ ସମୀକ୍ଷା କରି ପୋଷଣ ଏବଂ ପରିମଳ ବ୍ୟବସ୍ଥାକୁ ସଠିକ୍ ଭାବରେ କାର୍ଯ୍ୟକାରୀ କରିବାପାଇଁ ନିର୍ଦ୍ଦେଶ ଦେଇଥିଲେ । ପରିଦର୍ଶନ ସମୟରେ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ହରଭଙ୍ଗା ଦିପ୍ତିମୟୀ ପାତ୍ର, ସାମାଜିକ କର୍ମୀ ସହଦେବ ନାୟକ, ପରାମର୍ଶ ଦାଦା ବସନ୍ତ କୁମାର ଦିସିରି ପ୍ରମୁଖ ଉପସ୍ଥିତ ଥିଲେ।

## ବିଜେପି କର୍ମକର୍ତ୍ତାଙ୍କୁ ଗାଳିଦେଇ ଯୁବକ ଗିରଫ



ବୌଦ୍ଧ (ଭାସ୍କର ନ୍ୟୁଜ୍) :ବୌଦ୍ଧ ପୋଲିସ୍ ପକ୍ଷରୁ ବିଜେପି କର୍ମକର୍ତ୍ତା ମାନଙ୍କୁ ସାମାଜିକ ଗଣ ମାଧ୍ୟମରେ ଗାଳି ଦେଇଥିବା ଜଣେ ଯୁବକଙ୍କୁ ଗିରଫ କରା ଯାଇଥିବା ସୂଚନା ମିଳିଛି । ମିଳିଥିବା ସୂଚନା ଅନୁଯାୟୀ ବଘିଆପଡା ଗ୍ରାମର ମିଥୁନ କୁମାର ପାତ୍ର ବିଭିନ୍ନ ସାମାଜିକ ଗଣ ମାଧ୍ୟମରେ ବୌଦ୍ଧ ବିଧାୟକ, ନଗର ମଣ୍ଡଳ ସଭାପତି, ବିଜେପି କର୍ମକର୍ତ୍ତା ଓ ବଜରଙ୍ଗ ଦଳ କର୍ମକର୍ତ୍ତାଙ୍କ ଅଶ୍ଳୀଳ ଭାଷାରେ ଗାଳି ଦେଇଥିବା ଅଭିଯୋଗ ହୋଇଥିଲା । ବିଜେପି ନଗର ମଣ୍ଡଳ ସଭାପତି ଗଜେନ୍ଦ୍ର ସାହୁ ଓ ଅନ୍ୟ ଦଳୀୟ ପଦାଧିକାରୀ ମାନଙ୍କ ଅଭିଯୋଗ କ୍ରମେ ପୋଲିସ ମିଥୁନକୁ ଗିରଫ କରି ଭାରତୀୟ ସୁରକ୍ଷା ସଂହିତାର ଧାରା ୩୫ରେ ନୋଟିସ ଦେଇ ଛାଡି ଦେଇଥିବା ସୂଚନା ମିଳିଛି ।

# ବିଭିନ୍ନ ସ୍ଥାନରେ ଗଣେଶ ପୂଜା



ଲକ୍ଷ୍ମୀପୁର (ଭାସ୍କର ନ୍ୟୁଜ୍): ବିଘ୍ନ ବିନାଶକ, ସିଦ୍ଧି, ବୁଦ୍ଧି ଅଗ୍ରପୂଜ୍ୟ ଏବଂ ବିଦ୍ୟାର ଦେବତା ଶ୍ରୀଗଣେଶ ଆଜି ଧରାବତରଣ କରିଛନ୍ତି ।ଏନେଇ ଲକ୍ଷ୍ମୀପୁର ବ୍ଲକର ବିଭିନ୍ନ ସ୍ଥାନରେ ଶ୍ରୀ ଗଣେଶଙ୍କ ପୂଜା ବଡ଼ ଧୁମ୍‌ଧାମରେ ପାଳିତ ହୋଇଯାଇଛି। ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ ବିଭିନ୍ନ ଶିକ୍ଷାନୁଷ୍ଠାନ ସହିତ ସାହି ଗଳିକନ୍ଦି ସବୁଠି ଗଣେଶ ପୂଜା ଅନୁଷ୍ଠିତ ହୋଇଯାଇଛି ।ସୁନ୍ଦର ସୁନ୍ଦର ଆଲୋକ ସଜାରେ ପୂଜା ମଣ୍ଡପଗୁଡ଼ିକ ଝଲସି ଉଠିଛି। ବ୍ଲକ୍ ସଦରରେ ଥିବା ମହାବିଦ୍ୟାଳୟ, ଯୁଏନ ରାଜୁ ବାଳିକା ବିଦ୍ୟାଳୟ ,ସାଙ୍ଗାନ୍ନା ଉଚ୍ଚ ବିଦ୍ୟାଳୟ,ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର,ସିଦ୍ଧେଶ୍ୱରୀ ପବ୍ଲିକ୍ ସ୍କୁଲ,ପୁରୁଣା ବଜାର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ,କାଣି ମୂଷା ପ୍ରାଥମିକ ବିଦ୍ୟାଳୟ,ଉପର ଦୋରା ସାହି,ଝଡିଆ ସାହି,ନୂଆ ବସ୍‌ଷ୍ଟାଣ୍ଡ ସମେତ ୧୫ରୁ ଉର୍ଦ୍ଧ୍ୱ ସ୍ଥାନରେ ଶ୍ରୀବିଘ୍ନେଶ ଙ୍କ ପୂଜା ଅନୁଷ୍ଠିତ ହୋଇଛି। ପ୍ରତ୍ୟେକ ମଣ୍ଡପ ଆଗରେ ଭକ୍ତଙ୍କ ଭିଡକୁ ନେଇ ସାରା ଅଞ୍ଚଳ ଉତ୍ସବ ମୁଖର ହୋଇ ଉଠିଛି। ଫଳରେ ଅଞ୍ଚଳରେ ଏକ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି।

## ଆଭାସୀ ମାଧ୍ୟମରେ 'ଆମ ଶାସନ କାର୍ଯ୍ୟକ୍ରମ'କୁ ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ




ବୌଦ୍ଧ (ଭାସ୍କର ନ୍ୟୁଜ୍): ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଓସ୍ୱାନ୍ ହଲ୍ ଠାରେ 'ଆମ ଶାସନ ଜନ ସେବାରେ ଏକ ନୂଆ ପଦକ୍ଷେପ'କାର୍ଯ୍ୟକ୍ରମର ଆଭାସୀ ମାଧ୍ୟମରେ ଶୁଭାରମ୍ଭ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଭୁବନେଶ୍ୱର ଠାରେ ମୁଖ୍ୟମନ୍ତ୍ରୀ ଉପସ୍ଥିତ ଥିବା ବେଳେ ବୌଦ୍ଧ ଓସ୍ୱାନ୍ ହଲ୍ ଠାରେ ଜିଲ୍ଲାପାଳ ବିଭୂତି ଭୁଷଣ ନାୟକ, ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରିତାକାନ୍ତି ବଳିୟାର ସିଂହ, ଜିଲ୍ଲା ଯୋଗାଣ ଅଧିକାରୀ ଶ୍ରୀନାଥ ହାଁସଦା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଗୋପାଳ ଚରଣ ମଲ୍ଲିକ,ଜିଲ୍ଲା ମଙ୍ଗଳ ଅଧିକାରୀ ସୂର୍ଯ୍ୟନାରାୟଣ ବେହେରା ଓ ବିଭିନ୍ନ ଯୋଜନାର ହିତାଧିକାରୀମାନେ ଉପସ୍ଥିତ ରହି ମୁଖ୍ୟମନ୍ତ୍ରୀଙ୍କ ସହ ଆଭାସୀ ମାଧ୍ୟମରେ ବାର୍ତ୍ତାଳାପ କରିଥିଲେ । ବିଭିନ୍ନ ଯୋଜନାର କାର୍ଯ୍ୟାନ୍ୱୟନ, ସମସ୍ତ ଯୋଜନାର ଅର୍ଥ ସିଧାସଳଖ ହିତାଧିକାରୀଙ୍କ ଆକାଉଣ୍ଟକୁ ଡିଭିଟି ମାଧ୍ୟମରେ ଯିବା, ଜନଧନ, ଆଧାର ଓ ମୋବାଇଲ ମାଧ୍ୟମରେ ଜନ ସାଧାରଣ ଉପକୃତ ହେବା ଆମ ଶାସନର ମୂଳଲକ୍ଷ୍ୟ। ଆଜି ଏହି ଆଭାସୀ ବୈଠକରେ ପଂଚାୟତିରାଜ ଓ ପାନୀୟ ଜଳ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ, ମହିଳା ଓ ଶିଶୁ ବିକାଶ, କୃଷି, ଜିଲ୍ଲା ମଙ୍ଗଳ, ଯୋଗାଣ ଆଦି ବିଭାଗର ହିତାଧିକାରୀ ଉପସ୍ଥିତ ଥିଲେ ।

## କାର୍ଯ୍ୟ ନକରି ଅର୍ଥ ହଡ଼ପ୍ ଉଦ୍ୟମ ପଣ୍ଡ

ମାଥିଲି (ଭାସ୍କର ନ୍ୟୁଜ୍): ମାଥିଲି ବ୍ଲକ ଅଧିନ କର୍ତ୍ତନପାଲ୍ଲି ପଞ୍ଚାୟତର କୋପ୍ରା ଗ୍ରାମରେ ଏମିତି ଏକ ଦୃଶ୍ୟ ଦେଖିବାକୁ ମିଳିଛି ଯାହା ଅତି ଦୁଃଖର ବିଷୟ। ଛଅବର୍ଷ ପୂର୍ବେ କୋପ୍ରା ଗ୍ରାମରେ ଏକ ସଂସ୍କୃତି ଭବନ ନିର୍ମାଣ କରଯାଇଥିଲା କିନ୍ତୁ ଚାରିବର୍ଷ ପୂର୍ବେ ସେ ଭବନଟିର ଛପର ପବନରେ ଉଡ଼ିଯାଇ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଗ୍ରାମବାସୀ ପୂର୍ବ ସରକାର ଅଧିନରେ ଥିବା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ମାଧ୍ୟମରେ ଯାହାକି (ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ମାଲକାନଗିରି) ଙ୍କୁ ଲିଖିତ ଭାବେ ଜଣାଇଥିଲେ। ତାହା ଆର୍ଥିକ ବର୍ଷ ୨୦୨୩-୨୪ରେ ସଂସ୍କୃତି ଭବନ ମରାମତି କରିବାକୁ ତିନି ଲକ୍ଷ ପାରିତ ହୋଇଥିଲା। କିନ୍ତୁ କିଛି






ମୁଷ୍ଟିମେୟ ବ୍ୟକ୍ତି ସେ କାର୍ଯ୍ୟଟିକୁ ନକରି ସେହି ଗ୍ରାମରେ ଥିବା ଏକ ପୁରୁଣା କମ୍ୟୁନିଟି ସେଣ୍ଟରଟିକୁ ବାହାରେ ଓ ଭିତରେ ରଙ୍ଗମାରି ଟଙ୍କା ଆତ୍ମସାତ କରିବା ପାଇଁ କାନ୍ଥରେ ସୁନ୍ଦର ଭାବରେ ସାଇନ୍‌ବୋର୍ଡ ତିଆରି କରି ଫଟୋ ଉଠାଇ ନେଇଥିବାର ଗ୍ରାମବାସୀଙ୍କ ଅଭିଯୋଗ ଆସିବା ପରେ ଆମେ ସ୍ଥିତି ସମୀକ୍ଷା କରିବାକୁ ଗଲା ବେଳେ ସେ ସାଇନ୍ ବୋର୍ଡକୁ ସଂପୃକ୍ତ ଠିକାଦାର କିଛି ଲୋକଙ୍କୁ ପଠାଇ ଲିଭାଇ ଦେଇଛନ୍ତି। ଏ ସମସ୍ତ ବିଷୟ ସମ୍ପୃକ୍ତ ବିଭାଗ ଜେଇ ମିତ୍ରଭାନୁ ଅର୍ଜ୍ଜୁନଙ୍କୁ ପଚାରିବାରୁ ଠିକାଦାରଙ୍କ ସହ କଥା ହୁଅ ବୋଲି କହିଥିଲେ। ଠିକାଦାର ଙ୍କ ସହ ଯୋଗାଯୋଗ କରିବାରୁ ଭୁଲ ହୋଇଗଲା ବୋଲି କହିଥିଲେ। ଏଥିରୁ ସ୍ପଷ୍ଟ ଜଣାପଡୁଛି ଯେ ଠିକାଦାର ଆଉ ଯନ୍ତ୍ରୀଙ୍କ ମିଳିଭଗତ ରେ ଏସବୁ ଚାଲିଥିଲା। ଗ୍ରାମବାସୀ ଯଦି ସ୍ୱର ଉତ୍ତୋଳନ କରିନଥାନ୍ତେ ତେବେ ସମ୍ପୂର୍ଣ୍ଣ ତିନି ଲକ୍ଷ ଟଙ୍କାକୁ ଆତ୍ମସାତ କରି ଦେଇଥାନ୍ତେ। ଏମିତି ଘଟଣା କେବଳ କର୍ତ୍ତନପାଲ୍ଲି ପଞ୍ଚାୟତର କୋପ୍ରାରେ ହିଁ ସୀମିତ ନାହିଁ ପ୍ରାୟ ମାଥିଲି ବ୍ଲକ୍‌ର ଅନେକ ଗ୍ରାମଗୁଡିକରେ ହୋଇଥିବା ଅନୁମାନ କରାଯାଉଛି। ଦେଖିବାକୁ ବାକି ରହିଲା, କେବେ ଚେତିବ ଜିଲ୍ଲା ପ୍ରଶାସନ ଓ ବ୍ଲକ୍ ପ୍ରଶାସନ ।

# ତେଲିବନ୍ଧ-ବାରପୁଡୁଗ ରାସ୍ତା ଉନ୍ନତିକରଣ ପାଇଁ ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ




ବୌଦ୍ଧ(ଭାସ୍କର ନ୍ୟୁଜ୍):ବୌଦ୍ଧ ବ୍ଲକ ତେଲିବନ୍ଧ ଠାରେ ତେଲିବନ୍ଧ-ବାର ପୁଡୁଗ ରାସ୍ତା ଉନ୍ନତି କରଣ ପାଇଁ ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବୌଦ୍ଧ ବିଧାୟକ ତଥା ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ବେଳେ ସମ୍ମାନିତ ଅତିଥି ଭାବରେ କନ୍ଧମାଳ ବିଧାୟକ କହ୍ନାଇ ଚରଣ ଡାଙ୍ଗ, ଜିଲ୍ଲାପାଳ ବିଭୂତି ଭୁଷଣ ନାୟକ,ସାଂସଦ ପ୍ରତିନିଧି ଯୁଗଲ କିଶୋର ସାମଲ ବୌଦ୍ଧ ବ୍ଲକ ଅଧ୍ୟକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ, ତେଲିବନ୍ଧ ସରପଞ୍ଚ ରତ୍ନାକର ନାୟକ, ସମିତି ସଭ୍ୟ ସୁନୀଲ କୁମାର ସେଠୀ ଯୋଗ ଦେଇଥିଲେ । ତେଲିବନ୍ଧ ହାଟପଦା ଠାରେ ଆୟୋଜିତ ଭିତ୍ତିପ୍ରସ୍ତର ସ୍ଥାପନ ସଭାରେ ବହୁସଂଖ୍ୟାରେ ସ୍ଥାନୀୟ ଜନ ସାଧାରଣ ଉପସ୍ଥିତ ଥିଲେ। ଉକ୍ତ ରାସ୍ତା ଉନ୍ନତିକରଣ ପାଇଁ ପୂର୍ତ୍ତ ବିଭାଗ ପକ୍ଷରୁ ୨୯ କୋଟି ୭୯ ଲକ୍ଷ ୧୯ ହଜାର ଟଙ୍କା ବ୍ୟୟ ଅଟକଳ ରଖୁଥିବା ସୂଚନା ମିଳିଛି ।ନବୀନ ହୋତା ପୂଜାର୍ଚ୍ଚନା କରିଥିଲେ। କାର୍ଯ୍ୟକ୍ରମରେ ମଣ୍ଡଳ ସଭାପତି ସୁଶୀଲ ହୋତା, ବିକ୍ରମ ପ୍ରଧାନ, ବିସିକେଶନ ପ୍ରଧାନ,ବିଧାୟକ ପ୍ରତିନିଧି ଧର୍ମୁଧର ପୋଢ଼ ପ୍ରମୁଖ ସହଯୋଗ କରିଥିଲେ।

# ବିଭିନ୍ନ ସମସ୍ୟାରେ ଚାଲିଛି କୋରୁକୋଣ୍ଡା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ

- ଦାୟିତ୍ୱ ହସ୍ତାନ୍ତର କରୁନାହାନ୍ତି ପୂର୍ବତନ ସିନିୟର ଆସିଷ୍ଟାଣ୍ଟ
- ବିଇଓ ଏବଂ ଜିଲ୍ଲା ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶକୁ ବେଖାତିର
- ଦୁର୍ଦ୍ଦଶା ଭୋଗୁଛନ୍ତି ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ସହ କର୍ମଚାରୀ
- ନୀରବଦ୍ରଷ୍ଟା ସାଜିଛନ୍ତି ବିଭାଗୀୟ ଅଧିକାରୀ ଓ ପ୍ରଶାସନ




ମାଲକାନାଗିରି /କୋରୁକୋଣ୍ଡା(ଭାସ୍କର ନ୍ୟୁଜ୍): ବହୁ ସମସ୍ୟାରେ ଚାଲିଛି ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ। ବିଭାଗ ପକ୍ଷରୁ ମିଳିଥିବା ସୂଚନା ମୁତାବକ ଗତ ତା -୩୧-୧-୨୦୨୫ ରିଖରେ ଜିଲ୍ଲା ପ୍ରଶାସନ ଓ ଶିକ୍ଷା ବିଭାଗର ନିର୍ଦ୍ଦେଶ କ୍ରମେ କୁଡୁମୁଲୁଗୁମ୍ମା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଭାବେ କାର୍ଯ୍ୟରତ ଥିବା ଏସ୍.କେ କାଦର ଅଲ୍ଲୀଙ୍କୁ କୋରୁକୋଣ୍ଡା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟକୁ ସିନିୟର ଆସିଷ୍ଟାଣ୍ଟ ଭାବେ ବଦଳି କରାଯାଇଥିଲା। ସେ କୋରୁକୋଣ୍ଡା କାର୍ଯ୍ୟାଳୟରେ କାର୍ଯ୍ୟରତ ଥିଲେ ପୁନର୍ବାର ଜିଲ୍ଲା ପ୍ରଶାସନ ଏବଂ ଶିକ୍ଷା ବିଭାଗର ନିର୍ଦ୍ଦେଶ କ୍ରମେ ଗତ ତା୧-୭-୨୦୨୫ ରିଖରେ ତାଙ୍କର ସିନିୟର ଆସିଷ୍ଟାଣ୍ଟ ପଦବୀରୁ ବରିଷ୍ଠ କିରାଣୀ ଭାବେ ପଦୋନ୍ନତି ଦିଆଯିବା ସହ ତାଙ୍କୁ କାଲିମେଲା ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟକୁ ବଦଳି କରାଯାଇଛି। ସେ କୋରୁକୋଣ୍ଡା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରୁ ବଦଳି ହୋଇଯିବା ଠାରୁ ଆଜି ପର୍ଯ୍ୟନ୍ତ ସେ କାହାରିକୁ ନିଜର ଦାୟିତ୍ୱ ତଥା ଚାର୍ଜ ହସ୍ତାନ୍ତର କରୁନାହାନ୍ତି। ଯାହାଫଳରେ କୋରୁକୋଣ୍ଡା ଶିକ୍ଷା ବିଭାଗ ଅଧୀନରେ କାର୍ଯ୍ୟରତ ଥିବା ନୂତନ ପେନସନ ଯୋଜନା ଅନ୍ତର୍ଭୁକ୍ତ ପ୍ରାୟ ଦୁଇ ଶହରୁ ଉର୍ଦ୍ଧ୍ୱ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସମେତ କର୍ମଚାରୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଖାଲି ଏତିକି ନୁହେଁ ଅବସରପ୍ରାପ୍ତ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କର ପେନସନ, ଶିକ୍ଷକ ମାନଙ୍କର ଛୁଟି ଅନୁମୋଦନ ଫାଇଲ ସହ ସମସ୍ତଙ୍କର ସର୍ଭିସ ବହିରେ ହେବାକୁ ଥିବା ସମସ୍ତ କାର୍ଯ୍ୟ ଦୀର୍ଘ ଦିନ ହେବ ସମ୍ପୂର୍ଣ୍ଣ ଭାବେ ବନ୍ଦ ହୋଇ ପଡି ରହିଛି। ଏ ସମ୍ପର୍କରେ ବିଭିନ୍ନ କାର୍ଯ୍ୟ ନେଇ ବିଇଓଙ୍କ କାର୍ଯ୍ୟାଳୟକୁ ଆସୁଥିବା ଶିକ୍ଷକ ଶିକ୍ଷୟିତ୍ରୀମାନେ ବହୁବାର ହଇରାଣ ହରକତ ହେବା ପରେ ବ୍ଲକ ଶିକ୍ଷାଧିକାରୀ ଅସିତ ମିସ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ଏନେଇ ବ୍ଲକ ଶିକ୍ଷାଧିକାରୀ ଶ୍ରୀ ମିସ୍ତ୍ରୀ କାର୍ଯ୍ୟାଳୟ ପକ୍ଷରୁ ଗତ ତା୮-୭-୨୦୨୫ରିଖ ଚିଠି ନମ୍ବର - ୨୧୬୪ରେ ଦାୟିତ୍ୱ ହସ୍ତାନ୍ତର କରିବା ପାଇଁ ଅଲ୍ଲୀଙ୍କୁ ଲିଖିତ ମେମୋ ପଠାଇଥିଲେ। ପୁନର୍ବାର ବିଇଓଙ୍କ ପକ୍ଷରୁ ଗତ ତା୧୪-୭-୨୦୨୫ ରିଖ ଚିଠି ନମ୍ବର -୨୨୦୩ ରେ ଆଉ ଥରେ ତାଙ୍କ ନିକଟକୁ ଚିଠି ପଠାଇଥିଲେ। ବିଡମ୍ବନାର ବିଷୟ ବିଇଓ ଶ୍ରୀ ଅଲ୍ଲୀଙ୍କ ନିକଟକୁ ଦୁଇଥର ମେମୋ ପଠାଇବା ପରେ ମଧ ସେ ଆସି ଦାୟିତ୍ୱ ହସ୍ତାନ୍ତର ନ କରିବାରୁ ବିଇଓ ଏହି ଘଟଣା ସମ୍ପର୍କରେ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଅବଗତ କରାଇଥିଲେ। ଗତ ତା୩୧-୭-୨୦୨୫ରିଖରେ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର ଚିଠି ନମ୍ବର -୩୫୯୧୧ ରେ ତୁରନ୍ତ ଦାୟିତ୍ୱ ହସ୍ତାନ୍ତର କରିବା ପାଇଁ ଅଲ୍ଲୀଙ୍କୁ ଜିଲ୍ଲା ଶିକ୍ଷାଧିକାରୀ ଚିଠି ପଠାଇ ନିର୍ଦ୍ଦେଶ ଦେଇଥିଲେ ବୋଲି ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ଶ୍ରୀ ମିସ୍ତ୍ରୀ କହିଛନ୍ତି। ତଥାପି ଅଲ୍ଲୀ ଆସି ଦାୟିତ୍ୱ ହସ୍ତାନ୍ତର ନକରିବାରୁ ପୁନର୍ବାର କୋରୁକୋଣ୍ଡା ବିଇଓଙ୍କ ପକ୍ଷରୁ ଗତ ତା୫-୮-୨୦୨୫ ରିଖ ଚିଠି ନମ୍ବର-୨୫୨୯, ପୁଣି ଗତ ତା୧୨-୮-୨୦୨୫ ରିଖରେ ଚିଠି ନମ୍ବର ୨୬୩୧ରେ ଅଲ୍ଲୀଙ୍କ ନିକଟକୁ ଦୁଇଥର ଦୁଇଟି ଚିଠି ଲେଖି ଅବଗତ କରିବା ପରେ ବି ସେ କୋରୁକୋଣ୍ଡା କାର୍ଯ୍ୟାଳୟକୁ ଆସି ତାଙ୍କର ଦାୟିତ୍ୱ ତଥା ଚାର୍ଜ ହସ୍ତାନ୍ତର କରୁନଥିବା ନେଇ ଅଭିଯୋଗ ହୋଇଛି। ଏ ସମ୍ପର୍କରେ କୋରୁକୋଣ୍ଡା ବିଇଓ ଶ୍ରୀ ମିସ୍ତ୍ରୀଙ୍କୁ ପଚାରିବାରୁ ସେ କହିଛନ୍ତି ଯେ ଆମ ଅଫିସ ପକ୍ଷରୁ ବହୁବାର ଓ ଜିଲ୍ଲା ଶିଖାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଚାର୍ଜ ଦେବା ପାଇଁ ତାଙ୍କୁ ଚିଠି ପଠାଯାଇଛି। ତଥାପି ସେ ଚାର୍ଜ ଦେଉନାହାନ୍ତି। ଏ ସମ୍ପର୍କରେ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ପୁନର୍ବାର ଅବଗତ କରାଇ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଇଓ ଶ୍ରୀ ମିସ୍ତ୍ରୀ କହିଛନ୍ତି।

## ପାର୍ବଣ ଋତୁ ଆସିଲେ ମନେ ପଡ଼ନ୍ତି କୁମ୍ଭାର

ଉମରକୋଟ(ଭାସ୍କର ନ୍ୟୁଜ୍): ପରିବାରର ବୃଦ୍ଧ ବୃଦ୍ଧା ଠାରୁ ଆରମ୍ଭ କରି ପିଲା ପର୍ଯ୍ୟନ୍ତ ସମସ୍ତେ ମାଟି ଜିନିଷ ଗଢିବାରେ ବ୍ୟସ୍ତ। ଆଗକୁ ଆସୁଛି ପାର୍ବଣ ଋତୁ। ପାର୍ବଣ ଋତୁ ଆସିଲେ ଗୋଟିଏ ଗୋଟିଏ ପୂଜା ହାତ ଧରାଧରି ହୋଇ ଚାଲି ଆସନ୍ତି। ସର୍ବ ପ୍ରଥମେ ବିଘ୍ନ ବିନାଶକଙ୍କ ଗଣେଶ ପୂଜା ତାପରେ ବିଶ୍ୱକର୍ମା ପୂଜା ତାପଛକୁ ଦୁର୍ଗାପୂଜା, ଲକ୍ଷ୍ମୀପୂଜା, କାଳିପୂଜା ଓ ସରସ୍ୱତୀ ପୂଜା ଆସିଥାଏ । ପାର୍ବଣ ଋତୁ ଆସିଲେ ମନେ ପଡ଼ନ୍ତି କୁମ୍ଭାର। ବିନା କୁମ୍ଭୀରରେ କୌଣସି ପୂଜା କରିବା ଅସମ୍ଭବ। କାରଣ କୁମ୍ଭାର ଠାରୁ ମାଠିଆ, ଦୀପ, ସରା ଓ କଳସ ପାଇଁ କୁମ୍ଭାରକୁ ଅଗ୍ରୀମ ଦେବାକୁ ପଡିଥାଏ। ତେଣୁ ଏବେ ଠାରୁ ଚଳ ଚଞ୍ଚଳ ହେଲାଣି କୁମ୍ଭାରଶାଳ। ଜିନିଷ ଗଢି ବିକ୍ରି କଲେ ସେମିତି ବିଶେଷକରି ଲାଭ ମିଳୁନାହିଁ। କିନ୍ତୁ ନିଜ କୌଳିକ ବୃତ୍ତିକୁ ନ ଛାଡ଼ି ପିଢ଼ି ପରେ ପିଢ଼ି ଏହି କାର୍ଯ୍ୟ କରିଆସୁଛନ୍ତି କୁମ୍ଭାର ପରିବାର। ଏହି ସବୁ ଜିନିଷ ଗଢ଼ିବା ପାଇଁ ମାଟି ଠାରୁ ଆରମ୍ଭ କରି ଜାଳ ପର୍ଯ୍ୟନ୍ତ ସବୁ ଜିନିଷପତ୍ର କିଣିବାକୁ ପଡୁଛି । ପାଖରେ ଭଲ ମାଟି ନଥିବା ଯୋଗୁଁ ବହୁ ଦୂରରୁ ମାଟି ଆଣିବାକୁ ପଡୁଛି। ଏହିସବୁ ଜିନିଷ ତିଆରି କରିବାକୁ ଘରର ଛୋଟ ଠାରୁ ବଡ ପର୍ଯ୍ୟନ୍ତ ପରିଶ୍ରମ କରୁଛନ୍ତି। ଦି' ପଇସା ରୋଜଗାର କରିବା ଆଶାରେ ଲାଭ କମ ସତ୍ତ୍ୱେ ନିଜ କୌଳିକ ବୃତ୍ତିକୁ ନଛାଡ଼ି କୁମ୍ଭାର ପରିବାର ଲାଗିପଡନ୍ତି କାମରେ। ବର୍ଷ ସାରା ବିଭିନ୍ନ ମାଟି ସାମଗ୍ରୀ ତିଆରି କରି ବଜାର ଓ ଗାଁ ଗଣ୍ଡା ସବୁରେ ବୁଲି ବୁଲି ତାକୁ ବିକ୍ରି କରି ପେଟ ପୋଷିଥାନ୍ତି ଏହି କୁମ୍ଭାର ମାନେ। ପର୍ବପର୍ବାଣୀ ଗୁଡ଼ିକରେ ମାଟି ତିଆରି ସାମଗ୍ରୀର ଆବଶ୍ୟକତା ଅଧିକ ପଡୁଥିବାରୁ ଲୋକେ କୁମ୍ଭାର ପରିବାରକୁ ମନେ ପକାନ୍ତି।



# ଚାଷୀଙ୍କୁ ସିଏମ୍ କିଷାନ ସହାୟତା ରାଶି ହସ୍ତାନ୍ତର



ରାୟଗଡ(ଭାସ୍କର ନ୍ୟୁଜ୍): ସ୍ଥାନୀୟ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ସିଧା ପ୍ରସାରଣ କାର୍ଯ୍ୟକ୍ରମ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ସିଏମ କିଷାନ ସହାୟତା ରାଶି ଅନ୍ତର୍ଗତ ରବି ୨୦୨୫-୨୬ ଆର୍ଥିକ ବର୍ଷରେ ଚାଷୀମାନଙ୍କ ଜମାଖାତାକୁ ହସ୍ତାନ୍ତର କାର୍ଯ୍ୟକ୍ରମକୁ ରାୟଗଡ କୃଷି ଜିଲ୍ଲା ବିଭାଗ ତରଫରୁ ମୁଖ୍ୟ ଅତିଥି ବିଧାୟକ ରାୟଗଡ କାଡ୍ରାକା ଆପ୍ପାଲ ସ୍ୱାମୀ ସହ ସଭାପତିତ୍ୱ କରିଥିଲେ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି(ଭା.ପ୍ର.ସେ), ସମ୍ମାନୀତ ଅତିଥି ଗଣ ଏସ.କେ ଏହେସାନ - ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ରାୟଗଡ,ବରିଷ୍ଠ ବୈଜ୍ଞାନିକ ତଥା କୃଷି ବିଜ୍ଞାନ କେନ୍ଦ୍ର ରାୟଗଡ ମୁଖ୍ୟ ଡକ୍ଟର ସୁସ୍ମିତା ମହାନ୍ତି ,କୃଷି ଜିଲ୍ଲା ଅଧିକାରୀ ଗୁଣୁପୁର ଦିବ୍ୟ ସ୍ୱରୂପ ପଣ୍ଡା,କୃଷି ଜିଲ୍ଲା ଅଧିକାରୀ ମୁନିଗୁଡା ପ୍ରକାଶ ଚନ୍ଦ୍ର ବେହେରା,ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ସମେତ ପ୍ରାୟ ୧୫୦ରୁ ଉର୍ଦ୍ଧ୍ୱ ଚାଷୀ ଉପସ୍ଥିତ ରହି ଦେଖିଥିଲେ। ଏହି କାର୍ଯ୍ୟକ୍ରମରେ ବିଶେଷ ଭାବରେ ମୁଖ୍ୟମନ୍ତ୍ରୀ ପବିତ୍ର ଗଣେଶ ପୂଜା ଓ ନୂଆଖାଇ ଅବସରରେ ରାଜ୍ୟର ୫୧ ଲକ୍ଷରୁ ଉର୍ଦ୍ଧ୍ୱ କ୍ଷୁଦ୍ର,ନାମମାତ୍ର ଓ ଭୂମିହୀନ ଚାଷୀଙ୍କ ଜମା ଖାତାକୁ ୨୦୦୦ ଟଙ୍କା ଲେଖାଏ ପ୍ରାୟ ୧୦୪୧ କୋଟିରୁ ଉର୍ଦ୍ଧ୍ୱ ଅର୍ଥ ରାଶି ଚାଷ କ୍ଷେତ୍ରରେ ସହଯୋଗ ନିମନ୍ତେ ପ୍ରଦାନ କରିବେ ।ଏହି ଅବସରରେ ରାୟଗଡ ଜିଲ୍ଲାର ୮୬୮୯୩ ଜଣ କ୍ଷୁଦ୍ର ଚାଷୀ ଏହି ସୁବିଧାର ଉପକୃତ ହେବା ସହ ଜମାଖାତାକୁ ପ୍ରତ୍ୟେକ ୨୦୦୦ ଟଙ୍କା ହସ୍ତାନ୍ତର କରାଯାଇଛି । ସମସ୍ତ କାର୍ଯ୍ୟକ୍ରମକୁ ଉତ୍ତମ କୁମାର ଦାସ ସହକାରୀ ବୈଷୟିକ ପରିଚାଳକ କୃଷି ବିଭାଗ ମୁନିଗୁଡା ମଞ୍ଚ ପରିଚାଳନା କରିଥିଲେ।

## ପ୍ରବାସୀ ଶ୍ରମିକ ସଚେତନତା କାର୍ଯ୍ୟକ୍ରମ

ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ୍):ଗଜପତି ଜିଲ୍ଲା ନୂଆଗଡ ବ୍ଲକ ପୁଟୁରୁ ପଡାଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଆଜି ତଥା ୨୬/୦୮/୨୦୨୫ ମଙ୍ଗଳବାର ଦିନ ପ୍ରବାସୀ ଶ୍ରମିକ ସଚେତନତା ବୈଠକ ଅନୁଷ୍ଠିତ ହୋଇଯାଇଛି ।ଏଥିରେ ଆନ୍ତଃରାଜ୍ୟ ପ୍ରବାସୀ ଶ୍ରମିକ ଆଇନରେ ଥିବା ସୁବିଧା, ସୁଯୋଗ ଓ ଅଧିକାର ଉପରେ ଆଲୋଚନା କରାଯାଇଥିଲା । ଅଣକୁଶଳୀଙ୍କୁ ଦୈନିକ ୪୬୨ଟଙ୍କା, ଅର୍ଦ୍ଧକୁଶଳୀଙ୍କୁ ୫୧୨ଟଙ୍କା, କୁଶଳୀଙ୍କୁ ୫୬୨ଟଙ୍କା ଓ ଉଚ୍ଚକୁଶଳୀଙ୍କୁ ଦୈନିକ ୬୧୨ ମଜୁରି ମିଳୁଥିବା ନେଇ ଜିଲ୍ଲା ଶ୍ରମ ଅଧିକାରୀ ମାନସ ରଞ୍ଜନ ସାହୁ ସୂଚନା ଦେଇଥିଲେ। ତଥ୍ୟ ଏଣ୍ଟ୍ରି ଅପରେଟର ପବିତ୍ର ପାତ୍ରଙ୍କ ସମେତ ସ୍ଥାନୀୟ ସରପଞ୍ଚ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଓ ନିର୍ବାଚିତ ଜନ ପ୍ରତିନିଧିଗଣ ଉପସ୍ଥିତ ଥିଲେ ।

## ୮ ମାଓବାଦୀଙ୍କ ଆତ୍ମସମର୍ପଣ



ମାଲକାନଗିରି(ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା ସୀମାନ୍ତ ତେଲେଙ୍ଗନାରେ ସିପିଆଇ ମାଓ ସଙ୍ଗଠନର ୮ ଜଣ ସକ୍ରିୟ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ସୂଚନା ଅନୁଯାୟୀ ତେଲେଙ୍ଗନା ରାଜ୍ୟର ଭଦ୍ରାଦରି କୋଥାଗୁଡେମ ଜିଲ୍ଲାର ପୋଲିସ ନିକଟରେ ୮ଜଣ ମାଓବାଦୀ ମାଓ ସଙ୍ଗଠନ ଛାଡି ଆତ୍ମସମର୍ପଣ କରିଛନ୍ତି। ଭଦ୍ରାଦରି କୋଥାଗୁଡେମ ଜିଲ୍ଲା ପୋଲିସ ଏବଂ ସିଆରପିଏଫ ବାଟାଲିୟନ ଦ୍ୱାରା ମାଓ ଉପଦ୍ରବ ଅଞ୍ଚଳରେ ଲୋକଙ୍କ ବିକାଶ ଏବଂ କଲ୍ୟାଣ ପାଇଁ "ଅପରେସନ୍ ଚେୟୁଥା"ର ଆରମ୍ଭ କରିଥିବା ବେଳେ ଏଥିରେ ଆକର୍ଷିତ ହୋଇ ଏହି ୮ ମାଓବାଦୀ ମୁଖ୍ୟସ୍ରୋତରେ ସାମିଲ ହେବାକୁ ନିଷ୍ପତ୍ତି ନେଇଛନ୍ତି। ଆତ୍ମସମର୍ପଣକାରୀଙ୍କ ମଧ୍ୟରେ ଜଣେ ମହିଳା ସମେତ ୭ ପୁରୁଷ ମାଓବାଦୀ ରହିଛନ୍ତି। ଏହି ସଦସ୍ୟମାନେ ସଂଗଠନ ମଧ୍ୟରେ ବିଭିନ୍ନ କ୍ୟାଡର ଏସିଏ ସିଏମ୍ କ୍ୟାଡରର ଜଣେ, ସଙ୍ଗଠନର କେନ୍ଦ୍ରୀୟ ସଦସ୍ୟ ଭାବେ ଜଣେ ଏବଂ ୬ଜଣ ମିଲିସିଆ ସଦସ୍ୟ ଭାବେ କାର୍ଯ୍ୟ କରୁଥିଲେ। ୮ ମାଓବାଦୀ ସଦସ୍ୟଙ୍କ ମଧ୍ୟରୁ ପ୍ରତ୍ୟେକଙ୍କୁ ତୁରନ୍ତ ୨୫ ହଜାର ଟଙ୍କା ସହାୟତା ଭାବରେ ଯୋଗାଇବା ସହ ଆଗାମୀ ଦିନରେ ସେମାନଙ୍କ ପଦବୀ ଅନୁସାରେ ଅତିରିକ୍ତ ଆର୍ଥିକ ସହାୟତା ପ୍ରଦାନ କରାଯିବ ଏବଂ ସେମାନଙ୍କର ସରକାରୀ ନୀତି ଅନୁଯାୟୀ ଥଇଥାନ କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

## ବିଭିନ୍ନ ସ୍ଥାନରେ ଗଜାନନଙ୍କ ପୂଜା ପାଳିତ

ରାଇଘର(ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ସଦର ମହକୁମାର ପୂଜା ମଣ୍ଡପ, ବ୍ଲକ ଛକ, ପତ୍ରକୋଟି, ହାଟପଦା, କୋଦଭଟା, କାଳୀ ସୁନ୍ଦରୀ ସାହି, ଭିମା ଛକ ଠାରୁ ଆରମ୍ଭ କରି ବିଭିନ୍ନ ଗ୍ରାମ ସାହି ତଥା ପ୍ରତ୍ୟେକ ସ୍କୁଲ୍ କଲେଜ, ବିଭିନ୍ନ ସରକାରୀ, ବେସରକାରୀ ଆଦି ଅନୁଷ୍ଠାନ ତରଫରୁ ଅଗ୍ରପୂଜ୍ୟ ଗଜାନନଙ୍କ ପୂଜା ଦେଖିବାକୁ ମିଳୁଛି। ବ୍ଲକର ୨୬ ଗୋଟି ପଞ୍ଚାୟତରେ ଆଡମ୍ବର ସହକାରେ ଗଜାନନଙ୍କ ପୂଜା ପାଳିତ ହେଉଅଛି। ସେହିପରି ବିଭିନ୍ନ ସ୍ଥାନରେ ଓ ଯୁବ ସମାଜ ତରଫରୁ ମଧ ଆଡମ୍ବର ସହ ବିଭିନ୍ନ ପ୍ରକାର ସାଜସଜ୍ଜା ରେ ଅଗ୍ରପୂଜ୍ୟ ଗଜାନନ ପୂଜା କରାଯାଉଛି।



ପୁରୀ (ଭାସ୍କର ନ୍ୟୁଜ) : ପୁଣି ପୁରୀ ଶ୍ରୀମନ୍ଦିରରେ ସୁରକ୍ଷା ଢିଲା । ଜଗନ୍ନାଥ ମନ୍ଦିର ଭିତରେ ପଶିଲା ହିଡେନ୍ କ୍ୟାମେରା । ଶ୍ରୀମନ୍ଦିର ଭିତରେ ଚଷମା ସହିତ ସଂଯୁକ୍ତ ହିଡେନ୍ କ୍ୟାମେରା ନେଇ ଜଣେ ବ୍ୟକ୍ତି ଭିଜୁଆଲ ସୁଟିଂ କରୁଥିବା ସମୟରେ ସୁରକ୍ଷା କର୍ମୀଙ୍କ ହାତରେ ଧରାପଡ଼ିଛନ୍ତି । ସମ୍ପୃକ୍ତ ବ୍ୟକ୍ତିଙ୍କୁ ସିଂହଦ୍ୱାର ଥାନାରେ ଅଟକ ରଖି ପୋଲିସ ପକ୍ଷରୁ ପଚରାଉଚରା କରୁଛି । ଅଟକ ଥିବା ବ୍ୟକ୍ତି ଜଣକ ପଶ୍ଚିମବଙ୍ଗ ଚବିଶ ପ୍ରଗଣା ଅଞ୍ଚଳର ଅରୂପ ରାୟ ବୋଲି ଜଣାପଡ଼ିଛି ।ପୁରୀ ଏସପି ପ୍ରତୀକ ସିଂ କହିଛନ୍ତି, 'ପଶ୍ଚିମବଙ୍ଗର ୩୧ ବର୍ଷିୟ ଅରୁପ ରାୟ ନାମ ଜଣେ ବ୍ୟକ୍ତି ଚଷମାରେ ହିଡେନ୍ କ୍ୟାମେରା ନେଇ ଶ୍ରୀମନ୍ଦିର ଭିତରେ ପ୍ରବେଶ କରିଥିଲେ । ବ୍ୟକ୍ତିଙ୍କୁ ଅଟକ ରଖି ପଚରାଉଚରା କରାଯାଉଛି । କେଉଁ ପରିସ୍ଥିତିରେ ଏବଂ କ'ଣ ଉଦ୍ଦେଶ୍ୟ ନେଇ ସେ ଶ୍ରୀମନ୍ଦିର ଭିତରକୁ ହିଡେନ୍ କ୍ୟାମେରା ନେଇ ଯାଇଥିଲେ ତାର ତଦନ୍ତ ଚାଲିଛି । ସମ୍ପୃକ୍ତ ବ୍ୟକ୍ତିଙ୍କ ଠାରୁ ପୋଲିସ ମୋବାଇଲ ଫୋନ୍ ଜବତ କରିବା ସହ ହିଡେନ କ୍ୟାମେରା ସଂଯୁକ୍ତ ଚଷମା ମଧ୍ୟ ଜବତ କରିଛି । ଶ୍ରୀମନ୍ଦିର ଆଇନ ଅନୁଯାୟୀ, ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।ସକାଳେ ପଶ୍ଚିମବଙ୍ଗ ଚବିଶ ପ୍ରଗଣା ଅଞ୍ଚଳ ଅରୂପ ରାୟ ପରିବାର ସହିତ ମହାପ୍ରଭୁଙ୍କ ଦର୍ଶନ ପାଇଁ ଶ୍ରୀମନ୍ଦିର ଆସିଥିଲେ । ଦର୍ଶନ ପାଇଁ ଯିବା ବେଳେ ଚଷମା ସଂଯୁକ୍ତ ହିଡେନ୍ କ୍ୟାମେରା ଶ୍ରୀମନ୍ଦିରକୁ ନେଇ ପ୍ରବେଶ କରିଥିଲେ । ହିଡେନ୍ କ୍ୟାମେରାରେ ଶ୍ରୀମନ୍ଦିର ଭିତରେ ସୁଟିଂ କରୁଥିବା ବେଳେ ମନ୍ଦିର ସୁରକ୍ଷା କର୍ମୀ ସନ୍ଦେହ କରିଥିଲେ । ଯାଞ୍ଚ ପରେ ସମ୍ପୃକ୍ତ ବ୍ୟକ୍ତି ଜଣକ ହିଡେନ୍ କ୍ୟାମେରାରେ ଶ୍ରୀମନ୍ଦିର ଭିତରର ଭିଜୁଆଲ ନେଉଥିବା ଜଣାପଡିଥିଲା ।



ମାଷ୍ଟରକ୍ୟାଣ୍ଟିନରେ ଖବରକାଗଜ ବିକ୍ରେତା ସଂଘ ପକ୍ଷରୁ ଗଣେଶ ପୂଜା



ୟୁନିଟ୍-୮ ଖବରକାଗଜ ବିକ୍ରେତା ସଂଘ ପକ୍ଷରୁ ଗଣେଶ ପୂଜା



ୟୁନିଟ୍-୩ ଖବରକାଗଜ ବିକ୍ରେତା ସଂଘ ପକ୍ଷରୁ ଗଣେଶ ପୂଜା



ପୁରୁଣା ବସଷ୍ଟାଣ୍ଡ ଖବରକାଗଜ ବିକ୍ରେତା ସଂଘ ପକ୍ଷରୁ ଗଣେଶ ପୂଜା



'ଓଡ଼ିଶା ଭାସ୍କର' ମୁଖ୍ୟାଳୟରେ ପୂଜା ପାଉଛନ୍ତି ପ୍ରଭୁ ଗଜାନନ ଅଗ୍ରପୂଜ୍ୟ

## ନକଲି ଡିଇଏଫ୍ ଜବତ, ବ୍ୟବସାୟୀ ଗିରଫ

ଟାଙ୍ଗୀ (ଭାସ୍କର ନ୍ୟୁଜ): ଚାନ୍ଦପୁର ଥାନା ଅଧିନସ୍ଥ ଜାତୀୟ ରାଜପଥର ବେଣ୍ଟ ଛକ ନିକଟରେ ଡି.ପି.ଏଫ୍. ବିକ୍ରୀ କରାଯାଉଛି , ତାହା ଓରିଜିନାଲ୍ ଦାମ ଠାରୁ ଢେର କମ୍ ଦାମ୍ ରେ ବିକ୍ରି ହେଉଛି । ଗ୍ରାହକ ମାନେ ମଧ୍ୟ ଅସଲି-ନକଲି ଜାଣିବା ମୁସ୍କିଲ , କାହିଁକି ନା' ଦେଖିବାକୁ ଏକଦମ୍ ଅସଲି । ପରଖିବା ପରେ ଜଣାପଡିଲା ଯେ ବ୍ରାଣ୍ଡ୍ ଅସଲି ମାତ୍ର ଭିତରେ ଥିବା ମାଲ୍ ଏକଦମ୍ ନକଲି । ଏହା ସ୍ପଷ୍ଟ ହେବା ପରେ ଟାଟା ମୋଟର୍ସ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଚାନ୍ଦପୁର ଥାନାକୁ ଏ ସମ୍ପର୍କରେ ଅବଗତ କରାଯାଇଥିଲା । ଚାନ୍ଦପୁର ଥାନା ନିରୀକ୍ଷକ ଦିଲ୍ଲୀପ କୁମାର ସ୍ୱାଇଁ ଏହାର ସତ୍ୟାସତ୍ୟ ପରଖିବା ପରେ ବ୍ରାଣ୍ଡ୍ ଅସଲି ଏବଂ ଭିତରେ ଥିବା ମାଲ୍ ସବୁ ନକଲି ବୋଲି ସ୍ପଷ୍ଟ ପ୍ରମାଣିତ ହୋଇଥିଲା । ଘଟଣା ସ୍ଥଳରୁ ୧୮୦ ଲିଟର ଡୁପ୍ଲିକେଟ ଡିଜେଲ ଏକ୍ସହାଷ୍ଟ ଫ୍ଲୁଇଡ୍ (ଡରର) ଜବତ କରିଛି ଚାନ୍ଦପୁର ପୋଲିସ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ୩୩ ମୃତ...

ସମ୍ଭାବନା ଥିବା ନେଇ ରେଡ୍ ଆଲର୍ଟ ଜାରି କରାଯାଇଛି। ପ୍ରଶାସନ ପୂର୍ବରୁ ତୀର୍ଥଯାତ୍ରୀଙ୍କୁ ସତର୍କ ରହିବା ପାଇଁ ତଥା ପାଣିପାଗ ସଂପର୍କରେ ସୂଚନା ନେଇ ଯାତ୍ରା କରିବାକୁ ପରାମର୍ଶ ଦେଇଥିଲା। ୨୨ଟି ଟ୍ରେନ୍‌କୁ ବାତିଲ କରି ଦିଆଯାଇଛି। ସ୍ଥାନୀୟ ପ୍ରଶାସନ ପକ୍ଷରୁ କୁହାଯାଇଛି ଯେ ଲଗାତାର ବର୍ଷା ହେଉଥିବାରୁ ଉଦ୍ଧାର କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି। ଅନ୍ୟପକ୍ଷରେ ଜାମ୍ମୁକାଶ୍ମୀରର ଦୋଡା ଜିଲ୍ଲାରେ ପ୍ରବଳ ବର୍ଷା ଯୋଗୁ ୪ଜଣ ଲୋକଙ୍କର ମୃତ୍ୟୁ ହୋଇଛି। ବର୍ଷା ପ୍ରବଳ ହେଉଥିବାରୁ ବନ୍ୟା ସ୍ଥିତି ଅଧିକ ବିଗିଡ଼ି ଯିବ ବୋଲି ସୂଚନା ଦିଆଯାଇଛି। ଏଣୁ ସତର୍କ ରହିବା ପାଇଁ ଲୋକମାନଙ୍କୁ ପରାମର୍ଶ ଦିଆଯାଇଛି।

### ଉତ୍ସବ ମୁଖର...

ମିଳିଥିଲା। ଏହାସହ ବିଭିନ୍ନ ସମ୍ପ୍ରଦାୟରେ ଭିନ୍ନ ଭିନ୍ନ ପତ୍ରରେ ନୂଆ ଲାଗି ହେଉଥିବାରୁ ବଜାରରେ କୁରେ, ଶାଳ, ମହୁଲ, ସାରୁପତ୍ର ମଧ୍ୟ ବିକ୍ରି ହେଉଥିବାର ଦେଖା ଯାଇଥିଲା। ନୂଆଁଖାଇରେ ନୂଆ ପିନ୍ଧିବାର ପରମ୍ପରା ରହିଥିବାରୁ ଲୁଗା ଦୋକାନଗୁଡ଼ିକରେ ମଧ୍ୟ ଗ୍ରାହକଙ୍କ ଭିଡ଼ ଜମିଥିଲା। ବାହାରେ ରହୁଥିବା ଲୋକେ ଦୁଇଦିନ ପୂର୍ବରୁ ଗାଁକୁ ଫେରି ପ୍ରସ୍ତୁତି ଆରମ୍ଭ କରିଛନ୍ତି। ବୁଧବାର ସକାଳେ ମଧ୍ୟ ରେଳଷ୍ଟେସନ, ବସ୍ ଟର୍ମିନାଲରେ ଯାତ୍ରୀଙ୍କର ଭିଡ଼ ଲାଗି ରହିଥିବା ଦେଖିବାକୁ ମିଳିଥିଲା।

### ୫ବର୍ଷ ଯାଏ...

ଜେନେରାଲ ଅନୀଲ ଚୌହାନ, ବାୟୁସେନା ମୁଖ୍ୟ ମାର୍ଶାଏ ଏ.ପି. ସିଂ, ନୌସେନା ମୁଖ୍ୟ ଆଡମିରାଲ ଦିନେଶ କେ.ତ୍ରିପାଠୀଙ୍କ ସମେତ ସଶସ୍ତ୍ରବାହିନୀର ସମସ୍ତ ଉଚ୍ଚପଦସ୍ଥ ଅଧିକାରୀ ଉପସ୍ଥିତ ରହିଥିଲେ। ଏହି କାର୍ଯ୍ୟକ୍ରମରେ ରାଜନାଥ ଅପରେସନ ସିନ୍ଦୂର ପାଇଁ ୩ ସେନାଙ୍କୁ ମଧ୍ୟ ପ୍ରଶଂସା କରିଥିଲେ।

### ଚାଷୀଙ୍କ ବିକାଶରେ...

ଯୋଜନାରେ ବର୍ତ୍ତମାନ ସୁଦ୍ଧା ୧୮ ଲକ୍ଷରୁ ଅଧିକ ଚାଷୀ ପଞ୍ଜୀକରଣ କରିସାରିଛନ୍ତି। ଯେମତି ଜଣେ ହେଲେ ଚାଷୀ ଯେମତି ଏଥିରୁ ବଞ୍ଚିତ ନ ହୁଅନ୍ତି, ମୁଁ ବ୍ୟକ୍ତିଗତ ଭାବେ ଧ୍ୟାନ ରଖିବି। କାରଣ, ବିନା ଅନ୍ନଦାତାଙ୍କ ଉନ୍ନତିରେ ରାଜ୍ୟର ପ୍ରଗତି ଅସମ୍ଭବ। ସେ କହିଥିଲେ ଯେ, ପ୍ରତି ଫସଲ ଋତୁ ପାଇଁ କ୍ଷୁଦ୍ର ଓ ନାମମାତ୍ର କୃଷକଙ୍କୁ ୨୦୦୦ ଟଙ୍କା ହିସାବରେ (ବାର୍ଷିକ ୪୦୦୦ ଟଙ୍କା) ପ୍ରଦାନ କରାଯାଇଥାଏ । ଏହି ସହାୟତା ରାଶି କୃଷକମାନେ ଆବଶ୍ୟକୀୟ କୃଷି ସାମଗ୍ରୀ କ୍ରୟ କରିବାରେ ବ୍ୟବହାର କରିଥାନ୍ତି। ଭୂମିହୀନ କୃଷି ପରିବାରକୁ ଛେଳି, କୁକୁଡ଼ା, ବତକ ପାଳନ ତଥା ଛତୁ/ ମହୁଚାଷ ଏବଂ ଅନ୍ୟାନ୍ୟ ଆନୁସଙ୍ଗିକ କୃଷି କାର୍ଯ୍ୟ ନିମନ୍ତେ ତିନୋଟି କିସ୍ତିରେ ୧୨୫୦୦ ଟଙ୍କା ପ୍ରଦାନ କରାଯାଇଥାଏ । । ଏହା ଅତ୍ୟନ୍ତ ଖୁସିର ବିଷୟ ଯେ ଚଳିତ ବର୍ଷ କୃଷକ ସମୃଦ୍ଧି ଯୋଜନାରେ ବର୍ତ୍ତମାନ ସୁଦ୍ଧା ୧୮ ଲକ୍ଷରୁ ଅଧିକ ଚାଷୀ ପଞ୍ଜୀକରଣ କରିସାରିଛନ୍ତି। ଯେମତି ଜଣେ ହେଲେ ଚାଷୀ ଯେମତି ଏଥିରୁ ବଞ୍ଚିତ ନ ହୁଅନ୍ତି, ମୁଁ ବ୍ୟକ୍ତିଗତ ଭାବେ ଧ୍ୟାନ ରଖିବି। କାରଣ, ବିନା ଅନ୍ନଦାତାଙ୍କ ଉନ୍ନତିରେ ରାଜ୍ୟର ପ୍ରଗତି ଅସମ୍ଭବ। ସେ ଆହୁରି କହିଥିଲେ ଯେ, ଫସଲର ସୁରକ୍ଷା ନିମନ୍ତେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହଭାଗିତାରେ ଅନେକ ଗୁଡିଏ କୃଷକ କଲ୍ୟାଣ ଯୋଜନା କାର୍ଯ୍ୟକାରୀ କରାଯାଉଛି। ପ୍ରଧାନ ମନ୍ତ୍ରୀ ଫସଲ ବୀମା ଯୋଜନା, ପରିବର୍ତ୍ତିତ ଜଳବାୟୁ ତଥା ବିଳମ୍ବିତ ମୌସୁମୀକୁ ସମ୍ମୁଖୀନ ହୋଇ ନିଶ୍ଚିତ ଫସଲ ଅମଳ ପାଇବା ପାଇଁ ଫସଲ ବିବିଧିକରଣ ଭଳି ଯୋଜନା ଉପରେ ଅଧିକ ଗୁରୁତ୍ୱ ପ୍ରଦାନ କରାଯାଉଛି। ଆଳୁ ଓଡ଼ିଶାର ପ୍ରମୁଖ ପନିପରିବା ଫସଲ ମଧ୍ୟରୁ ଅନ୍ୟତମ ଏବଂ ଆଳୁ ଉତ୍ପାଦନରେ ରାଜ୍ୟକୁ ଆତ୍ମନିର୍ଭରଶୀଳ କରିବା ପାଇଁ, ରାଜ୍ୟର ୩ ହଜାର ୧୧୫ କ୍ଲଷ୍ଟରରେ ୩୬ ହଜାରରୁ ଅଧିକ ଚାଷୀ ସଚେତନତା କାର୍ଯ୍ୟକ୍ରମ କରାଯାଇ ପ୍ରାୟ ୧ ଲକ୍ଷ ହିତାଧିକାରୀଙ୍କୁ ଆଳୁ ଚାଷରେ ସାମିଲ କରାଯାଇଛି । ଗତବର୍ଷ ରାଜ୍ୟର ସମସ୍ତ ଜିଲ୍ଲାରେ ୧ ଲକ୍ଷ ୬୦ ହଜାର ୮୭୪ କ୍ୱିଣ୍ଟାଲର ପ୍ରାମାଣିକ ବିହନ ଆଳୁ ବଣ୍ଟନ କରାଯାଇଛି, ଯାହା ପୂର୍ବ ବର୍ଷ ତୁଳନାରେ ୩ ଗୁଣ ଅଧିକ । ରାଜ୍ୟରେ ଶୀତଳ ଭଣ୍ଡାର ସ୍ଥାପନ ନିମନ୍ତେ ଆର୍ଥିକ ସହାୟତା ଯୋଜନା ୨୦୨୫ ଜାନୁୟାରୀରେ କାର୍ଯ୍ୟକ୍ଷମ କରାଯାଇଛି । ରାଜ୍ୟରେ ଶୀତଳଭଣ୍ଡାର ଭିତ୍ତିଭୂମିକୁ ସୁଦୃଢ କରିବା ଲକ୍ଷ୍ୟ ନେଇ ପ୍ରତ୍ୟେକ ଉପଖଣ୍ଡ ସ୍ତରରେ ଗୋଟିଏ ଲେଖାଏଁ ଶୀତଳ ଭଣ୍ଡାର ଘରୋଇ ସହଭାଗିତାରେ ପ୍ରତିଷ୍ଠା କରାଯିବ। ଏହା ମାଧ୍ୟମରେ ଫସଲ ଅମଳ ପରବର୍ତ୍ତୀ କ୍ଷତିକୁ ରୋକିବା ସହ କୃଷି ଉତ୍ପାଦର ଉପଯୁକ୍ତ ମୂଲ୍ୟ ଦ୍ୱାରା ବଜାର ସୁବିଧା ଯୋଗାଇ ଦେଇ ଚାଷୀମାନଙ୍କର ରୋଜଗାର ବୃଦ୍ଧି କରାଯାଇପାରିବ । ଏହା ଦ୍ୱାରା ଅଭାବୀ ବିକ୍ରି ମଧ ରୋକାଯାଇ ପାରିବ । ଯୁବ କୃଷି ଉଦ୍ୟୋଗୀ ମାନଙ୍କୁ ବ୍ୟବସାୟ ଭିତ୍ତିକ ଭିତ୍ତିଭୂମି ପ୍ରତିଷ୍ଠା ସହ ନିଜର ଆର୍ଥିକ ଉନ୍ନତି ଏବଂ ରାଜ୍ୟର ଗ୍ରାମୀଣ ଅର୍ଥନୀତିରେ ଉନ୍ନତି ଆଣିବା ପାଇଁ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ରିହାତି ଜରିଆରେ ଏକ କୋଟି ଟଙ୍କା ପର୍ଯ୍ୟନ୍ତ ସବସିଡି ପ୍ରଦାନ କରାଯାଉଛି। ୨୦୨୪-୨୫ ଆର୍ଥିକ ବର୍ଷରେ ୧ ହଜାର ୪୦୬ ଟି ପ୍ରକଳ୍ପକୁ ୧୮୮ କୋଟି ୩୪ ଲକ୍ଷ ଟଙ୍କାର ରିହାତି ପ୍ରଦାନ କରାଯାଇଛି, ବୋଲି ସେ କହିଥିଲେ। ସୂଚନା ଯୋଗ୍ୟ ଯେ ଏହି ପ୍ରମୁଖ କଲ୍ୟାଣକାରୀ ଯୋଜନାରେ କୃଷକଙ୍କ ପରିବାରକୁ କୃଷି ଓ ଆନୁସଙ୍ଗିକ କାର୍ଯ୍ୟପାଇଁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥାଏ। ଉଚ୍ଚ ଶିକ୍ଷା / ବୃତିଧାରୀ ଶିକ୍ଷା ନିମନ୍ତେ କୃଷି ବିଦ୍ୟାନିଧି ଯୋଜନାରେ ସି. ଏମ୍. କିଷାନ ହିତାଧିକାରୀଙ୍କ ପିଲାଙ୍କ ପାଇଁ ବୃତ୍ତି ପ୍ରଦାନ କରାଯାଇଛି । ଆଇ ଆଇ ଟି, ଏନ ଆଇ ଟି, ଆଇ ଆଇ ଏମ୍. ଏମ୍ସ ଓ ଆ.ସି.ଏ. ଆର ଭଳି ପ୍ରମୁଖ ଶିକ୍ଷାନୁଷ୍ଠାନରେ ଅଧ୍ୟୟନ କରୁଥିବା ମେଡ଼ିକାଲ, ଇଞ୍ଜିନିୟରିଂ, କୃଷି, ନର୍ସିଂ, ଆଇ ଆଇ ଟି, ଛାତ୍ରଛାତ୍ରୀ ମାନଙ୍କୁ ଏହି ବୃତ୍ତି ପ୍ରଦାନର ବ୍ୟବସ୍ଥା ରହିଛି । ଗତ ଶିକ୍ଷା ବର୍ଷରେ ବିଭିନ୍ନ ବୈଷୟିକ ପାଠ୍ୟକ୍ରମ ପାଇଁ ୧୩,୯୨୩ ଜଣ ସି. ଏମ୍. କିଷାନ ହିତାଧିକାରୀଙ୍କ ପିଲାମାନଙ୍କୁ ପ୍ରାୟ ୫୩ କୋଟି ୬୯ ଲକ୍ଷ ଟଙ୍କାର କୃଷି ବିଦ୍ୟାନିଧି ଛାତ୍ରବୃତ୍ତି ପ୍ରଦାନ କରାଯାଇଛି। ଏହି ଉତ୍ସବରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂ ଦେଓ କହିଥିଲେ ଯେ ରାଜ୍ୟରେ କୃଷି ଓ କୃଷକର ଉନ୍ନତି ସାଧନ ନିମିତ୍ତ ସରକାର ଅଙ୍ଗୀକାରବଦ୍ଧ । ସମସ୍ତ ଅଭାବୀ ଚାଷୀକୁଳକୁ କିଛିଟା ଆର୍ଥିକ ସ୍ୱାବଲମ୍ବୀ କରିବାର ଲକ୍ଷ୍ୟ ନେଇ ରାଜ୍ୟ ସରକାର ନିଜସ୍ୱ ସମ୍ବଳରେ ଏହି କୃଷକ କଲ୍ୟାଣକାରୀ ଯୋଜନା ସି ଏମ କିଷାନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି । ଏହି ଯୋଜନା ଏକ ପ୍ରଗତିଶୀଳ ତଥା କୃଷକମାନଙ୍କୁ ସମାଜର ମୁଖ୍ୟ ସ୍ରୋତକୁ ଆଣିବା ଭଳି ଯୋଜନା । ସି.ଏମ୍ କିଷାନ ଯୋଜନାରେ ଅଧିକରୁ ଅଧିକ ଯୋଗ୍ୟ ଚାଷୀ ଅନ୍ତର୍ଭୁକ୍ତ ହେଲେ କୃଷି ଓ କୃଷକର ଉନ୍ନତି ହୋଇପାରିବ। ଏହି ଅବସରରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ, ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଥିଲେଯେ, ଆନୁଷଙ୍ଗିକ କୃଷି କାର୍ଯ୍ୟକ୍ରମ ଯଥା ପଶୁପାଳନ, ମତ୍ସ୍ୟଚାଷ ଓ ଉଦ୍ୟାନକୃଷି ବୃତ୍ତି ଚାଷୀ ମାନଙ୍କର ଆର୍ଥିକ ଉନ୍ନତି ଓ ଉନ୍ନତ ଜୀବନ ଧାରଣରେ ବିଶେଷ ଗୁରୁତ୍ୱ ବହନ କରେ । କ୍ଷୁଦ୍ର ଛେଳି ଚାଷ ୟୁନିଟ, କ୍ଷୁଦ୍ର ଅଣ୍ଡା ଦିଆ କୁକୁଡ଼ା ୟୁନିଟ, ଦ୍ୱିମୁଖୀ ସ୍ୱଳ୍ପ ସାମଗ୍ରୀ ବୈଷୟିକ ପକ୍ଷୀ ୟୁନିଟ, ବତକ ୟୁନିଟ, ମତ୍ସ୍ୟଜୀବିଙ୍କୁ ମତ୍ସ୍ୟ ଉପକରଣ ଯୋଗାଣ, ଛତୁ ଚାଷ, ମହୁ ଚାଷ, ଗୋପାଳନ, ଟସର ଚାଷ ଭଳି ଅନେକ ଚାଷ ଆଜି ଅନେକ ସ୍ତରରେ ଲାଭବାନ ହୋଇଛନ୍ତି ଏହି ସି ଏମ କିଷାନ ଯୋଜନା ପାଇଁ। ଏହା ଛଡା ସରକାରଙ୍କ ପଶୁପାଳନ ଆର୍ଥିକ ସହାୟତା ଯେଭଳି ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ଆଜି ଲକ୍ଷ ଲକ୍ଷ ଗୋପାଳକ ଭାଇ ଭଉଣୀ ମାନଙ୍କ ମୁହଁରେ ହସ ଫୁଟାଇ ପାରିଛି। ଏହି ଅବସରରେ ଭୁବନେଶ୍ୱର (ଏକାମ୍ର) ମାନ୍ୟବର ବିଧାୟକ ବାବୁ ସିଂ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତି ଡଃ ପ୍ରଭାତ କୁମାର ରାଉଳ, ନିର୍ଦ୍ଦେଶକ ଉଦ୍ୟାନ କୃଷି ବିଭାଗ ଏବଂ ନିର୍ଦ୍ଦେଶକ ମୃତ୍ତିକା ସଂରକ୍ଷଣ ବିଭାଗ, କୃଷି ଓ କୃଷକ ସଶକ୍ତିକରଣ ବିଭାଗର ବହୁ ବରିଷ୍ଠ ଅଧିକାରୀ ଏହି ଯୋଗଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ରାଜ୍ୟର ପ୍ରାୟ ୬୦୦ରୁ ଉର୍ଦ୍ଧ କୃଷକ ଏବଂ ଓୟୁଏଟି ର ୨୦୦ ଛାତ୍ରଛାତ୍ରୀ ସକ୍ରୀୟ ଯୋଗଦାନ କରିଥିଲେ । କାର୍ଯ୍ୟକ୍ରମରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡଃ ଅରବିନ୍ଦ କୁମାର ପାଢ଼ୀ ସ୍ୱାଗତ ଭାଷଣ ଦେଇଥିବା ବେଳେ, କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ, ଓଡ଼ିଶା, ଶୁଭମ ସକ୍ସେନା ଧନ୍ୟବାଦ ଦେଇଥିଲେ ।

## ଭାରତ ମସଲାର ୨୬ତମ ପ୍ରତିଷ୍ଠା ଉତ୍ସବ

# 'ଦାନ ଓ ଦାତାପଣିଆ ଭାରତ ମସଲାକୁ ବ୍ରାଣ୍ଡନେମ୍ ଦେଇଛି'




କଟକ(ଭାସ୍କର ନ୍ୟୁଜ): ଇଚ୍ଛା ଥିଲେ ଉପାୟ ଆପେଆପେ ଆସେ । କିଛି ନୂଆ କରିବାର ଇଚ୍ଛା ନୂତନ ରାସ୍ତା ଉନ୍ମୁକ୍ତ କରେ । ଓଡ଼ିଆମାନଙ୍କ ପାଇଁ ସମଗ୍ର ଭାରତରେ ଏକ ମସଲା କମ୍ପାନୀକୁ ପ୍ରତିଷ୍ଠିତ କରିବା ଦିଗରେ ସୁରେନ୍ଦ୍ରନାଥ ପଣ୍ଡା ଏବଂ ସୁଶାନ୍ତ କୁମାର ପଣ୍ଡାଙ୍କ ଅବଦାନ ଅନସ୍ୱୀକାର୍ଯ୍ୟ । କିଛି କରିବା ଓ କିଛି ଗଢ଼ିବାର ବାର୍ତ୍ତା ଦେଇ ଏହି ଦୁଇ ଶିଳ୍ପୋଦ୍ୟୋଗୀ ଭାରତ ମସଲା କମ୍ପାନୀକୁ ଦେଶ ବିଦେଶରେ ପହଞ୍ଚାଇ ପାରିଛନ୍ତି । କଥାରେ ଅଛି, ଧନୀ ହେବାର ଲକ୍ଷ୍ୟ ରଖ କିନ୍ତୁ ଦୀନ ହୁଅ ଓ ଦାତା ହୁଅ । ଉଭୟଙ୍କ ଦୀନ ଓ ଦାତାପଣିଆ ଯୋଗୁଁ ଭାରତ ମସଲା ଆଜି ଏକ ବ୍ରାଣ୍ଡନେମରେ ପରିଣତ ହୋଇଛି । ଯିଏ ସେବା କରେ ସେ ଆପେଆପେ ବାସେ । ଭାରତ ମସଲା କମ୍ପାନୀର ସେବା କାର୍ଯ୍ୟ ସଭିଏ ଜାଣନ୍ତି । କରୋନା ମହାମାରୀ ହେଉ କି ଯେ କୌଣସି ବନ୍ୟା, ବାତ୍ୟା ଓ ପ୍ରାକୃତିକ ବିପର୍ଯ୍ୟୟ ସମୟ, ସବୁବେଳେ ଓଡ଼ିଆ ଲୋକଙ୍କ ପାଖରେ ଭାରତ ମସଲା ଛିଡା ହୋଇ ରହିଛି । କେବଳ ବ୍ୟବସାୟିକ ଲକ୍ଷ୍ୟ ନରଖି ସେବାକୁ ମୂଳମନ୍ତ୍ର କରିଥିବା ଏହି କମ୍ପାନୀ ଓଡିଆ ଜାତି ପାଇଁ ଗର୍ବ ଓ ସ୍ୱାଭିମାନର ପ୍ରତୀକ ବୋଲି ଆଜି ବାରଙ୍ଗ ରାମଦାସପୁର ସ୍ଥିତ ଭାରତ ମସଲା କମ୍ପାନୀ ପରିସରରେ ଜୟ ଭାରତ ଫାଉଣ୍ଡେସନ ପକ୍ଷରୁ ଆୟୋଜିତ ୨୬ତମ ଭାରତ ପ୍ରତିଭା ସମ୍ମାନ ଓ ଭାରତ ମସଲାର ପ୍ରତିଷ୍ଠା ଦିବସ ଉତ୍ସବରେ ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କହିଛନ୍ତି । ଜୟ ଭାରତ ଫାଉଣ୍ଡେସନର ଅଧ୍ୟକ୍ଷ ସୁରେନ୍ଦ୍ରନାଥ ପଣ୍ଡା ଉତ୍ସବରେ ଅଧ୍ୟକ୍ଷତା କରି କହିଲେ ଯେ, ଆମେ ସବୁବେଳେ ପୂଜ୍ୟପୂଜା ପରମ୍ପରାକୁ ସମ୍ମାନ ଦେଇ ଆସିଛୁ । ଇତି ମଧ୍ୟରେ ୧୩୦ଜଣ ପୂଜ୍ୟପୂଜାଙ୍କୁ ଯଥୋଚିତ ସମ୍ମାନ ଦିଆଯାଇଛି । ଆଗକୁ ମଧ୍ୟ ଏହି ଧାରା ବଳବତ୍ତର ରହିବ । ସମ୍ମାନ ଦେଲେ ସମ୍ମାନ ମିଳେ, ଭାରତ ମସଲା ପୂଜ୍ୟପୂଜା ପରମ୍ପରାକୁ ଅଟଳ ରଖିବ ବୋଲି ସେ କହିଥିଲେ । ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କହିଥିଲେ ଯେ, କମ୍ପାନୀର ଅଧ୍ୟକ୍ଷ ସୁରେନ୍ଦ୍ରନାଥ ଓ ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ ଅନ୍ୟମାନଙ୍କ ପାଇଁ ଆଦର୍ଶ । ମାତ୍ର ୧ହଜାର ଟଙ୍କାରୁ ଆରମ୍ଭ ହୋଇଥିବା ଏହି କମ୍ପାନୀ ଏବେ ବାର୍ଷିକ ୭୦୦କୋଟିର ବ୍ୟବସାୟ କରୁଛି । ଭାରତ ମସଲାର ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡା ନିଜ ଅଭିଭାଷଣରେ କହିଥିଲେ ଯେ, ଉତ୍ପାଦିତ ଦ୍ରବ୍ୟକୁ ରପ୍ତାନୀ କରିବା ପାଇଁ ୨୦୦୯ ମସିହାରୁ ଉଦ୍ୟମ କରାଯାଉଥିଲା । ହେଲେ ଯୋଜନାର ସଫଳ ରୂପାୟନ ପାଇଁ ୧୫ବର୍ଷ ସମୟ ଲାଗିଗଲା । ଗତବର୍ଷ ପାରାଦୀପ ପୋର୍ଟ ଜରିଆରେ କମ୍ପାନୀର ସାମଗ୍ରୀ ବିଦେଶ ପଠାଯାଉଛି । କିନ୍ତୁ ଭିତ୍ତିଭୂମିର ଯଥେଷ୍ଟ ବିକାଶ ନହେବାରୁ କେତେକ କ୍ଷେତ୍ରରେ କମ୍ପାନୀ ଆର୍ଥିକ କ୍ଷତି ସହୁଛି । ରାଜ୍ୟରେ ଏଭଳି କୌଣସି ଜିଲ୍ଲା ନାହିଁ, ଯେଉଁଠାରେ ଭାରତ ମସଲା ସାମାଜିକ ସେବା କାର୍ଯ୍ୟ କରୁନାହିଁ ବୋଲି ପରିଚାଳନା ନିର୍ଦ୍ଦେଶକ ଶ୍ରୀ ପଣ୍ଡା ମତବ୍ୟକ୍ତ କରିଥିଲେ । ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋଶ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କମ୍ପାନୀ ସହ ଯୋଡ଼ି ହୋଇ ରହିଥିବା ପ୍ରତ୍ୟେକ ଲୋକ ମିଶି ଏହାକୁ ବ୍ରାଣ୍ଡ କରିଛନ୍ତି ବୋଲି କହିଥିଲେ । ଏସ୍‌ସିବି ଭେଷଜ ବିଭାଗର ବରିଷ୍ଠ ପ୍ରଫେସର ଡାକ୍ତର ଜୟନ୍ତ କୁମାର ପଣ୍ଡା ଅନ୍ୟତମ ଅତିଥି ଭାବେ ଯୋଗ ଦେଇ ଜୀବନଚର୍ଯ୍ୟା ଉପରେ ଆଲୋକପାତ କରିଥିଲେ । ଓଡ଼ିଆ ଅଭିନେତା ପୁପିନ୍ଦର ଓ ଅଭିନେତ୍ରୀ ସୁଲଗ୍ନା ମଞ୍ଚ ପରିଚାଳନା କରିଥିଲେ ।


**ପୂର୍ବ ତଟ ରେଳପଥ**

ଫାଇଲ ସଂ. DRM/Engg/KUR/25-26/E-Tender/62 ତା.25.08.2025ରିଖ

1) ଟେଣ୍ଡର ସଂ. e-Tender-EASTKUR-215-2025, ତା.09-08-2025ରିଖ

**ବିବରଣୀ :** ଖୋର୍ଦ୍ଧା ରୋଡ଼ ମଣ୍ଡଳରେ ରେଳପଥ ମେଟାଲ / GFN ଲାଇନର୍ ପ୍ରସ୍ତାବିତ ଏଣ୍ଡ୍ କଟିଂ ଏବଂ ଗ୍ରାଇଣ୍ଡିଂ ତଥା ଜଏଣ୍ଟ ପାଇଁ ଠିକାଦାରଙ୍କ ଉପକରଣ ଏବଂ ପ୍ଲାଣ୍ଟ, ଶ୍ରମିକ, ଉପଭୋଗ୍ୟ ସାମଗ୍ରୀ ଇତ୍ୟାଦି ପ୍ରଦାନ କରିବା।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) :** 57.72 ଲକ୍ଷ, EMD (₹) : 1,15,500.00, ଶେଷ ହେବା ଅବଧି : 06 (ଛଅ) ମାସ ।

2) ଟେଣ୍ଡର ସଂ. e-Tender-EastKUR-216-2025, ତା.12-08-2025ରିଖ

**ବିବରଣୀ :** ଖୋର୍ଦ୍ଧା ରୋଡ଼ ମଣ୍ଡଳର ଜେନାପୁର - ଖୋର୍ଦ୍ଧା ରୋଡ଼ ସେକ୍ସନରେ ବିଭିନ୍ନ ୟାର୍ଡରେ ୟାର୍ଡର ଉନ୍ନତି / ଅପଗ୍ରେଡେସନ କାର୍ଯ୍ୟ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) :** 536.51 ଲକ୍ଷ, EMD (₹) : 4,18,300.00, ଶେଷ ହେବା ଅବଧି : 15(ପନ୍ଦର) ମାସ ।

3) ଟେଣ୍ଡର ସଂ. e-Tender-EastKUR-212-2025, ତା.09-08-2025ରିଖ

**ବିବରଣୀ :** ଖୋର୍ଦ୍ଧା ରୋଡ଼ ମଣ୍ଡଳର କଟକ-ପାରାଦୀପ ଲାଇନରେ କନ୍ଦରପୁର-ରଘୁନାଥପୁର ଷ୍ଟେସନ ମଧ୍ୟରେ ଅନୁପ୍ରବେଶ କୁ ଏଡାଇବା ପାଇଁ କି.ମି. 427/17-19 ଠାରେ ସୀମିତ ଉଚ୍ଚତା ବିଶିଷ୍ଟ ସବୱେର ପ୍ରସ୍ତାବିତ ନିର୍ମାଣ। (ଏୟାର ପୁସିଂ ପଦ୍ଧତି)

**କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) :** 179.48 ଲକ୍ଷ, EMD (₹) : 2,39,800.00, ଶେଷ ହେବା ଅବଧି : 08 (ଆଠ) ମାସ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** (ସମସ୍ତ ଟେଣ୍ଡର ନିମନ୍ତେ) ତା.03.09.2025ରିଖ 1500 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ। ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ଖୋର୍ଦ୍ଧା ରୋଡ଼

PR-524/Q/25-26


## ଜିଲ୍ଲାସ୍ତରୀୟ ସିଏମ କିଷାନ ସହାୟତା ରାଶି ପ୍ରଦାନ

କଟକ(ଭାସ୍କର ନ୍ୟୁଜ): ସିଏମ କିଷାନ ଯୋଜନାରେ କଟକ ଜିଲ୍ଲାର ୨, ୪୫, ୧୬୭ ଜଣ କ୍ଷୁଦ୍ର ନାମମାତ୍ର ଚାଷୀଙ୍କୁ ୪୯. ୦୩ କୋଟି ଟଙ୍କା ପ୍ରଦାନ କରାଯାଇଛି। ଏଥିସହ ୧୧୭୨ ଜଣ ଭୂମିହୀନ ହିତାଧିକାରୀଙ୍କୁ ୨୩. ୪୪ ଲକ୍ଷ୍ୟ ଟଙ୍କା ପ୍ରଦାନ କରାଯାଇଛି। ବୁଧବାର କଟକ ଜଗତପୁରସ୍ଥିତ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟରେ ଥିବା କୃଷକ ତାଲିମ ଓ ଦକ୍ଷତା ବିକାଶ କେନ୍ଦ୍ରଠାରେ ଜିଲ୍ଲାସ୍ତରୀୟ ସି ଏମ କିଷାନ ଯୋଜନାର ହିତାଧିକାରୀଙ୍କୁ ସହାୟତା ରାଶି ପ୍ରଦାନ ଉତ୍ସବରେ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ଯୋଗ ଦେଇ ସରକାର କୃଷି ଓ କୃଷକମାନଙ୍କ ଉନ୍ନତି ନିମନ୍ତେ ବହୁବିଧ ପଦକ୍ଷେପ ନେଉଥିବା ବିଷୟ କହିଛନ୍ତି। ନିଆଳି ବିଧାୟକ ଛବି ମଲ୍ଲିକ କାର୍ଯ୍ୟକ୍ରମରେ ଯୋଗ ଦେଇ ନୂଆଖାଇର ଶୁଭେଚ୍ଛା ଜଣାଇବା ସହ କୃଷକମାନଙ୍କ ସହାୟତା ରାଶି ଚାଷ କାର୍ଯ୍ୟରେ ସହାୟକ ହୋଇପାରିବ ବୋଲି କହିଥିଲେ।


GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION-II, BALASORE
O-641

**e-procurement Notice**

Bid Identyfication No e-Procurement No. 04/SERW/BLS-II/2025-26

Estimated Cost :- As specified in column 3 of Annexure
Cost of Tender Paper through online :- As specified in column 6 of Annexure
Class of Contrator :- As specified in column 7 of Annexure
Time of Completion :- As specified in column 8 of Annexure
Other Details:- :- As per DTCN

| Procurement Officer | Bid Identification No. | Availability of tender online for bidding | | Last date & time of seeking tender | Date & time of opening of the Bid |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer, R.W. Division-II, Balasore | ETCN-04/SERW/BLS-II/2025-26 | 30.08.2025 at 05.00 P.M. | 11.09.2025 up to 5.00 P.M. | 11.09.2025 up to 3.00 P.M. | 12.09.2025 at 11.00 A.M |

Further details can be seen from the web site www.tendersorissa.gov.in

**ANNEXURE**
**E-procurement Notice No. 04/ SERW-II/BLS/ 2025-26**
**Rural Works Division-II, Balasore**

| Sl. No | Name of the Work | Approx Estimated Cost put to tender (In Lakhs) | Concerned T.I.A | E.M.D 1% (In Rs.) | Cost of Tender paper in Rs | Class of Contractor | Period of Completion |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Construction of R.W. Sub-Division at Khaira for the year 2024-25 | 39.20 | O/o the Superintending Engineer, R.W Division-II, Balasore | 1 % of Work Value | 6000.00 | "B" & "C" Class | 9 Months |
| 2 | Construction of R.W. Section Office at Khaira-II for the year 2024-25 | 30.45 | -do- | -do- | 6000.00 | "B" & "C" Class | 9 Months |
| 3 | Construction of R.W. Section Office at Bahanaga-II for the year 2024-25 | 29.73 | -do- | -do- | 6000.00 | "B" & "C" Class | 9 Months |
| 4 | Construction of 1 No "D" Type Qtr. Of AEE R.W. Sub-Division at Khaira for the year 24-25 | 38.02 | -do- | -do- | 6000.00 | "B" & "C" Class | 9 Months |

Sd/- Superintending Engineer
R.W.Division-II, Balasore

OIPR 25052/11/0015/2526



GOVERNMENT OF ODISHA
OFFICE OF THE SUPERINTENDING ENGINEER
P.H. DIVISION, BHANJANAGAR AT CHATRAPUR
C-966
E-mail – eephchpr@gmail.com
NATIONAL COMPETITIVE BIDDING THROUGH e-Procurement

**Invitation For Bids (IFB)**

| Sl.No | Name of work | Bid Identification No | Estimated cost (Rs. in Lakh) | Period of completion | Availability of Bid Document for online bidding | | Name & address of office inviting Bid |
|---|---|---|---|---|---|---|---|
| | | | | | From | To | |
| 1 | 2 | 3 | 4 | 5 | 6 | 7 | 8 |
| 1 | Diversion of 200mm dia Clear water rising main pipe line across railway track for filling ESR at Rikapalli with ancillary works, Chatrapur under State Plan-"BASUDHA" 2024-25. | Identification No 20/ 03 / SPH(C) / 2025-26 dt. 22.08.2025 | 66.80 | 3 (Three) Calendar Months | 11.00 Hrs of 01.09.2025 | 17.30 Hrs of 16.09.2025 | Superintending Engineer, P.H Division, Bhanjanagar at Chatrapur |

The Technical Bid shall be opened on dt.17.09.2025 at 01.00 PM

Further details can be seen from the e-procurement portal https://www.tenderorissa.gov.in

Additional Chief Engineer (PH)
P.H Division, Bhanjanagar
at Chatrapur

OIPR 13013/11/0020/2526



e-mail: eephbhpt@gmail.com

GOVERNMENT OF ODISHA
OFFICE OF THE ADDITIONAL CHIEF ENGINEER, PUBLIC HEALTH DIVISION, BHAWANIPATNA
Parmanandpur, Railway Station Road, Bhawanipatna, Dist: Kalahandi, PIN -766002

**NATIONAL COMPETITIVE BIDDING THROUGH e-Procurement**
**Identification No. ACEPH-BHPT– 17 of 2025-26/ Dt. 22.08.2025**
**e-Procurement Notice**

C-965

| | | | |
|---|---|---|---|
| 01. | Name of the Work | : | 1nos Work. |
| 02. | Type of Bid. | : | Single Bid System |
| 03. | Estimated Cost | : | Rs. 22.39 Lakh |
| 04. | Period of Completion | : | 02 (Two) Calendar Months |
| 05. | Date & Time of availability of bid document in the portal | : | From 11.00 AM of dt. 30.08.2025 to 5.00 PM of 09.09.2025 |
| 06. | Last date / time of receipt of bids in the portal | : | 5.00 PM of 09.09.2025. |
| 07. | Date & Time of opening of technical bids | : | At 11.30 AM of 10.09.2025 |
| 08. | Name and Address of the Officer Inviting Bid | : | Additional Chief Engineer, P.H. Division, Bhawanipatna , Railway Station Road, At/Po- Parmanandpur, 766002 Dist- Kalahandi. |

Further details can be seen from the web site http://tenders.ori.nic.in or www.tendersorissa.gov.in

Sd/- Additional Chief Engineer,
P.H. Division, Bhawanipatna

OIPR 13059/11/0034/2526



**ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ**

IDFC FIRST Bank

(ପୂର୍ବରୁ କ୍ୟାପିଟାଲ ଫାଷ୍ଟ ଲିମିଟେଡ ,ଆଇଡିଏଫସି ବ୍ୟାଙ୍କ ଲିମିଟେଡ ସହିତ ମିଶ୍ରଣ ଓ ବର୍ତ୍ତମାନ ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ ଭାବେ ପରିଚିତ)
**ସିଆଇଏନ:** ଏଲ୬୫୧୧୦ଟିଏନ୨୦୧୪ପିଏଲସି୭୭୯୨
**ପଞ୍ଜିକୃତ କାର୍ଯ୍ୟାଳୟ**-କେଆରଏମ ଟାୱାର,ଅଷ୍ଟମ ମହଲା, ହ୍ୟାରିଂଟନ ରୋଡ,ଚେଟପେଟ,ଚେନ୍ନାଇ-୬୦୦୦୩୧
ଟେଲିଫୋନ:+୯୧ ୪୪ ୪୫୬୪ ୪୦୦୦ ଫାକ୍ସ :+୯୧ ୪୪ ୪୫୬୪ ୪୦୨୨

**ସିକ୍ୟୁରିଟାଇଜେସନ ଓ ରିକନଷ୍ଟ୍ରକସନ ଅଫ ଫାଇନାନସିଆଲ ଆସେଟ୍ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ ସିକ୍ୟୁରିଟ୍ ଇଣ୍ଟ୍ରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୨) ଅଧିନରେ ନୋଟିସ**

ନିମ୍ନଲିଖିତ ଋଣଗ୍ରହୀତା ଓ ସହ -ଋଣ ଗ୍ରହୀତା ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ **(ପୂର୍ବରୁ କ୍ୟାପିଟାଲ ଫାଷ୍ଟ ଲିମିଟେଡ,ଆଇଡିଏଫସି ବ୍ୟାଙ୍କ ଲିମିଟେଡ ସହିତ ମିଶ୍ରଣ ଓ ବର୍ତ୍ତମାନ ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ ଭାବେ ପରିଚିତ)**ରୁ ନିମ୍ନ ପ୍ରଦତ୍ତ ସିକ୍ୟୁରଡ ଋଣ ଉପଲବ୍ଧ କରିଥିଲେ। ନିମ୍ନ ଲିଖିତ ଋଣଗ୍ରହୀତା ଓ ସହ- ଋଣ ଗ୍ରହୀତାଙ୍କ ଋଣ ସେମାନଙ୍କର ସମ୍ପତ୍ତି ବନ୍ଧକ ଦ୍ୱାରା ସିକ୍ୟୁର୍ଡ ହୋଇଅଛି। ଯେ ହେତୁ ସେମାନେ ଋଣ ଚୁକ୍ତିନାମାର ଟର୍ମସ ଓ କଣ୍ଡିସନ ପାଳନ କରିବାରେ ବିଫଳ ହୋଇଛନ୍ତି ଓ ଏହା ନିୟମିତ ହୋଇଥିବା ଦୃଷ୍ଟିରୁ ସେମାନଙ୍କର ଋଣ ଆରବିଆଇ ଗାଇଡ ଲାଇନ ଅନୁଯାୟୀ ଏନପିଏ ଭାବେ କ୍ଲାସିଫାଇଡ ହୋଇ ଯାଇଛି। ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ (ପୂର୍ବରୁ କ୍ୟାପିଟାଲ ଫାଷ୍ଟ ଲିମିଟେଡ ,ଆଇଡିଏଫସି ବ୍ୟାଙ୍କ ଲିମିଟେଡ ସହିତ ମିଶ୍ରଣ ଓ ବର୍ତ୍ତମାନ ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ ଭାବେ ପରିଚିତ)କୁ ପୈଠ କରିବାକୁ ଥିବା ଦେୟ ଜାରି କରା ଯାଇଥିବା ନୋଟିସରେ ଉଲ୍ଲେଖ ସହିତ ନିମ୍ନଲିଖିତ ଟେବୁଲରେ ତାହା ପ୍ରଦତ୍ତ ହୋଇଛି ଓ ମୋଟ ଦେୟ ଉପରେ ପରବର୍ତ୍ତୀ ସୁଧ ପ୍ରଯୁଜ୍ୟ ହେବା ସହିତ ତାହା ଚୁକ୍ତି ରେଟ ଅନୁଯାୟୀ ସେମାନଙ୍କର ରେସପେକ୍ଟିଭ ତାରିଖ ଠାରୁ ଚାର୍ଜଡ ହେବ।

| କ୍ର. ନଂ | ଋଣ ଆକାଉଣ୍ଟ ନଂ | ଋଣର ପ୍ରକାର | ଧାରା ୧୩(୨) ନୋଟିସ ତାରିଖ | ଧାରା ୧୩ (୨) ନୋଟିସ ଅନୁଯାୟୀ ବକେୟା ରାଶି |
|---|---|---|---|---|
| ୧ | ୬୫୮୭୦୧୦୦ | ଗୃହ ଋଣ | ୦୮.୦୮.୨୦୨୫ | ୫,୨୬,୦୪୪.୮୮/- |

ଋଣଗ୍ରହୀତା ଏବଂ ସହ ଋଣଗ୍ରହୀତାଙ୍କ ନାମ: ୧. ମହାଦେବ ପ୍ରଧାନ, ୨. ମଙ୍ଗୁଲୁ ପ୍ରଧାନ

ସମ୍ପତ୍ତି ଠିକଣା: ସମ୍ପତ୍ତିର ସମସ୍ତ ଖଣ୍ଡ ଓ ଅଂଶବିଶେଷ। ଅବସ୍ଥିତି: ଖାତା ନଂ ୧୧୨୭/୭୮୦, ପ୍ଲଟ ନଂ ୨୪୬୫/୮୦୩୬, ମୌଜା- ଭେଜିପୁଟ, ଏସଆରଓ/ତହସିଲ- ଘୁମୁସର, ଜିଲ୍ଲା- ଗଞ୍ଜାମ, ଓଡ଼ିଶା-୭୬୧୧୨୬, ମୋଟ ପ୍ଲଟ୍ ଏରିଆ ୮୭୧.୨୦ ସ୍କୋୟାରଫୁଟ, ଏବଂ ବାଉଣ୍ଡରୀ: ପୂର୍ବ- ରାସ୍ତା, ପଶ୍ଚିମ- ଦିଲ୍ଲୀପ କୁମାର ଦାସଙ୍କ ଜମି, ଉତ୍ତର- ସୁଦତ୍ତା କୁମାର ଦାସଙ୍କ ଜମି, ଦକ୍ଷିଣ- ଦିଲ୍ଲୀପ କୁମାର ଦାସଙ୍କ ଜମି ।

ଏତଦ୍ ଦ୍ୱାରା ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ (ପୂର୍ବରୁ କ୍ୟାପିଟାଲ ଫାଷ୍ଟ ଲିମିଟେଡ ,ଆଇଡିଏଫସି ବ୍ୟାଙ୍କ ଲିମିଟେଡ ସହିତ ମିଶ୍ରଣ ଓ ବର୍ତ୍ତମାନ ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ ଭାବେ ପରିଚିତ)କୁ ଉପରେ ପ୍ରଦତ୍ତ ଟେବୁଲରେ ଉଲ୍ଲିଖିତ ବିବରଣୀ ଅନୁଯାୟୀ ସେମାନଙ୍କର ରେସପେକ୍ଟିଭ ତାରିଖରୁ କଣ୍ଟ୍ରାକଟେଡ ରେଟ୍ ଅଫ ଇଣ୍ଟ୍ରେଷ୍ଟ ଓ ଅନ୍ୟାନ୍ୟ କଷ୍ଟ ଓ ଚାର୍ଜେସ ସହିତ ମୋଟ ଦେୟ ନୋଟିସ ପ୍ରକାଶ ପାଇବାର ୬୦ ଦିନ ମଧ୍ୟରେ ପୈଠ କରିବାକୁ ଆପଣଙ୍କୁ ଆହ୍ୱାନ କରା ଯାଉଛି। ଏଥିରେ ବିଫଳ ହେଲେ ନିମ୍ନ ସ୍ୱାକ୍ଷରିତ ସର୍ଫେଶୀ ଆଇନର ଧାରା ୧୩(୪) ଓ ଧାରା ୧୪ ଅଧିନରେ ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ (ପୂର୍ବରୁ କ୍ୟାପିଟାଲ ଫାଷ୍ଟ ଲିମିଟେଡ ,ଆଇଡିଏଫସି ବ୍ୟାଙ୍କ ଲିମିଟେଡ ସହିତ ମିଶ୍ରଣ ଓ ବର୍ତ୍ତମାନ ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ ଭାବେ ପରିଚିତ)କୁ ଦେବା ପାଇଁ ଥିବା ଆମାଉଣ୍ଟ ପାଇବା ସକାଶେ ବନ୍ଧକ ସମ୍ପତ୍ତି ବିରୋଧରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ୍ୟ ହେବ। ସହିତ ସଂପୃକ୍ତ ଆଇନର ଧାରା ୧୩(୧୩) ଅଧିନରେ ସିକ୍ୟୁର୍ଡ ସମ୍ପତ୍ତିକୁ କୌଣସି ପ୍ରକାରେ ବିକ୍ରି କିମ୍ବା ଅନ୍ୟ ଭାବେ ହସ୍ତାନ୍ତର କରିବା ପାଇଁ ଆପଣଙ୍କୁ ବାରଣ କରା ଯାଉଛି।

ସ୍ୱା/-
ଅଧିକୃତ ଅଧିକାରୀ

**ତାରିଖ: ୨୮.୦୮.୨୦୨୫**
**ସ୍ଥାନ: ଓଡିଶା**

**ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ (ପୂର୍ବରୁ କ୍ୟାପିଟାଲ ଫାଷ୍ଟ ଲିମିଟେଡ ,ଆଇଡିଏଫସି ବ୍ୟାଙ୍କ ଲିମିଟେଡ ସହିତ ମିଶ୍ରଣ ଓ ବର୍ତ୍ତମାନ ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ ଭାବେ ପରିଚିତ)**



ନୂଆଦିଲ୍ଲୀ: କାହାଣୀକାର ଅନିରୁଦ୍ଧାଚାର୍ଯ୍ୟଙ୍କ ବିବାଦୀୟ ବୟାନରେ ବାବା ରାମଦେବ କ୍ରୋଧିତ ହୋଇଗଲେ। ସେ କହିଥିଲେ ଯେ ମୁଁ ନାମ ବିନା କହୁଛି, ସନାତନ ଧର୍ମର ଗୁରୁ କିମ୍ବା ସନ୍ୟାସୀ ହେଉଛନ୍ତି ସେହି ବ୍ୟକ୍ତି ଯିଏ ଦେଶ ପାଇଁ ଶିଳ୍ପ, ସ୍ୱାସ୍ଥ୍ୟ, ଶିକ୍ଷାରେ ଅବଦାନ ଦେଇଛନ୍ତି। ବାବା ରାମଦେବ ପଚାରିଥିଲେ ଯେ ଭାରତକୁ ଭାରତ କରିବାରେ ତାଙ୍କର ଅବଦାନ କ'ଣ। ଯାହାର ଭାରତକୁ ଭାରତ କରିବାରେ କୌଣସି ଅବଦାନ ନାହିଁ, ସେ ଯେତେ ଅସ୍ୱାଭାବିକ କଥା କହିଲେ ମଧ୍ୟ, ସେ ସନାତନ ଧର୍ମର ଗୁରୁ ହୋଇପାରିବେ ନାହିଁ। ଏପରି ଲୋକଙ୍କୁ ଗୁରୁ ବୋଲି କହିବା ବନ୍ଦ କରିବା ଉଚିତ। ବୁଧବାର ଏକ ଆଲୋଚନା ସମୟରେ ବାବା ରାମଦେବ କହିଥିଲେ ଯେ ଜୀବନରେ ଚରିତ୍ର, ପବିତ୍ରତା ଏବଂ ପୁରୁଷତ୍ୱ ରହିବା ଉଚିତ। ସନାତନ ଧର୍ମର ଗୁରୁ ହେଉଛନ୍ତି ସେହି ବ୍ୟକ୍ତି ଯିଏ ଦେଶର ଅର୍ଥନୀତିରେ ଅବଦାନ ରଖିଛନ୍ତି। ସନାତନ ଧର୍ମରେ ଅନେକ ଲୋକ ପ୍ରଚାର ନାମରେ 'ଠକେଇ' କରନ୍ତି।

### ସିଏଲ୍‌ଓରେ ବିଷ୍ଣୁଦେବ

## ନିବେଶ ପାଇଁ ଶିଳ୍ପପତିଙ୍କ ସହ ଆଲୋଚନା



ରାୟପୁର: ଛତିଶଗଡ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ତାଙ୍କ ଜାପାନ ଗସ୍ତରେ ଶେଷର ବୁଧବାର ଦକ୍ଷିଣ କୋରିଆ ରାଜଧାନୀ ସିଏଲ୍‌ଓରେ ପହଞ୍ଚିଛନ୍ତି। ସେଠାରେ ଛତିଶଗଡରେ ପୁଞ୍ଜି ନିବେଶ ପାଇଁ ଏଟିସିଏର ଅଧ୍ୟକ୍ଷ ଲି ଜାଏଜେଙ୍ଗଙ୍କୁ ଭେଟି ଛତିଶଗଡରେ ପୁଞ୍ଜି ନିବେଶ ପାଇଁ ଆହ୍ୱାନ ଦେଇଛନ୍ତି। ଏଟିସିଏ ୬୦ରୁ ଉର୍ଦ୍ଧ୍ୱ କମ୍ପାନିର ଦାୟିତ୍ୱ ଗ୍ରହଣ କରିଛି। ଏହି କମ୍ପାନି ଆଇଟି ଇଲେକ୍ଟ୍ରୋନିକ୍ସ, ସେମି କଣ୍ଡକ୍ଟର, ଫାର୍ମା ଏବଂ ଟେକ୍‌ଷ୍ଟାଇଲି କ୍ଷେତ୍ରରେ ପୁଞ୍ଜି ନିବେଶ କରୁଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ସାଏ ଏଟିସିଏର ପ୍ରତିନିଧିମଣ୍ଡଳିଙ୍କୁ ଭେଟି ଛତିଶଗଡର ପୁଞ୍ଜିନିବେଶ କଲେ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଛତିଶଗଡ ସରକାରଙ୍କ ମିଳିତ ସହଯୋଗରେ ଏଟିସିଏ ଶିଳ୍ପ ସ୍ଥାପନ କରୁ ବୋଲି ଶ୍ରୀ ସାଏ ଆମନ୍ତ୍ରଣ ଜଣାଇଥିଲେ। ଶ୍ରୀ ସାଏ କହିଥିଲେ ଛତିଶଗଡ ଆଇଆଇଟି, ଆଇଆଇଏମ୍, ଏନ୍‌ଆଇଟି ଏବଂ ଏମ୍ସ ଭଳି ସଂସ୍ଥା ସ୍ଥାପନ କରି ବିଶ୍ୱସ୍ତରୀୟ ଟାଲେଣ୍ଟଗୁଡ଼ିକୁ ସୃଷ୍ଟି କରିବାରେ ପଦକ୍ଷେପ ଗ୍ରହଣକରୁଛନ୍ତି। ତେଣୁ ଏଟିସିଏ ଏଠାରେ ଏକ ଗବେଷଣା କେନ୍ଦ୍ର ସ୍ଥାପନ କରିବା ପାଇଁ ଶ୍ରୀ ସାଏ କହିଥିଲେ।

## ଏଫ୍‌ଇପିଆଇ ଜାତୀୟ ପୁରସ୍କାର ସମାରୋହ: ସମ୍ମାନିତ ହେଲେ ବହୁ ବିଶିଷ୍ଟ ବ୍ୟକ୍ତି




ନୂଆଦିଲ୍ଲୀ, : ଦିଲ୍ଲୀ ଭାରତୀୟ ଶିକ୍ଷା ପ୍ରକାଶକ ମହାସଂଘ (ଏଫ୍‌ଇପିଆଇ) ଏହାର ମର୍ଯ୍ୟାଦାଜନକ ପୁରସ୍କାର ସମାରୋହ ଆୟୋଜନ କରିଥିଲା, ଯେଉଁଥିରେ ଭାରତର ପ୍ରମୁଖ ପ୍ରକାଶକ, ମୁଦ୍ରକ, କାଗଜ ବ୍ୟବସାୟୀ, ଲେଖକ ଏବଂ ଅନ୍ୟାନ୍ୟ ପ୍ରସିଦ୍ଧ ଶିକ୍ଷାବିତମାନଙ୍କୁ ସମ୍ମାନିତ କରାଯାଇଥିଲା। ସମାରୋହରେ ମୁଖ୍ୟ ଅତିଥି ଶ୍ରୀଯୁକ୍ତ ହର୍ଷ ମାଲହୋତ୍ରା ଯୋଗଦେଇ ଶିକ୍ଷା କ୍ଷେତ୍ରର ଅବଦାନକୁ ପ୍ରଶଂସା କରିଥିଲେ। ବିଶିଷ୍ଟ ଶିକ୍ଷାବିତମାନଙ୍କୁ ସେମାନଙ୍କର ଉଲ୍ଲେଖନୀୟ ସେବା ଏବଂ ଉତ୍ସର୍ଗ ପାଇଁ ସ୍ୱତନ୍ତ୍ର ଜୀବନବ୍ୟାପୀ ସାଧନା ପୁରସ୍କାର ମଧ୍ୟ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଭାରତର ଶିକ୍ଷା ଏବଂ ପ୍ରକାଶନ ଇକୋସିଷ୍ଟମକୁ ସୁଦୃଢ଼ କରିବା ପାଇଁ ଉତ୍କର୍ଷତା, ନବସୃଜନ ଏବଂ ପ୍ରତିବଦ୍ଧତା ପ୍ରଦର୍ଶନ କରାଯାଇଥିଲା।







## ପୂଜା ଋତୁ ପାଇଁ ଟିପିସିଡିଏଲ୍ ପକ୍ଷରୁ ଗାଇଡ୍‌ଲାଇନ୍ ଜାରି

ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍ (ଟିପିସିଓଡିଏଲ) ପକ୍ଷରୁ ଆଗାମୀ ଉତ୍ସବ ଋତୁ ସମୟରେ ଭରସାଯୋଗ୍ୟ ଓ ସୁରକ୍ଷିତ ବିଦ୍ୟୁତ୍ ଯୋଗାଣ ନିଶ୍ଚିତ କରିବା ପାଇଁ ବ୍ୟାପକ ପ୍ରତିଷେଧମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି। ଲୋକମାନଙ୍କ ସୁରକ୍ଷା ପ୍ରତି ପ୍ରତିବଦ୍ଧତାକୁ ଦୃଢ଼ କରି ଟିପିସିଓଡିଏଲ୍ ପକ୍ଷରୁ ମାର୍ଗଦର୍ଶିକା ଜାରି କରାଯାଇଛି। ଯେଉଁଥିରେ କାର୍ଯ୍ୟକ୍ରମ ଆୟୋଜକ ଓ ଭେଣ୍ଡରମାନଙ୍କୁ ପେଣ୍ଡାଲ ଓ ଅସ୍ଥାୟୀ ଦୋକାନ ପାଇଁ ଆଇନଗତ ଅସ୍ଥାୟୀ ବିଦ୍ୟୁତ ସଂଯୋଗ ନେବାକୁ ପରାମର୍ଶ ଦିଆଯାଇଛି। ବେଆଇନ ହୁକ ପକାଇବା ପ୍ରତି ସତର୍କ କରାଯାଇଛି।





























































ନୂଆଦିଲ୍ଲୀ: ପୂର୍ବତନ ଭାରତୀୟ କ୍ରିକେଟ କିମ୍ବଦନ୍ତୀ ସଚିନ ତେନ୍ଦୁଲକର ସୋମବାର ସୋସିଆଲ ମିଡିଆ ପ୍ଲାଟଫର୍ମ ରେଡିଟରେ ତାଙ୍କ ପ୍ରଶଂସକଙ୍କ ସହ ଆଲୋଚନା କରିଥିଲେ ଏବଂ କିଛି ପ୍ରଶ୍ନର ମଜାଦାର ଉତ୍ତର ଦେଇଥିଲେ। ସଚିନଙ୍କ ସହ 'ଆସ୍କ ମି ଏନିଥିଙ୍ଗ' ସେସନ ସମୟରେ, ଜଣେ ୟୁଜର ମଜା କରି ତାଙ୍କୁ ପଚାରିଥିଲେ ଯେ ଏହା ପ୍ରକୃତରେ ସେ ନିଜେ ନା ତାଙ୍କ ପକ୍ଷରୁ ଆଉ କେହି ଉତ୍ତର ଦେଉଛନ୍ତି। ମାଷ୍ଟର ବ୍ଲାଷ୍ଟରଙ୍କ ଦ୍ୱାରା ଦିଆଯାଇଥିବା ଉତ୍ତର ବହୁତ ଶୀଘ୍ର ଭାଇରାଲ ହୋଇଥିଲା। ପ୍ରକୃତରେ, ଜଣେ ୟୁଜର ଲେଖିଛନ୍ତି, 'ଏହା ପ୍ରକୃତରେ ସଚିନ ତେନ୍ଦୁଲକର କି ? ଦୟାକରି ଏକ ଭଏସ ନୋଟ ପଠାନ୍ତୁ ଯାହା ଦ୍ୱାରା ଯାଞ୍ଚ କରାଯାଇପାରିବ।' ଏହାର ଉତ୍ତରରେ, ସଚିନ ନିଜର ଏକ ଫଟୋ ଶେୟାର କରିଛନ୍ତି, ଯେଉଁଥିରେ ସେ ସ୍କ୍ରିନରେ ଲେଖାଯାଇଥିବା ଏହି ପ୍ରଶ୍ନ ଦେଖାଉଛନ୍ତି। ଏହା ବ୍ୟତୀତ, ସେ ନିଜ ଶୈଳୀରେ ଏକ ମଜାଦାର ଉତ୍ତର ମଧ୍ୟ ଦେଇଛନ୍ତି। ସଚିନ ମଜା କରି ଲେଖିଛନ୍ତି, 'ମୁଁ ମୋର ଆଧାର ପଠାଇବି କି ?' ସୂଚନାଯୋଗ୍ୟ, ଆଧାର ହେଉଛି ଭାରତର ସବୁଠାରୁ ବଡ଼ ବାୟୋମେଟ୍ରିକ ପରିଚୟପତ୍ର, ଯାହାକୁ ପ୍ରତ୍ୟେକ ଭାରତୀୟ ନାଗରିକ ୧୨ଅଙ୍କ ବିଶିଷ୍ଟ ସ୍ୱତନ୍ତ୍ର ପରିଚୟପତ୍ର ଭାବରେ ପାଇପାରିବେ। କେବଳ ଏତିକି ନୁହେଁ, ସଚିନ ଇଂଲଣ୍ଡର ଷ୍ଟାର ବ୍ୟାଟସମ୍ୟାନ ଜୋ ରୁଟଙ୍କ ବିଷୟରେ ତାଙ୍କର ସ୍ମୃତି ମଧ୍ୟ ଶେୟାର କରିଛନ୍ତି। ସେ କହିଛନ୍ତି, '୧୩,୦୦୦ ଟେଷ୍ଟ ରନ କରିବା ନିଜ ଭିତରେ ଏକ ବଡ଼ ସଫଳତା ଏବଂ ସେ ଏବେ ବି ଚମତ୍କାର ଖେଳୁଛନ୍ତି। ୨୦୧୨ରେ ନାଗପୁରରେ ତାଙ୍କର ଡେବ୍ୟୁ ଟେଷ୍ଟ ସମୟରେ ଯେତେବେଳେ ମୁଁ ତାଙ୍କୁ ପ୍ରଥମ ଥର ଦେଖିଥିଲି, ମୁଁ ମୋର ସାଥୀ ଖେଳାଳିମାନଙ୍କୁ କହିଥିଲି ଯେ ସେ ଇଂଲଣ୍ଡର ଭବିଷ୍ୟତ ଅଧିନାୟକ ହେବେ। ମୋତେ ସବୁଠାରୁ ଅଧିକ ପ୍ରଭାବିତ କରିଥିବା କଥା ହେଉଛି ତାଙ୍କର ୱିକେଟ ବୁଝିବାର କ୍ଷମତା ଏବଂ ଷ୍ଟ୍ରାଇକ ରୋଟେଟ କରିବାର ଶୈଳୀ। ସେତେବେଳେ ମୁଁ ଅନୁଭବ କଲି ଯେ ସେ ଜଣେ ବଡ଼ ଖେଳାଳି ହେବେ।'

# ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ ବିଡ଼କୁ କ୍ୟାବିନେଟ୍ ମଞ୍ଜୁରୀ

ନୂଆଦିଲ୍ଲୀ: ମଙ୍ଗଳବାର, ଅଗଷ୍ଟ ୨୬ରେ କେନ୍ଦ୍ରୀୟ କ୍ୟାବିନେଟ୍ ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା (ସିଡବ୍ଲ୍ୟୁଜି) ଆୟୋଜନ ପାଇଁ ଭାରତର ବିଡ଼କୁ ମଞ୍ଜୁରୀ ଦେଇଛି। ଏହା ଭାରତର ବଡ଼ ଆନ୍ତର୍ଜାତୀୟ କ୍ରୀଡ଼ା ଆୟୋଜନ ଲକ୍ଷ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ କ୍ରୀଡ଼ା ମନ୍ତ୍ରାଳୟର ପ୍ରସ୍ତାବକୁ ଅନୁମୋଦନ ମିଳିଛି। ବିଡ଼ ଗ୍ରହଣ ହେଲେ ଗୁଜରାଟ ସରକାରଙ୍କୁ ଅନୁଦାନ ଓ ହୋଷ୍ଟ କୋଲାବୋରେସନ୍ ଚୁକ୍ତି ସ୍ୱାକ୍ଷର ପାଇଁ ମଧ୍ୟ ମଞ୍ଜୁରୀ ଦିଆଯାଇଛି। ଅହମଦାବାଦକୁ ଆୟୋଜକ ସହର ଭାବେ ଚୟନ କରାଯାଇଛି। ଏହାର ବିଶ୍ୱସ୍ତରୀୟ ଭିତ୍ତିଭୂମି, ତାଲିମ ସୁବିଧା ଓ କ୍ରୀଡ଼ା ସଂସ୍କୃତି ପାଇଁ ପ୍ରସିଦ୍ଧ। ବିଶ୍ୱର ସବୁଠାରୁ ବଡ଼ ନରେନ୍ଦ୍ର ମୋଦି ଷ୍ଟାଡିୟମ୍ ୨୦୨୩ରେ ଆଇସିସି ପୁରୁଷ ବିଶ୍ୱକପ୍ ଆୟୋଜନ କରି ନିଜର ସାମର୍ଥ୍ୟ ପ୍ରମାଣ କରିଛି। ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ୭୨ଟି ଦେଶର ଖେଳାଳି ଅଂଶଗ୍ରହଣ କରିବେ। କ୍ରୀଡ଼ା ସମୟରେ ଭାରତ ଗସ୍ତରେ ଆସୁଥିବା ବହୁ ସଂଖ୍ୟକ ଖେଳାଳି, ପ୍ରଶିକ୍ଷକ, ବୈଷୟିକ ଅଧିକାରୀ, ପର୍ଯ୍ୟଟକ, ଗଣମାଧ୍ୟମ ପ୍ରତିନିଧିମାନେ ମଧ୍ୟ ଭାରତ ଆସିବେ । ଏହା ସ୍ଥାନୀୟ ବ୍ୟବସାୟକୁ ଲାଭ ପହଞ୍ଚାଇବ ଏବଂ ରାଜସ୍ୱ ସୃଷ୍ଟି କରିବ। ଭାରତ ୨୦୨୬ ସିଡବ୍ଲ୍ୟୁଜିରୁ ବାଦ୍ ପଡ଼ିଥିବା ହକି, କ୍ରିକେଟ୍, ବ୍ୟାଡମିଣ୍ଟନ୍, ରେସଲିଂ, ଟେବୁଲ୍ ଟେନିସ୍, ଡାଇଭିଂ, ରଗବୀ ସେଭେନ୍ସ୍, ବିଚ୍ ଭଲିବଲ, ମାଉଣ୍ଟେନ୍ ବାଇକିଂ, ସ୍କ୍ୱାସ୍ ଓ ରିଦମିକ୍ ଜିମ୍ନାଷ୍ଟିକ୍ ପରି ପଦକ ଇଭେଣ୍ଟଗୁଡ଼ିକୁ ଫେରାଇ ଆଣି ଏକ ସମାବେଶୀ କ୍ରୀଡ଼ା ଆୟୋଜନ କରିବାକୁ ଲକ୍ଷ୍ୟ ରଖିଛି। ଏହି ମଞ୍ଜୁରୀ ୧୩ ଅଗଷ୍ଟରେ ଇଣ୍ଡିଆନ୍ ଅଲିମ୍ପିକ୍ ଆସୋସିଏସନ୍ (ଆଇଓଏ)ର ସ୍ପେସିଆଲ୍ ଜେନେରାଲ୍ ମିଟିଂରେ ବିଡ଼କୁ ଔପଚାରିକ ଅନୁମୋଦନ ପରେ ମିଳିଛି। ଆଇଓଏ ୩୧ ଅଗଷ୍ଟ ଆବେଦନ ଶେଷ ତାରିଖ ପୂର୍ବରୁ ନିଷ୍ପତ୍ତି ଚୂଡ଼ାନ୍ତ କରିଥିଲା। ଏହି ବିଡ଼ ୨୦୩୬ରେ ଅଲିମ୍ପିକ୍ ଆୟୋଜନ କରିବାର ଭାରତର ଦୀର୍ଘକାଳୀନ ଲକ୍ଷ୍ୟ ସହ ସମନ୍ୱିତ। ପ୍ରଧାନମନ୍ତ୍ରୀ ମୋଦୀ ଏହାକୁ ଏକ ପଦକ୍ଷେପ ଭାବେ ବିବେଚନା କରିଛନ୍ତି। ଭାରତ ନିକଟରେ ଭୁବନେଶ୍ୱରରେ କଣ୍ଟିନେଣ୍ଟାଲ୍ ଟୁର ବ୍ରୋଞ୍ଜ-ଲେଭେଲ୍ ମିଟ୍ ଆୟୋଜନ କରିଛି ଏବଂ ୨୦୨୯ ଓ ୨୦୩୧ ବିଶ୍ୱ ଆଥଲେଟିକ୍ସ୍ ଚାମ୍ପିଅନସିପ୍ ପାଇଁ ଭୁବନେଶ୍ୱର ଓ ଅହମଦାବାଦରେ ବିଡ଼ କରିବାକୁ ଯୋଜନା କରୁଛି। କ୍ରୀଡ଼ା ବ୍ୟତୀତ, ଭାରତରେ ରାଜ୍ୟ ଗୋଷ୍ଠୀ କ୍ରୀଡ଼ା ଆୟୋଜନ ପର୍ଯ୍ୟଟନକୁ ବୃଦ୍ଧି କରିବା, ନିଯୁକ୍ତି ସୃଷ୍ଟି କରିବା ଏବଂ ଲକ୍ଷ ଲକ୍ଷ ଯୁବ ଖେଳାଳିଙ୍କୁ ପ୍ରେରଣା ଦେବାରେ ଏକ ଦୀର୍ଘସ୍ଥାୟୀ ପ୍ରଭାବ ପକାଇବ। ଏହାବ୍ୟତୀତ, କ୍ରୀଡ଼ା ବିଜ୍ଞାନ, ଇଭେଣ୍ଟ ଅପରେସନ୍ସ ଓ ପରିଚାଳନା, ଲଜିଷ୍ଟିକ୍ସ ଓ ପରିବହନ ସଂଯୋଜକ, ପ୍ରସାରଣ ଓ ଗଣମାଧ୍ୟମ, ଆଇଟି ଓ ଯୋଗାଯୋଗ, ଲୋକସମ୍ପର୍କ ଓ ଯୋଗାଯୋଗ ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ମଧ୍ୟ ବହୁ ସଂଖ୍ୟକ ବୃତ୍ତିଗତ ସୁଯୋଗ ପାଇବେ। ବିଶ୍ୱସ୍ତରରେ ଏପରି ଏକ ପ୍ରତିଷ୍ଠିତ କାର୍ଯ୍ୟକ୍ରମ ଆୟୋଜନ କରିବା ଦ୍ୱାରା ଜାତୀୟ ଗର୍ବ ଏବଂ ଏକତାର ଏକ ଦୃଢ଼ ଭାବନା ବୃଦ୍ଧି ପାଇବ। ଏହା ଏକ ସହଭାଗୀ ଜାତୀୟ ଅଭିଜ୍ଞତା ପ୍ରଦାନ କରିବ ଏବଂ ଆମ ଦେଶର ମନୋବଳକୁ ବୃଦ୍ଧି କରିବ। ଏହା ନୂତନ ପିଢ଼ିର ଖେଳାଳିଙ୍କୁ କ୍ରୀଡ଼ାକୁ ଏକ କ୍ୟାରିଅର ବିକଳ୍ପ ଭାବରେ ଗ୍ରହଣ କରିବାକୁ ପ୍ରେରଣା ଦେବ ଏବଂ ସମସ୍ତ ସ୍ତରରେ କ୍ରୀଡ଼ାରେ ଅଧିକ ଅଂଶଗ୍ରହଣକୁ ଉତ୍ସାହିତ କରିବ।





## ନୂଆଁଖାଇ ଜୁହାର

### ନିୟନ୍ତ୍ରିତ ବଜାର କମିଟି, ଡୁଙ୍ଗୁରିପାଲି

ପଶ୍ଚିମ ଓଡ଼ିଶାର ମହାନ ଗଣପର୍ବ ନୂଆଁଖାଇ ଅବସରରେ ସୁବର୍ଣ୍ଣପୁର ଜିଲ୍ଲାର ସମସ୍ତ ଚାଷୀ ଭାଇ-ଭଉଣୀ ଓ ଜନସାଧାରଣଙ୍କୁ ଶୁଭେଚ୍ଛା। ମାଁ ସୁରେଶ୍ୱରୀ ସମସ୍ତଙ୍କୁ ଆଶୀର୍ବାଦ ଦେଇ ସୁଖ ଓ ସମୃଦ୍ଧି ଭରି ଦିଅନ୍ତୁ। ଏହା ହିଁ ପ୍ରାର୍ଥନା

ସଂପାଦକ, ନିୟନ୍ତ୍ରିତ ବଜାର କମିଟି, ଡୁଙ୍ଗୁରିପାଲି
ଅଧ୍ୟକ୍ଷ, ନିୟନ୍ତ୍ରିତ ବଜାର କମିଟି, ଡୁଙ୍ଗୁରିପାଲି



## ନିୟନ୍ତ୍ରିତ ବଜାର କମିଟି, ଜୁନାଗଡ଼

ପଶ୍ଚିମ ଓଡ଼ିଶାର ମହାନ ଗଣପର୍ବ ନୂଆଁଖାଇ ଅବସରରେ କଳାହାଣ୍ଡି ଜିଲ୍ଲାର ସମସ୍ତ ଚାଷୀ ଭାଇ-ଭଉଣୀ ଓ ଜନସାଧାରଣଙ୍କୁ ଶୁଭେଚ୍ଛା ଓ ନୂଆଁଖାଇ ଜୁହାର। ମାଁ ଲଙ୍କେଶ୍ୱରୀ ସମସ୍ତଙ୍କୁ ଆଶୀର୍ବାଦ ଦେଇ ସୁଖ ଓ ସମୃଦ୍ଧି କରନ୍ତୁ ଏହା ହିଁ କାମନା।

**ଉଦିତ୍ କୁମାର ବାବୁ**, ସଂପାଦକ, ଜୁନାଗଡ ନିୟନ୍ତ୍ରିତ ବଜାର କମିଟି
**ପ୍ରେକ୍ଷା ଅଗ୍ରୱାଲ**, ଅଧ୍ୟକ୍ଷା, ଜୁନାଗଡ ନିୟନ୍ତ୍ରିତ ବଜାର କମିଟି


# ଆଇପିଏଲ୍‌ରୁ ଅବସର ନେଲେ ଅଶ୍ୱିନ୍




ନୂଆଦିଲ୍ଲୀ: ଆଇପିଏଲ କ୍ରିକେଟ ପ୍ରେମୀଙ୍କ ପାଇଁ ଏକ ଦୁଃଖଦ ଖବର। ଆର୍ ଅଶ୍ୱିନୀ ଆଇପିଏଲ୍‌ରୁ ଅବସର ଘୋଷଣା କରିଛନ୍ତି। ଏଥିନେଇ ସୋସିଆଲ ମିଡିଆ ଜରିଆରେ ସୂଚନା ଦେଇଛନ୍ତି। ସେ ଲେଖିଛନ୍ତି, ଆଜି ମୋର ଆଇପିଏଲ କ୍ୟାରିୟର ମଧ୍ୟ ଶେଷ ହେଉଛି। ୧୬ ବର୍ଷର ଆଇପିଏଲ କ୍ୟାରିୟରରେ, ଅଶ୍ୱିନ ମୋଟ ୨୨୧ ମ୍ୟାଚ ଖେଳିଛନ୍ତି। ସେ ଇଣ୍ଡିଆନ ପ୍ରିମିୟର ଲିଗରେ ୫ଟି ଦଳ ପ୍ରତିନିଧିତ୍ୱ କରିଛନ୍ତି। ଆପଣଙ୍କୁ କହି ରଖୁଛୁ ଯେ ସେ ଡିସେମ୍ବର ୨୦୨୪ରେ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେଇଛନ୍ତି। ଆର୍ ଅଶ୍ୱିନ ୨୦୦୯ରେ ଚେନ୍ନାଇ ସୁପର କିଙ୍ଗ୍ସ ପାଇଁ ତାଙ୍କର ଆଇପିଏଲ ଡେବ୍ୟୁ କରିଥିଲେ। ଏହା ପରେ ସେ ରାଇଜିଂ ପୁଣେ ସୁପରଜିଆଣ୍ଟସ, ପଞ୍ଜାବ କିଙ୍ଗ୍ସ, ଦିଲ୍ଲୀ କ୍ୟାପିଟାଲ୍ସ ଏବଂ ତା'ପରେ ରାଜସ୍ଥାନ ରୟାଲ୍ସ ପାଇଁ ଖେଳିଥିଲେ। ସେ ଗତ ସିଜିନରେ (ଆଇପିଏଲ ୨୦୨୫) ଚେନ୍ନାଇ ସୁପର କିଙ୍ଗ୍ସକୁ ଫେରିଥିଲେ, ଯେଉଁଥିରେ ସେ ଖେଳି ଆଜି କ୍ରିକେଟରୁ ସନ୍ୟାସ ନେଇଛନ୍ତି। ଆଇପିଏଲରୁ ଅବସର ଘୋଷଣା କରି ଅଶ୍ୱିନ ସୋସିଆଲ ମିଡିଆରେ ଲେଖିଛନ୍ତି, ବିଶେଷ ଦିନ ଏବଂ ଏକ ବିଶେଷ ଆରମ୍ଭ। କୁହାଯାଏ ଯେ ପ୍ରତ୍ୟେକ ଶେଷର ଏକ ନୂତନ ଆରମ୍ଭ ଥାଏ, ଆଇପିଏଲ କ୍ରିକେଟର ଭାବରେ ମୋର ସମୟ ଆଜି ଶେଷ ହେଉଛି, କିନ୍ତୁ ବିଭିନ୍ନ ଲିଗରେ ଖେଳର ଅନୁସନ୍ଧାନକାରୀ ଭାବରେ ମୋର ସମୟ ଆଜିଠାରୁ ଆରମ୍ଭ ହେଉଛି। ତାଙ୍କ ପୋଷ୍ଟରେ, ଅଶ୍ୱିନ ତାଙ୍କ ସମସ୍ତ ଲିଗକୁ ମଧ୍ୟ ଧନ୍ୟବାଦ ଜଣାଇଛନ୍ତି ଯେଉଁମାନଙ୍କ ପାଇଁ ସେ ଆଇପିଏଲରେ ଖେଳିଥିଲେ। ସେ ଲେଖିଛନ୍ତି, 'ବର୍ଷ ବର୍ଷ ଧରି ସୁନ୍ଦର ସ୍ମୃତି ଏବଂ ସମ୍ପର୍କ ପାଇଁ ମୁଁ ସମସ୍ତ ଫ୍ରାଞ୍ଚାଇଜିକୁ ଧନ୍ୟବାଦ ଦେବାକୁ ଚାହୁଁଛି। ଏବଂ ଏ ପର୍ଯ୍ୟନ୍ତ ସେମାନେ ମୋତେ ଯାହା ଦେଇଛନ୍ତି ସେଥିପାଇଁ ବିସିସିଆଇ ଏବଂ ଆଇପିଏଲକୁ ବହୁତ ବହୁତ ଧନ୍ୟବାଦ। ଆଗକୁ ଯାହା ଅଛି ତାହା ଉପଭୋଗ କରିବାକୁ ଏବଂ ଏହାର ସର୍ବାଧିକ ଉପଯୋଗ କରିବାକୁ ଅପେକ୍ଷା କରିଛି।

## ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନ

# ମୀନାଙ୍କୁ ସ୍ୱର୍ଣ୍ଣ, ସ୍ନେହାଙ୍କୁ ରୌପ୍ୟ




ଅହମ୍ମଦାବାଦ : ସ୍ଥାନୀୟ ନାରଣପୁରା କ୍ରୀଡ଼ାଙ୍ଗନରେ ଚାଲିଥିବା ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନ ଚମ୍ପିଆନସିପରେ ଭାରତ ପାଇଁ ଆଉ ଦୁଇ ପଦକ ଜିତିଛନ୍ତି ଓଡ଼ିଆ ଝିଅ ମୀନା ଶାନ୍ତା ଓ ସ୍ନେହା ସୋରେନ। ଜୁନିୟର ମହିଳା ୫୮ କିଗ୍ରା ବର୍ଗରେ ମୀନା ଶାନ୍ତା ପ୍ରଥମ ସ୍ଥାନ ସହ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ମୀନା ସ୍ନାଚରେ ୮୪ ଓ କ୍ଲିନ ଆଣ୍ଡ ଜର୍କରେ ୧୦୧ କିଗ୍ରା ସହ ମୋଟ୍ ୧୮୫ କିଗ୍ରା ଭାରୋତ୍ତୋଳନ କରି ପ୍ରଥମ ସ୍ଥାନ ସହ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ନବରଙ୍ଗପୁର ଜିଲା ଉମରକୋଟର ମୀନା ୨୦୨୩ ଉତ୍ତରପ୍ରଦେଶର ନୋଏଡାରେ ଅନୁଷ୍ଠିତ ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନ ଚମ୍ପିଆନସିପରେ ୫୫ କିଗ୍ରା ବର୍ଗରେ ସ୍ୱର୍ଣ୍ଣ , ୨୦୨୪ରେ ଫିଜିରେ ଆୟୋଜିତ ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନ ଚମ୍ପିଆନସିପରେ ୨ଟି ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ପଦକ ଜିତିଥିଲେ। ମୀନା ଏବେ କଳିଙ୍ଗ ଷ୍ଟାଡ଼ିୟମସ୍ଥ ଭାରୋତ୍ତୋଳନ ଉତ୍କର୍ଷ କେନ୍ଦ୍ରରେପ୍ରଶିକ୍ଷଣ ହାସଲ କରୁଛନ୍ତି। ମୀନା ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନ ଚମ୍ପିଆନସିପ ଲାଗି ଜାତୀୟ ପ୍ରଶିକ୍ଷଣ ଶିବିରରେ ପ୍ରଶିକ୍ଷଣ ହାସଲ କରୁଥିଲେ। ସେହିପରି ବରିଷ୍ଠ ମହିଳା ୫୩ କିଗ୍ରା ବର୍ଗରେ ସ୍ନେହା ସୋରେନ ଦ୍ୱିତୀୟ ସ୍ଥାନ ସହ ରୌପ୍ୟ ପଦକ ଜିତିଛନ୍ତି। ସ୍ନେହା ସ୍ନାଚରେ ୮୧ ଓ କ୍ଲିନ ଆଣ୍ଡ ଜର୍କରେ ୧୦୫ କିଗ୍ରା ସହ ମୋଟ୍ ୧୮୬ କିଗ୍ରା ଭାରୋତ୍ତୋଳନ କରି ଦ୍ୱିତୀୟ ସ୍ଥାନ ସହ ରୌପ୍ୟ ପଦକ ଜିତିଛନ୍ତି। ମୟୂରଭଞ୍ଜର ସ୍ନେହା ୨୦୧୯ ଦକ୍ଷୀଣ ଏସୀୟ କ୍ରୀଡ଼ାରେ ସ୍ୱର୍ଣ୍ଣ, ୨୦୧୭ରେ ଯୁଥ ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନ ଚମ୍ପିଆନସିପର ୪୮ କିଗ୍ରାରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ପୂର୍ବରୁ ସୋମବାର ମହିଳା ୪୪ କିଗ୍ରା ବର୍ଗରେ ପ୍ରିତିସ୍ମିତା ଭୋଇ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଏହି ସଫଳତା ଲାଗି ମୀନା ଓ ସ୍ନେହାଙ୍କୁ ଓଡ଼ିଶା ଭାରୋତ୍ତୋଳନ ସଂଘ ପକ୍ଷରୁ ଶୁଭେଚ୍ଛା ଜଣାଯାଇଛି।


## କୃଷି ବିଭାଗ, ବରଗଡ଼




ପବିତ୍ର ଗଣେଶ ପୂଜା ଓ ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ଅବସରରେ ବରଗଡ଼ ଜିଲ୍ଲାର ଚାଷୀ ଭାଇ ଓ ଭଉଣୀମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ। ଚଳିତବର୍ଷ ଏହି ପର୍ବ ଆପଣଙ୍କୁ ଅପାର ସୁଖ ଓ ସମୃଦ୍ଧିର ସମ୍ଭାର ଆଣିଦେଉ ମାଁ ସମଲେଶ୍ୱରଙ୍କ ନିକଟରେ କୃଷି ବିଭାଗ ତରଫରୁ ପ୍ରାର୍ଥନା।

ଉଚ୍ଚ ଓ ଅଣ ଜଳସେଚିତ ଚାଷଜମିରେ ଧାନ ପରିବର୍ତ୍ତେ ଅଣଧାନ କରନ୍ତୁ। ଅଣ ଜଳସେଚିତ ଜମିରେ ପୃଷ୍ଟି ଶସ୍ୟ ଚାଷ କରନ୍ତୁ ଓ ନିଜର ପରିବାରକୁ ଉତ୍ତମ ଗୁଣବତ୍ତା ଭରା ଖାଦ୍ୟ ଦିଅନ୍ତୁ। ବରଗଡ଼ ଜିଲ୍ଲାରେ ଚାଷୀ ଭାଇମାନେ ରାସାୟନିକ ସାର ଓ କୀଟନାଶକ ବହୁଳ ବ୍ୟବହାର ପରିବର୍ତ୍ତେ ଜୈବିକ ସାର ଓ କୀଟନାଶକର ବ୍ୟବହାର କରନ୍ତୁ ଓ ଏକ ସୁସ୍ଥ ଏବଂ ନିରାପଦ ପରିବେଶ ସୃଷ୍ଟିରେ ସହାୟକ ହୁଅନ୍ତୁ।

**କୃଷି ବିଭାଗ, ବରଗଡ଼**


# କ୍ରିକେଟର ମାଇକେଲ କ୍ଲାର୍କଙ୍କୁ କ୍ୟାନ୍‌ସର



ନୂଆଦିଲ୍ଲୀ: ଅଷ୍ଟ୍ରେଲିଆର କିମ୍ବଦନ୍ତୀ କ୍ରିକେଟର ମାଇକେଲ କ୍ଲାର୍କ କ୍ୟାନସର ଭଳି ମାରାତ୍ମକ ରୋଗରେ ପୀଡ଼ିତ ଅଛନ୍ତି। ସେ ଚର୍ମ କର୍କଟର ଶିକାର ହୋଇଥିବା ନେଇ ଆଜି ସୋଶିଆଲ ମିଡିଆ ଜରିଆରେ ଅବଗତ କରାଇଛନ୍ତି। ନିଜର ସ୍ୱାସ୍ଥ୍ୟ ସମ୍ପର୍କରେ କ୍ଲାର୍କ ଅପଡେଟ ଦେବା ସହ ସମସ୍ତଙ୍କୁ ନିୟମିତ ବ୍ୟବଧାନରେ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରିବାକୁ ପରାମର୍ଶ ଦେଇଛନ୍ତି। ଇନଷ୍ଟାଗ୍ରାମରେ କ୍ଲାର୍କ କହିଛନ୍ତି, 'ଚର୍ମ କର୍କଟ ବାସ୍ତବ ! ବିଶେଷ କରି ଅଷ୍ଟ୍ରେଲିଆରେ। ଆଜି ଆଉ ଗୋଟିଏ ଅଂଶ ମୋ ନାକରୁ ବାହାରିଲା। ଗୋଟିଏ ବନ୍ଧୁତ୍ୱପୂର୍ଣ୍ଣ ପରାମର୍ଶ-ନିଜର ଚର୍ମର ପରୀକ୍ଷା କରି ନିଅନ୍ତୁ। ନିବାରଣ ଚିକିତ୍ସା ଠାରୁ ଯଥେଷ୍ଟ ଭଲ। କିନ୍ତୁ ମୋ ମାମଲାରେ ନିୟମିତ ଯାଞ୍ଚ ଓ ଶୀଘ୍ର ଚିହ୍ନଟ ଜରୁରୀ। ଶୀଘ୍ର ଜଣାପଡ଼ିଥିବାରୁ ଡାକ୍ତରଙ୍କୁ ଧନ୍ୟବାଦ।' ନିଜର ବ୍ୟାଟିଂ ଓ କ୍ୟାପ୍‌ଟେନ୍‌ସିପ୍ ପାଇଁ ଜଣାଶୁଣା କ୍ଲାର୍କ ଅଷ୍ଟ୍ରେଲିଆ ପାଇଁ ୧୧୫ ଟେଷ୍ଟ, ୨୪୫ ଦିନିକିଆ ଓ ୩୪ଟି ଟି-୨୦ ଖେଳିଛନ୍ତି। ୨୦୦୪ରୁ ୨୦୧୫ ଯାଏ ସେ ଅଷ୍ଟ୍ରେଲିଆ କ୍ରିକେଟରେ ସକ୍ରିୟ ରହିଥିଲେ। ସେ ଦିନିକିଆ ଓ ଟେଷ୍ଟରେ ଦେଶର ନେତୃତ୍ୱ ନେଇଥିଲେ। ସେ ୭୪ଟି ଟେଷ୍ଟ ଓ ୧୩୯ଟି ଦିନିକିଆରେ ଅଷ୍ଟ୍ରେଲିଆର ନେତୃତ୍ୱ ନେଇଥିଲେ। ତାଙ୍କ ନେତୃତ୍ୱରେ ଅଷ୍ଟ୍ରେଲିଆ ୨୦୧୫ ଦିନିକିଆ ବିଶ୍ୱକପ ମଧ୍ୟ ଜିତିଥିଲା। ଏହାବାଦ ୨୦୧୩-୧୪ ଆଶେସକୁ ମଧ୍ୟ ସେ ୫-୦ରେ ଦଖଲ କରିବାର ସଫଳତା ହାସଲ କରିଥିଲେ।

## ସ୍ୱର୍ଣ୍ଣ ବିଜୟନୀ ମୀନାଙ୍କୁ ଶୁଭେଚ୍ଛା ଜଣାଇଲେ ନବୀନ

ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): କମନୱେଲ୍ଥ ୱେଟଲିଫ୍ଟିଂ ଚାମ୍ପିୟାନସିପରେ ସ୍ୱର୍ଣ୍ଣ ପଦକ ଜିତିଥିବା ମୀନା ସାନ୍ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ । ଏନେଇ ସୋସିଆଲ ମିଡିଆ ଏକ୍ସରେ ନୀବନ କହିଛନ୍ତି ଯେ, ଓଡ଼ିଶାର ୱେଟଲିଫ୍ଟର୍ ମିନା ସାନ୍ତାଙ୍କୁ ୨୦୨୫ ର କମନୱେଲ୍ଥ ୱେଟଲିଫ୍ଟିଂ ଚାମ୍ପିୟନ୍‌ଶିପ୍‌ରେ ଜୁନିଅର୍ ମହିଳା ୫୮ କି.ଗ୍ରା. ବର୍ଗରେ ସ୍ୱର୍ଣ୍ଣ ପଦକ ଜିତିବା ପାଇଁ ଅଭିନନ୍ଦନ ଜଣାଉଛି । ସେ ତାଙ୍କର ଖେଳଜୀବନରେ ଆହୁରି ସଫଳତା ଅର୍ଜନ କରନ୍ତୁ ଏବଂ ରାଜ୍ୟ ପାଇଁ ଗର୍ବ ଆଣନ୍ତୁ ଏହାହିଁ କାମନା କରୁଛି ।


## ବିଜ୍ଞାପିତ ଅଞ୍ଚଳ ପରିଷଦ, ଖଡିଆଳ

*ପଶ୍ଚିମ ଓଡିଶାର ଗଣ ପର୍ବ ନୂଆଁଖାଇର ଶୁଭ ଅବସରରେ ସମସ୍ତ ଜନସାଧାରଣଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା।*

ଖଡିଆଳ ବିଜ୍ଞାପିତ ଅଞ୍ଚଳ ପରିଷଦର ସମସ୍ତ ଜନସାଧାରଣଙ୍କୁ ନିବେଦନ କରାଯାଉଅଛି ଯେ

୧. ଗୃହ ଓ ଦୋକାନରୁ ନିର୍ଗତ ଆବର୍ଜନା ଏବଂ ମଇଳା ଗୁଡିକୁ କେବଳ ଆବର୍ଜନା ସଂଗ୍ରହ କରୁଥିବା ଗାଡିରେ ପୃଥକ ଭାବରେ ଦିଅନ୍ତୁ।
୨. ଘର ଟିକସ ଠିକ ସମୟରେ ପଇଠ କରନ୍ତୁ ।
୩. ପରିଷଦର ଅନୁମତି ନେଇ ନୂତନ ଗୃହ ନିର୍ମାଣ ଓ ପୁରାତନ ଗୃହର ନବୀକରଣ କରାନ୍ତୁ, ରାସ୍ତା ଉପରେ ଗୃହ ତିଆରି ସାମଗ୍ରୀ ରଖି ରାସ୍ତା ଅବରୋଧ କରନ୍ତୁ ନାହିଁ ଏବଂ ସେପ୍ଟିକ ଟାଙ୍କିର ପାଣି ନାଳିରେ ଛାଡନ୍ତୁ ନାହିଁ ।
୪. ନିଜନିଜ ଗାଇ ଗୋରୁ ନିଜ ଦାୟୀତ୍ୱରେ ରଖନ୍ତୁ ରାସ୍ତାରେ ଛାଡନ୍ତୁ ନାହିଁ ।

ଉଜ୍ଜଳ ଗୁପ୍ତା, ଅଧ୍ୟକ୍ଷ, ବିଜ୍ଞାପିତ ଅଞ୍ଚଳ ପରିଷଦ, ଖଡିଆଳ
ଶକୁନ୍ତଳା ରାଉତ, ଉପାଧ୍ୟକ୍ଷ ଏବଂ ସମସ୍ତ ସଭ୍ୟ/ ସଭ୍ୟା, ବିଜ୍ଞାପିତ ଅଞ୍ଚଳ ପରିଷଦ, ଖଡିଆଳ
ସ୍ୱାଧୀନକେତନ ମହାରଣା, କାର୍ଯ୍ୟ ନିର୍ବାହୀ ଅଧିକାରୀ, ବିଜ୍ଞାପିତ ଅଞ୍ଚଳଅଞ୍ଚଳ ପରିଷଦ, ଖଡିଆଳ


# ବିଶ୍ୱ ବ୍ୟାଡମିଣ୍ଟନ ଚାମ୍ପିଅନ୍‌ସିପ୍: ପ୍ରି କ୍ୱାର୍ଟରରେ ସିନ୍ଧୁ



ନୂଆଦିଲ୍ଲୀ: ଭାରତର ୨ ଥର ଅଲିମ୍ପିକ ପଦକ ବିଜେତା ପିଭି ସିନ୍ଧୁ ଭଲ ଫର୍ମକୁ ଫେରିଛନ୍ତି । ଚଳିତ ବ୍ୟାଡମିଂଟନ ବିଶ୍ୱ ଚାମ୍ପିୟନଶିପରେ ସିନ୍ଧୁ ପ୍ରଭାବୀ ପ୍ରଦର୍ଶନ କରି ପ୍ରି କ୍ୱାର୍ଟରରେ ପ୍ରବେଶ କରିଛନ୍ତି । କ୍ରମାଗତ ଖରାପ ପ୍ରଦର୍ଶନ ପରେ ଭାରତର ଏହି ଷ୍ଟାର ଅଭିଜ୍ଞ ଏବେ ଦକ୍ଷତା ମୁତାବକ ପ୍ରଦର୍ଶନ ଜାରୀ ରଖିଛନ୍ତି । ୨୦୨୧ରେ ସେ କ୍ୱାର୍ଟର ଫାଇନାଲ, ୨୦୧୯ଳ ୨୦୨୨ ଓ ୨୦୨୩ରେ ଦ୍ୱିତୀୟ ରାଉଣ୍ଡାର ବିଦାୟ ନେଇଥିଲେ । ଦ୍ୱିତୀୟ ରାଉଣ୍ଡରେ ସିନ୍ଧୁ ମାଲେସିଆର କରୁପାଥେଭାନ ଲେଥସାଙ୍କୁ ୨୧-୧୯ ଓ ୨୧-୧୫ରେ ପରାଜିତ କରିଥିଲେ। ୨ଟି ଯାକ ଗେମରେ ସିନ୍ଧୁ ସମସ୍ତ ବିଭାଗରେ ଭଲ ପ୍ରଦର୍ଶନ କରିଥିଲେ। ପରବର୍ତ୍ତୀ ରାଉଣ୍ଡରେ ସେ ଚାଇନା ଓପନ ଚାମ୍ପିୟନ ୱାଙ୍ଗ ଝି ୟିଙ୍କୁ ଭେଟିବେ । ୨୦୨୨ରେ ସିନ୍ଧୁ ତାଙ୍କୁ ହରାଇଥିଲେ। ଏହା ପରେ ଆଉ ୨ଟି ମୁକାବିଲାରେ ପରାଜିତ ହୋଇଛନ୍ତି । ଏହି ମ୍ୟାଚ ତାଙ୍କ ପାଇଁ ଅଗ୍ନି ପରୀକ୍ଷା ସଦୃଶ ହେବ। ପୁରୁଷ ଡବଲ୍ସରେ ସାତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ଶେଟ୍ଟୀ ଚୀନ ଯୋଡିଙ୍କୁ ହରାଇ ପ୍ରି କ୍ୱାର୍ଟରରେ ପ୍ରବେଶ କରିଛନ୍ତି । ଧ୍ରୁବ କପିଳା ଓ ତାନିଶା କ୍ରାଷ୍ଟୋ ମିକ୍ସଡ ଡବଲ୍ସ ପ୍ରି କ୍ୱାର୍ଟରକୁ ଉନ୍ନୀତ ହୋଇଛନ୍ତି। ସେମାନେ ଇରିଶ ଯୋଡି ଯୋଶୁଆ ମ୍ୟାଗୀ ଓ ମୋୟା ର୍ୟାନଙ୍କୁ ୨୧-୧୧ ଓ ୨୧-୧୬ରେ ହରାଇଥିଲେ ।


## ପ୍ରଗତି ପଥେ ଖଡିଆଳ ପଞ୍ଚାୟତ ସମିତି

ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ରେ ଶ୍ରମଜୀବୀ ପରିବାରଙ୍କୁ କାର୍ଯ୍ୟ ଯୋଗାଇ ଦେବାର ଉଦ୍ଦେଶ୍ୟ ରଖିଥିବା ଉକ୍ତ ଯୋଜନାରେ ଚଳିତ ୨୦୨୫ -୨୬ ଆର୍ଥିକ ବର୍ଷରେ ୧୩୪ ଗୋଟି ପୋଖରୀ, ୧୧୭୨ ଜଣ ପରିବାରକୁ ଜମିମରାମତି, ୪୨ ଗୋଟି ରାସ୍ତା, ୨୭ ଗୋଟି ବହୁମୁଖୀ ପୋଖରୀ, ୧୨ ଗୋଟି କୃଷି ପୋଖରୀ, ୨୨ ଗୋଟି କୂପ ଖନନ, ୮ ଗୋଟି ଗାଈ ଗୁହାଳ, ୯ ଗୋଟି ଛେଳି ଗୁହାଳ, ୩ ଗୋଟି ଖେଳ ପଡିଆ, ୧ ଗୋଟି ଗ୍ରାମୀଣ ହାଟ, ୨ ଗୋଟି ଗ୍ରାମୀଣ ପାର୍କ, ୨୩ ଗୋଟି ଟି. ସି. ବି, ୨ ଗୋଟି ଗ୍ରାମୀଣ ପାଠାଗାର, ୬ ଗୋଟି ଶ୍ମଶାନ ଗୃହ ର ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇ ୯,୬୪୩ ଗୋଟି ପରିବାରକୁ କାର୍ଯ୍ୟ ଯୋଗାଇ ଦିଆଯାଇ ୪,୯୨,୮୭୨ ଶ୍ରମ ଦିବସ ସୃଷ୍ଟି କରାଯାଇ ପାରିଛି | ଏଥିମଧ୍ୟରୁ ୪୦୮ ଜଣ ପରିବାରଙ୍କୁ ୧୦୦ ଦିନର କାର୍ଯ୍ୟ ଅଦ୍ୟାବଧି ପର୍ଯ୍ୟନ୍ତ ଯୋଗାଇ ଦିଆଯାଇଅଛି ।

ସ୍ୱା/-
ଗୋଷ୍ଠୀ ଉନ୍ନୟନ ଅଧିକାରୀ
ଖଡିଆଳ


# ରୋହିତ ଦେବେ ବ୍ରୋଙ୍କୋ ଟେଷ୍ଟ !



ନୂଆଦିଲ୍ଲୀ: ୨୦୨୭ରେ ହେବାକୁ ଯାଉଛି ପରବର୍ତ୍ତୀ ଦିନିକିଆ ବିଶ୍ୱକପ୍। ସେତେବେଳକୁ ଅଧିନାୟକ ରୋହିତ ଶର୍ମାଙ୍କ ବୟସ ହୋଇ ସାରିଥିବ ୪୦। ୨୦୨୭ ବେଳକୁ ରୋହିତ ଅନ୍ତର୍ଜାତୀୟ କ୍ରିକେଟ୍‌ରେ ସକ୍ରିୟ ଥିବେ କି ନାହିଁ ତାହା କେହି ଜାଣି ନାହାନ୍ତି। ଅନ୍ୟପଟେ ନିକଟରେ ବ୍ରୋଙ୍କୋ ଟେଷ୍ଟ ଆରମ୍ଭ କରିଛି ବିସିସିଆଇ। ଭାରତ ବନାମ ଇଂଲଣ୍ଡ ଟେଷ୍ଟ ସିରିଜରେ ବୋଲରଙ୍କ ଫିଟନେସ୍ ସଂପର୍କିତ ସମସ୍ୟା ଦେଖା ଦେବା ପରେ ଏହି ନିୟମ ଆଣିଛି ବୋର୍ଡ। ଏହାର ଉଦ୍ଦେଶ୍ୟ ହାଇଲିବେଲ ଫିଟନେସ୍ ଟେଷ୍ଟ ବଜାୟ ରଖିବା। ତେବେ ଏହି ନିୟମକୁ ନେଇ ଉଠିଛି ପ୍ରଶ୍ନ। ପୂର୍ବତନ ଭାରତୀୟ ବ୍ୟାଟର ମନୋଜ ତିୱାରୀଙ୍କ ମତରେ ବିସିସିଆଇ ଏହି ନିୟମ ଏଥିପାଇଁ ଆରମ୍ଭ କରିଛି, ଯଦ୍ୱାରା ରୋହିତ ଶର୍ମାଙ୍କ ଦିନିକିଆ ବିଶ୍ୱକପ୍ ୨୦୨୭ ପୂର୍ବରୁ କ୍ରିକେଟରୁ ସନ୍ନ୍ୟାସ ନେଇଯିବେ।


## ନିୟନ୍ତ୍ରିତ ବଜାର କମିଟି, ବରଗଡ଼

ପଶ୍ଚିମ ଓଡ଼ିଶାର କୃଷିଭିତ୍ତିକ ମହାନ ଗଣପର୍ବ ନୂଆଁଖାଇ ଅବସରରେ ଅଞ୍ଚଳର ସମସ୍ତ ଚାଷୀ ଭାଇ-ଭଉଣୀମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜ୍ଞାପନ କରିବା ସହିତ ସମସ୍ତଙ୍କର ସୁଖ, ସମୃଦ୍ଧି ଓ ଶାନ୍ତି କାମନା କରୁଅଛୁ।

**ଶ୍ରୀମତୀ ମଧୁଛନ୍ଦା ସାହୁ**, ଓଡ଼ିଶା ପ୍ରଶାସନିକ ସେବା, ଅତିରିକ୍ତ ଜିଲ୍ଲାପାଳ, ବରଗଡ଼ ତଥା ଅଧ୍ୟକ୍ଷ, ନିୟନ୍ତ୍ରିତ ବଜାର କମିଟି, ବରଗଡ଼
**ଶ୍ରୀ ଗୋବିନ୍ଦ ନାଗ**, ଏସ୍ଏଆର୍‌ସିଏସ୍, ସମ୍ପାଦକ, ନିୟନ୍ତ୍ରିତ ବଜାର କମିଟି, ବରଗଡ଼



ମେଥିରେ ଏମିତି କିଛି ଔଷଧୀୟ ଗୁଣ ଅଛି ଯାହାକି କେତେକ ରୋଗକୁ ମୂଳରୁ ଶେଷ କରିଦିଏ। ମେଥିର ଉପକାରିତା ବିଷୟରେ ଓ ଏହାକୁ କେମିତି ସେବନ କଲେ ସମ୍ପୂର୍ଣ୍ଣ ଲାଭ ପାଇପାରିବେ। ମେଥି ସେବନ ଦ୍ୱାରା ଆମର ଓଜନ କମ ହୋଇଥାଏ। କାରଣ ମେଥିର ପାଣି ପିଇଲେ ଭୋକ ଲାଗେ ନାହିଁ। ଗୋଟିଏ ମାସ ଲଗାତାର ମେଥିର ପାଣି ଯଦି ପିଇବେ ତେବେ ଆପଣଙ୍କ ଓଜନ ହ୍ରାସ ହୋଇଯିବ। ଖାଦ୍ୟରେ ନିୟନ୍ତ୍ରଣ ସହିତ ମେଥି ଦାନାର ସେବନ କରିଲେ ଏହା ଶରୀରରୁ ଚର୍ବିକୁ କମ୍ କରିବାରେ ସାହାର୍ଯ୍ୟ କରିଥାଏ। ମେଥିର ସେବନ ଗଣ୍ଠି ରୋଗରୁ ବି ଆରାମ ଦିଏ। ମେଥି ପାଣିର ସେବନ କରିଲେ ଏହା ଗଣ୍ଠି ଗୁଡିକରେ ହେଉଥିବା ଯନ୍ତ୍ରଣାରୁ ବି ମୁକ୍ତି ଦେଇଥାଏ। ମେଥି ପାଣି ଲଗାତର ସେବନ କରିଲେ ଗଣ୍ଠି ରୋଗ ପୂରାପୂରି ଭଲ ମଧ ହୋଇଯାଏ। ମେଥି ଶରୀରରେ ଥିବା ଖରାପ କୋଲେଷ୍ଟ୍ରଲକୁ କମ୍ କରିବାରେ ବି ସାହାଯ୍ୟ କରିଥାଏ। ଏହାଦ୍ୱାରା ହୃଦଘାତ ଭଳି ସମସ୍ୟା ହୁଏ ନାହିଁ। ଉଚ୍ଚ ରକ୍ତଚାପକୁ ବି ନିୟନ୍ତ୍ରଣ କରିବାରେ ମେଥି ବହୁ ଉପକାରୀ ପ୍ରମାଣିତ ହୋଇଥାଏ। ମେଥିରେ ପୋଟାସିୟମ ଥାଏ ଯାହା ରକ୍ତଚାପକୁ କମ୍ କରିବାରେ ସାହାର୍ଯ୍ୟ କରିଥାଏ। ମେଥିରେ ପ୍ରଚୁର ପରିମାଣରେ ଫାଇବର ରହିଥାଏ। ଯାହା ଶରୀରରୁ ବିଷାକ୍ତ ପଦାର୍ଥକୁ ବାହାର କରିଦିଏ ଓ ଶରୀରକୁ କ୍ୟାନ୍ସର ଭଳି ରୋଗରୁ ସୁରକ୍ଷିତ ରଖିଥାଏ। ଯଦି ଆପଣ ସବୁଦିନ ସକାଳେ ଖାଲି ପେଟରେ ମେଥି ପାଣି ସେବନ କରିବେ ତେବେ କିଡନୀରେ ଜମିଥିବା ଷ୍ଟୋନ ପରିସ୍ରା ମାଧ୍ୟମରେ ବାହାରକୁ ବାହାରିଯାଏ। ମେଥି ସମସ୍ତ ପ୍ରକାରର ତ୍ୱଚା ରୋଗକୁ ଭଲ କରିଥାଏ । ଖାଦ୍ୟକୁ ହଜମ କରିବାରେ ବି ଏହା ସାହାର୍ଯ୍ୟ କରିଥାଏ ।

# ମାଟି ଓ ମଣିଷର ମିଳନ ପର୍ବ ନୂଆଁଖାଇ





ଅନ୍ନ ବିନା ଜୀବନ ଅସମ୍ଭବ। ଧାନରୁ ଅନ୍ନର ସୃଷ୍ଟି। ଅନ୍ନ ହିଁ ସ୍ୱୟଂ ଭଗବାନ। ତେଣୁ ଉପନିଷଦରେ କୁହାଯାଇଛି- 'ଅନ୍ନଂ ବ୍ରହ୍ମେତି ବ୍ୟଜନାତ।' ଅର୍ଥାତ୍: ଅନ୍ନର ଅନ୍ୟନାମ ହେଉଛି ବ୍ରହ୍ମ। 'ଅନ୍ନ ଭବନ୍ତି ଭୂତାନି...'। ଅର୍ଥାତ୍: ଅନ୍ନ ଯୋଗୁଁ ସମସ୍ତ ପ୍ରାଣୀ ଜୀବନ ଧାରଣ କରନ୍ତି। ଶୁଦ୍ଧ ଅନ୍ନ ମନକୁ ଶାନ୍ତ ତଥା ପବିତ୍ର କରିଥାଏ। ତେଣୁ ଅନ୍ନକୁ ନେଇ ଓଡ଼ିଶାରେ ପାଳନ ହୁଏ ଅନେକ ପର୍ବପର୍ବାଣୀ। ସେଥିମଧ୍ୟରୁ 'ନୂଆଁଖାଇ' ବା 'ନବାନ୍ନ ପର୍ବ' ପଶ୍ଚିମ ଓଡ଼ିଶାର ଏକ ପ୍ରମୁଖ ପର୍ବ । ଶସ୍ୟ ପୂଜା ତଥା ନୂତନ ଅନ୍ନ ପୂଜା ହେଉଛି ଏହି ପର୍ବର ମହତ୍ତ୍ୱ। ପ୍ରାଚୀନ କାଳରୁ ଅନ୍ନକୁ ଭଗବାନଙ୍କ ଅନ୍ୟରୂପ ଏବଂ ତାଙ୍କ ଦାନର ସ୍ୱରୂପ ଭାବେ କଳ୍ପନା କରାଯାଇଛି । ରାଜ୍ୟର ଅନେକ ସ୍ଥାନରେ ନୂତନ ଶସ୍ୟ ବା ଅନ୍ନକୁ ଭଗବାନଙ୍କୁ ଅର୍ପଣ କରିବା ପରେ ନିଜେ ଗ୍ରହଣ କରିବା ବିଧି ରହିଛି । ବିଭିନ୍ନ ସ୍ଥାନରେ ବିଜୟାଦଶମୀ, ଦୀପାବଳି କିମ୍ବା ପ୍ରଥମ ଶସ୍ୟ ଅମଳ ପରେ ଭଲ ଦିନ ଦେଖି ନବାନ୍ନ ଭକ୍ଷଣ କରାଯାଏ। ମାତ୍ର ପଶ୍ଚିମ ଓଡ଼ିଶାରେ ନୂଆଁଖାଇ ଏକ ଗଣପର୍ବ। ଭାଦ୍ରବ ମାସରେ ପାଳନ କରାଯାଏ ଏହି ପର୍ବ।

ନୂଆଁଖାଇ ବା ନବାନ୍ନ ପୂଜାର ଏକ ବିଶେଷ ମହତ୍ତ୍ୱ ରହିଛି ଭାରତରେ। ଏଇଠି କଳ୍ପନାର ସୂକ୍ଷ୍ମ ଜାଲରେ ଅନ୍ନ, ଆନନ୍ଦ ଓ ଆତ୍ମାକୁ ଛନ୍ଦି ଦେଇ 'ତୈତ୍ତିରୀୟ ଉପନିଷଦ'ର ମହର୍ଷି ଗାଇଥିଲେ – 'ଅନ୍ନଂ ବ୍ରହ୍ମେତି ବ୍ୟଜାନାତ୍, ଅନ୍ନାଦେବ ଖଳ୍ୱିମାନି ଭୂତାନି ଜାୟନ୍ତେ, ଅନ୍ନେନ ଜାତାନି ଜୀବନ୍ତି, ଅନ୍ନଂ ପ୍ରୟନ୍ତ୍ୟଭିସଂବିଶନ୍ତୀତି।' ଅର୍ଥାତ୍ ଅନ୍ନର ଅନ୍ୟ ନାମ ହେଉଛି ବ୍ରହ୍ମ, ଈଶ୍ୱର। ପ୍ରତ୍ୟକ ଏଇ ଅନ୍ନରୁ ଜାତ ହୁଅନ୍ତି। ଅନ୍ନ ଯୋଗୁଁ ଜୀବନ ଧାରଣ କରନ୍ତି ଏବଂ ମୃତ୍ୟୁ ପରେ ଅନ୍ୟମାନଙ୍କ ପାଇଁ ସେମାନେ ଅନ୍ନ ହୋଇଯାଆନ୍ତି। ମାଟି ସହ ମଣିଷର ଭାବାବେଗ ସମ୍ପର୍କ ଅତ୍ୟନ୍ତ ପ୍ରାଚୀନ ଓ ନିବିଡ଼ । ଓଡ଼ିଆ ଜନ ଜୀବନରେ ଗ୍ରାମୀଣ ଖଟିଖିଆ ମଣିଷଟି ହେଉ ବା କୃଷକ ମାଟି ସହ ନିଜେ ମାଟି ହୋଇ ସେ ପାଲଟିଥାଏ 'ମାଟିର ମଣିଷ' । ଆଉ ମାଟି ସହ ମିଶି ସେ ଯେଉଁ ଶସ୍ୟଟି ଉତ୍ପାଦନ କରିଥାଏ କୃତଜ୍ଞତା ଓ ଭକ୍ତିନୈବେଦ୍ୟ ସ୍ୱରୂପ ସେ ନିଜର ଉତ୍ପାଦିତ ପ୍ରଥମ ଶସ୍ୟକୁ ସେହି ମାଟି ମାଆ ପାଖରେ ନୈବେଦ୍ୟପୂର୍ବକ ଅର୍ପଣ କରିଥାଏ। ପଶ୍ଚିମ ଓଡ଼ିଶାର ପାରମ୍ପରିକ ନୂଆଖାଇ ପରମ୍ପରା ଲୌକିକ ଦିଗଟିକୁ ସୂଚିତ କରିଥାଏ। ଧର୍ମାନୁରାଗୀ ଭକ୍ତିଭାବାପନ୍ନ ଜନତା ବିଶେଷତଃ ହିନ୍ଦୁମାନେ ଖାଦ୍ୟ ଗ୍ରହଣ ପୂର୍ବରୁ ପ୍ରଥମେ ଭଗବାନଙ୍କ ଉଦ୍ଦେଶ୍ୟରେ ଅର୍ପଣ କରି ବା ଉତ୍ସର୍ଗ କରି ସେବନ କରିବା ଲକ୍ଷ୍ୟ କରାଯାଏ । ସେହିପରି ନୂତନ ଶସ୍ୟ ଉତ୍ପାଦନ ସମୟର ଏକ ବିଶେଷ ସମୟକୁ ପଶ୍ଚିମ ଓଡ଼ିଶାବାସୀ ତଥା ଓଡ଼ିଶାର ପ୍ରାୟତଃ ସମସ୍ତ ଅଞ୍ଚଳରେ ନୂଆଖାଇ ବା ନୂଆଖିଆ ଭାବେ ପାଳନ କରି ଉତ୍କଳୀୟ ସଂସ୍କୃତିକୁ ସୁଦୃଢ଼ କରିଛନ୍ତି। କୃଷି, ଭାଇଚାରା ଓ ଭକ୍ତିର ପାରମ୍ପରିକ ଗଣପର୍ବ ନୂଆଖାଇ ପର୍ବରେ ଖାଦ୍ୟ, ପୂଜାବିଧି, ନୃତ୍ୟଗୀତ, ଲୌକିକ ପରମ୍ପରା, ସୌହାର୍ଦ୍ଦ୍ୟପୂର୍ଣ୍ଣ ସଂପର୍କରେ ଛଟା ଓ ଆଦିବାସୀ ସାଧାରଣ ଗ୍ରାମୀଣ ଜନତାଙ୍କ ସମ୍ପର୍କର ପରଖିଲେ ମନେହୁଏ ସାରା ବିଶ୍ୱରେ ପଶ୍ଚିମ ଓଡ଼ିଶାର ନୂଆଁଖାଇ ଏକ ସ୍ୱତନ୍ତ୍ର ଗଣପର୍ବ ଏଥିରେ ପଟ୍ଟାନ୍ତର ନାହିଁ। ପରିବାରର ଆବାଳବୃଦ୍ଧ ବନିତା ଏକତ୍ର ପ୍ରସାଦ ପୂର୍ବକ ସେବନ କରିବାର ପରମ୍ପରା ରହିଛି। ନୂଆଁଖାଇ ଭାରତୀୟ ସଭ୍ୟତା ଓ ସଂସ୍କୃତି ସହିତ ସାଧାରଣ ମଣିଷର ଜୀବନ ଚେତନାକୁ ମଧ୍ୟ ଏକୀଭୂତ କରିଛି। ଅର୍ଥବ ବେଦରେ ଉଲ୍ଲେଖ ରହିଛି –'ମା ଭ୍ରାତା ଭ୍ରାତରଂ ଦ୍ୱିକ୍ଷନ୍,

ମୋ ସ୍ୱାସରମୁତ ସ୍ୱସା।
ସମ୍ୟଞ୍ଚ ସବ୍ରତା ଭୁତ୍ୱ ବାଚଂ,
ବଦତ ଭଦ୍ରୟା ସଂଜ୍ଞାନଂ ପୁରୁଷେଭ୍ୟ...
ସମାନୀ ପ୍ରପା ସହ ବାଂନ୍ନଭାଗଃ।'


ଅର୍ଥାତ୍:- ଭାଇ ଭାଇକୁ ଦ୍ୱେଷ ନକରୁ। ଭଉଣୀ, ଭଉଣୀକୁ ଘୃଣା ନକରୁ। ସମସ୍ତେ ନିର୍ମଳଚିତ୍ତ, ଏକବ୍ରତ ହୋଇ ଭଦ୍ରବାଣୀ ଉଚ୍ଚାରଣ କର। ସବୁ ମଣିଷ ମନର ସଦ୍ଜ୍ଞାନ ଜାତ ହେଉ। ଅନ୍ନ ଓ ଜଳର ସାମଗ୍ରୀ ସମାନ ହେଉ।








CKA Birla Group
orient electric

## ଓରିଏଣ୍ଟ ଇଲେକ୍ଟ୍ରିକ୍ ଲିମିଟେଡ୍

ସିଆଇଏନ୍: ଏଲ୍୩୧୧୦୦ଓଆର୍୨୦୧୬ ପିଏଲ୍ସି୦୨୫୮୯୨
ପଞ୍ଜିକୃତ କାର୍ଯ୍ୟାଳୟ: ୟୁନିଟ୍-୮, ପ୍ଲଟ୍ ନଂ.୭, ଭୋଇନଗର, ଭୁବନେଶ୍ୱର, ଓଡ଼ିଶା-୭୫୧୦୧୨
କର୍ପୋରେଟ୍ ଅଫିସ: ୨୪୦ ଓଖଲା ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ୍, ଫେଜ୍-୩, ନୂଆଦିଲ୍ଲୀ-୧୧୦୦୨୦
ଟେଲିଫୋନ୍: ୦୧୧-୪୦୫୦୭୦୦୦
ଇମେଲ୍: investor@orientelectric.com, ୱେବସାଇଟ୍: www.orientelectric.com

**ସେୟାର ହୋଲ୍ଡରମାନଙ୍କ ପାଇଁ ନୋଟିସ୍**

**ଆଇଇପିଏଫ୍ଏ ଅଭିଯାନ 'ସକ୍ଷମ ନିବେଶକ' ସମର୍ଥନରେ ଜାରି କରାଯାଇଛି ଲାଭାଂଶ ଦାବି ଏବଂ କେୱାଇସି ଅପଡେଟ୍ ସୁଗମ କରିବା ପାଇଁ ଏକ ୧୦୦-ଡେ ଅଭିଯାନ।**

କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟର ନିବେଶକ ଶିକ୍ଷା ଏବଂ ସୁରକ୍ଷା ପାଣ୍ଠି ପ୍ରାଧିକରଣ (ଆଇଇପିଏଫ୍ଆର୍) 'ସକ୍ଷମ ନିବେଶକ' ନାମକ ଏକ ୧୦୦ ଦିନିଆ ଅଭିଯାନ ଆରମ୍ଭ କରିଛି, ଯାହା ୨୮ ଜୁଲାଇ, ୨୦୨୫ ରୁ ୬ ନଭେମ୍ବର, ୨୦୨୫ ପର୍ଯ୍ୟନ୍ତ ପରିଚାଳିତ ହେଉଛି। ଏହି ଅଭିଯାନର ଉଦ୍ଦେଶ୍ୟ ହେଉଛି ସେହି ଅଂଶୀଦାରମାନଙ୍କ ପାଖରେ ପହଞ୍ଚିବା ଯାହାଙ୍କ ଲାଭାଂଶ ଅପେକ୍ଷିତ କିମ୍ବା ଦାବି କରାଯାଇ ନାହିଁ ଏବଂ ସେମାନଙ୍କୁ ସେମାନଙ୍କର କେୱାଇସି ଏବଂ ନାମାଙ୍କନ ବିବରଣୀ ଅପଡେଟ୍ କରିବାକୁ ଉତ୍ସାହିତ କରିବା।

ନିବେଶକ ଶିକ୍ଷା ଏବଂ ସୁରକ୍ଷା ପାଣ୍ଠି (ଆଇଇପିଏଫ୍) ନିୟମର ବ୍ୟବସ୍ଥା ଅନୁଯାୟୀ, ଯେଉଁ ଅଂଶୀଦାର ଉପରେ ଲଗାତାର ସାତ ବର୍ଷ ଧରି ଦାବି କରାଯାଇ ନାହିଁ, ସେଗୁଡ଼ିକୁ ଆଇଇପିଏଫ୍‌କୁ ସ୍ଥାନାନ୍ତରିତ କରାଯିବା ଉଚିତ। ଏପରି ସ୍ଥାନାନ୍ତରକୁ ଏଡାଇବା ପାଇଁ। ସେୟାରଧାରୀ ମାନଙ୍କୁ ପରାମର୍ଶ ଦିଆଯାଉଛି ଯେ ସେମାନେ ସେମାନଙ୍କର ଅପେକ୍ଷିତ ଲାଭାଂଶ, ଯଦି କୌଣସି ଥାଏ, ତାହା ଆଇଇପିଏଫ୍‌କୁ ସ୍ଥାନାନ୍ତର କରିବା ପୂର୍ବରୁ ଦାବି କରନ୍ତୁ ଏବଂ ଆବଶ୍ୟକୀୟ ଡକ୍ୟୁମେଣ୍ଟ ସହିତ କେଏଫ୍ଆଇଏନ୍ ଟେକ୍ନୋଲୋଜି ଲିମିଟେଡ, ରେଜିଷ୍ଟ୍ରାର ଏବଂ ସେୟାର ଟ୍ରାନ୍ସଫର ଏଜେଣ୍ଟ (ଆର୍‌ଟିଏ)ଙ୍କୁ einword.ris@kfintech.comରେ ଆବେଦନ କରନ୍ତୁ। ଦେଖାଯାଇଛି ଯେ ମୁଖ୍ୟତଃ କେୱାଇସି ବିବରଣୀ ଅପଡେଟ୍ ନହେବା ଯୋଗୁଁ ଲାଭାଂଶ ଅପେକ୍ଷିତ ରହିଥାଏ।

ଏହା ସହିତ, ସେୟାରଧାରୀମାନଙ୍କୁ ସେମାନଙ୍କର କେୱାଇସି ଏବଂ ମନୋନୟନ ବିବରଣୀ ନିମ୍ନଲିଖିତ ଭାବରେ ଅପଡେଟ୍ କରିବାକୁ ଅନୁରୋଧ କରାଯାଇଛି:
- ଡିମାଟ୍ ମୋଡ୍‌ରେ ଧାରଣ କରାଯାଇଥିବା ସେୟାର: ଆବଶ୍ୟକୀୟ ବିବରଣୀ ଅପଡେଟ୍ କରିବା ପାଇଁ ଆପଣଙ୍କର ସମ୍ପୃକ୍ତ ଜମାକାରୀ ଅଂଶଗ୍ରହଣକାରୀ (ଡିପି) ଙ୍କ ସହିତ ଯୋଗାଯୋଗ କରନ୍ତୁ।
- ଭୌତିକ ମୋଡରେ ଧାରଣ କରାଯାଇଥିବା ସେୟାର: ଭୌତିକ ଫର୍ମରେ ଧାରଣ କରିଥିବା ସେୟାରଧାରକମାନଙ୍କୁ ଅନୁରୋଧ କରାଯାଉଛି ଯେ ସେମାନେ ସେମାନଙ୍କର କେୱାଇସି ବ୍ୟାଙ୍କ ଆକାଉଣ୍ଟ ବିବରଣୀ, ଯୋଗାଯୋଗ ବିବରଣୀ ଏବଂ ନାମାଙ୍କନ ବିବରଣୀକୁ ସହାୟକ ଡକ୍ୟୁମେଣ୍ଟ ସହିତ ନିର୍ଦ୍ଧାରିତ ଆଇଏସ୍ଆର୍ ଫର୍ମଗୁଡ଼ିକ ଦାଖଲ କରି ଅପଡେଟ୍ କରନ୍ତୁ, ଯେପରି ଏସ୍ଇବିଆଇ ଦ୍ୱାରା ଆର୍‌ଟିଆର୍‌କୁ ନିର୍ଦ୍ଦେଶ ଦିଆଯାଇଛି: କେଏଫ୍ଆଇଏନ୍ ଟେକ୍ନୋଲୋଜିଜ୍ ଲିମିଟେଡ୍, ୟୁନିଟ୍: ଓରିଏଣ୍ଟ ଇଲେକ୍ଟ୍ରିକ୍ ଲିମିଟେଡ୍, ସେଲେନିୟମ୍ ବିଲ୍ଡିଂ, ଟାୱାର-ଇ, ପ୍ଲଟ୍ ନମ୍ବର ୩୧୬ ୩୨. ଫାଇନାନ୍ସିଆଲ୍ ଜିଲ୍ଲା, ନାନକରାମଗୁଡ଼ା, ସେରିଲିଙ୍ଗମ୍ପାଲି, ହାଇଦ୍ରାବାଦ, ରଙ୍ଗାରେଡ୍ଡି, ତେଲେଙ୍ଗାନା, ଭାରତ ୫୦୦୦୩୨, ଟୋଲ୍ ଫ୍ରି ନମ୍ବର: ୧୮୦୦ ୩୦୯୪୦୦୧।

ପ୍ରଯୁଜ୍ୟ ଆଇଏସ୍ଆର୍ ଫର୍ମଗୁଡ଼ିକର ବିବରଣୀ କମ୍ପାନୀର ୱେବସାଇଟରେ https://orientelectric.com/pages/share-holder ବିଭାଗ ଅଧୀନରେ ଉପଲବ୍ଧ।

ଓରିଏଣ୍ଟ ଇଲେକ୍ଟ୍ରିକ୍ ଲିମିଟେଡ୍ ପାଇଁ
ସ୍ୱା/- ଦୀକ୍ଷସା ସିଂହ
କମ୍ପାନୀ ସେକ୍ରେଟାରୀ
(ଏସିଏସ୍-୪୪୯୯୯)

ସ୍ଥାନ : ନୂଆଦିଲ୍ଲୀ
ତାରିଖ : ୨୭.୦୮.୨୦୨୫


Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik



ଆଳି, (ଭାସ୍କର ନ୍ୟୁଜ): ଭଗବାନଙ୍କ ପ୍ରତି ଭକ୍ତିର ବିକଳ୍ପ ନାହିଁ। ଭକ୍ତି ଓ ସାହିତ୍ୟରେ ନିମଜ୍ଜିତ ରହୁଥିବା ବ୍ୟକ୍ତି ଦିବ୍ୟ ଆନନ୍ଦ ପାଇଥାଏ ବୋଲି ଆଜି ସଭାର ମୁଖ୍ୟ ଆଲୋଚ୍ୟ ପ୍ରସଙ୍ଗ ଥିଲା। କେନ୍ଦ୍ରାପଡ଼ା ଜିଲ୍ଲା ଆଳିର ଆରାଧ୍ୟ ଶ୍ରୀ ଲକ୍ଷ୍ମୀବରାହଜୀଉଙ୍କ ଆଳି ସ୍ଥିତ ମନ୍ଦିର ପ୍ରାଙ୍ଗଣରେ ଆଜି ଏକ ପୁସ୍ତକ ଉନ୍ମୋଚନ ସଭା ଅନୁଷ୍ଠିତ ହୋଇଥିଲା। ଆଧ୍ୟାତ୍ମିକବାଦୀ ତଥା ସାହିତ୍ୟିକ ବାଇଧର ନାଥ ଦୀର୍ଘ ୧୨ ବର୍ଷର ସଂଘର୍ଷ ପରେ ତାଙ୍କ ଲିଖିତ ପୁସ୍ତକ ମଧ୍ୟରୁ ୭ ଟି ଓଡିଶାର ଜଗନ୍ନାଥ ସଂସ୍କୃତି ଓ ଶ୍ରୀ ଲକ୍ଷ୍ମୀବରାହଙ୍କ ବନ୍ଦନା ଉପରେ ଆଧାରିତ ପୁସ୍ତକ ଜ୍ଞାନ ଦର୍ପଣ, ଜ୍ଞାନ ରସାମୃତ, ବ୍ରହ୍ମ ଚେତାବନୀ, ଜ୍ଞାନ ଆଲୋକ, ଶ୍ରୀ ଶ୍ରୀ ଲକ୍ଷ୍ମୀବରାହ ବନ୍ଦନା, ଶ୍ରୀ ଜଗନ୍ନାଥ ଲୀଳାମୃତ ବ୍ରହ୍ମ ତତ୍ୱ ଭାଗ -୧୭ ଓ ୧୮ ଆଦି ଉନ୍ମୋଚନ ହୋଇଥିଲା। ଆଜିର ଏହି ପୁସ୍ତକ ଉନ୍ମୋଚନ ସଭାରେ ମୁଖ୍ୟ ଅତିଥି ଭାବେ ଲକ୍ଷ୍ମୀବରାହ ଜୀଉ ଟ୍ରଷ୍ଟର ସଭାପତି ତଥା ଆଳି ରାଜା ବ୍ରଜ କେଶରୀ ଦେବ ଯୋଗ ଦେଇଥିବା ବେଳେ ଅବସର ପ୍ରାପ୍ତ ଅଧ୍ୟାପକ ରମେଶ ପଣ୍ଡା, ବରିଷ୍ଠ ଶିକ୍ଷକ ତଥା ସାହିତ୍ୟିକ ପଦ୍ମଚରଣ ରାଉତ, ମହୁ ପଞ୍ଚାୟତ ସରପଞ୍ଚ ମହେଶ୍ୱର ତ୍ରିପାଠୀ, ରାଜେନ୍ଦ୍ର ପ୍ରସାଦ ବେହେରା, ସନାତନ ମଲ୍ଲିକ, ବିରେନ ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ତାଙ୍କ ସହିତ ଆଜିର ସଭାକୁ ଗୋବିନ୍ଦ ଗୋପାଳ ନାଥ, ବଂଶୀଧର ନାଥ, ଶଶୀକଳା ନାଥ ଓ ବିଜିତ ପଲେଇ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ନୂଆଁଖାଇ ଅବସରରେ ସିଏମ କିଷାନ ସହାୟତା ରାଶି ପ୍ରଦାନ



ଢେଙ୍କାନାଳ, (ଭାସ୍କର ନ୍ୟୁଜ): କୃଷିଭିତ୍ତିକ ଗଣପର୍ବ ନୂଆଁଖାଇ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓୟୁଏଟିର କୃଷି ଶିକ୍ଷା ସଦନ ଠାରେ ରବି ୨୦୨୫-୨୬ର ସିଏମ କିଷାନ ସହାୟତା ରାଶି ୨ ହଜାର ଟଙ୍କା ଲେଖାଏଁ ପ୍ରଦାନ କରିଛନ୍ତି। ଏହି ଯୋଜନାରେ ୫୧ ଲକ୍ଷରୁ ଉର୍ଦ୍ଧ୍ୱ କୃଷକ ପରିବାରଙ୍କୁ ୧୦୪୧ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଡ଼ିବିଟି ମାଧ୍ୟମରେ ପ୍ରଦାନ କରାଯାଇଛି। ଏହା ଦ୍ୱାରା ରାଜ୍ୟର ୫୧ ଲକ୍ଷରୁ ଉର୍ଦ୍ଧ୍ୱ କ୍ଷୁଦ୍ର ଓ ନାମମାତ୍ର, ବିଶେଷ ଭାବେ ଅନୁନ୍ନତ ଜନଜାତି ସମୂହ ଚାଷୀ ଉପକୃତ ହେବେ। ଏହି ଅବସରରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଦ୍ୱାରା ସ୍ଥାନୀୟ ପୁରୁଣା ଜିଲ୍ଲା ପରିଷଦ ହଲଠାରେ ଏକ ଜିଲ୍ଲା ସ୍ତରୀୟ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଉତ୍ସବରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ, ଏହି ଯୋଜନା ଦ୍ୱାରା ଜିଲ୍ଲାର ୧ ଲକ୍ଷ ୬୧ ହଜାର ୬୩୨ ଜଣ କୃଷକ ପରିବାର ଉପକୃତ ହେବେ ବୋଲି କହିଛନ୍ତି। ଧାନର ସହାୟକ ମୂଲ୍ୟ ରାଶି ବୃଦ୍ଧି ଯୋଗୁଁ ୨ ଲକ୍ଷରୁ ଉର୍ଦ୍ଧ୍ୱ ଚାଷୀ ଚାଷ କାର୍ଯ୍ୟକୁ ଫେରିଛନ୍ତି ଏବଂ ଏହାଦ୍ୱାରା ଦାଦନ ଶ୍ରମିକ ସଂଖ୍ୟା ବହୁ ମାତ୍ରାରେ ହ୍ରାସ ଘଟିଛି। କୃଷକମାନଙ୍କ ସମସ୍ୟା ଦୂର ହେବାରେ ଲାଗିଛି। ଚାଷୀମାନେ ଜିଲ୍ଲା ତଥା ରାଜ୍ୟରେ କୃଷି କାର୍ଯ୍ୟ ପାଇଁ ଉତ୍ସାହିତ ହେଉଛନ୍ତି ଏବଂ ଏହାର ଦ୍ୱାରା ରାଜ୍ୟର ଅର୍ଥନୈତିକ ବିକାଶରେ ସହାୟକ ହେଉଛି ବୋଲି ସେ ପ୍ରକାଶ କରିଛନ୍ତି। ଏହି ଉତ୍ସବରେ କାମାକ୍ଷାନଗରର ମାନ୍ୟବର ବିଧାୟକ ଶତ୍ରୁଘ୍ନ ଜେନା, ପରଜଙ୍ଗର ମାନ୍ୟବର ବିଧାୟକ ବିଭୂତି ଭୂଷଣ ପ୍ରଧାନ, ସାଂସଦଙ୍କ ପ୍ରତିନିଧି ନରେଶ ଚନ୍ଦ୍ର ମହାପାତ୍ର, ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ, ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠୀ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଦିପ୍ତି ରଂଜନ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ବିଶ୍ୱନାଥ ଦାସ ସ୍ୱାଗତ ଭାଷଣ ଦେଇ କାର୍ଯ୍ୟକ୍ରମ ସମ୍ପର୍କରେ ଅବଗତ କରାଇଥିଲେ।

# ଧରଣୀଧର ବିଶ୍ୱବିଦ୍ୟାଳୟ ଦର୍ଶନ ବିଭାଗ ତରଫରୁ ଜାତୀୟ ସମ୍ମିଳନୀ



କେନ୍ଦୁଝର, (ଭାସ୍କର ନ୍ୟୁଜ): ଧରଣଧର ବିଶ୍ୱବିଦ୍ୟାଳୟ, କେନ୍ଦୁଝର ଦର୍ଶନ ବିଭାଗ ରେ ଦୁଇଦିନିଆ ଜାତୀୟ ସମ୍ମିଳନୀ ଉଦଯାପିତ ହୋଇଛି। ପ୍ରଥମ ଦିନ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ ପ୍ରଫେସର୍ ଅଜିତ୍ କୁମାର ବେଉରା ଆଇଆଇଟି (ଆଇଏସଏମ୍) ଧାନବାଦ୍ ଅର୍ପଣ କରିଥିଲେ। ସେ କହିଥିଲେ ଯେ, ସବୁମଣିଷଙ୍କ ଉପରେ ଭାରତୀୟ ସଂସ୍କୃତି ଏବଂ ଭାରତୀୟ ଦର୍ଶନର ପ୍ରଭାବ ପଡିଛି ତା ଉପରେ ବିଶ୍ୱାସ ରଖି ସମ୍ପୂର୍ଣ୍ଣ ମାନବ କିପରି ହୋଇଥାଏ ତାହା ଉପରେ ଟିପଣୀ ରଖିଲେ। ଧରଣୀଧର ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ତଥା ଦର୍ଶନ ବିଭାଗର ମୁଖ୍ୟ ପ୍ରଫେସର ପ୍ରଭୁ ପ୍ରାସାଦ ଦାସ୍ ସମ୍ମିଳନୀକୁ ପରିଚାଳନା କରିଥିଲେ ଓ ତାଙ୍କ ଅଭିଭାଷଣରେ ଭାରତୀୟ ଦର୍ଶନର ଗୁରୁତ୍ୱ ଉପରେ ଅଭିମତ ରଖିଥିଲେ। ସହକାରୀ ପ୍ରାଧ୍ୟାପକ ଡକ୍ଟର ନରେଶ କୁମାର ବେହେରା ଜାତୀୟ ସମ୍ମିଳୀର ସମ୍ପୂର୍ଣ୍ଣ ବିଷୟବସ୍ତୁ ପ୍ରଦାନ କରିଥିଲେ। ଦ୍ୱିତୀୟ ଦିନରେ ଯୋଗ ଦେଇଥିଲେ କେନ୍ଦ୍ରାପଡ଼ା ସ୍ୱୟଂସାସିତ ମହାବିଦ୍ୟାଳୟର ପ୍ରଫେସର୍ ସତ୍ୟରଞ୍ଜନ ମିଶ୍ର, ସେ ତାଙ୍କ ଅଭିଭାଷଣରେ ଅମର ଆତ୍ମା ଉପରେ ଦିଗ୍ ଦର୍ଶନ ଦେଇଥିଲେ। ଏହାପରେ ଛାତ୍ରଛାତ୍ରୀ ମାନେ, ନିଜ ନିଜ ଗବେଷଣା ପତ୍ର ଆଲୋଚନା କରିଥିଲେ, ଶେଷରେ ଡକ୍ଟର ଜେନା ଧନ୍ୟବାଦ୍ ଅର୍ପଣ କରିଥିଲେ।

## ବିଭିନ୍ନ ପୂଜା ମଣ୍ଡପରେ ପୂଜା ପାଇଲେ ଗଜାନନ

ନିଆଳି, (ଭାସ୍କର ନ୍ୟୁଜ): ପାର୍ବଣ ଋତୁର ଆଗମନ ପୂର୍ବରୁ ନିଆଳି ଆଷାଢ଼ ମାସ ଶୁକ୍ଳ ପକ୍ଷ ଚତୁର୍ଥୀ ତିଥି ବୁଧବାର ଦିନ ନିଆଳି ସମେତ ବିଭିନ୍ନ ଅଞ୍ଚଳରେ ପୂଜାମଣ୍ଡପ ରେ ବିଘ୍ନହର୍ତ୍ତା ଗଜନନଙ୍କ ମହା ଆଡମ୍ବରେ ପୂଜାର୍ଚ୍ଚନା ହେଉଥିବା ଦେଖିବାକୁ ମିଳିଛି। ଚଳିତ ବର୍ଷ ସବୁଠୁ ଆକର୍ଷିତ ପାଲଟିଛି ବୋତାଖାଲ ଗଣେଶ ପୂଜା କମିଟି ପକ୍ଷରୁ ବହୁ ଉଚ୍ଚତା ବିଶିଷ୍ଟ ଗଣେଶ ମୂର୍ତ୍ତି। ନିଆଳି ବଜାର ଗଣେଶ ପୂଜା କମିଟି ପକ୍ଷରୁ ଧୂମଧାମରେ ପାଳିତ ହୋଇଛି ଶ୍ରୀ ଶ୍ରୀ ବିଘ୍ନହର୍ତ୍ତା ଗଜାନନଙ୍କ ପୂଜା। ନିଆଳି ବ୍ଲକ୍ ରେ ଥିବା ସରକାରୀ ଓ ଘରୋଇ ଶିକ୍ଷା ଅନୁଷ୍ଠାନ ଓ ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ପ୍ରଭୁ ଗଜାନନଙ୍କର ପୂଜାର୍ଚ୍ଚନା ଧୂମଧାମରେ ଅନୁଷ୍ଠିତ ହୋଇଛି। ବିଭିନ୍ନ ଗ୍ରାମରେ କ୍ଲବ୍ ପକ୍ଷରୁ ମଧ ଗଣେଶ ପୂଜା ପାଳିତ ହେଉଥିବା ବେଳେ ଦେବୀକନ୍ଦଳ ଦୀପାଞ୍ଚଳ କସର୍ଦ୍ଦା ରେ ଥିବା ଗଣେଶ ମନ୍ଦିର ରେ ଗୁଡ଼ିଆ ଜାତି ସମ୍ପ୍ରଦାୟର ଲୋକମାନଙ୍କ ଦ୍ୱାରା ଗଣେଶ ପୂଜା ଧୁମ୍ ଧାମରେ ପୂଜା ହୋଇଛି। କେତେକ ପୂଜା ମଣ୍ଡପରେ ସନ୍ଧ୍ୟା ସମୟରେ ଭଜନ କାର୍ଯ୍ୟକ୍ରମ ରହିଥିବା ବେଳେ ଆଉ କେତେକ ମଣ୍ଡପରେ ପାଲା ଓ ପ୍ରବଚନ କାର୍ଯ୍ୟକ୍ରମ ରହିଛି। ବିଭିନ୍ନ ପୂଜା ମଣ୍ଡପ ରେ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ ନିଆଳି ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ହୋଇଛି।

# କରମ ପର୍ବକୁ ସରକାରୀ ଛୁଟି ଘୋଷଣା ପାଇଁ ସ୍ମାରକପତ୍ର ପ୍ରଦାନ



କରଞ୍ଜିଆ, (ଭାସ୍କର ନ୍ୟୁଜ): ଦେଶକରମ ଓଡିଶା ତରଫରୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସଚ୍ଚିବାଳୟ ଠାରେ ସାକ୍ଷାତ କରି ଉତ୍ତର ଓଡିଶାର କୁଡୁମୀ ତଥା ଅନ୍ୟ ଜନଜାତି ତଥା ପ୍ରକୃତି ପ୍ରେମୀ ମାନେ ପାଳନ କରୁଥିବା କରମ ପର୍ବ ପାଇଁ ସରକାରୀ ଛୁଟି ଘୋଷଣା କରିବାକୁ ମାନନୀୟା ରାଜ୍ୟସଭା ସାଂସଦ ମମତା ମହାନ୍ତଙ୍କ ଉପସ୍ଥିତିରେ ଏକ ସ୍ମାରକ ପତ୍ର ଦିଆଯାଇଛି। ମୁଖ୍ୟମନ୍ତ୍ରୀ ଏହାକୁ ପଢି ଗୁରୁତର ସହିତ ବିଚାର କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଏହାର ଏକକିତା ନକଲ ରାଜସ୍ୱ ମନ୍ତ୍ରୀ ମାନ୍ୟବର ସୁରେଶ ପୂଜାରିଙ୍କୁ ଦିଆଯାଇଥିଲା। ସେ ମଧ କହିଲେ ଏହା ବିଚାର ଯୋଗ୍ୟ ଏବଂ ଏହାକୁ କ୍ୟାବିନେଟରେ କଥା ପକାଇବାକୁ ପ୍ରତିଶ୍ରୁତି ଦେଇଛନ୍ତି। କୁଡୁମୀ ଓ ଅନ୍ୟ ଜନଜାତିମାନେ ପାଳନ କରୁଥିବା ଏହି କରମ ପର୍ବ ଭାଦ୍ରବ ମାସ ଶୁକ୍ଳ ପକ୍ଷର ଏକାଦଶୀ ତିଥିରେ ପଡେ। ଏ ବର୍ଷ ସେପ୍ଟେମ୍ବର ମାସ ତା ୦୩. ତାରିଖରେ ପଡୁଛି। ଉକ୍ତ ଦିନ ଏହି କୃଷିଭିତ୍ତିକ ପର୍ବରେ ସମସ୍ତ କୁଂଆଁରୀ କନ୍ୟାମାନେ ନିର୍ଜଳା ଉପବାସ କରି ଭାଇର ମଙ୍ଗଳ କାମନା କରି ବ୍ରତ କରିଥାନ୍ତି। ପ୍ରକାଶ ଥାଉକି ଉକ୍ତ ଗଣପର୍ବ ପାଇଁ କୁଡୁମୀ ଏବଂ ଅନ୍ୟାନ ଜନଜାତି ମାନେ ବସବାସ କରୁଥିବା ପଡୋଶୀ ରାଜ୍ୟ ଝାଡ଼ଖଣ୍ଡ ରେ ଦୁଇ ଦିନ ଏବଂ ପଶ୍ଚିମବଙ୍ଗ ରେ ଏକ ଦିନ ସରକାରୀ ଛୁଟି ଘୋଷଣା କରାଯାଇଛି। ଓଡିଶାରେ ତିରିଶ ଲକ୍ଷ କୁଡୁମି ବସାବାସ କରୁଥିବା ବେଳେ ଏବଂ ଏହି ପର୍ବ ଅନ୍ୟାନ୍ୟ ଜନଜାତି ପାଳନ କରୁଥିବାରୁ ଗଣପର୍ବକୁ ସରକାରୀ ଛୁଟି ଘୋଷଣା କରିବାକୁ ସର୍ବ ସାଧାରଣରେ ଦାବି ହେଉଛି। ପୂର୍ବ ସରକାର ସମୟରେ ବହୁ ଦିନରୁ ଦାବି ହୋଇ ଆସୁଥିଲେ ମଧ ଏହି ଦିନ ଛୁଟି ଘୋଷଣା ହୋଇନଥିଲା। ମାତ୍ର ବର୍ତ୍ତମାନର ମାନ୍ୟବର ମୁଖ୍ୟମନ୍ତ୍ରୀ ଉତ୍ତର ଓଡ଼ିଶାର ହୋଇଥିବାରୁ ଏହି ସଂସ୍କୃତି ସହିତ ଭଲଭାବରେ ଅବଗତ ହୋଇ ଥିବାରୁ ଓଡ଼ିଶାରେ ମଧ କରମ ପର୍ବ ଛୁଟି ଘଷଣା ପାଇଁ ସମସ୍ତେ ବେଶ୍ ଆଶାବାଦୀ ଅଛନ୍ତି ଏବଂ ଦାବି କରୁଛନ୍ତି। ଏହି ପ୍ରତିନିଧି ମଣ୍ଡଳୀରେ ଦେଶକରମ ପରବ ଆବାହକ ଡ଼ା, ପ୍ରତାପ ଚନ୍ଦ୍ର ମହାନ୍ତ, ସଂଯୋଜକ ପ୍ରାଧ୍ୟାପକ ଲକ୍ଷ୍ମୀଧର ମହାନ୍ତ, ସମ୍ପାଦକ ପ୍ରଭାତ ରଞ୍ଜନ ମହାନ୍ତ, ମହିଳା ସଂଗଠନ ସଭାନେତ୍ରୀ କଳ୍ପନା ମହାନ୍ତ, ସମ୍ପାଦିକା ଶୁଭଶ୍ରୀ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ଦାବି ପତ୍ର ଦେଲାବେଳେ ସମ୍ମାନୀୟା ମମତା ମହାନ୍ତ ରାଜ୍ୟ ସଭା ସାଂସଦ ଉପସ୍ଥିତ ଥିଲେ ଏବଂ ସରକାରଙ୍କ ସହିତ ଆଲୋଚନା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।

# ଏନ୍‌ଏସି ମାନ୍ୟତା ଦାବରେ ସାଂସଦଙ୍କୁ ଦାବିପତ୍ର



କାକଟପୁର, (ଭାସ୍କର ନ୍ୟୁଜ): କାକଟପୁରକୁ ଏନଏସି ମାନ୍ୟତା ଦାବି କରି ବିଭିନ୍ନ ସଂଗଠନ ପକ୍ଷରୁ ଦିନକୁ ଦିନ ଆନ୍ଦୋଳନ ତୀବ୍ର ହେବାରେ ଲାଗିଛି। ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ ନିଜର ପାରିବାରିକ କାର୍ଯ୍ୟ ନେଇ ମଙ୍ଗଳା ଦର୍ଶନରେ ଆସିଥିବା ବେଳେ କାକଟପୁରକୁ ସରକାର ଏନଏସି ଘୋଷଣା କରିବା ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଭୁବନେଶ୍ୱର ସାଂସଦଙ୍କ ମାଧ୍ୟମରେ ଏକ ଦାବିପତ୍ର ମଙ୍ଗଳା ମନ୍ଦିର ବେଢା ମଧ୍ୟରେ ପ୍ରଦାନ କରାଯାଇଛି। ସାଂସଦ ଉପସ୍ଥିତ ଥିବା ବେଳେ କାକଟପୁରର ପତ୍ରକାର, ସେବାୟତ ସଂଘ, କାକଟପୁର ପ୍ରେସ କ୍ଲବ, ବଜାର କମିଟି, ମା ମଙ୍ଗଳା ସେବକ ସମିତି ଓ ଅନ୍ୟାନ୍ୟ ଅନୁଷ୍ଠାନର କର୍ମକର୍ତ୍ତାମାନେ ଉକ୍ତ ଦାବିପତ୍ର ପ୍ରଦାନ କରି ସାଂସଦଙ୍କୁ ନିବେଦନ କରିଥିଲେ। ଆପଣ କାକଟପୁରର ବୋହୂ କାକଟପୁର କେମିତି ଏନଏସି ଘୋଷଣା ହେବ ସେ ନେଇ ମୁଖ୍ୟମନ୍ତ୍ରୀଙ୍କ ସହିତ କଥା ହୋଇ ଘୋଷଣା କରିବା ଦାୟିତ୍ୱ ଆପଣଙ୍କର। ସେମଧ ସମ୍ମତି ପ୍ରକାଶ କରିବା ସହିତ ଉଦ୍ୟମ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।

## ଷ୍ଟାର୍ଟ ଅପ ଓ ଇନୋଭେସନ କାର୍ଯ୍ୟକ୍ରମ

ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ): ରାଜ୍ୟ ଉଚ୍ଚ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ୍ରମେ ନିଶ୍ଚିନ୍ତକୋଇଲି ବ୍ଲକ ନତକାଇ ଗ୍ରାମ ପଞ୍ଚାୟତ ବାଣୀନଗରସ୍ଥିତ ବଲ୍ଲଭୀ ଦେବୀ ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ଷ୍ଟାର୍ଟ ଅପ ଓ ଇନୋଭେସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ପ୍ରାୟ ୩୦ଜଣ ଛାତ୍ରୀଙ୍କୁ ଅସୁରେଶ୍ୱରସ୍ଥିତ ଏକ ଫାର୍ମରେ ଖାଦ୍ୟ ନିମନ୍ତେ ଥାଳି ଓ ପତ୍ର ଦନା ତିଆରି ବିଷୟରେ ମହାବିଦ୍ୟାଳୟର ବରିଷ୍ଠ ଅଧ୍ୟାପକ ସୂର୍ଯ୍ୟମଣୀ ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଏଥି ନିମନ୍ତେ ଛାତ୍ରୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବରେ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ପୁଷ୍ପିତା ଜେନା, ସ୍ଥାନୀୟ ସରପଂଚ ଜୟଦେବ ରାଉତ ଯୋଗଦାନ କରି ଛାତ୍ରୀମାନଙ୍କୁ ପ୍ରମାଣପତ୍ର ବଣ୍ଟନ କରିଥିଲେ।

## ପୌର ପରିଷଦରେ ଦୁର୍ନୀତି ପ୍ରସଙ୍ଗ

# ବେଲପାହାଡ ନଗରପାଳଙ୍କ ଭୂମିକା ସ୍ୱାଗତ ଯୋଗ୍ୟ



ବେଲପାହାଡ, (ଭାସ୍କର ନ୍ୟୁଜ): ଝାରସୁଗୁଡା ଜିଲ୍ଲା ବେଲପାହାଡ ପୌରପରିଷଦରେ ହୋଇଥିବା ଦୁର୍ନୀତିକୁ ନେଇ ବୁଧବାର ବେଲପାହାଡର ଏକ ଘରୋଇ ହୋଟେଲରେ ସ୍ଥାନୀୟ ଯୁବ ସଂଗଠନ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ବେଲପାହଡ ନଗରପାଳଙ୍କ ଭୁମିକାକୁ ସ୍ୱାଗତ କରାଯାଇଛି। ହୋଇଥିବା ଦୁର୍ନୀତି ବାବଦରେ ନଗରପାଳ ନିମାଇଁ ଚରଣ ପଣ୍ଡା ପ୍ରଥମେ ଝାରସୁଗୁଡା ଜିଲ୍ଲାପାଳ ଓ ବେଲପାହାଡ ପୋଲିସରେ ଲିଖିତ ଅଭିଯୋଗ କରିଥିଲେ। ପରେ ନବ ନିଯୁକ୍ତ ପୌର ଅଧିକାରୀ ବେଲପାହାଡ଼ ଥାନାରେ ଲିଖିତ ଅଭିଯୋଗ କଲା ପରେ ପୋଲିସ ତଦନ୍ତ କରି ଘୋଟାଲାରେ ସମ୍ପୃକ୍ତ ପୌରପରିଷଦର ଆକାଉଟାଣ୍ଟଙ୍କୁ ଗିରଫ କରିଥିବାବେଳେ ଅନ୍ୟ ଜଣେ କର୍ମଚାରୀ ସାନିଟାରୀ ଏକ୍ସପର୍ଟ ଫେରାର ଥିବା ହେତୁ ତାକୁ ଗିରଫ କରିବା ପାଇଁ ଉଦ୍ୟମ ଜାରି ରଖିଛି। ଏବେ ଏହି ଘଟଣାର ତଦନ୍ତ ଅର୍ଥନୈତିକ ଅପରାଧ ଶାଖା କରୁଥିବାବେଳେ ସ୍ୱତନ୍ତ୍ର ଅଡିଟ ମଧ ଆରମ୍ଭ ହୋଇଛି। ହେଲେ ରାଜନୈତକ ଫାଇଦା ନେବା ପାଇଁ ନଗରପାଳଙ୍କୁ ଆକ୍ଷେପ କରି କିଛି କାଉନ୍‌ସିଲର ଓ ନ୍ୟସ୍ତ ସ୍ୱାର୍ଥ ସମ୍ବଳିତ ବ୍ୟକ୍ତି ଅଯଥାରେନଗରପାଳଙ୍କ ବିରୁଦ୍ଧରେ ଅପପ୍ରଚାର ଓ ଚକ୍ରାନ୍ତ କରୁଥିବା ନିନ୍ଦନୀୟ କଥା। ସରକାର ତଦନ୍ତ କରି ଦୁର୍ନୀତିରେ ସମ୍ପୃକ୍ତ ପ୍ରତ୍ୟେକଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ନଗରପାଳ ଦାବି କରିଥିବା କୁହାଯାଇଛି। ରାଜନୈତିକ ବିଦ୍ୱେଶ ରଖି ଅଯଥାରେ ନଗରପାଳଙ୍କୁ ବଦନାମ କରାନଯାଉ ବୋଲି ସାମ୍ବାଦିକ ସମ୍ମିଳନୀରେ ଯୁବ ସଂଗଠନ ପକ୍ଷରୁ କୁହାଯାଇଛି। ଏହି ଦୁର୍ନୀତି ବିଷୟରେ ନଗରପାଳ ପ୍ରଥମେ ସ୍ୱର ଉତ୍ତୋଳନ କରିଥିଲେ ଏବଂ ତଦନ୍ତରେ ସମସ୍ତ ପ୍ରକାର ସହଯୋଗ କରିବା ସହ ଘୋଟାଲା ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବା ପାଇଁ ସେ ପ୍ରତିବଦ୍ଧ ଥିବା ପ୍ରକାଶ କରାଯାଇଛି।

# ଜିଲ୍ଲାସ୍ତରୀୟ ସିଏମ କିଷାନ ସହାୟତା ରାଶି ପ୍ରଦାନ



ବାରିପଦା, (ଭାସ୍କର ନ୍ୟୁଜ): କୃଷି ଭିତ୍ତିକ ଗଣପର୍ବ ପବିତ୍ର ନୂଆଁଖାଇ ଅବସରରେ ତଥା ପବିତ୍ର ଗଣେଶ ଚତୁର୍ଥୀ ଦିବସରେ କୃଷି ଶିକ୍ଷା ସଦନ, ଓୟୁଏଟି ଠାରେ ଆୟୋଜିତ ରାଜ୍ୟ ସ୍ତରୀୟ ସମାବେଶରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ କରକମଳରେ ରବି ୨୦୨୫-୨୬ର ସିଏମ କିଷାନର ତୃତୀୟ କିସ୍ତିରେ ୧,୦୪,୧୨୯ କୋଟି ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଏହା ଦ୍ୱାରା ରାଜ୍ୟରେ ୫୧ ଲକ୍ଷରୁ ଉର୍ଦ୍ଧ୍ୱ କ୍ଷୁଦ୍ର ଓ ନାମମାତ୍ର, ବିଶେଷ ଭାବେ ଅନୁନ୍ନତ ଜନଜାତି ସମୂହ ଚାଷୀ ଏବଂ ଭୂମିହୀନ କୃଷକ ପରିବାର ଉପକୃତ ହୋଇଛନ୍ତି। ଏହି କୃଷକ କଲ୍ୟାଣ ଯୋଜନା ଯାହାକି କୃଷକ ମାନଙ୍କ ଅର୍ଥନୈତିକ ଉନ୍ନତି ନିମିତ୍ତ ଆରମ୍ଭ କରାଯାଇଥିଲା ଯେଉଁ ଯୋଜନାରେ ଚାଷୀଙ୍କୁ ଗୋଟିଏ ବର୍ଷରେ ୨ଟି କିସ୍ତି ରେ ୨୦୦୦ ହଜାର ଟଙ୍କା ଲେଖାଏଁ ମୋଟ ୪୦୦୦ ହଜାର ଟଙ୍କା ଆର୍ଥିକ ସହାୟତା ଯୋଗାଇ ଦିଆଯାଇଥାଏ। ଏହି ଅବସରରେ ଆଜି ସ୍ଥାନୀୟ ଜ଼ିଲ୍ଲା ପରିଷଦ ସମ୍ମିଳନୀ କକ୍ଷ ଠାରେ ଜିଲ୍ଲା କୃଷି ଓ କୃଷକ ସଶକ୍ତି କରଣ ବିଭାଗ ତରଫରୁ ଏକ ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଜିଲ୍ଲାପାଳ ହେମକାନ୍ତ ସୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ବିଧାୟକ ବାରିପଦା ପ୍ରକାଶ ସୋରେନ ଯୋଗ ଦେଇଥିବା ବେଳେ, ସମ୍ମାନିତ ଅତିଥି ଭାବେ ମାନ୍ୟବର ବିଧାୟକ ସାରସକଣା ଭାଦବ ହାଁସଦା, ମାନ୍ୟବର ବିଧାୟକ ବଡ଼ସାହି ସନାତନ ବିଜୁଳି ଓ ଜିଲ୍ଲା ପରିଷଦ ଅଧକ୍ଷା ଭାରତୀ ହାଁସଦା ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭରେ ସମସ୍ତ ନିମନ୍ତିତ ଅତିଥି ମାନଙ୍କ ଦ୍ୱାରା ପ୍ରଭୁ ଜଗନ୍ନାଥଙ୍କ ଶ୍ରୀଚରଣରେ ପୁଷ୍ପ ଅର୍ଘ୍ୟ ପ୍ରଦାନ ପୂର୍ବକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା।ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଜ୍ଞାନବଲ୍ଲଭ ଦାସ ସ୍ୱାଗତ ଭାଷଣ ଦେବା ସହ ଏହି ଯୋଜନା ସମ୍ବନ୍ଧ ରେ ତାଙ୍କର ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି କହିଥିଲେ ଯେ ଆଜି ରାଜ୍ୟର ପାଖାପାଖି ୫୧ ଲକ୍ଷରୁ ଉର୍ଦ୍ଧ୍ୱ ଚାଷୀ ଭାଇଭଉଣୀଙ୍କ ବ୍ୟାଙ୍କ ଖାତାକୁ ୨୦୦୦ ଟଙ୍କା ଲେଖାଏଁ କୃଷକ ସହାୟତା ରାଶି ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଡିବିଟି ଜରିଆରେ ହସ୍ତାନ୍ତର କରାଯାଇଛି। ରାଜ୍ୟର ପାଖାପାଖି ୫୧ଲକ୍ଷରୁ ଉର୍ଦ୍ଧ୍ୱ ଚାଷୀ ଭାଇଭଉଣୀ ଉପକୃତ ହୋଇଥିବା ବେଳେ ମୟୂରଭଞ୍ଜ ଜିଲ୍ଲାର ୩,୪୭, ୯୫୪ ଜଣ ଚାଷୀ ଉପକୃତ ହୋଇଛନ୍ତି। ଏହି ଯୋଜନା ମାଧ୍ୟମରେ ଆମ ରାଜ୍ୟର ସାଧାରଣ ଚାଷୀ ମାନେ ଏହି ସହାୟତା ରାଶିକୁ ଉପଯୋଗ କରି ଚାଷ କାର୍ଯ୍ୟ ସମୟରେ ସମ୍ମୁଖୀନ ହେଉଥିବା ଆର୍ଥିକ ଅସୁବିଧାକୁ କିଛି ମାତ୍ରାରେ ଦୂର କରିପାରୁଛନ୍ତି। ଏହି ଯୋଜନା ବ୍ୟତୀତ ମୁଖ୍ୟମନ୍ତ୍ରୀ କୃଷକ ଉଦ୍ୟୋଗ ଯୋଜନା, ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା, କୃଷି ବିଦ୍ୟା ନିଧି ଯୋଜନାରେ ଛାତ୍ରବୃତ୍ତି, କୃଷି ଋଣ ରିହାତି, ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କୁଇଣ୍ଟାଲ ପିଛା ୨୩୦୦ ଟଙ୍କା ସହିତ ଇନପୁଟ ସହାୟତା ରାଶି ୮୦୦ ଟଙ୍କା, ପି ଏମ କିଷାନ ସହାୟତା ଇତ୍ୟାଦି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ କୃଷକ କଲ୍ୟାଣ ଯୋଜନା ରହିଛି ଯାହା ଦ୍ୱାରା କୃଷକ ଭାଇ ଭଉଣୀ ମାନେ ଉପକୃତ ହୋଇ ସଶକ୍ତ ହେଉଛନ୍ତି। ଅନ୍ୟାନ୍ୟ ମଂଚାସୀନ ଅତିଥି ବୃନ୍ଦ ମଧ ଏହି ଯୋଜନାର ବିଭିନ୍ନ ଦିଗ ଉପରେ ସୁଚିନ୍ତିତ ମତାମତ ରଖି ଯୋଜନାର ଉପାଦେୟତା ବିଷୟରେ କହିଥିଲେ ଯେ, ଚାଷୀ ହେଉଛନ୍ତି ଦେଶର ମେରୁଦଣ୍ଡ। ତେଣୁ ଚାଷୀ ସଶକ୍ତ ହେଲେ,ବିକଶିତ ଭାରତର ପରିକଳ୍ପନା ସାକାର ହେବ। ଅନ୍ୟାନ୍ୟ ନିମନ୍ତ୍ରିତ ଅତିଥି ବୃନ୍ଦଙ୍କ ମଧ୍ୟରେ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ, ମତ୍ସ୍ୟ ଅଧିକାରୀ, ମୃତ୍ତିକା ସଂରକ୍ଷଣ ଅଧିକାରୀ ଉପସ୍ଥିତ ରହି ବିଭାଗୀୟ ଯୋଜନାର ବିଭିନ୍ନ ଦିଗ ଉପରେ ନିଜ ନିଜ ସୁଚିନ୍ତିତ ମତାମତ ବ୍ୟକ୍ତ କରିଥିଲେ। ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଜ୍ଞାନ ବଲ୍ଲଭ ଦାସଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସହକାରୀ କୃଷି ନିର୍ଦ୍ଦେଶିକା ମଧୁସ୍ମିତା ଜେନା, ସହକାରୀ କୃଷି ଅଧିକାରୀ ରମ୍ୟ ରଞ୍ଜନ ମହାନ୍ତ, କାର୍ଯ୍ୟାଳୟ ର ତୁଷାର କାନ୍ତ ମହାନ୍ତି, ମାନସ ରଞ୍ଜନ ମହାନ୍ତି, ରାଜାରାମ ସାହୁଓ କାନ୍ତା ପୋଥାଳ କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ। ପରିଶେଷରେ ଜିଲ୍ଲାପାଳ ମହୋଦୟ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ଆସିଥିବା କୃଷି ବିଭାଗର ବିଭାଗୀୟ ଅଧିକାରୀଙ୍କ ସମେତ ବିଭିନ୍ନ ବ୍ଲକର ଶତାଧିକ ଚାଷୀ ଓ ହିତାଧିକାରୀ ଯୋଗ ଦେଇଥିଲେ।

# ଭଣ୍ଡାରିପୋଖରୀର ବିଭିନ୍ନ ସ୍ଥାନରେ ଗଣେଶ ପୂଜା

ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ): ଭଣ୍ଡାରିପୋଖରୀରେ ଅଗ୍ରଦେବତା ଗଜାନନ ପୂଜା ବୁଧବାର ପାଳନ ହୋଇଛି। ବିଦ୍ୟାଳୟ, ମହା ବିଦ୍ୟାଳୟ, କ୍ଲବ, ସରକାରୀ ବେସରକାରୀ କାର୍ଯ୍ୟାଳୟ ସମେତ ବ୍ୟକ୍ତିଗତ ଗୃହ, ବ୍ୟବସାୟ ପ୍ରତିଷ୍ଠାନଗୁଡ଼ିକରେ ଶ୍ରୀ ଗଣେଶଙ୍କ ପୂଜା ଅନୁଷ୍ଠିତ ହୋଇଛି। ଶାରଦା ବିଦ୍ୟାମନ୍ଦିରରେ ଗଣେଷ ପୂଜା ପ୍ରଧାନଗୁରୁଜୀ ଶରତ ଚନ୍ଦ୍ର ମହାପାତ୍ର ପରିଚାଳନାରେ ଅନୁଷ୍ଠିତ ହୋଇଥିଲା। ଶରଦା ବିଦ୍ୟାମନ୍ଦିର ମଞ୍ଜୁରୀ ଶାଖା ପକ୍ଷରୁ ନିର୍ମଳ ଚନ୍ଦ୍ର ସେନାପତି, ରହଣିଆ ଶିଶୁମନ୍ଦିରରେ ପ୍ରଧାନଗୁରୁଜୀ ପ୍ରଭାତ କୁମାର ରାଉତ ଓ ଷୋଳମପୁର ସରସ୍ୱତୀ ଶିଶୁ ମନ୍ଦିରରେ ସମ୍ପାଦକ ବିଶ୍ୱମ୍ଭର ରାଉତଙ୍କ ତତ୍ତ୍ୱାଧାନରେ ଶ୍ରୀଗଣେଶ ପୂଜା ଅନୁଷ୍ଠିତ ହୋଇଥିଲା। ଛଞ୍ଚଣା କଳ୍ପତରୁ ଉଚ୍ଚ ବିଦ୍ୟାଳୟ, ମଣିନାଥପୁର ନରେନ୍ଦ୍ର କୁମାର ପରିଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଭଣ୍ଡାରିପୋଖରୀ ଉଚ୍ଚ ବିଦ୍ୟାଳୟ, ଭଣ୍ଡାରିପୋଖରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ତୁଳସୀପୁର ଉପ୍ରା ବିଦ୍ୟାଳୟ, ରହଣିଆ ଉଚ୍ଚ ବିଦ୍ୟାଳୟ, ବାରିକପୁର ଡିଗ୍ରୀ କଲେଜ, ମାଳଦା ସରସ୍ୱତୀ ଶିଶୁ ମନ୍ଦିର, ଚତୁର୍ଭୁଜପୁର ପ୍ରାଥମିକ ବିଦ୍ୟାଳୟ, ବଳଦେବଜୀଉ ଉପ୍ରା ବିଦ୍ୟାଳୟ ଆଦି ପ୍ରାୟ ପ୍ରତ୍ୟେକ ବିଦ୍ୟାଳୟରେ ବିଦ୍ୟାଧିପତି ଶ୍ରୀଗଣେଶଙ୍କ ପୂଜା ପାଳନ କରାଯାଇଛି। ବିଭିନ୍ନ ଦଳୀୟ କାର୍ଯ୍ୟାଳୟରେ ମଧ ବିଦ୍ୟାଧିପତି ଗଣନାଥଙ୍କ ପୂଜା ଅନୁଷ୍ଠିତ ହୋଇଥିଲା। ଦକ୍ଷିଣବାଡ଼ ଜଗନ୍ନାଥ କ୍ଲବ, ମହତାବ ଯୁବ ପରିଷଦ, ଯୁବଶକ୍ତି କ୍ଲବ, ଭଣ୍ଡାରିପୋଖରୀ ବଜାର ଗଣେଶ କମିଟି, ପନଖା ପୂଜା କମିଟି, ଚନ୍ଦ୍ରଶେଖର କମିଟି ସମେତ ବିଭିନ୍ନ କ୍ଲବ, ଦକ୍ଷିଣବାଡ଼ ଜଗନ୍ନାଥ ଯୁବକ ସଂଘ, ରେବୋ ଜଗନ୍ନାଥ କ୍ରିକେଟ କ୍ଲବ ପକ୍ଷରୁ ସିଦ୍ଧିଦାତାଙ୍କ ପୂଜା କରାଯାଇଛି। ମଞ୍ଜୁରୀରୋଡ ବଜାର ପରିବା ବ୍ୟବସାୟୀ କମିଟି ଆନୁକୂଲ୍ୟରେ ଶ୍ରୀଗଣେଶ ପୂଜା କରାଯାଇଛି। କମିଟିର ସଭାପତି ଓ ସଦସ୍ୟମାନେ ପୂଜା ପରିଚାଳନା କରିଥିଲେ। ଏହା ସହ ବିଭିନ୍ନ ସରକାରୀ କାର୍ଯ୍ୟାଳୟ, ବାଣିଜ୍ୟ ପ୍ରତିଷ୍ଠାନ, ସାମାଜିକ ଅନୁଷ୍ଠାନମାନଙ୍କରେ ଏହି ପାଳନ କରାଯାଇଛି।

# ମାଲକାନଗିରିରେ ଧୂମ୍‌ଧାମ୍‌ରେ ଗଣେଶ ପୂଜା ପାଳିତ

ମାଲକାନଗିରି, (ଭାସ୍କର ନ୍ୟୁଜ): ଗଣେଶ ପୂଜାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ମଧ ଗଣେଶ ପୂଜା କରାଯାଇଥିଲା। ଏହି ଅବସରରେ ଜିଲ୍ଲାପାଳ କର୍ତ୍ତା ହେଇଥିଲେ। ପବିତ୍ର ଗଣେଶ ଚତୁର୍ଥୀ ଅବସରରେ ମାନନୀୟ ଜିଲ୍ଲାପାଳଙ୍କ ପୌରହିତ୍ୟରେ ଜିଲ୍ଲାପାଳ କାର୍ଯ୍ୟାଳୟ ଠାରେ ପ୍ରଭୁ ବିଘ୍ନବିନାଶକ ଗଣେଶଙ୍କ ପୂଜାର୍ଚ୍ଚନା କରାଯାଇଛି। ମାଲକାନଗିରି ଜିଲ୍ଲାର ସ୍କୁଲ, କଲେଜ ଏବଂ ଗ୍ରାମାଞ୍ଚଳ ଗୁଡ଼ିକରେ ଗଣେଶ ଚତୁର୍ଥୀ ପର୍ବ ଅତ୍ୟନ୍ତ ଉତ୍ସାହ ଏବଂ ଧୁମଧାମରେ ପାଳିତ ହୋଇଥିଲା। ଏହି ସମୟରେ ପ୍ରଭୁ ଗଣେଶଙ୍କୁ ପୂଜା କରିବା ପାଇଁ ଛାତ୍ରଛାତ୍ରୀଙ୍କ ଠାରୁ ଆରମ୍ଭ କରି ବିଭିନ୍ନ ସଙ୍ଗଠନରେ ସୁସଜ୍ଜିତ ଗଣେଶ ମଣ୍ଡପରେ ପୂଜା ପାଉଛନ୍ତି ଗଣେଶ। ପୂଜା ମଣ୍ଡପ ମାନଙ୍କରେ ଲୋକଙ୍କ ଭିଡ଼ ଜମିଥିଲା। ଜିଲ୍ଲାର ସମସ୍ତ ଶିକ୍ଷାନୁଷ୍ଠାନ, ଯେପରିକି ସ୍କୁଲ, କଲେଜରେ, ଛାତ୍ରଛାତ୍ରୀ ଏବଂ ଶିକ୍ଷକମାନେ ମିଳିତ ଭାବରେ ଗଣେଶ ପୂଜା ଆୟୋଜନ କରିଥିଲେ। ରଙ୍ଗୀନ ପେଣ୍ଡାଲ ସଜାଯାଇଥିଲା ଏବଂ ଭଗବାନ ଗଣେଶଙ୍କ ସୁନ୍ଦର ମୂର୍ତ୍ତି ସ୍ଥାପନ କରାଯାଇଥିଲା। ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ ପରିବେଷଣ କରିଥିଲେ, ଯେଉଁଥିରେ ନୃତ୍ୟ, ସଙ୍ଗୀତ ଏବଂ ନାଟକ ଅନ୍ତର୍ଭୁକ୍ତ ଥିଲା। ପୂଜା ପରେ, ପ୍ରସାଦ ବଣ୍ଟନ କରାଯାଇଥିଲା, ଯାହାକୁ ପାଇ ସମସ୍ତେ ବହୁତ ଖୁସି ହୋଇଥିଲେ। ସହରର ବିଭିନ୍ନ ଗଳିକନ୍ଦି ସହିତ ଜିଲ୍ଲାର ଗ୍ରାମାଞ୍ଚଳରେ ମଧ ଗଣେଶ ଚତୁର୍ଥୀ ଅତ୍ୟନ୍ତ ଉତ୍ସାହର ସହିତ ପାଳନ କରାଯାଇଥିଲା। ପ୍ରତ୍ୟେକ ଗାଁରେ ଗଣେଶ ମୂର୍ତ୍ତି ସ୍ଥାପନ କରାଯାଇଥିଲା ଏବଂ ଲୋକମାନେ ଏକାଠି ପୂଜା କରିଥିଲେ। ଏହି ସମୟରେ ଗାଁ ଗହଳିରେ ଭକ୍ତିପୂର୍ଣ୍ଣ ଭଜନ ଏବଂ କୀର୍ତ୍ତନ ମଧ ଆୟୋଜନ କରାଯାଇ ଥିଲା। ପିଲାଙ୍କଠାରୁ ବୃଦ୍ଧ ପର୍ଯ୍ୟନ୍ତ ସମସ୍ତେ ଏକାଠି ଏହି ପର୍ବର ମଜା ନେଇଥିଲେ। ବର୍ଷା ସତ୍ତ୍ୱେ ଅନେକ ସ୍ଥାନରେ ଛୋଟ ଛୋଟ ମେଳା ମଧ ଅନୁଷ୍ଠିତ ହୋଇଥିଲା, ଯେଉଁଠାରେ ବିଭିନ୍ନ ପ୍ରକାରର ଦୋକାନ ସଜାଯାଇଥିଲା। ମାଲକାନଗିରି ଜିଲ୍ଲାରେ ଗଣେଶ ଚତୁର୍ଥୀର ଏହି ପର୍ବ ଏକତା ଏବଂ ଭାଇଚାରାର ପ୍ରତୀକ ପାଲଟିଥିଲା, ଯେଉଁଠାରେ ବିଭିନ୍ନ ସମ୍ପ୍ରଦାୟର ଲୋକମାନେ ଏହି ଉତ୍ସବରେ ଏକତ୍ର ହୋଇ ଅଂଶଗ୍ରହଣ କରିଥିଲେ।

# ମହିଳାଙ୍କ ସଶକ୍ତିକରଣ ଦିଗରେ ଶକ୍ତି ଶ୍ରୀ ସଚେତନତା କାର୍ଯ୍ୟକ୍ରମ




ପରଜଙ୍ଗ, (ଭାସ୍କର ନ୍ୟୁଜ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ମହାବିଦ୍ୟାଳୟ ସଭା ଗୃହରେ ମଙ୍ଗଳବାର ଦିନ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷ ସଚ୍ଚିଦାନନ୍ଦ ପ୍ରଧାନଙ୍କ ପୌରହିତ୍ୟରେ ମହିଳା ମାନଙ୍କ ଉଦ୍ଦେଶ୍ୟରେ ଶକ୍ତି ଶ୍ରୀ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରକାର ଗତ ଜୁଲାଇ ମାସ ୧୯ ତାରିଖରୁ ପ୍ରତ୍ୟେକ କଲେଜ ସ୍ତରରେ ଅଧ୍ୟୟନ କରୁଥିବା ଛାତ୍ରୀ ମାନଙ୍କୁ ମହିଳା ସଶକ୍ତି କରଣ କରିବା ପାଇଁ ଏକ ଅଭିନବ ପ୍ରୟାସ ପ୍ରଣୟନ କରିଛନ୍ତି ବୋଲି ପରଜଙ୍ଗ ମହାବିଦ୍ୟାଳୟର ଶକ୍ତି ଶ୍ରୀ ର ସଂଯୋଜିକା ତଥା ଅଧ୍ୟାପିକା ସାଗରିକା ଜେନା ଆଲୋକପାତ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ବରିଷ୍ଠ ଅଧ୍ୟାପିକା ଜୟଯୁକ୍ତା ପଟ୍ଟନାୟକ , କବିତା ସ୍ୱାଇଁ, ମୌସୁମୀ ବାଗ, ସସ୍ମିତା ସାହୁ ପ୍ରମୁଖ ମହିଳା ଓ ଛାତ୍ରୀମାନଙ୍କ ସୁରକ୍ଷା ଓ ଏହାର ଅଭିବୃଦ୍ଧି ଉପରେ ଛାତ୍ରୀ ମାନଙ୍କ ଉଦ୍ଦେଶ୍ୟରେ ଦିଗଦର୍ଶନ ଦେଇଥିଲେ। ସେଥି ପାଇଁ ନାରୀ ସମାଜକୁ ସଶକ୍ତି କରଣ କରିବା ପାଇଁ ମହାବିଦ୍ୟାଳୟ ସ୍ତରରେ ସ୍ୱତନ୍ତ୍ର କମିଟି ଗଠନ କରାଯାଇଛି। ଗଠନ କରାଯାଇଥିବା କମିଟିରେ ଜଣଙ୍କୁ ଶକ୍ତି ଶ୍ରୀ ସାଗରିକା, ଅଧକ୍ଷ, ଅଧ୍ୟାପକ, ଜଣେ ସମିତି ସାଥୀ, ସବୁ ବିଭାଗର ଜଣେ ଲେଖାଏଁ ମନିଟର ଓ ଛାତ୍ରୀ ମାନେ ପାଞ୍ଚ ଜଣଙ୍କୁ ଶକ୍ତି ଅପା ଚୟନ କରାଯାଇ ଏମାନଙ୍କ ମାଧ୍ୟମରେ ପ୍ରତ୍ୟେକ ତିନି ମାସରେ ଥରେ ଶିକ୍ଷାନୁଷ୍ଠାନ ମାନଙ୍କରେ ଅଧ୍ୟୟନ କରୁଥିବା ଛାତ୍ରୀ ମାନଙ୍କୁ ଶକ୍ତି ଶ୍ରୀ ଓ ନାରୀ ମାନଙ୍କ ସୁରକ୍ଷା ଦିଗରେ ସଚେତନତା ଅଭିଯାନ ଜାରି ରଖିବା ପାଇଁ ଏହି କମିଟି ଗଠନର ମୁଖ୍ୟ ଉଦ୍ଦେଶ୍ୟ ବୋଲି ସଂଯୋଜିକା ଜେନା ଉତଥାପନ କରିଥିଲେ। କାର୍ଯ୍ୟକ୍ରମରେ ବିକାଶ କୁମାର ପ୍ରଧାନ, ପ୍ରସନ୍ନ କୁମାର ସାହୁ, ଶ୍ୱେତପଦ୍ମା କର, ସୁରଭି ସୁରୁଆ, ଜ୍ୟୋତିର୍ମୟୀ ପରିଡା, ଦେବୀକୃପା ପ୍ରଜ୍ଞାପାରମିତା ଦଳବେହେରା ସମେତ ସମସ୍ତ ଛାତ୍ରୀ, ଅଧାପକ ଅଧାପିକା ଓ କର୍ମଚାରୀ ଉପସ୍ଥିତ ଥିଲେ। ଅଧ୍ୟାପକ କୁମାର କୌଶିକ ଦେହୁରୀ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିବା ବେଳେ ଅଧ୍ୟାପକ ବିଶିକେଶନ କର୍ଣ୍ଣ ଶକ୍ତି ଶ୍ରୀ ସଚେତନତା କାର୍ଯ୍ୟକ୍ରମକୁ ଧନ୍ୟବାଦ ଅର୍ପଣ ସହ ସାଙ୍ଗ କରିଥିଲେ।



ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍): ଧରାବତରଣ କରିଛନ୍ତି ଆଦ୍ୟ ଦେବ ଶ୍ରୀ ଗଣେଶ। ପୂଜା ପାଇଁ ଚଳଚଞ୍ଚଳ ଗାଁ'ଠୁ ସହର। ହିନ୍ଦୁ ସଂସ୍କୃତିରେ ଏହି ଦିନ ଗଣେଶଙ୍କ ଜନ୍ମଦିନ ଭାବେ ପାଳନ କରାଯାଇଥାଏ। ପ୍ରଭୁ ଗଜାନନଙ୍କ ସ୍ୱାଗତ ପାଇଁ ଗାଁ'ଠୁ ସହର ସବୁଠି ସୁଉଚ୍ଚ ତୋରଣ ସାଙ୍ଗକୁ ଆଖି ଝଲସା ମେଢ଼ ସାଜସଜ୍ଜା ହୋଇଛି। ସକାଳୁ ସକାଳୁ ପୂଜାସ୍ଥଳରେ ପୂଜାର୍ଚ୍ଚନା ଆରମ୍ଭ ହୋଇଥିବା ବେଳେ ସବୁଠି ଭକ୍ତିମୟ ପରିବେଶ। ବିଦ୍ୟା, ବୁଦ୍ଧି ଓ ସିଦ୍ଧିଦାତା ଅଗ୍ରପୂଜ୍ୟ ଗଜାନନ ଙ୍କ ଆବାହନ ପାଇଁ ଚଳଚଞ୍ଚଳ ପୁର ପଲ୍ଲୀ। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଂଚଳରେ ଥିବା ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ ଗୁଡିକରେ ପୂଜାବିଧି ଅନୁଷ୍ଠିତ ହୋଇଛି। ଏହା ଶହ ସକାଳୁ ସକାଳୁ ଅସ୍ତରଙ୍ଗ ବ୍ଲକ ଅଧୀନ ହାପି ଟ୍ୟୁଟରିଆଲରେ ଛାତ୍ରଛାତ୍ରୀମାନେ ଗଜାନନଙ୍କୁ ପୂଜାର୍ଚ୍ଚନା କରିବା ପୁଷ୍ପାଞ୍ଜଳୀ ଅର୍ପଣ କରିବା ପରେ ପ୍ରସାଦ ସେବନ କରିଛନ୍ତି। ଅଗ୍ରପୂଜ୍ୟ, ବିଘ୍ନରାଜ ଶ୍ରୀ ବିନାୟକ ପାଇଁ ପୂଜା ଶହ ମନ୍ତ୍ର ଧ୍ୱନି। ଏଥି ପାଇଁ ପୁରୀ ଜିଲ୍ଲା ଅସ୍ତରଙ୍ଗ ଅଞ୍ଚଳ ଚଳଚଞ୍ଚଳ, ବ୍ଲକର ପନ୍ଦରଟି ପଂଚାୟତରେ ଅନେକ ସ୍ଥାନରେ ସକାଳୁ ଶିକ୍ଷାନୁଷ୍ଠାନ ପୂଜାର୍ଚ୍ଚନା କରାଯାଇଥିବା ବେଳେ ସାର୍ବଜନୀନ ପୂଜାଗୁଡିକ ଅପରାହ୍ନ ଓ ସନ୍ଧ୍ୟା ରେ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ସ୍ଥାନରେ ଗଜାନନଙ୍କ ମୃଣ୍ମୟୀ ମୂର୍ତ୍ତି ପୂଜା ପାଉଥିବା ବେଳେ ଅସ୍ତରଙ୍ଗ ବ୍ଲକର ଦେବୀ ନଦୀ କୂଳରେ ଅବସ୍ଥିତ ନଇଗୁଆଁ ଗ୍ରାମର ବହୁ ପୁରାତନ ବର୍ଷର ସ୍ୱୟଂଭୁ ଗଣେଶ ମନ୍ଦିର ରେ ପୂଜା ପାଉଛନ୍ତି ବୁଢାଗଣେଶ। କିଛି ପୂଜା ମଣ୍ଡପରେ ବୃକ୍ଷରୋପଣ ଭଳି ସାମାଜିକ କାର୍ଯ୍ୟକ୍ରମ କରିଛନ୍ତି।

# କଣ୍ଟାପଡା ବ୍ଲକ୍‌ରେ ପଞ୍ଜୀକୃତ ହେଲେ ୪୦୩୧ ଚାଷୀ



କଣ୍ଟାପଡା(ଭାସ୍କର ନ୍ୟୁଜ): ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭା, ଏବଂ ସମବାୟ ବିଭାଗ, କୃଷି ଓ କୃଷକ ସଶକ୍ତି କରଣ ବିଭାଗ ପକ୍ଷରୁ ଗତ ଜୁଲାଇ ମାସ ୧୯ ତାରିଖ ଠାରୁ ଆରମ୍ଭ ହୋଇଥିବା ୨୦୨୫-୨୬ ଖରିଫ ରିତୁରେ ଧାନ ବିକ୍ରୟ କରିବା ଲାଗି ଚାଷୀ ପଞ୍ଜିକରଣ ପ୍ରକ୍ରିୟା ଶେଷ ହୋଇଥିବା ଲକ୍ଷ୍ୟ କରାଯାଇଛି। କଣ୍ଟାପଡା ବ୍ଲକ ଅନ୍ତର୍ଗତ ଗୋବିନ୍ଦପୂର, ନାହାଳପୂର, ପାଟସୁନ୍ଦର ପୂର, କଣ୍ଟାପଡା, ବ୍ରାହ୍ମଣ ସାଇଲୋ, ବ୍ରାହ୍ମଣବାଟି, ଅଡସପୁର ଓ ଉତ୍ତାରଣ ୮ ଗୋଟି ସେବା ସମବାୟ ସମିତିରେ ଚାଷୀ ପଞ୍ଜିକରଣ ପ୍ରକ୍ରିୟା ବିଧିବଦ୍ଧ ଭାବେ ଶେଷ ହୋଇଥିବା ଜଣାପଡିଛି। କଣ୍ଟାପଡା ବ୍ଲକରେ ୨୦୨୫-୨୬ ଖରିଫ ରିତୁରେ ଧାନ ବିକ୍ରିକରିବା ପାଇଁ ୪ ହଜାର ୩୧ ଜଣ ଚାଷୀ ନାମ ପଞ୍ଜିକରଣ କରିଥିବା ଜଣାପଡିଛି। ନିଆଳି ସମବାୟ କେନ୍ଦ୍ରୀୟ ବ୍ୟାଙ୍କର କଣ୍ଟାପଡା ବ୍ଲକ ଅଧୀନରେ ଥିବା ବ୍ରାହ୍ମଣ ସାଇଲୋ ୬୦୧ ଜଣ, ନାହାଳପୁର ୪୯୦ ଜଣ, ଆଡଶପୁର ୩୯୫ ଜଣ, କଣ୍ଟାପଡା ୭୯୮ ଜଣ, ଉତ୍ତାରଣ ୪୦୦ ଜଣ, ଗୋବିନ୍ଦପୁର ୩୧୯ ଜଣ, ପାଟ ସୁନ୍ଦରପୂର ବରୁଣେଇ ୭୧୮, ବ୍ରାହ୍ମଣବାଟି -୩୧୦ ଜଣ ଏହିଭଳି ସମୁଦାୟ ୪ ହଜାର ୩୦ ଜଣ ଚାଷୀ ନାମ ପଞ୍ଜିକରଣ କରିଥିବା ଜଣାପଡିଛି। ଆସନ୍ତା ନଭେମ୍ବର ମାସରୁ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇ ୨୦୨୬ ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଜଣାପଡିଛି। ଗତ ବର୍ଷ ୨୦୨୪-୨୫ ଖରିଫରେ କଣ୍ଟାପଡା ବ୍ଲକରେ ୩୭୨୩ ଜଣ ଚାଷୀ ମଣ୍ଡି ମାଧ୍ୟମରେ ଧାନ ବିକ୍ରି କରିବା ଲାଗି ନାମ ପଞ୍ଜିକରଣ କରିଥିବା ବେଳେ ଚାଳିତ ବର୍ଷ ୨୦୨୫-୨୬ ଖରିପ ରିତୁରେ ଧାନ ବିକ୍ରି କରିବା ପାଇଁ ୩୦୮ ଜଣ ଚାଷୀ ଅଧିକ ପଞ୍ଜିକୃତ ହୋଇଛନ୍ତି। ଚାଳିତ ବର୍ଷ କଣ୍ଟାପଡା ବ୍ଲକରେ କଣ୍ଟାପଡା ସେବା ସମବାୟ ସମିତିରେ ସର୍ବାଧିକ ୧୧୮ ଜଣ ଚାଷୀ ପଞ୍ଜିକୃତ ହୋଇଛନ୍ତି। ସର୍ବନିମ୍ନ ଗୋବିନ୍ଦପୂର ପଂଚାୟତରେ ଗତ ବର୍ଷ ଅପେକ୍ଷା ୫ ଜଣ ଚାଷୀ କମ ପଞ୍ଜିକୃତ ହୋଇଥିବା ସୂଚନା ମିଳିଛି।

# ଯୁଗ୍ମ ଜନ ଶୁଣାଣୀ ଶିବିର ସମ୍ପର୍କିତ କାର୍ଯ୍ୟସୂଚୀ

ବାରିପଦା, (ଭାସ୍କର ନ୍ୟୁଜ୍): ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ତତ୍ତ୍ୱାବଧାନରେ ଚଳିତ ବର୍ଷ ଆଗାମୀ ସେପ୍ଟେମ୍ବର ମାସରେ ଅନୁଷ୍ଠିତ ହେବାକୁ ଥିବା ଯୁଗ୍ମ ଜନ ଶୁଣାଣି ଶିବିର ପାଇଁ ଜିଲ୍ଲା ପ୍ରଶାସନ ଦ୍ୱାରା ନିର୍ଦ୍ଧାରିତ ହୋଇଥିବା କାର୍ଯ୍ୟସୂଚୀ ଅନୁଯାୟୀ ସେପ୍ଟେମ୍ବର ମାସର ପ୍ରଥମ ସୋମବାର ତା ୦୧-୦୯-୨୦୨୫ ରିଖ ସଦର ଉପଖଣ୍ଡ ବାରିପଦା ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷରେ ପୂର୍ବାହ୍ନ ୧୦ଘଟିକା ଠାରୁ ଶୁଣାଣି ହେବ। ସେହିପରି ସେପ୍ଟେମ୍ବର ମାସର ଦ୍ୱିତୀୟ ସୋମବାର ତା. ୦୮-୦୯-୨୦୨୫ରିଖ ବାମନଘାଟି ଉପଖଣ୍ଡ ପାଇଁ ବାମନଘାଟି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ରାଇରଙ୍ଗପୁରରେ ପୂର୍ବାହ୍ନ ୧୦ଘଟିକା ଠାରୁ ଶୁଣାଣି ଆରମ୍ଭ ହେବ, ସେହିପରି ସେପ୍ଟେମ୍ବର ମାସ ତୃତୀୟ ସୋମବାର ତା ୧୫-୦୯-୨୦୨୫ ରିଖ ପାଞ୍ଚପିଢ଼ ଉପଖଣ୍ଡ ପାଇଁ କରଞ୍ଜିଆ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜନ ଶୁଣାଣି ପୂର୍ବାହ୍ନ ୧୦ଘଟିକା ଠାରୁ ଆରମ୍ଭ ହେବ ଏବଂ ସେପ୍ଟେମ୍ବର ମାସର ଚତୁର୍ଥ ସୋମବାର ତା ୨୨-୦୯-୨୦୨୫ ରିଖ କପ୍ତିପଦା ଉପଖଣ୍ଡ ପାଇଁ କପ୍ତିପଦା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ଉଦଳା ଠାରେ ପୂର୍ବାହ୍ନ ୧୦ ଘଟିକା ଠାରୁ ଜନ ଶୁଣାଣି ଶିବିର ଅନୁଷ୍ଠିତ ହେବ। ଏତଦ ବ୍ୟତୀତ ତା ୦୬-୦୯-୨୦୨୫ ରିଖ ବଡ଼ସାହି ବ୍ଲକରେ ସ୍ୱତନ୍ତ୍ର ଜନ ଶୁଣାଣି ଶିବିର ଅନୁଷ୍ଠିତ ହେବ। ଉକ୍ତ ଶିବିରରେ ମାନ୍ୟବର ବିଧାୟକ ବଡ଼ସାହି ସନାତନ ବିଜୁଳି ଓ ଜିଲ୍ଲାପାଳ ଅଭିଯୋଗ ଗୁଡିକର ଶୁଣାଣି କରିବେ।ବାରିପଦା ଠାରେ ଅନୁଷ୍ଠିତ ହେବାକୁ ଥିବା ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ରେ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ, ସମସ୍ତ ଜିଲ୍ଲା ସ୍ତରୀୟ ଲାଇନ ବିଭାଗ ଅଧିକାରୀ ଏବଂ ବାରିପଦା ଉପଖଣ୍ଡ ଅନ୍ତର୍ଗତ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାର,ସମସ୍ତ ତହସିଲଦାର ଓ ସମସ୍ତ ସିଡିପିଓ ମାନଙ୍କ ଉପସ୍ଥିତି ରେ ଏବଂ ଜିଲ୍ଲାର ଅନ୍ୟ ଉପଖଣ୍ଡ ମାନଙ୍କରେ ଅନୁଷ୍ଠିତ ହେବାକୁ ଥିବା ଉପଖଣ୍ଡ ସ୍ତରୀୟ ଓ ବ୍ଲକ ସ୍ତରୀୟ ଯୁଗ୍ମ ଜନ ଶୁଣାଣି ଶିବିରରେ ସମ୍ପୃକ୍ତ ଉପଖଣ୍ଡର ସମସ୍ତ ଉପଖଣ୍ଡ ସ୍ତରୀୟ ଅଧିକାରୀ, ସମସ୍ତ ଲାଇନ ବିଭାଗ ଅଧିକାରୀ, ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ,ସମସ୍ତ ତହସିଲଦାର ଓ ସମସ୍ତ ସିଡିପିଓ ମାନଙ୍କ ଉପସ୍ଥିତି ରେ ସାଧାରଣ ଜନତା ଙ୍କ ଆପତ୍ତି ଅଭିଯୋଗ ପତ୍ର ଗୁଡିକର ଶୁଣାଣି କରି ସମାଧାନ ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ନିଆଯିବ। ଉକ୍ତ ଧାର୍ଯ୍ୟ ତାରିଖ ଓ ସ୍ଥାନରେ ଅନୁଷ୍ଠିତ ହେବାକୁ ଥିବା ଜନ ଅଭିଯୋଗ ଶୁଣାଣି ଶିବିର କାର୍ଯ୍ୟକ୍ରମରେ ସମ୍ପୃକ୍ତ ଉପଖଣ୍ଡ ଅଞ୍ଚଳର ଜନସାଧାରଣ ନିଜ ନିଜର ବ୍ୟକ୍ତିଗତ ଓ ସାମୂହିକ ସମସ୍ୟା ସମ୍ପର୍କିତ ଅଭିଯୋଗ ଗୁଡିକ ଉପସ୍ଥିତ ରହି ଜଣାଇ ପାରିବେ।

# ଧାମନଗରର ବିଭିନ୍ନ ସ୍ଥାନରେ ଗଣେଶ ପୂଜା

ଧାମନଗର, (ଭାସ୍କର ନ୍ୟୁଜ୍): ଧାମନଗର ବ୍ଲକରେ ବିଭିନ୍ନ ସ୍ଥାନରେ ପୂଜାମଣ୍ଡପରେ ଶ୍ରୀ ଗଣେଶଙ୍କ ପୂଜା ଅନୁଷ୍ଠିତ ହୋଇଚୀ।ବିଭିନ୍ନ ପୂଜା ମଣ୍ଡପରେ ଶ୍ରୀ ଗଣେଶଙ୍କ ମୂର୍ମୟ ମୂର୍ତ୍ତୀ ନିର୍ମାଣ କରାଯାଇ ନୀତି ରୀତି ଅନୁଯାଇ ପୂଜାର୍ଚ୍ଚନା କରାଯାଇଛି। ରଙ୍ଗବେରଙ୍ଗର ଆଲୋକ ମାଳରେ ପୂଜା ମଣ୍ଡପ ବେସ ଆକର୍ଷଣ ହୋଇଛି। ତେବେ ଝିପିଝିପି ବର୍ଷାରେ ଦିନ ବେଳା ଟିକିଏ ଫିଖା ପଡ଼ିଥିଲା ହେଲେ ସନ୍ଧ୍ୟାରେ ବେସ ଆକର୍ଷଣ ହୋଇ ଥିଲା। ରାଧାବଲ୍ଲଭପୁର ପଞ୍ଚାୟତରେ ବନ୍ଦଟିଆ ଗ୍ରାମରେ ଶହେ ବର୍ଷରୁ ଊର୍ଦ୍ଧ୍ୱ ଧରି ଶ୍ରୀ ଗଣେଶଙ୍କ ପୂଜା ଧୁମଧାମରେ ଅନୁଷ୍ଠିତ ହେଉଛି, ଧାମନଗର ତାଳପଦା ରେ ମଧ ମହାଆଡମ୍ବର ପୂଜା ଅନୁଷ୍ଠିତ ହେଉଛି। ରାମେଶ୍ୱରପୁର ସ୍ଥିତ ମା ରକ୍ଷାକାଳୀଙ୍କ



ପୀଠରେ ଓ ହନୁମାନ ଛକ ବେଶ ଧୁମ ଧାମରେ ଶ୍ରୀ ଗଣେଶଙ୍କ ପୂଜା କରାଯାଉଛି। ରଙ୍ଗ ବେରଙ୍ଗର ତୋରଣ ସହ ଆଲୋକରେ ପୂଜା ମଣ୍ଡପ ଝଲସୁଛି। ରାମେଶ୍ୱର ପୁର ଆର ଆଇ ଛକରେ ହରେକ୍ ମାଲ ଦୋକାନ ଓ ମିନା ବଜାରରେ ବେଶ ଗହଳି ଲାଗିଛି। ୬ ଦିନ ଧରି ଉକ୍ତ ପୂଜା ମଣ୍ଡପରେ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ ସୁଚନା ମିଳିଛି। ସେହିପରି ଧାମନଗର ବ୍ଲକର ବିଭିନ୍ନ ସରକାର ବେସରକାରୀ ଶିକ୍ଷାନୁଷ୍ଠାନ ଓ ବିଭିନ୍ନ ମଣ୍ଡପରେ ଗଣେଶ ପୂଜା ହୋଇଛି। ବିଭିନ୍ନ ବ୍ୟବସାୟୀ ପ୍ରତିଷ୍ଠାନ ଓ କ୍ଲବ ଟ୍ୟୁଟୋରିଆଲ, କମ୍ପ୍ୟୁଟର ସେଣ୍ଟର ବିଘ୍ନ ବିନାଶଙ୍କ ପୂଜାର୍ଚ୍ଚନା ହୋଇଛି। ତେବେ ବର୍ଷା ଓ ବନ୍ୟାରେ ଲୋକଙ୍କ ମେରୁଦଣ୍ଡ ଭାଙ୍ଗି ପଡିଥିବା ବେଳେ ଦୁଃଖ କଷ୍ଟ ରେବି ଶ୍ରୀ ଗଣେଶଙ୍କ ପୂଜା କରା ଯାଉଥିବା ଦେଖିବାକୁ ମିଳିଛି।

# ପାକ୍ସ ନିଲମ୍ବିତ ସମ୍ପାଦକଙ୍କ ବିରୋଧରେ ଥାନାରେ ଅଭିଯୋଗ

ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ବ୍ଲକ ସରସଦା ସେବା ସମିତିର ନିଲମ୍ବିତ ସମ୍ପାଦକ ଅଜୟ କୁମାର ବେହେରା ଉଦ୍ଦେଶ୍ୟମୂଳକ ଭାବେ ଦାଇତ୍ୱ ହସ୍ତାନ୍ତର କରୁନାହାନ୍ତି। ସମିତିର ଗୁରୁତ୍ୱପୂର୍ଣ୍ଣ ନଥିପତ୍ର, ଲେଜର ଓ ଅନ୍ୟାନ୍ୟ କାଗଜାତ ନିଜ ହେପାଜତରେ ରଖି ଜାଣିଶୁଣି ସମିତିକୁ ଅଚଳ କରୁଥିବା ଅଭିଯୋଗ କରି ସମିତି ପରିଚାଳନା ପରିଷଦ ସଭାପତି ଅବିନାଶ ରାଉତ ଓ ସଦସ୍ୟମାନେ ଗତ ମଙ୍ଗଳବାର ଥାନାରେ ଅଭିଯୋଗ କରିଥିବା ଜଣାଯାଇଛି। ରାଉତ ନିଲମ୍ବିତ ହେବା ପରେ କାର୍ଯ୍ୟାଳୟରେ ଯୋଗାଦାନ କରୁନାହାନ୍ତି କି ସମିତି ପରିଚାଳନାରେ ସହଯୋଗ କରୁନାହାନ୍ତି। ଏହାଦ୍ୱାରା ଜନସାଧାରଣଙ୍କ ସ୍ୱାର୍ଥକୁ ବାଧା ଦିଆଯାଉଛି। ଏଥିପାଇଁ ତାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଭିଯୋଗରେ ଅନୁରୋଧ କରାଯାଇଛି। ମାତ୍ର ରିପୋର୍ଟ ପ୍ରସ୍ତୁତ ହେବା ପର୍ଯ୍ୟନ୍ତ ଏଥିନେଇ ଥାନାରେ କୌଣସି ମାମଲା ରୁଜୁ ହୋଇନଥିବା ଜଣାଯାଇଛି।

# ଚଣ୍ଡିଖୋଲରେ ଧୁମ୍‌ଧାମ୍‌ରେ ଗଣେଶ ପୂଜା ପାଳିତ

ବଡ଼ଚଣା, (ଭାସ୍କର ନ୍ୟୁଜ୍): ଚଣ୍ଡୀଖୋଲ ବଜାର ପୁରୁଣା ଐତିହ୍ୟ ବ୍ୟବସାୟୀ କରୁଥିବା ଲୋକମାନଙ୍କର ଅର୍ଦ୍ଧ ଶତାବ୍ଦୀ ରୁ ଉର୍ଦ୍ଧ ହେବ ଗଣେଶ ପୂଜା ହୋଇ ଆସୁଛି। ଏଥିରେ ପ୍ରଥମ ଦିନ ପୂଜାର୍ଚ୍ଚନା ହୁଏ, ଦୁଇ ଦିନ ଧରି ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଭଜନ ସମାରୋହ ଦୁଇ ହଜାର ରୁ ଅଧିକ ଲୋକଙ୍କ ପାଇଁ ଶୁକ୍ରବାର ଦିନ ପ୍ରସାଦ ସେବନ ରବିବାର ଭସାଣି କରାଯିବାକୁ ସ୍ଥିର ହେବ ବୋଲି ଅସ୍ଥାୟୀ ବ୍ୟବସାୟୀ ସଂଘ ର ସଂପାଦକ ସଞ୍ଜୟ କୁମାର ସ୍ୱାଇଁ ପ୍ରକାଶ କରିଛନ୍ତି। ଏଥିରେ ପ୍ରଥମ ଦିନ ୫ ଟାରେ କଳସ ଶୋଭା ଯାତ୍ରା କରାଯାଇଥିଲା, ସଂଘର ସଭ୍ୟ ନାରାୟଣ ସାହୁ କର୍ତ୍ତା ଭାବେ କାର୍ଯ୍ୟ ଅର୍ପଣ କରିଥିଲେ, ଅନ୍ୟମାନଙ୍କ ମଧ୍ୟରେ ସଭାପତି ମହେଶ୍ୱର ବଳ, ପ୍ରକାଶ



ରାଉତ, ପ୍ରିୟ ବ୍ରତ ଖୁର୍ଲା, ବସନ୍ତ ବାରିକ୍, ପ୍ରତାପ ବେହେରା, ମନୋରଞ୍ଜନ ପଲେଇ, ମାନସ ସାହୁ, ବୈକୁଣ୍ଠକୁ ସାହୁ, ମନୋଜ ନାୟକ, ପ୍ରଶନ ସାହୁ ପ୍ରମୁଖ ସାର୍ବଜନୀନ ଗଣେଶ ପୂଜାରେ ସହଯୋଗ କରିଥିଲେ। କମିଟି ତରଫରୁ ଟ୍ରାଫିକ ରେ କାର୍ଯ୍ୟ ସ ସମ୍ପାଦନ କରୁଥିବା ପୋଲିସ କର୍ମଚାରୀଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧନା କରାଯାଇଥିଲା।

# ଏକ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ବନ ବିଭାଗ ରେଞ୍ଜର ପଦବୀ ଖାଲି

ଗୋପ, (ଭାସ୍କର ନ୍ୟୁଜ୍): ପୁରୀ ଜିଲ୍ଲାର ସର୍ବପ୍ରାଚୀନ ବନାଞ୍ଚଳର ମାନ୍ୟତା ପାଇଥିବା ଅଞ୍ଚଳ ଟି ହେଉଛି ଗୋପ। ଏଠାରେ ଦୀର୍ଘ ଏକ ବର୍ଷରୁ ଉର୍ଦ୍ଧ୍ୱ ହେବ ରେଞ୍ଜର ପଦବୀଟି ଖାଲି ଥିବାରୁ ଦୈନିକ ଅନେକ ଅଘଟଣ ମଧ ଘଟୁଛି। ଏହାଦ୍ୱାରା କ'ଣ ହେଉଛି ନା ବନ ସମ୍ପଦର ସୁରକ୍ଷାରେ ଗଭୀର ସଙ୍କଟ ସୃଷ୍ଟି ହୋଇଛି। ବିଭାଗୀୟ ଅବହେଳାର ଫଳରେ ବେଆଇନ କରତକଳ ଗୁଡିକ ଛତୁ ଫୁଟିଲା ଭଳି ଗୋପ ଅଞ୍ଚଳ ଅହରହ ଦିନ ରାତି ଚାଲିଛି। ଆଉ କାଠ ମାଫିଆମାନଙ୍କର ମଧ ଆତଙ୍କ ରାଜ କ୍ରମଶଃ ବୃଦ୍ଧିପାଉଛି। ୨୦୦୩ରୁ ୨୦୨୪ ପର୍ଯ୍ୟନ୍ତର ଇନ୍‌କ-ମ୍ବେନ୍‌ସି ଚାର୍ଟରେ ସ୍ପଷ୍ଟ ହୋଇଛି ଯେ ଏହି ପଦବୀରେ ୧୬ ଜଣ ଅଧିକାରୀ କାର୍ଯ୍ୟରତ ଥିଲେ, କିନ୍ତୁ ୩୦ ଏପ୍ରିଲ ୨୦୨୪ରୁ ରେଞ୍ଜର ରମେଶ ଚନ୍ଦ୍ର ଜାନିଙ୍କ ଅବସର ପରେ ଉକ୍ତ ପଦବୀଟି ଖାଲି ରହିଛି। ଯଦିଓ କୋଣାର୍କ ବନବିଭାଗ ଅଧିକାରୀ ସୁଦର୍ଶନ ଦେଉରୀ ଦାୟିତ୍ୱରେ ଅଛନ୍ତି କିନ୍ତୁ ତାହା ବେନାମୀ କରତକଳ ଓ କାଠ ମାଫିଆଙ୍କୁ ନିୟନ୍ତ୍ରଣ କରିବେ ସକ୍ଷମ ହେଉନି। ଆଜି ପର୍ଯ୍ୟନ୍ତ ସ୍ଥାୟୀ ନିଯୁକ୍ତି ହୋଇନଥିବାରୁ ଅସ୍ଥାୟୀ ଭାବରେ କେବଳ 'ଇନ୍‌ଚାର୍ଜ୍' ମାନେ ଦାୟିତ୍ୱ ନେଉଛନ୍ତି। ଏଣୁ ଏଥିପାଇଁ ପରିବେଶବିତଙ୍କ ଉଦବେଗ ପ୍ରକାଶ କରିଛନ୍ତି। ଏ ସମ୍ପର୍କ ରାଜ୍ୟ ସରକାରଙ୍କୁ ଟ୍ୱଇଟ ଯୋଗେ ଅବଗତ କରିଛନ୍ତି ବିଜେପି କୃଷକ ମୋର୍ଚ୍ଚାର ରାଜ୍ୟ ସମ୍ପାଦକ ପ୍ରଶାନ୍ତ ସ୍ୱାଇଁ କ୍ଷ ଅଭିଯୋଗ ଉପରେ ପୁରୀ ୱାଇଲ୍ଡଲାଇଫ୍ ଡିଭିଜନ୍‌ର ଡିଏଫ୍‌ଓ ପକ୍ଷରୁ ୩୦ ଜୁଲାଇରେ ଦିଆଯାଇଥିବା ପତ୍ରରେ କୁହାଯାଇଛି ଯେ ବିଗତ ୫ ବର୍ଷରେ (୨୦୨୦-୨୧ରୁ ୨୦୨୪-୨୫ ପର୍ଯ୍ୟନ୍ତ) ମୋଟ୍ ୨୩ଥର ରେଡ୍ ହୋଇଛି। କାଠ ଚୋରାଚାଲଣା, ବେଆଇନ ସମିଲ୍, ଅବୈଧ କାଠ କଟା ଓ ବନ୍ୟପ୍ରାଣୀ ଶିକାରକୁ ରୋକିବାକୁ ମାମଲା ରୁଜୁ କରାଯାଉଛି। ସ୍ୱାଇଁ ୧ ଅଗଷ୍ଟରେ ଡିଏଫ୍‌ଓଙ୍କୁ ପଠାଇଥିବା ଉତ୍ତରରେ କହିଛନ୍ତି ଯେ ୨୩ଟି ରେଡ୍ ସତ୍ତ୍ୱେ ବେଆଇନ କାଠ ବ୍ୟବସାୟ ଗୋପରେ ଅବାଧରେ ଚାଲିଛି। ରାମେଶ୍ୱର ମନ୍ଦିର, କୁସୁପୁର ପାଖରେ ଆଉ ଏକ ତାଠାରୁ ମାତ୍ର ୧୦୦ ମିଟର ଦୂରତା ରେ ଏକ ସ ମିଲ ସହିତ କରତକଳ ରହିଛି। ଯାହାଫଳରେ କୀ ପରିବେଶ ପ୍ରଦୂଷଣ ହେବା ସହିତ ପାଖରେ ଥିବା ସ୍କୁଲ ରେ ଅଧ୍ୟୟନ କରୁଥିବା କୋମଳମତି ଛାତ୍ରଛାତ୍ରୀଙ୍କ ଉପରେ ପ୍ରଭାବ ପଡୁଛି। ଠିକ ସେହିପରି ଗୋପ ଠାରୁ କିଛି ଦୂରରେ (ହିଲାରୀ ଜମାରା ରୋଡ଼ ଠାରେ ଥିବା ପାୟାରାରେ ମଧ ଏକ ବେନାମୀ କରତକଳ ଚାଲୁଚି। ଗୋପର ସୁବର୍ଣ୍ଣପୁର ଓ ଗଣ୍ଡେଶ୍ୱରପୁର, ବେଗୁଆନିଆ ଛକ ଠାରେ ମଧ ଏକ କରତକଳ ବେଆଇନ ଭାବେ କାର୍ଯ୍ୟ କରୁଛି। ଏଣୁ ଗୋପରେ ଏକ ସ୍ଥାୟୀ ରେଞ୍ଜର ନିଯୁକ୍ତି ଓ ପର୍ଯ୍ୟାପ୍ତ ଦକ୍ଷ କର୍ମଚାରୀଙ୍କୁ ନିଯୁକ୍ତି ଦେବାର ଅଛି। ଯାହାଫଳରେ କି ବେଆଇନ କରତକଳ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଓ ନଷ୍ଟ ହୋଇଥିବା ବନର ପୁନରୁଦ୍ଧାର ହୋଇପାରିବ ବୋଲି ଶ୍ରୀଯୁକ୍ତ ସ୍ୱାଇଁ କହିଛନ୍ତି। ସେ ନିକଟରେ ସୋସିଆଲ୍ ମିଡ଼ିଆରେ ମଧ ଏହି ଅଭିଯୋଗ ଉଠାଇଛନ୍ତି, ଯେଉଁଥିରେ କାକଟପୁର, ନିମାପଡ଼ା, ଗୋପ ଅଞ୍ଚଳରେ ବେଆଇନ କରତକଳର ପ୍ରସାର ବିଷୟରେ ଉଲ୍ଲେଖ କରିଛନ୍ତି। ଗୋପ-ବାଲୁଖଣ୍ଡ ଅଭୟାରଣ୍ୟ ପରିସରରୁ ଜଙ୍ଗଲ ପ୍ରାୟ ସାରିଯାଇଥିବା ସ୍ଥାନୀୟ ଲୋକଙ୍କ ଅଭିଯୋଗ। 'ଡିଏଫ୍‌ଓଙ୍କର ନିର୍ଦ୍ଦେଶ ଦ୍ୱାରା ଏକ ମହିଳା ଫରେଷ୍ଟରଙ୍କୁ ଅସ୍ଥାୟୀ ଭାବେ ଦାୟିତ୍ୱ ଦିଆଯାଉଛି। ଏହା ସ୍ପଷ୍ଟ ଅବହେଳାର ଚିହ୍ନ,'ବୋଲି ସ୍ଥାନୀୟ ଲୋକମାନେ କହିଛନ୍ତି। ଗୋପ ବନରେ ବିଭାଗୀୟ ଅବ୍ୟବସ୍ଥା, ବେଆଇନ କାଠ ବ୍ୟବସାୟ ଏବଂ ରେଞ୍ଜର ନିଯୁକ୍ତିର ଅଭାବ-ଏହି ତିନୋଟି ସମସ୍ୟାରେ ଅଞ୍ଚଳର ପରିବେଶ ସଙ୍କଟଗ୍ରସ୍ତ। ଏବେ ଦେଖିବାକୁ ଅଛି ଯେ ପୁରୀ ଡିଏଫ୍‌ଓ, ପିସିସିଏଫ୍ ଓ ରାଜ୍ୟ ସରକାର କେତେ ଶୀଘ୍ର କଡ଼ା କାର୍ଯ୍ୟାନୁଷ୍ଠାନ ନେବେ।

# ଲକ୍ଷ୍ମୀପୁରରେ ଘନ କୁହୁଡି

ଲକ୍ଷ୍ମୀପୁର, (ଭାସ୍କର ନ୍ୟୁଜ୍): ଲକ୍ଷ୍ମୀପୁରରେ ବୁଧବାର ସକାଳୁ ପାଗ କୋହଲା କରିଥିବା ବେଳେ ସାଢେ ଦୁଇଟା ପରେ ପ୍ରବଳ ବର୍ଷା ଆରମ୍ଭ ହୋଇଯାଇଥିଲା। ପ୍ରାୟ ତିନି ଘଣ୍ଟା ଧରି ବର୍ଷା ବର୍ଷୀବା ପରେ ସନ୍ଧ୍ୟା ସାଢେ ପାଞ୍ଚଟା ବେଳେ ମାଡି ଆସିଥିଲା ପ୍ରବଳ କୁହୁଡି। ଏପରିକି ରାସ୍ତା ଦୃସ୍ଟ ନଥିବା କାରଣରୁ ରାୟଗଡା ଓ କୋରାପୁଟ କୁ ସଂଯୋଗ କରୁଥିବା ଜାତୀୟ ରାଜପଥ ୩୨୬ରେ ଅନେକ ଯାନବାହାନ ଚଳ ପ୍ରଚଳରେ ବାଧା ଉପୁଜିଥିଲା। ପ୍ରାୟ ଘଣ୍ଟାଏ ଧରି କୁହୁଡି ସାରା ବ୍ଲକ ସଦରକୁ ଘୋଡେଇ ରଖିଥିଲା। ଘନ କୁହୁଡି ଯୋଗୁଁ ପାଖରେ ଥିବା ଲୋକଙ୍କ ମୁହଁଙ୍କୁ ମୁହଁ ଦୃସ୍ଟ ନଥିବା କାରଣରୁ ବଜାର ଉପରେ ଲୋକେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ରାସ୍ତାରେ ଯାଉଥିବା କିଛି ଗାଡ଼ି ଚାଳକ ହଠାତ କୁହୁଡି ମାଡି ଆସିବା ଦେଖି ଭୟରେ ରାସ୍ତା କଡରେ ଗାଡ଼ି ଛିଡା କରି କୁହୁଡି ଛାଡିବା ଯାଏଁ ଅପେକ୍ଷା କରି ରହିଥିବା ଦେଖିବାକୁ ମିଳିଥିଲା।

# ୩୦ ମାଓବାଦୀଙ୍କ ଆତ୍ମସମର୍ପଣ




ମାଲକାନଗିରି, (ଭାସ୍କର ନ୍ୟୁଜ୍): ବିଜାପୁର ପୋଲିସକୁ ମିଳିଛି ବଡ଼ ସଫଳତା। ବିଜାପୁରରେ ଛତିଶଗଡ଼ ସରକାରଙ୍କ ପୁନର୍ବାସ ନୀତି ଏବଂ ନକ୍ସଲ ବିରୋଧୀ ଅଭିଯାନ ଅଧୀନରେ, ୮୧ ଲକ୍ଷ ଟଙ୍କାର ପୁରସ୍କାର ରାଶି ଥିବା ୨୦ ଜଣ ମାଓବାଦୀଙ୍କ ସମେତ ମୋଟ ୩୦ ଜଣ ମାଓବାଦୀ ପୋଲିସ ଅଧିକାରୀଙ୍କ ସମ୍ମୁଖରେ ଆତ୍ମସମର୍ପଣ କରିଛନ୍ତି। ଆତ୍ମସମର୍ପଣକାରୀଙ୍କ ମଧ୍ୟରେ ଡିଭିଜନ ବ୍ୟୁରୋ ଇନଚାର୍ଜ, କମ୍ପାନୀ ସଦସ୍ୟ ଏବଂ ଅନ୍ୟାନ୍ୟ ବରିଷ୍ଠ ପଦାଧିକାରୀ ସାମିଲ ଥିଲେ। ଛତିଶଗଡ଼ ସରକାରଙ୍କ ନୂତନ ପୁନର୍ବାସ ନୀତି ମାଓବାଦୀମାନଙ୍କୁ ଏକ ନୂତନ ଆଶା ଦେଇଛି, ଆତ୍ମସମର୍ପଣକାରୀଙ୍କୁ ୫୦,୦୦୦ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଛି। ସମାଜର ମୁଖ୍ୟସ୍ରୋତରେ ସାମିଲ ହେବା ପାଇଁ ମାଓବାଦୀ ମାନେ ଆତ୍ମସମର୍ପଣ କରିଛନ୍ତି।

# ମା' ଭୁଇଁଆଣୀ ଠାକୁରାଣୀଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ ନୂତନ କର୍ମକର୍ତ୍ତା ଚୟନ

ବୋଲଗଡ଼, (ଭାସ୍କର ନ୍ୟୁଜ): ବୋଲଗଡ଼ ସଦର କାର୍ଯ୍ୟାଳୟସ୍ଥିତ ଅଘୋଷିତ ପର୍ଯ୍ୟଟନ ସ୍ଥଳୀ ମା ଭୁଇଁଆଣୀ (ବନଦୁର୍ଗା) ଠାକୁରାଣୀଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ ପୀଠ ପରିସରରେ ବୁଧବାର ନୂତନ କର୍ମକର୍ତ୍ତା ଚୟନ ହୋଇଅଛି।ସୂଚନାଯୋଗ୍ୟ ଠାକୁରାଣୀ ବନ ଦୁର୍ଗାଙ୍କର ୧୯୯୦ ମସିହା ଠାରୁ ଦୀର୍ଘ ୩୫ବର୍ଷ ହେବ ପୀଠ ଠାରେ ଧନୁଯାତ୍ରା ଅନୁଷ୍ଠିତ ହୋଇଆସୁଅଛି। ତେବେ ଏଠିକାର ପରିବେଶ ବଣ ଜଙ୍ଗଲ ଭରା ସହ ମା'ଙ୍କର ପୀଠ ନିମ୍ନ ଭାଗରେ ସବୁଜ ବନାନୀ ଶସ୍ୟ କ୍ଷେତ୍ର ଆଦି ହେତୁ ବର୍ଷ ସାରା ଭୋଜି ଭାତ ଠାରୁ ଆରମ୍ଭ କରି ବିବାହ, ବ୍ରତ, ନିର୍ବନ୍ଧ ଓ ବନ୍ଧୁ ମିଳନ କାର୍ଯ୍ୟ ଆଦି ଲାଗି ରହୁଛି। ଏପରିକି ସମସ୍ତ ଦଳର ରାଜନେତା ମାନେ ଆସି ସଭା ସମିତି



କରୁ ଥିବାର ଦେଖିବାକୁ ମିଳିଛି।ତେବେ ଆଜି ପର୍ଯ୍ୟନ୍ତ ଏହି ଶକ୍ତି ପୀଠର ଉନ୍ନତି କରଣ କଚ୍ଛପ ଗତି ସଦୃଶ ବୋଲି ବିବେଚନା ହେଉଛି। ଏଣୁ ପୀଠର ଉନ୍ନତି କରଣ ଓ ପ୍ରକାରନ୍ତେ ସମୂହ ବିକାଶ ନିମନ୍ତେ ଏକ କର୍ମକର୍ତ୍ତା ଚୟନ କରାଇଛି। ସଭାପତି ଭାବେ ଫକିର ମୋହନ ଫତେସିଂହ ମନୋନୀତ ହୋଇଥିବା ବେଳେ ଉପ-ସଭାପତି ଭାବେ କେଦାର ନାଥ ଚମ୍ପତିଙ୍କୁ ଚୟନ କରାଯାଇଛି। ସମ୍ପାଦକ ରୂପେ ଗଦାଧର ଚମ୍ପତିଙ୍କୁ ମନୋନୀତ କରାଯାଇଥିବା ବେଳେ ରାମଚନ୍ଦ୍ର ମାର୍ଥା ସହ-ସମ୍ପାଦକ ଭାବେ ଚୟନ ହୋଇଛନ୍ତି। ସେହିପରି କୋଷାଧକ୍ଷ ଭାବେ ଭାସ୍କର ଚନ୍ଦ୍ର ପ୍ରଧାନ ମନୋନୀତ ହୋଇଛନ୍ତି। ପୀଠର ଉନ୍ନତି ତଥା ଗଠନ ମୂଳକ କାର୍ଯ୍ୟରେ ଆନ୍ତରିକତାର ସହ ସହଯୋଗ ନିମନ୍ତେ ଏକ ୭୨ଜଣିଆ କମିଟି ଗଠନ କରାଯାଇଛି। ଏହି ନୂତନ କମିଟି ଚୟନ ହେବାରେ ଅଞ୍ଚଳରେ ଖୁସିର ବାତାବରଣ ଦେଖିବାକୁ ମିଳିଛି।

# ଗଞ୍ଜେଇ ଜବତ, ଜଣେ ଗିରଫ

ଆଳି, (ଭାସ୍କର ନ୍ୟୁଜ): କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଅବକାରୀ ଥାନା ଅନ୍ତର୍ଗତ ଗୋପ ଗାଁରୁ ଆଜି ପୋଲିସର ଏକ ଟିମ ୩.୫ କିଲୋ ଗଞ୍ଜେଇ ସହ ଏକ ସ୍କୁଟି ଗାଡି କୁ ଜବତ କରିବା ସହ ଜଣକୁ ଗିରଫ କରିଛନ୍ତି। ଗିରଫ ବ୍ୟକ୍ତି ମେଂଢପୁର ଗୋପ ଗାଁର ସ୍ୱର୍ଗତ ମାୟାଧର ସେନାପତିଙ୍କ ପୁଅ ଚିତ୍ତରଞ୍ଜନ ସେନାପତି ବୋଲି ଜଣାପଡିଛି। ଆଜିର ଚଢ଼ାଉ ରେ ଆଳି ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ନରେଶ କୁମାର ପଣ୍ଡାଙ୍କ ସହ ଏଏସ ଆଇ ସୁନୀଲ କୁମାର ମିଶ୍ର, ରେଣୁକା ମଲିକ, ଅଶୋକ କୁମାର ବେହେରା ପ୍ରମୁଖ ଚଢାଉରେ ଅହଯୋଗ କରି ଥିଲେ।

# ଦୁର୍ଘଟଣାରେ ଜଣେ ମୃତ, ଦୁଇ ଗୁରୁତର

କେନ୍ଦୁଝର, (ଭାସ୍କର ନ୍ୟୁଜ୍): ତେଲକୋଇ ଥାନା ସନ୍ତେଇ ଭଞ୍ଜ ଗ୍ରାମରେ ଦୁଇ ବାଇକ୍ ମୁହାମୁହିଁ ଧକ୍କା ହେବାରୁ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଦୁଇ ଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ ରଗଡା ଗ୍ରାମର ଗଣେଶ୍ୱର ସାହୁଙ୍କ ପୁଅ ପପୁ ସାହୁ(୧୮)। ଗୁରୁତର ମାନେ ହେଲେ ରଗଡା ଗ୍ରାମର ଦିପୁ ସାହୁ(୨୦) ଏବଂ ପାଳଲହଡ଼ା ବ୍ଲକ ସରୁଆଳି ଗ୍ରାମର ରତିକାନ୍ତ ନାୟକ(୪୫)। ଗୁରୁତର ଦିପୁ କଟକ ସ୍ଥାନାନ୍ତର ହୋଇଥିବା ବେଳେ ରତିକାନ୍ତ କେନ୍ଦୁଝର ସ୍ଥାନାନ୍ତର ହୋଇଥିବା ଜଣା ପଡ଼ିଛି। ତେବେ ସୂଚନା ମୁତାବକ, ରଗଡା ଗ୍ରାମର ପପୁ ସାହୁ ଓ ଦିପୁ ସାହୁ ପୂଜା ସାମଗ୍ରୀ ପାଇଁ ଏକ ବାଇକ୍ ଯୋଗେ ତେଲକୋଇ ଅଭିମୁଖେ ଆସୁଥିବା ବେଳେ ରତିକାନ୍ତ ସନ୍ତେଇ ଭଞ୍ଜ ସ୍ଥିତ ସମ୍ପର୍କୀୟ ଙ୍କ ଘରୁ ନିଜ ଘର ପାଳ ଲହଡ଼ା ଅଭିମୁଖେ ଫେରୁଥିଲେ। ସନ୍ତେଇ ଭଞ୍ଜ ବିଦ୍ୟାଳୟ ନିକଟରେ ଉଭୟ ମୁହାଁମୁହିଁ ଧକ୍କା ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ



ଗୁରୁତର ଅବସ୍ଥାରେ ଉଦ୍ଧାର କରି ତେଲକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟ କେନ୍ଦ୍ରରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଦୁଇ ଗୁରୁତର ଙ୍କୁ ପ୍ରାଥମିକ ଚିକିତ୍ସା କରାଯାଇ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଗୁରୁତର ଦିପୁ ସାହୁଙ୍କ ସ୍ୱାସ୍ଥ୍ୟବସ୍ଥା ଭଲ ନଥିବାରୁ ସେଠାରୁ ସଙ୍ଗେ ସଙ୍ଗେ କଟକ ସ୍ଥାନାନ୍ତର ହୋଇଥିବା ସୂଚନା ରହିଛି। ଖବର ପାଇ ତେଲକୋଇ ପୁଲିସ ଘଟଣା ର ତଦନ୍ତ ଆରମ୍ଭ କରିବା ସହିତ ଦୁର୍ଘଟଣା ଗ୍ରସ୍ତ ଗାଡ଼ି ଦ୍ୱୟକୁ ଜବତ କରିଛି।

# ଲଗାଣ ବର୍ଷାରେ ଭୁଶୁଡ଼ିଲା ଆୟୁର୍ବେଦ ଚିକିତ୍ସାଳୟ


ଖଇରପୁଟ, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ରେ ଗତ ଦୁଇ ଦିନଧରି ଲଗାଣ ବର୍ଷା ଲାଗି ରହିଥିବା ଫଳରେ ଛୋଟ ଛୋଟ ନଦୀ ନାଳ ଗୁଡିକରେ ଜଳ ସ୍ତର ବଢିବା ସହିତ କିଛି କିଛି ଅଞ୍ଚଳ ଗୁଡିକରେ ବର୍ଷା ଜଳ ପ୍ରଚୁର ପରିମାଣରେ ପ୍ରଭାହିତ ହେଉଛି। ଯାହା ଫଳରେ ସ୍ଥାନେ ସ୍ଥାନେ ଘର ଦ୍ୱାର ଭାଙ୍ଗିବା ସହିତ ରାସ୍ତା ଘାଟ କିଛି କିଛି ସ୍ଥାନରେ ଧୋଇଯାଇଥିବା ଦେଖିବାକୁ ମିଳିଛି। ଏହାର ପ୍ରଭାବ ବଣ୍ଡା ଘାଟିରେ ମଧ ଦେଖିବାକୁ ମିଳିଛି। ମାଲକାନଗିରି ଜିଲା



ଖଇରପୁଟ ବ୍ଲକ ଅନ୍ତର୍ଗତ ମୁଦୁଲିପଡ଼ା ପଞ୍ଚାୟତର ସରକାରୀ ଅୟୁର୍ବେଦ ଚିକିତ୍ସାଳୟ ଗୃହ ଭୁଷୁଡି ପଡିଛି। ଦୁଇ ଦିନ ଲଗାଣ ବର୍ଷା ଯୋଗୁ ଗୃହରେ ବର୍ଷାପାଣି ପଶିବା ସହ କାନ୍ଥ ଗୁଡ଼ିକ ଭୁଷୁଡି ପଡିଛି। ଆୟୁର୍ବେଦିକ ମେଡିକାଲରେ ବର୍ଷା ପାଣି ପସିବାରୁ ମେଡିକାଲରେ ଥିବା ଔଷଧ ଓ କାଗଜପତ୍ର ପାଣିରେ ଭିଜି ନଷ୍ଟ ହୋଇଯାଇଥିବା ଜଣାପଡିଛି।

# ପଞ୍ଚମା ଗଣେଶ ପୀଠରେ ଆଇନ ମନ୍ତ୍ରୀ, ଖଣି ମନ୍ତ୍ରୀଙ୍କ ସମେତ ଗଞ୍ଜାମର ବିଧାୟକଙ୍କ ପୂଜାର୍ଚ୍ଚନା

ରଙ୍ଗେଇଲୁଣ୍ଡା, (ଭାସ୍କର ନ୍ୟୁଜ୍): ପଞ୍ଚମା ଠାରେ ପୂଜା ପାଇ ଆସୁଥିବା ପ୍ରସିଦ୍ଧ ସିଦ୍ଧ ବିନାୟକ ପୀଠରେ ବେଶ୍ ଆଡ଼ମ୍ବର ସହକାରେ ଗଣେଶ ଚତୁର୍ଥୀ ପାଳିତ ହୋଇ ଯାଇଛି। ଗଜାନନଙ୍କ ଦର୍ଶନ ଏବଂ ପୂଜା କରିବା ନିମନ୍ତେ ପଡ଼ୋଶୀ ଆନ୍ଧ୍ରପ୍ରଦେଶ ସମେତ ଗଞ୍ଜାମ ଜିଲ୍ଲାର ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଏଠାରେ ସମାଗମ ହୋଇଥିଲା। ରୀତିନୀତି ଅନୁସାରେ ଆଜି ଭୋର ୩ଟା ସମୟରେ ମନ୍ଦିରର କବାଟ ଖୋଲା ଯାଇଥିଲା। ଏହାପରେ ଗଣେଶଙ୍କ ମାର୍ଜଣା, ମଙ୍ଗଳ ଆଳତୀ ସହ ବିଭିନ୍ନ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରାଯାଇଥିଲା। ଗଣେଶଙ୍କ ପୂଜାର୍ଚ୍ଚନା ପରେ ଭକ୍ତଙ୍କ ଦର୍ଶନ ଭୋର ୫ଟା ରେ ଗଜାନନଙ୍କୁ ଦର୍ଶନ ନିମନ୍ତେ ମନ୍ଦିର ର କବାଟ ଭକ୍ତ ମାନଙ୍କ



ନିମନ୍ତେ ଖୋଲା ଯାଇଥିଲା। ରାତି ୧୦ଟା ପର୍ଯ୍ୟନ୍ତ ଭକ୍ତଙ୍କ ଦର୍ଶନ ନିମନ୍ତେ ମନ୍ଦିର ଖୋଲାରହିବ। ରାଜ୍ୟ ପରିବହନ, ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୁତି ଭୁଷଣ ଜେନା, ଆଇନ୍ ମନ୍ତ୍ରୀ ପୃଥିରାଜ ହରିଶ୍ଚନ୍ଦନ, ସୋରଡ଼ା ବିଧାୟକ ନୀଳମଣି ବିଷୋୟୀ, ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ, କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ନାୟକ ପ୍ରମୁଖ ସିଦ୍ଧି ବିନାୟକଙ୍କ ଦର୍ଶନ କରିଥିଲେ।ଗଣେଶ ଚତୁର୍ଥ ଅବସରରେ ମନ୍ଦିର ପରିସରରେ ଯଜ୍ଞର ମଧ ଅନୁଷ୍ଠିତ ହୋଇଥିଲା। ପୂର୍ବ ବର୍ଷ ମାନଙ୍କ ଅପେକ୍ଷା ଚଳିତ ବର୍ଷ ପ୍ରଶାସନ ଓ ମନ୍ଦିର ପରିଚାଳନା ପକ୍ଷରୁ ବ୍ୟାରିକେଡ଼ ଓ ସୁରକ୍ଷା ବ୍ୟବସ୍ଥା ଭଲ ଭାବେ କରାଯାଇଥିବା ଯୋଗୁଁ ଭକ୍ତମାନେ ଶାନ୍ତି ଶୃଙ୍ଖଳାର ସହିତ ଦର୍ଶନ କରିଛନ୍ତି। କମିଟିର ସଦସ୍ୟ ଓ ସ୍ଥାନୀୟ ସ୍ୱେଚ୍ଛାସେବୀ ମାନେ ଭକ୍ତ ମାନେ କିଭଳି ଗଣେଶଙ୍କୁ ଦର୍ଶନ କରିପାରିବେ ସେ ନେଇ ସମସ୍ତ ପ୍ରକାରର ବ୍ୟବସ୍ଥା କରିଥିଲେ। ରଣ୍ଡା ସ୍କୁଲ ଛକରୁ ଚାରି ଚକିଆ ଯାନକୁ ପ୍ରବେଶ ନିଷେଧ କରାଯାଇଥିବା ବେଳେ ଆଉ କିଛି ଦୂରରୁ ମୋଟରେ ସାଇକେଲକୁ ମଧ ବନ୍ଦ କରାଯାଇ ଥିଲା। ଯାହାଫଳରେ ମନ୍ଦିର ନିକଟରେ ଆଉ ସେତେ ମାତ୍ରାରେ ଭିଡ଼ ଦେଖିବାକୁ ମିଳିନଥିଲା। ସେହିପରି ଭିନ୍ନକ୍ଷମ, ଗର୍ଭବତୀ ମହିଳା ଓ ବୟସ୍କ ଭକ୍ତ ମାନଙ୍କ ନିମନ୍ତେ ମାଗଣାରେ ଅଟୋର ବ୍ୟବସ୍ଥା କରାଯାଇଥିଲା। ୬ଟି ଅସ୍ଥାୟୀ ବିଶ୍ରାମଗାର କରାଯାଇଥିବା ବେଳେ ପାନୀୟ ଜଳର ବ୍ୟବସ୍ଥା, ଏହାଛଡ଼ା ଚଳିତ ବର୍ଷ ଭକ୍ତ ମାନଙ୍କ ନିମନ୍ତେ ମାଗଣାରେ ଦର୍ଶନ ସହ ଲଡ୍ଡୁ ଓ ଖେଚୁଡ଼ି ଭୋଗ ବଣ୍ଟନ କରାଯାଇଥିଲା।



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଶାନ୍ତିସ୍ତୁପ ନିକଟସ୍ଥ ଧଉଳି ଚାରୁକଳା ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଭଙ୍ଗା ଅଭଡ଼ା କୁର୍ଢୁଆରେ ଗଢ଼ିଛନ୍ତି ପ୍ରଭୁ ଗଜାନନଙ୍କ ନିଆରା ମୂର୍ତ୍ତି।ଏହି ମୂର୍ତ୍ତିକୁ ଗ୍ରାମୀଣ ପରିବେଶ ପରି ସଜାଇ ପୂଜା କରିଛନ୍ତି ଛାତ୍ରଛାତ୍ରୀମାନେ। ଏହି ନିଆରା ମୂର୍ତ୍ତି ନିର୍ମାଣ ପାଇଁ ଦଶ ହଜାରରୁ ଅଧିକ ଭଙ୍ଗା ଅଭଡ଼ା କୁର୍ଢୁଆ, କାଗଜ ପେଟି, କାଗଜ, ଅଠା ଓ ପ୍ରାକୃତିକ ରଙ୍ଗ ବ୍ୟବହାର ହୋଇଥିଲା। ମହାବିଦ୍ୟାଳୟର ବୃନ୍ଦାବନ ପଣ୍ଡା, ଦେବରାଜ ମହାରଣା, ଶୁଭମ୍ ଦାସ,ଶୁଭଙ୍କର ବେହେରା, ଦୀପକ କୁମାର ସାହୁ, ସୌମ୍ୟରଞ୍ଜନ ମହାରଣା, ସିରାଜ୍‌ଦୌଲ୍ଲା ନାୟକ, ପ୍ରଦତ୍ୟ ଭୋକ୍ତା ଓ ସଚିନ ବେହେରା ଆଦି ୯ ଜଣ ଶିଳ୍ପୀ ଛାତ୍ରଛାତ୍ରୀ ମାନଙ୍କୁ ଏହି ମୂର୍ତ୍ତି ନିର୍ମାଣ କରିବାକୁ ୧୦ ଦିନ ସମୟ ଲାଗିଥିଲା। ଦୀର୍ଘ ୧୮ ବର୍ଷ ଧରି ଛାତ୍ରଛାତ୍ରୀମାନେ ଏହିପରି ଇକୋ ଫ୍ରେଣ୍ଡଲୀ ମୂର୍ତ୍ତି ତିଆରି କରି ସମାଜକୁ ପ୍ରକୃତିର ସୁରକ୍ଷା ବାର୍ତ୍ତା ଦେଇଆସୁଛନ୍ତି। ଗଜାନନଙ୍କ ପୂଜା ଅବସରରେ ମହାବିଦ୍ୟାଳୟର କାର୍ଯ୍ୟକାରୀ ସଭାପତି ପ୍ର. ଡ. ହୃଷିକେଶ ମିଶ୍ର, ବିଜେପି ରାଜ୍ୟ ଓବିସି ମୋର୍ଚ୍ଚା ସଂଯୋଜକ ରବି ମହାରଣା, ମହାବିଦ୍ୟାଳୟ ଅଧ୍ୟକ୍ଷ ଚିତ୍ରଶିଳ୍ପୀ ଡ. ପଞ୍ଚାନନ ସାମଲ, ଉପାଧ୍ୟକ୍ଷ ଚନ୍ଦନ କୁମାର ସାମଲ, ଅଧ୍ୟାପକ ଭୂପତିଭୂଷଣ ପଣ୍ଡା ଓ ଲକ୍ଷ୍ମୀଧର ସ୍ୱାଇଁ ଏବଂ ଅନେକ ସ୍ଥାନୀୟ ଶୁଭେଚ୍ଛୁ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ।

## ଅଗ୍ରପୂଜ୍ୟ ପ୍ରଭୁ ଗଜାନନଙ୍କ ଧରାବତରଣ



ଆଚିଭରସ୍ ଆସୋସିଏସନ୍ ୟୁନିଟ୍-୧



ଓଡ଼ିଶା ବିକାଶ ପରିଷଦ ଭୌମ୍ୟନଗର



ନୟାପଲ୍ଲୀ



ସହିଦ ନଗର ସହିଦ କ୍ଲବ୍



ସୋମନାଥ କ୍ଲବ୍ ସମେଇଗାଡ଼ିଆ



ୱିନର ଆସୋସିଏସନ୍ ସହିଦ ନଗର



ଶ୍ରୀ ଶ୍ରୀ ସିଦ୍ଧିବିନାୟକ ୟୁଥ ଆସୋସିଏସନ୍ ୟୁନିଟ୍-୧ ରାସ୍ତା



ସୂର୍ଯ୍ୟ କ୍ଲବ୍



ୟୁନିଟ୍-୮ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର



ଡଟ୍ କମ୍ ଜୟଦେବ ଭବନ



ଖୁସି ପ୍ରେଷ୍ଟିଜ୍ ଆପାର୍ଟମେଣ୍ଟ, ଆଇଆରସି ଭିଲେଜ

## ଗଜାନନଙ୍କ ପୂଜା ପାଇଁ ଉତ୍ସବ ମୁଖର କଟକ

କଟକ(ଭାସ୍କର ନ୍ୟୁଜ୍): କଟକ ସହରରେ ଆଜିଠାରୁ ପାର୍ବଣ ଋତୁ ଆରମ୍ଭ ହୋଇଛି । ବିଘ୍ନ ବିନାଶକ ଗଜାନନଙ୍କ ପୂଜା ପାଇଁ କଟକ ସହର ମୁଖରିତ ହୋଇ ଉଠିଥିବାବେଳେ ଗଣେଷ ପୂଜାରୁ କଟକ ସହରରେ ହିଁ ପାର୍ବଣର ବାସ୍ନା ବାରି ହୁଏ । ଗଣେଷ ପୂଜା ଅବସରରେ କଟକର ବିଭିନ୍ନ ମଣ୍ଡପରେ ରଙ୍ଗବେରଙ୍ଗର ଆଲୋକମାଳାରେ ସହର ଝଲସୁଛି। କଟକ ସହରରେ ବିଭିନ୍ନ କ୍ଲବ, ଶିକ୍ଷାନଷ୍ଠାନ ତଥା ବ୍ୟବସାୟ ପ୍ରତିଷ୍ଠାନ ମିଶି ପାଖାପାଖି ୨୫୦୦ରୁ ଛୋଟ ବଡ କ୍ଲବ, ମଣ୍ଡପରେ ପୂଜା ଅନୁଷ୍ଠିତ ହେଉଛି। ଚାଉଳିଆଗଞ୍ଜ, ମଙ୍ଗଳବାଗ, ଚୌଧୁରୀବଜାର, ମର୍କତନଗର, ଝାଞ୍ଜିରମଙ୍ଗଳା ଭଳି ଅନେକ ସ୍ଥାନରେ ଭଳିକି ଭଳି ତୋରଣରେ ସଜେଇ ହେଉଛି। ମେଢ଼ ଓ ମଣ୍ଡପକୁ ଅନ୍ୟଠାରୁ ସ୍ୱତନ୍ତ୍ର କରିବାରେ ଲାଗିପଡ଼ିଛନ୍ତି କାରିଗର ଓ ପୂଜା କମିଟି ସଦସ୍ୟ । ଅନୁଷ୍ଠାନ ଗୁଡ଼ିକ ଦିନରାତି ଲାଗି ସାଜସଜ୍ଜାରେ ଶେଷ ହୋଇଛି। ଗଜାନନଙ୍କୁ ଧୂମଧାମରେ ଆବାହନ କରାଯାଇଛି।



ବିଜୁ ପଟ୍ଟନାୟକ କ୍ଲବ୍, ମଞ୍ଚେଶ୍ୱର



ମହାବୀର କ୍ଲବ, ଅଶୋକନଗର

## ଟାଟା ଷ୍ଟିଲ ଫାଉଣ୍ଡେସନର ସାମାଜିକ ଭିତ୍ତିଭୂମି ପ୍ରକଳ୍ପର ଉଦ୍‌ଘାଟନ ଏବଂ ଭିତ୍ତିପ୍ରସ୍ତର ସ୍ଥାପନ କଲେ ଧର୍ମେନ୍ଦ୍ର

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଟାଟା ଷ୍ଟିଲ ଫାଉଣ୍ଡେସନର ସାମାଜିକ ଭିତ୍ତିଭୂମି ପ୍ରକଳ୍ପ ଗୁଡ଼ିକର ଉଦ୍ଘାଟନ ଏବଂ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି କେନ୍ଦ୍ରମନ୍ତ୍ରୀ । ଇଟାପ ଠାରୁ ନୂଆହତା ପର୍ଯ୍ୟନ୍ତ ଏନଏଚ-୫୫ରେ ୩.୫ କିଲୋମିଟର ପର୍ଯ୍ୟନ୍ତ ରାସ୍ତାରେ ଆଲୋକୀକରଣ ବ୍ୟବସ୍ଥାର ଶିଳାନ୍ୟାସ କରିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ହାତୀ ପ୍ରବଣ ଅଂଚଳ ସନ୍ତ୍ରୀ ଛକ - ମହୀଧରପୁର - ହାତୁରା ପର୍ଯ୍ୟନ୍ତ ୨୦ କିଲୋମିଟର ବ୍ୟାପୀ ସୌର ଶକ୍ତି ଚାଳିତ ସଡ଼କ ଆଲୋକୀକରଣ ଲାଗି ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ଏହି ପ୍ରକଳ୍ପ ଦ୍ୱାରା ସ୍ଥାନୀୟ ଲୋକେ ଉପକୃତ ହେବେ । ଅନୁଗୁଳର ବଁଅରପାଳ ବ୍ଲକ୍ ଅନ୍ତର୍ଗତ ଜାତୀୟ ରାଜପଥ ୫୫ ଠାରୁ ନୂଆହତା ପର୍ଯ୍ୟନ୍ତ ଉଭୟ ପାର୍ଶ୍ୱରେ ୧.୨୮ କୋଟି ଟଙ୍କା ବ୍ୟୟରେ ଡ୍ରେନ୍ ବ୍ୟବସ୍ଥା ଏବଂ ଫୁଟପାଥ ସହ ୧ କିଲୋମିଟରର କଙ୍କ୍ରିଟ୍ ସଡ଼କ, ଡିହସାହିରେ ଏକ ଗୋଷ୍ଠୀ ଉନ୍ନୟନ କେନ୍ଦ୍ର ଏବଂ ନୂଆହତା ଗ୍ରାମ ପଂଚାୟତରେ ୨ ହାଇମାଷ୍ଟ ଲାଇଟ୍ ଏବଂ ୮୨ ଷ୍ଟ୍ରିଟଲାଇଟର ଶୁଭ ଉଦ୍ଘାଟନ କରିଛନ୍ତି କେନ୍ଦ୍ର ମନ୍ତ୍ରୀ । ସେହିପରି ଢେଙ୍କାନାଳ ଜିଲ୍ଲା ହିନ୍ଦୋଳରେ ୧ କୋଟି ଟଙ୍କା ବ୍ୟୟରେ ଏକ ସୂଚନା କେନ୍ଦ୍ର, ନରେନ୍ଦ୍ରପୁରରେ ଏକ ନୂଆ ବିଦ୍ୟାଳୟ କୋଠା ଏବଂ ହିନ୍ଦୋଳ ଓ ଓଡ଼ାପଡ଼ା ବ୍ଲକ୍‌ର ୭ ଗ୍ରାମ ପଂଚାୟତରେ ୮ ହାଇମାଷ୍ଟ ଲାଇଟ ଓ ୧୬୦ଟି ଷ୍ଟ୍ରିଟଲାଇଟ ଲୋକାର୍ପଣ କରିଛନ୍ତି ଧର୍ମେନ୍ଦ୍ର । ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ମନ୍ତ୍ରୀଙ୍କ ସହ ସ୍ଥାନୀୟ ବିଧାୟକଗଣ, ଅନୁଗୁଳ ଓ ଢେଙ୍କାନାଳ ଜିଲ୍ଲା ପ୍ରଶାସନର ଅଧିକାରୀ ମାନେ ମଧ୍ୟ ଉପସ୍ଥିତ ଥିଲେ ।

## ରାଜ୍ୟରେ ବନ୍ୟା ସ୍ଥିତିରେ ସୁଧାର: ସର୍ବୋଚ୍ଚ ଯନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟରେ ବନ୍ୟା ସ୍ଥିତିରେ ସୁଧାର ଆସୁଛି । ସୁବର୍ଣ୍ଣରେଖା ଓ ବୈତରଣୀ ବେସିନରେ ବିପଦ ସଂକେତ ତଳେ ପ୍ରବାହିତ ହେଉଛି ବନ୍ୟାଜଳ । ରାଜ୍ୟର ଅନ୍ୟ କୌଣସି ନଦୀରେ ବି ବନ୍ୟା ନାହିଁ ବୋଲି ଜଳ ସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଚନ୍ଦ୍ରଶେଖର ପାଢୀ ସୂଚନା ଦେଇଛନ୍ତି । ବୈତରଣୀରୁ କାଣୀ ନଈରେ ଘାଇ ହୋଇଥିବାରୁ ଯାଜପୁରର ଦଶରଥପୁର ପ୍ରଭାବିତ ହୋଇଛି । ପାଣି କମିବା ପରେ ମରାମତି ହେବ । ଜିଲ୍ଲା ପ୍ରଶାସନ ସହ ସମସ୍ତ ଯୋଗାଯୋଗରେ ରହି କାମ ଚାଲିଛି। ରାତ୍ରି କାଳୀନ ପେଟ୍ରୋଲିଙ୍ଗ ଚାଲିଛି । ତଳିଆ ଅଂଚଳରେ ପାଣି ପଶିଥିବା ଜାଗାରେ ପାଣି ଛାଡିବା ପାଇଁ ସମୟ ଲାଗିବ । ଯାଜପୁର ର ଦଶରଥପୁର ବ୍ଲକ ପ୍ରଭାବିତ । ବୈତରଣୀ ର ଜଳ ପତନ କମିଛି । ହୀରାକୁଦ ରେ ୪ ଗେଟ ଦେଇ ଜଳ ନିଷ୍କାସନ ହେଉଛି । ହୀରାକୁଦ ରୁ ୯୮ ହଜାର କ୍ୟୁଷେକ ଜଳ ନିଷ୍କାସନ ହେଉଛି । ମୁଣ୍ଡଳି ରେ ୩ ଲକ୍ଷ ୩୧ ହଜାର କ୍ୟୁଷେକ ଜଳ ନିଷ୍କାସନ ହେଉଛି । ଆସନ୍ତାକାଲି ବର୍ଷା ହେଲେ ବନ୍ୟା ହେବ କି ନାହିଁ କହିହେବ । ରେଙ୍ଗାଲି ର ଦୁଇଟି ଗେଟ ଦେଇ ବ୍ରାହ୍ମଣୀ ଜଳ ନିଷ୍କାସନ ହେଉଛି । ଗୋଟେ ଗେଟ ବନ୍ଦ କରିବାକୁ ଚିନ୍ତା କରାଯାଉଛି । ଆସନ୍ତାକାଲି ବର୍ଷା ଯଦି ହୁଏ, ତାକୁ ଦୃଷ୍ଟିରେ ରଖି ବନ୍ୟା ସ୍ଥିତି ଅନୁଧ୍ୟାନ କରାଯିବ । ତେବେ ଆଜି ବର୍ଷା ସତ୍ତ୍ୱେ କୌଣସି ନଦୀରେ ବନ୍ୟା ନାହିଁ ।

## ବାହାର ରାଜ୍ୟରୁ ଆଣି ଧାନ ବିକିଲେ ଜେଲରେ ପୁରାଯିବ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଧାନ ବେପାରୀଙ୍କୁ ଚରମ ବାଣୀ ଶୁଣାଇଛନ୍ତି ଉପ ମୁଖ୍ୟମନ୍ତ୍ରୀ ତଥା କୃଷି ମନ୍ତ୍ରୀ କନକ ବର୍ଦ୍ଧନ ସିଂ ଦେଓ। ବାହାର ରାଜ୍ୟରୁ ଆଣି ଧାନ ବିକିଲେ ଜେଲରେ ପୁରାଯିବ ବୋଲି ଚେତାବନୀ ଦେଇଛନ୍ତି ଉପ ମୁଖ୍ୟମନ୍ତ୍ରୀ। ସେ କହିଛନ୍ତି ଛତିଶଗଡରୁ ଧାନ ଆଣି ବେପାରୀମାନେ ଆମ ରାଜ୍ୟରେ ବିକୁଛନ୍ତି । ସେମାନଙ୍କ ବିରୁଦ୍ଧରେ ଶୂନ୍ୟ ସହନଶୀଳ ନୀତି ଅନୁଯାଇ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ସେମାନଙ୍କୁ ସିଧା ଜେଲରେ ପୁରାଯିବ ବୋଲି କହିଛନ୍ତି ଉପ ମୁଖ୍ୟମନ୍ତ୍ରୀ।




ପଶ୍ଚିମ ଓଡିଶାର ଗଣପର୍ବ ନୂଆଁଖାଇ ଅବସରରେ ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ଓମ ପ୍ରକାଶ ସାହୁଙ୍କ ବାଲୁକା କଳା। ସେ ବାଲିରେ କୁଲା ସହ ଧାନ କେଣ୍ଡାର ଅନନ୍ୟ କଳା ପ୍ରଦର୍ଶନ କରି ନୂଆଁଖାଇ ଜୁହାର ଜଣାଇଛନ୍ତି। ଶିଳ୍ପୀ ଓମ ପ୍ରକାଶ ସାହୁ ହେଉଛନ୍ତି କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ଗଜବାହାଲ ପଞ୍ଚାୟତ ଡଙ୍ଗରମୁଣ୍ଡା ଗ୍ରାମର।

## ପାଳିତ ହେଲା ଖେଡ଼ଶୁଆ ଓ ଉପାସ୍ ବିଧି

କୋକସରା, (ଭାସ୍କର ନ୍ୟୁଜ୍) : ଗଡ଼ଜାତ ଅଞ୍ଚଳକୁ ଛାଡ଼ି କଳାହାଣ୍ଡିବାସୀ ଗୁରୁବାର ଭାଦ୍ର ଶୁକ୍ଳ ପଞ୍ଚମୀ ତିଥିରେ ନୂଆ ଖାଇବେ। ବୁଧବାର ନୂଆଖାଇର ପୂର୍ବଦିନ ହୋଇଥିବାରୁ ପାରମ୍ପରିକ ରୀତିନୀତି ଅନୁକ୍ରମେ ଧରଣୀ ପୀଠରେ ଖେଡସୁଆ ଓ ଘରେ ଘରେ ଉପାସ ବିଧି ପାଳିତ ହେଉଛି। ଏହି କ୍ରମରେ କୋକସରା ବ୍ଲକ ସାରା ନୂଆଖାଇ ପୂର୍ବର ଏହି ଅପୂର୍ବ ବିଧି ପାଳିତ ହୋଇଯାଇଛି। ନୂଆଖାଇର ପୂର୍ବ ଦିବସକୁ 'ଉପାସ୍ ଦିନ୍' ବୋଲି କୁହାଯାଇଥାଏ। ଏହି ଦିନ ଧର୍ନୀ ପୀଠରେ ଖେଡ଼ଶୁଆ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ। ଗ୍ରାମର ଗୌନ୍ତିଆ ଓ ଜାନୀ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଭୂମିକା ନିର୍ବାହ କରିଥାନ୍ତି। ଗୌନ୍ତିଆ ଏହି ଦିନ ନିଜ ଶସ୍ୟକ୍ଷେତ୍ରକୁ ଯାଇ ବର୍ଷର ପ୍ରଥମ ଅମଳଯୋଗ୍ୟ ଛେଟକା ଧାନ କ୍ଷେତରେ କ୍ଷୀର ଢାଳି ଭୂଦେବୀଙ୍କ ଉଦ୍ଦେଶ୍ୟରେ ପ୍ରଣିପାତ କରିଥାନ୍ତି ଓ କ୍ଷେତରୁ କିଛି ଧାନ କେଣ୍ଡା



ଆଣିଥାନ୍ତି। ପୂର୍ବରୁ ଧର୍ନୀ ଦେବୀଙ୍କ ଆସ୍ଥାନକୁ ସଫାସୁତୁରା କରାଯାଇଥାଏ। କ୍ଷେତରୁ ଆଣିଥିବା ଧାନକୁ ଗୌନ୍ତିଆ ଓ ଜାନୀ ଧର୍ନୀ ଦେବୀଙ୍କ ପାଖରେ ରଖି ପାରମ୍ପରିକ ବିଧାନରେ ପୂଜାର୍ଚ୍ଚନା କରିଥାନ୍ତି। ଏହି ଦିନ ଧର୍ନୀ ଦେବୀଙ୍କ ପାଖରେ ମଧ୍ୟ ଅର୍ପଣ କରାଯାଇଥାଏ ଏବଂ ଏହାକୁ ଗୌନ୍ତିଆ, ଜାନୀ, ଝାଙ୍କର ଓ ଗଣା ପ୍ରସାଦ ଜ୍ଞାନରେ ସେବନ କରିଥାନ୍ତି। ଏହିଦିନ ଗୃହକର୍ତ୍ତାମାନେ ଉପାସ ରହି ସନ୍ଧ୍ୟା ପରେ ନିଜ ନିଜ ମଶାନ୍ଙ୍କୁ ନାରେ ଆସନ୍ତାକାଲି ନୂଆ ଖାଇବା ବୋଲି ଗୃହର ଇଷ୍ଟ ଦେବାଦେବୀ ଓ ପିତୃପୁରୁଷଙ୍କୁ ନିମନ୍ତ୍ରଣ କରିଥାନ୍ତି।

## ଖରିଫ୍ ଧାନ ବିକ୍ରି ନେଇ ୭୦୭୬ ଚାଷୀଙ୍କ ପଞ୍ଜିକରଣ

କଲମପୁର, (ଭାସ୍କର ନ୍ୟୁଜ୍) : ୨୦୨୫/୨୬ ଖରିଫ୍ ଋତୁ ଧାନ ବିକ୍ରି ପାଇଁ ଚାଷୀ ପଞ୍ଜିକରଣ ୨୫ ତାରିଖ ସୋମବାର ଦିନ ସମାପ୍ତ ହୋଇଯାଇଛି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ଅଗଷ୍ଟ ୨୫ ତାରିଖ ପର୍ଯ୍ୟନ୍ତ ପଞ୍ଜିକରଣ ଅବଧି ଥିବାବେଳେ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ କ୍ରୟକାରୀ ସଂସ୍ଥା ସବୁ ତାଙ୍କ କାର୍ଯ୍ୟ ସମ୍ପୂର୍ଣ୍ଣ କରିଛନ୍ତି ଓ କଲମପୁର ବ୍ଲକ ଅଧିନସ୍ଥ କଲମପୁର ପ୍ରାଥମିକ କୃଷି ସମବାୟ ସମିତିରେ ୧୭୯୨ ଚାଷୀ ଗତ ଖରିଫ୍ ଋତୁରେ ପଞ୍ଜିକରଣ କରିଥିଲେ। ତେବେ ୨୦୨୫/୨୬ ପାଇଁ ୧୮୦୯ ଜଣ ଚାଷୀ ତାଙ୍କ ଆବଶ୍ୟକୀୟ ପ୍ରମାଣ ପତ୍ର ଦେଇ ପଞ୍ଜୀକରଣ କରିଛନ୍ତି। ବଡ଼କୁଟୁରୁ ପ୍ରାଥମିକ ସମବାୟ ସମିତିରେ ଗତ ଖରିଫ୍‌ରେ ୧୫୬୨ ଜଣ ଚାଷୀ ପଞ୍ଜୀକୃତ ଥିଲେ। ଏହିବର୍ଷ ୧୫୧୧ ଜଣ ଚାଷୀ ପଞ୍ଜୀକରଣ କରିଛନ୍ତି। ସେହିଭଳି ମଣ୍ଡଳ ସମବାୟ ସମିତିରେ ଗତ ଖରିଫ୍‌ରେ ୧୯୭୩ ପଞ୍ଜୀକୃତ ଥିବାବେଳେ ଏହିବର୍ଷ ବୃଦ୍ଧି ହୋଇ ୨୦୧୫ ଜଣ ଚାଷୀ ତାଙ୍କର ଫସଲ ବିକ୍ରି ପାଇଁ ପଞ୍ଜୀକରଣ କରିଥିବା ଜଣାପଡିଛି। ଏଥିସହ ଇଚ୍ଛାପୁର ମା' ଲଙ୍କେଶ୍ୱରୀ ସ୍ୱୟଂସହାୟିକା ଗୋଷ୍ଠୀରେ ଗତବର୍ଷ ତୁଳନାରୁ କିଛି ଅଧିକ ଯୋଡ଼ି ହୋଇ ୪୩୦ ଜଣ ଚାଷୀ ପଞ୍ଜୀକରଣ କରିଛନ୍ତି। ବନ୍ଧକନା ମା' ଯୋଗମାୟା ଏସ୍ଏଚଜି ଏସ୍ଏଚ୍‌ଜି ପାଖରେ ୫୯୫ଏବଂ ହାରାମାଲ ମା' ତାରିଣୀ ଗ୍ରୁପ ପାଖରେ ୭୧୬ ଜଣ ଚାଷୀ ପଞ୍ଜୀକରଣ କରିଛନ୍ତି। ତେବେ ରାଜ୍ୟ ସରକାରଙ୍କ ଇନପୁଟ ସବସିଡି ଦେବା ପରେ ଚାଷୀ ଚାଷ ଉପରେ ଧାନ ଦେବା ସହ ଆର୍ଥିକ ଅନାଟନ ଯରୁ କିଛି ମାତ୍ରାରେ ମଧ୍ୟ ମୁକ୍ତି ପାଇଥିବା ଦେଖାଯାଉଛି। ଗତ ବର୍ଷ ତୁଳନାରେ ଚାଷୀ ସଂଖ୍ୟା ବୃଦ୍ଧି ବୃଦ୍ଧି ପାଇଛି। ଅନ୍ୟପକ୍ଷରେ ରାଜ୍ୟ ସରକାରଙ୍କ ଖାଦ୍ୟ। ଯୋଗାଣ ବିଭାଗ ଧାନ ସଂଗ୍ରହ ଔହ ପ୍ରକ୍ରିୟାକୁ କେତେ ସଫଳ କରୁଛନ୍ତି ତା ଉପରେ ଚାଷୀଙ୍କ ନଜର ରହିଥିବା ଚାଷୀ ମହଲରୁ ଆଲୋଚନା ହେଉଛି।

## 'ନୂଆଖାଇ ପର୍ବ ସମସ୍ତଙ୍କୁ ଏକତା ରଜ୍ଜୁରେ ବାନ୍ଧିଥାଏ'

କୋକସରା, (ଭାସ୍କର ନ୍ୟୁଜ୍) : ଭାରତ ସମେତ ବିଶ୍ୱର ଅନେକ ସ୍ଥାନରେ ଶସ୍ୟପୂଜା ବା ନବାନ୍ନ ଭକ୍ଷଣର ପାରମ୍ପରିକ ବିଧିବିଧାନ ଥିବାବେଳେ ପଶ୍ଚିମ ଓଡ଼ିଶା ସମେତ ଛତିଶଗଡ଼ ଓ ଝାରଖଣ୍ଡର ଅନେକ ଅଞ୍ଚଳରେ ଏହା 'ନୂଆଖାଇ' ନାମରେ ଏକ ମହାନ ଗଣଚେତନାର ପର୍ବର ରୂପ ନେଇ ସାମାଜିକ ସଂହତିର ଶ୍ରେଷ୍ଠ ଲୋକ ଅନୁଷ୍ଠାନ ଭାବେ ପାଳିତ ହୋଇଆସୁଛି। ପ୍ରାଗ୍ ଐତିହାସିକ ସମୟରୁ ଏଠାକାର ଆଦିମ ଜନଜାତି ଶସ୍ୟକୁ ଦେବୀଜ୍ଞାନରେ ପୂଜାର୍ଚ୍ଚନା ସହ ପିତୃପୁରୁଷ ସମେତ ଧର୍ନୀ ମାତାଙ୍କୁ କୃତଜ୍ଞତା ଜ୍ଞାପନ କରିଆସୁଛନ୍ତି। ସେଥିପାଇଁ ସେମାନଙ୍କ ମାନସତତ୍ତ୍ୱରୁ ନୂଆଖାଇ ପରି ଏକ ମହାପାର୍ବଣର ସୃଷ୍ଟି ହୋଇଛି। ପ୍ରାଗ୍ ଐତିହାସିକ ଯୁଗର ଶିକାରଜୀବୀ ମନୁଷ୍ୟ ଓ ନୂତନ ପ୍ରସ୍ତର ଯୁଗର କୃଷିଜୀବୀ ମନୁଷ୍ୟର ମାନସପଟ୍ଟରେ ସୃଷ୍ଟି ହୋଇଥିବା ପ୍ରଥା, ପରମ୍ପରା, ଧାର୍ମିକ ରୀତିନୀତି ଓ ସାମାଜିକ ବ୍ୟବସ୍ଥାର ଏକ ସୁନ୍ଦର ଚିତ୍ର ନୂଆଖାଇ





ପାର୍ବଣ ମାଧ୍ୟମରେ ଚତ୍ରିତ ହୋଇଥାଏ। ନୂତନ ଶସ୍ୟ ଧର୍ନୀ ଦେବୀଙ୍କଠାରେ ଅର୍ପଣ କରି କୃଷକ ଭୂଦେବୀଙ୍କଠାରେ କୃତଜ୍ଞ ରହିବା ସହ ଏହି ମହାନ ପାର୍ବଣର ସୃଷ୍ଟି କରିଥିବା ପିତୃପୁରୁଷଙ୍କୁ ନୂଆଖାଇ ଅବସରରେ ଆବାହନ କରିବା ସହ ସେମାନଙ୍କ ଉଦ୍ଦେଶ୍ୟରେ ନୂତନ ଧାନରୁ ତିଆରି ପ୍ରସାଦ ଅର୍ପଣ କରି ସେମାନଙ୍କଠାରେ କୃତଜ୍ଞ ରହିଥାଏ। ନୂଆଖାଇ ପ୍ରାଚୀନ କାଳରୁ ଅନୁସୃତ କେତେକ ପ୍ରଥା ଓ ପରମ୍ପରାକୁ ନେଇ ଗତିଶୀଳ ହୋଇଥାଏ। ପାଣିନୀଙ୍କ ବିରଚିତ ଅଷ୍ଟାଧ୍ୟାୟୀ ଗ୍ରନ୍ଥରେ 'ଇନ୍ଦ୍ରବଣ' (ବର୍ତ୍ତମାନର ଅବିଭକ୍ତ କଳାହାଣ୍ଡି କୋରାପୁଟ ଓ ବସ୍ତର ଅଞ୍ଚଳ) ଓ 'ଷଷ୍ଠିକା' ଧାନର ବର୍ଣ୍ଣନା ରହିଛି। ୬୦ ଦିନରେ ଅମଳ ହେଉଥିବା ଧାନ ହେଉଛି ଷଷ୍ଠିକା। କୋକସରା ସମେତ କଳାହାଣ୍ଡିର ପ୍ରାୟ ପ୍ରତ୍ୟକ ଗାଁରେ ଏହି ଧାନ ଚାଷ ହୋଇଥାଏ, ଯାହାକୁ ଛେଟକା ଧାନ ବା ସରିଆ ଧାନ ବୋଲି କୁହାଯାଇଥାଏ। ଏହି ଧାନର ଚୂଡାକୁ ଗୃହକର୍ତ୍ତା ଘରର ପିଦରରେ ଓ ଗୌନ୍ତିଆ ଧରଣୀ ପୀଠରେ ଦେବାଦେବୀଙ୍କ ପାଖରେ ସମର୍ପଣ କରିଥାଆନ୍ତି। ଦେବାଦେବୀଙ୍କ ପାଖରେ ଲାଗି ହୋଇଥିବା ଏହି ନୂତନ ଶସ୍ୟକୁ ପରିବାରର ସମସ୍ତେ ଏକାଠି ବସି ଭକ୍ଷଣ କରିଥାନ୍ତି। ନୂଆଖାଇ ଗୋଟିଏ ଦିନର ପର୍ବ ନୁହଁ ଏହା ତିନିଦିନ ଧରି ପାଳିତ ହୋଇଥାଏ। ଏହିପର୍ବ ସମସ୍ତଙ୍କୁ ଏକତା ରଜ୍ଜୁରେ ବାନ୍ଧିଥାଏ। ତେଣୁ କର୍ମସଂସ୍ଥାନ ପାଇଁ ଯିଏ ଯେଉଁଠି ଥିଲେ ମଧ୍ୟ ନୂଆଖାଇ ସମୟରେ ଘରକୁ ଫେରି ଆସିଥାନ୍ତି। ନୂଆଖାଇ ପାର୍ବଣ ମାଧ୍ୟମରେ ସମାଜରେ ଏକ ସୁସ୍ଥ ବାତାବରଣ ତିଆରି ହୋଇଥାଏ। ନିଜନିଜ ମଧ୍ୟରେ ଥିବା ମନୋମାଳିନ୍ୟ, ରାଗରୁଷା, ମାନ ଅଭିମାନ, ଏହି ପର୍ବ ଦିନ ପାଣି ଫୋଟକା ପରି ମିଳାଇଯାଏ।

## ପ୍ରକୃତି ଓ ମାଟି ମା'କୁ ସମ୍ମାନ ଦିଏ ନୂଆଖାଇ ଗଣପର୍ବ

କଲମପୁର, (ଭାସ୍କର ନ୍ୟୁଜ୍) : ପଶ୍ଚିମ ଓଡିଶାରେ ଆଜି ବିଶେଷ ଆନନ୍ଦ ଓ ଉତ୍ସାହର ସହ ପାଳିତ ହେଉଛି ଗଣପର୍ବ ନୂଆଖାଇ। ଭାଦ୍ରବ ଶୁକ୍ଳ ପକ୍ଷ ପଞ୍ଚମୀ ତିଥିରେ ପ୍ରଚଳିତ ଏହି ପର୍ବରେ ନୂଆ ଧାନକୁ ପ୍ରଥମେ ଦେବୀ-ଦେବତା, ପିତୃପୁରୁଷ ଏବଂ ମାଟି ମଣିଷଙ୍କୁ ନିବେଦନ କରି, ପରେ ପରିବାରର ସମସ୍ତେ ମିଶି ଭୋଜନ କରନ୍ତି। ଗାଁ-ଶହରରେ ନୂଆଖାଇରେ ପ୍ରସ୍ତୁତ ପାଣିଆ, ଆରସା, ମାଣ୍ଡିଆ ପିଠା, ପକାଳ ଇତ୍ୟାଦି ବିଶେଷ ଖାଦ୍ୟର ସୁଗନ୍ଧ ଖେଳିଯାଉଛି। ଏହି ପର୍ବରେ ପରିବାର, ପଡ଼ୋଶି ଓ ଆତ୍ମୀୟ-ସ୍ୱଜନମାନଙ୍କ ସମ୍ମିଳନ ଘଟି ସାମାଜିକ ସମ୍ପ୍ରତି ଓ ଏକତାର ଭାବକୁ ସୁଦୃଢ଼ କରୁଛି। ଲୋକନୃତ୍ୟ, ସଙ୍ଗୀତ ଓ ସଂସ୍କୃତିକ କାର୍ଯ୍ୟକ୍ରମରେ ପଶ୍ଚିମ ଓଡିଶାର ପରମ୍ପରାଗତ ଚେହେରା ପ୍ରକାଶିତ ହେଉଛି। ନୂଆଖାଇ କୃଷକଙ୍କ ପ୍ରତି କୃତଜ୍ଞତା, ପ୍ରକୃତି ଓ ମାଟି ପ୍ରତି ସମ୍ମାନ, ଏବଂ ସମାଜିକ ସମ୍ପ୍ରୀତିର ପ୍ରତୀକ ବୋଲି ମନାହୁଏ। ପଶ୍ଚିମ ଓଡିଶାର ଲୋକମନଙ୍କ ପାଇଁ ନୂଆଖାଇ କେବଳ ଏକ ପର୍ବ ନୁହେଁ, ବରଞ୍ଚ ସାମୁଦାୟିକ ସଂସ୍କୃତି ଓ ପରିଚୟର ପରମ୍ପରା।

**ଗଣପତ୍ୟ ଓ ଶୈବ ଧର୍ମଧାରାର ମିଳଣ ପୀଠ କୋକସରା**

## ଗଣପତି ମହାଦେବଙ୍କ ପାର୍ଶ୍ୱ ଦେବତା ଭାବେ ପୂଜା ପାଆନ୍ତି



କୋକସରା, (ଭାସ୍କର ନ୍ୟୁଜ୍) : ଆଦି ସଂସ୍କୃତିର ମାଟି କଳାହାଣ୍ଡିରେ ସମୟକ୍ରମେ ପଞ୍ଚ ଦେବାଦେବୀଙ୍କ ଆରାଧନା ଆରମ୍ଭ ହେଲା। ଅତିତରେ କଳାହାଣ୍ଡି ଏକ ସମୃଦ୍ଧ ସଭ୍ୟତାର ସ୍ମାରକୀ ବହନ କରି ଆସୁଥିବା କୋକସରା ବ୍ଲକ ଅନ୍ତର୍ଗତ ଗୁଡହାଣ୍ଡି ଗୁମ୍ଫା ଚିତ୍ର, ନର୍ଲା ନିକଟସ୍ଥ ଅସୁରଗଡ ଦୁର୍ଗ ଓ ଦେବଗିରି-ବୁଢୀପଦରର ନଗର ସଭ୍ୟତାରୁ ସ୍ପଷ୍ଟ ପ୍ରତୀୟମାନ ହୁଏ। ଗୁଡହାଣ୍ଡିର ପ୍ରାଗ୍ ଐତିହାସିକ ଯୁଗର ଗୁମ୍ଫା ଚିତ୍ର ୧୫ ହଜାର ବର୍ଷ ତଳର ବୋଲି ଆକଳନ କରାଯାଇଛି। ସେହିପରି ଅସୁରଗଡ ଦୁର୍ଗ ଖ୍ରୀଷ୍ଟପୂର୍ବ ନବମ ଶତାବ୍ଦୀରୁ ଖ୍ରୀଷ୍ଟାବ୍ଦ ନବମ ଶତାବ୍ଦୀ ଏବଂ ଦେବଗିରି ବୁଢ଼ିପଦର ମଧ୍ୟ ଅସୁରଗଡର ସମସାମୟିକ ଥିବା ଐତିହାସିକମାନେ ମତ ପ୍ରକାଶ କରିଛନ୍ତି। ଆଦିମ ସଂସ୍କୃତିର ଅନେକ ଦେବାଦେବୀଙ୍କ ଉପାସନା ଆଜି ମଧ୍ୟ ପାରମ୍ପରିକ ରିତି ନିତି ଅନୁସାରେ କଳାହାଣ୍ଡି ତଥା କୋକସରାର ଗାଁ ଗାଁରେ ହୋଇ ଆସୁଛି। ତେବେ କେଉଁ ସମୟରେ ଏଠାରେ ବୈଦିକ ପୂଜା ପଦ୍ଧତି ଆରମ୍ଭ ହୋଇଥିଲା ତାହାର ସମୟ ନିର୍ଦ୍ଧାରଣ କରିବା ସମୟରେ ଛନ୍ଦି ହେବାକୁ ପଡ଼େ। ଏହି ଅଞ୍ଚଳରେ ବୌଦ୍ଧ ଧର୍ମର କୌଣସି ଛାପ ପଡ଼ି ନଥିବାବେଳେ ଶୈବ ଧର୍ମ ଆଦିବାସୀଙ୍କ ଧର୍ମାଚାର ପରେ ପରେ ଦ୍ୱିତୀୟ ସ୍ଥାନକୁ ଆସିଥାଏ। ଯଦିଓ ଏଠାରେ ଶକ୍ତି ଉପାସନା ମଧ୍ୟ ହେଉଥିଲା। କୋକସରାରେ ଶୈବ ଉପାସନା ସହ ସମାନ୍ତରାଳ ଭାବେ ଗଣପତି ଉପାସନା ମଧ୍ୟ ହୋଇ ଆସୁଥିବା ଅନୁମାନ କରାଯାଏ। ତେବେ ଏଠାରେ ଗଣପତି ମହାଦେବଙ୍କ ପାର୍ଶ୍ୱ ଦେବତା ଭାବେ ଆରାଧିତ ହୋଇଥାନ୍ତି। କୋକସରା ବ୍ଲକରେ ଅନେକ ପ୍ରାଚୀନ ମନ୍ଦିର ରହିଛି ଯେଉଁଠାରେ ଭଗବାନ ଶିବ ମୁଖ୍ୟ ଦେବତା ଓ ଗଣପତି ତାଙ୍କ ପାର୍ଷଦ ଭାବେ ପୂଜିତ ହୋଇଥାନ୍ତି। ଏସବୁ ମନ୍ଦିର ମଧ୍ୟରୁ ମୂଷାପାଲିର ଶ୍ରୀ ଶ୍ରୀ ଗୁପ୍ତେଶ୍ୱର ମହାଦେବ, ବଡକେନ୍ଦୁଗୁଡା ଝାରବନ୍ଧର ଶ୍ରୀ ଶ୍ରୀ କାଳେଶ୍ୱର ମହାଦେବ, କୁସୁମଖୁଣ୍ଟିର ଶ୍ରୀ ଶ୍ରୀ ନୀଳକଣ୍ଠେଶ୍ୱର ମହାଦେବଙ୍କ ସମେତ ମୋଟେର, କୋକସରା, ଆଁଇଲି, ରେଙ୍ଗାଲପାଲି, ସିଉନୀ, ଗୋତମୁଣ୍ଡା, ଡେଙ୍ଗାଗୁଡା, ଭୁର୍ଷାଗୁଡା, ସାନପୋଡାଗୁଡା, ଖୁର୍ସେଲଗୁଡା, ହଂସପଡା, ଲଡୁଗାଁ, କୁମୁଡାମୁଣ୍ଡା, ବଡ଼ପୋଡ଼ାଗୁଡ଼ା, ସିଉନୀ, ବରାଡଙ୍ଗା, ଭାଲିଆଯୋର, ଡୁମେରବାହାଲ, ଝରିଆଗୁଡା, ଡହଗାଁ ଆଦି ଶୈବପୀଠ ପ୍ରଧାନ। ଶୈବ ଧର୍ମ ସହ ଶାକ୍ତ ଓ ଗାଣପତ୍ୟ ଧର୍ମଧାରା ଅଙ୍ଗାଙ୍ଗୀ ଭାବେ ଜଡ଼ିତ ହୋଇ ଆସିଛି। ସମୟକ୍ରମେ ପ୍ରକୃତିର ପୂଜକ ଆଦିବାସୀଙ୍କ ଧର୍ମାଚାର ମଧ୍ୟରେ ବୈଦିକ କର୍ମକାଣ୍ଡ ଓ ମୂର୍ତ୍ତି ପୂଜା ପ୍ରବେଶ କରିଛି। ଏଠାକୁ ବିଭିନ୍ନ ଜାତିର ଲୋକମାନେ ଆସି ସ୍ଥାୟୀ ଭାବରେ ବସବାସ କରି ରହିଛନ୍ତି। ସନାତନ ଧର୍ମଧାରାରେ ପଞ୍ଚ ଦେବତାଙ୍କ ମଧ୍ୟରୁ ଗଣେଶ ଅଗ୍ରପୂଜ୍ୟ ଭାବେ ମାନ୍ୟତା ପାଇ ଆସୁଛନ୍ତି। ତେବେ ସମୟର ପଟ୍ଟ ପରିବର୍ତ୍ତନ ସତ୍ତ୍ୱେ ମଧ୍ୟ ଆଦିବାସୀଙ୍କ ଧର୍ମଧାରା ଓ ଗଣପତି ଉପାସନାରେ କୌଣସି ବ୍ୟତିକ୍ରମ ଘଟିନାହିଁ। ଗଣପତି ଶିବଙ୍କ ପାର୍ଷଦ ଭାବେ ଅଧିକ ଗ୍ରହଣୀୟ ହୋଇଥିବା ଏଥିରୁ ଅନୁମାନ କରାଯାଏ।

## ଯଶୋବନ୍ତ ପାଇବେ ଜାତୀୟ ସାମାଜିକ ଆଇକନ୍ ସମ୍ମାନ

ଭବାନୀପାଟଣା, (ଭାସ୍କର ନ୍ୟୁଜ୍ ): କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ବ୍ଲକ ତିଳଯୋଡି ଗ୍ରାମର ଯୁବ ସ୍ୱେଚ୍ଛାସେବୀ ଯଶୋବନ୍ତ ରଣା ଜାତୀୟ ସାମାଜିକ ଆଇକନ ସମ୍ମାନ ପାଇବା ପାଇଁ ମନୋନୀତ ହୋଇଛନ୍ତି। ଏହି ପୁରସ୍କାର ସମାରୋହ ଆସନ୍ତା ୨୯ ଅଗଷ୍ଟରେ ରାଜସ୍ଥାନର ଜୟପୁର ଠାରେ ଅନୁଷ୍ଠିତ ହେବ। ସମାଜସେବା, ପରିବେଶ ସୁରକ୍ଷା, ଶିକ୍ଷାରେ ସମାନ ସୁଯୋଗ ଏବଂ ଅବହେଳିତ ବର୍ଗର ବିକାଶ ପ୍ରତି ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯିବ। ସୋସିଆଲଗ୍ରାମ ଫାଉଣ୍ଡେସନ ପକ୍ଷରୁ



ଏହାକୁ ଆୟୋଜନ କରାଯାଉଥିବାବେଳେ ଦେଶର ୧୫ ଜଣ ଯୁବ ପ୍ରତିଭାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯିବ। ଏହି ପୁରସ୍କାର ପାଇଁ ସାରା ଭାରତ ବର୍ଷରୁ ୨୩୦ ଜଣ ନାମାଙ୍କନ ଗ୍ରହଣ କରାଯାଇଥିଲା। ଯେଉଁଥିରୁ ଯଶୋବନ୍ତଙ୍କୁ ଓଡିଶା ରାଜ୍ୟରୁ ମନୋନୀତ କରାଯାଇଥିବା ଜଣାପଡ଼ିଛି।

## ନୂଆଖାଇ ପର୍ବ ପାଇଁ ବଜାର ଭିଡ଼





ଧର୍ମଗଡ(ଭାସ୍କର ନ୍ୟୁଜ) : ରାତି ପାହିଲେ ନୂଆଁଖାଇ। ଚଳଚଞ୍ଚଳ ଗାଁ ଠୁ ସହର। ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚି ଥିବା ବେଳେ ଲୋକଙ୍କ ମଧ୍ୟରେ ଉତ୍ସାହ। ସାପ୍ତାହିକ ବଜାର ସାଙ୍ଗକୁ ସହର ଗାଁ ଗଣ୍ଡା ଦୋକାମ ମାନଙ୍କରେ ଲୋକଙ୍କ ଭିଡ଼ ଜମି ରହିଛି। କିଣା ବିକା ଆସର ଲାଗି ରହିଛି। ଏଣେ ଘର ସାମଗ୍ରୀ ସଫାସୁତୁରା ସାଙ୍ଗକୁ ଲିପାପୋଛାରେ ମାଇପିଙ୍କ ବ୍ୟସ୍ତତା ବଢିଚାଲିଛି। ବଜାରରେ ଆକାଶ ଛୁଆଁ ଦରଦାମ ହୋଇଥିଲେ ସୁଦ୍ଧା ଲୋକଙ୍କ ଭିତରେ ଉତ୍ସାହ। ତେବେ ନୂଆଁଖାଇ ପାଇଁ ପ୍ରାଚୁର୍ଯ୍ୟ ଲାଗି ଚାହିଦା ମୁତାବକ ଗୋରୁ ବଜାର, କୁମ୍ଭାରମେଳି, ଆଉ ଚୁଡା ବାଲା ଓ କପଡା ଦୋକାନ ମାନଙ୍କରେ ପ୍ରବଳ ଭିଡ। ନୂଆଁଖାଇ ପଶ୍ଚିମ ଓଡିଶାର ଗଣ ପର୍ବ। ପାରମ୍ପାରିକ ରୀତି ଅନୁଯାୟୀ ପଞ୍ଚମ ତିଥିରେ ନୂଆ ଖିଆ ଯାଇଥାଏ। କେତେକ ସ୍ଥାନରେ ଅଷ୍ଟମୀ ଦଶମୀ ତିଥିରେ ନୂଆଖାଇବା ବ୍ୟବସ୍ଥା ରହିଛି। ଏହା ପୂର୍ବରୁ ପାଞ୍ଜି ଖଡ଼ି ଦେଖି ଅମୃତ ବେଳା ନିର୍ଧାରଣ କରାଯାଏ। ତେବେ ଅଧିକାଂଶ ଗାଁ ଗହଳିରେ ନୂଆଖାଇ ପର୍ବର ପୂର୍ବରେ ବିହନ ଛିନା ଦିନ ଲଗ୍ନ ବାହାର








କରିଥାନ୍ତି। ଏ ଦିନ ମାଟି ମା ଦେବିଙ୍କ ପୂଜାର୍ଚ୍ଚନା କରାଯାଇଥାଏ। ଗ୍ରାମବାସୀ ଏକାଠି ଥିବା ଯୋଗୁଁ ସେ ଦିନ ହିଁ ଆଲୋଚନା ମାଧ୍ୟମରେ ତିଥି ନିରୂପଣ କରାଯାଏ। ନୂଆଖାଇ-କାହିଁ କେତେ ଆଦିମ କାଳରୁ ପଶ୍ଚିମ ଓଡିଶାରେ ପାଳନ ହୋଇଆସୁଛି। ପ୍ରଥମେ ନୂତମ ଭାବେ ଧରାପୃଷ୍ଟରେ ମା' ଲକ୍ଷ୍ମୀ ବା ପୋରା ଧାନ ଉତ୍ପାଦିତ ହୋଇଥାଏ। ସେହି ଧାନକୁ ଚୁଡା ତିଆରି କରାଯାଇ ଗୃହ ଇଷ୍ଟ ଦେବୀଙ୍କ ନିକଟରେ ସମର୍ପଣ କରାଯାଇଥାଏ। ବିଭିନ୍ନ ପ୍ରକାର ଫଳ ମୂଳ ସହ କ୍ଷୀର ଦହିରେ ନୂତନ ଚୁଡାକୁ ମିଶାଇ ଗାଁ ଇଷ୍ଟ ଦେବୀ କିମ୍ବା ଘର ଇଷ୍ଟ ଦେବୀଙ୍କୁ କୁରେଇ ପତ୍ରରେ ସମର୍ପଣ କରାଯାଏ। ନୂଆଖାଇରେ କୁରେଇ ପତ୍ରର ବିଶେଷ ଗୁରୁତ୍ୱ ରହିଛି। କୁହାଯାଏ ପୌରାଣିକ ତଥ୍ୟ ଅନୁଯାୟୀ ମାଆ ସୀତା ବନବାସ ସମୟରେ ଏହି ଦିନ ରେ ଜଙ୍ଗଲର ଫଳ ମୂଳ ସହ ପ୍ରାଥମିକ ଉତ୍ପନ୍ନ ଧାନ ତିଆରି ଚୁଡାରାମ ଲକ୍ଷ୍ମଣଙ୍କୁ କୁରେ ପତ୍ରରେ ଦେଇଥିଲେ। ଯାହା ଖାଇ ଦୁଇ ଭାଇ ତୃପ୍ତ ଅନୁଭବ କରିଥିଲେ। ଏ ଦିନରେ ଲୋକମାନେ ନୂତନ ପୋଷାକ ପରିଧାନ କରିବା ସହ ଘରେ ଘରେ ଖିରି ପିଠା କରିଥାନ୍ତି।ନୂଆଁଖାଇ ବା ପରେ ଛୋଟଲୋକ ବଡ ମାନଙ୍କର ଆଶୀର୍ବାଦ ନେଇ ଥାଆନ୍ତି ବା ଜୁହାର ଭେଟ ଘାଟ କାର୍ଯ୍ୟକ୍ରମ ହୋଇଥାଏ। ବନ୍ଧୁ ବାନ୍ଧବ ସମ୍ପର୍କୀୟ ତଥା ସାନ ବଡ଼ ସମସ୍ତେ ଜୁହାର ଭେଟଘାଟ ମାଧ୍ୟମରେ ଭାଇଚାର, ସ୍ନେହ, ଆଦର ଆଦାନ ପ୍ରଦାନ ହୋଇଥାଏ। ପୂର୍ବେ ଗାଁର ସମସ୍ତେ ମିଶି ଗାଁ ଗହ୍ୱନ୍ତିକୁ ବାଜା ବଜେଇ ଜୁହାର ଭେଟ ଘାଟ ପାଇଁ ଗହ୍ୱନ୍ତିଆଙ୍କ ଘରକୁ ଯାଉଥିଲେ। ଏବେ କିନ୍ତୁ ଟିକେ ପରିବର୍ତ୍ତନ ଦେଖାଦେଲାଣି। ପରଦିନ ପାଳନ ହୁଏ ବାସୀ ତିହାର। ଏ ଦିନରେ ଛେଳିମେଣ୍ଡା କୁକୁଡ଼ା ଆଦି ପ୍ରତ୍ୟେକ ଘରେ ମରାହୁଏ।ଏକ ପ୍ରକାର ମଦ ମାଂସ ରେ ଭାସି ଯାଏ ଗାଁ ଗଣ୍ଡା। ଏପରିକି ଖାଇ ସାରି ନାଚଗୀତ ରେ ମଜ୍ଜୁତ ହୋଇ ଉଠେ ଗାଁ। ଡାଲ ଖାଇ ରସଲ କେଲି ଆଦି ଗୀତରେ ପରିବେଶ ଝଲସି ଉଠେ। ତେବେ ଚଳିତ ବର୍ଷ ଅଞ୍ଚଳରେ ଆଶାନୁପ ବର୍ଷା ହୋଇଥିବା ଯୋଗୁଁ ନୂଆଁଖାଇ ତିହାର ବେଶ ଆଡମ୍ବରରେ ପାଳନ ହେବା ଅନୁମାନ କରାଯାଏ। ଅନ୍ୟପଟେ ଏହି ପର୍ବ ରେ ସାମିଲ ହେବାକୁ ଦେଶ ବିଦେଶ ତଥା ବାହାର ରାଜ୍ୟରୁ ଲୋକଙ୍କ ଘର ବାହୁଡା ଯାତ୍ରା ହୋଇ ସାରିଛି। ଏଥର ନୂଆଁଖାଇବାସୀ ତିହାର ଜମି ରହିବା ଆଶା କରା ଯାଉଛି। ଓଡିଶା ଭାସ୍କର ପରିବାର ପକ୍ଷରୁ ସମସ୍ତଙ୍କୁ ଜୁହାର।

## ରାଶିଫଳ

**ଗୁରୁବାର, ୨୮ ଅଗଷ୍ଟ ୨୦୨୫**



**ମେଷ:** ଦୈନ୍ୟନ୍ଦିନ କାର୍ଯ୍ୟଗୁଡ଼ିକ କିଛି ବିପଦ ବହନ କରିପାରେ। ଚାକିରିରେ ସମସ୍ୟା ହୋଇପାରେ। ଯଦି ଆପଣ ଜିଦି କରନ୍ତି ତେବେ, କାହା ସହିତ ବିବାଦ ହେବାର ସମ୍ଭାବନା ଅଛି। ଅଧିକ ଚିନ୍ତାରେ ସମୟ ନଷ୍ଟ କରନ୍ତୁ ନାହିଁ। ହଠାତ୍ ଆପଣ ଅସୁବିଧା ମଧ୍ୟ ବଢ଼ିପାରେ।



**ବୃଷ:** ବ୍ୟବସାୟରେ ବ୍ୟସ୍ତ ରହିବେ। ସାମାଜିକ ସ୍ତରରେ ସମ୍ମାନ ମିଳିବ। କଠିନ ପରିଶ୍ରମ ସହିତ ଟଙ୍କା ରୋଜଗାର କରିବେ। ଗତ କିଛି ଦିନ ଧରି ଥିବା ଅସମ୍ପୂର୍ଣ୍ଣ କାମ ସଂପୂର୍ଣ୍ଣ ହେବ। ନୂତନ ଚୁକ୍ତିନାମା କିମ୍ବା ନୂତନ ସମ୍ପର୍କ ଗଠନ ହେବାର ସମ୍ଭାବନା ଅଛି। ସମୟ ଭଲ ଅଟେ।



**ମିଥୁନ:** ଧାର୍ମିକ ଏବଂ ସାଂସ୍କୃତିକ ମହୋତ୍ସବରେ ଏକ ଅଂଶ ରହିବେ। ବ୍ୟବସାୟ ଭଲ କରିବ। ଅଫିସରେ ଚାକିରିକୁ ନେଇ ସନ୍ତୁଷ୍ଟ ରହିବେ। ବିନିଯୋଗ ଇତ୍ୟାଦିରେ ଲାଭବାନ ହେବ। ଘର ବାହାରେ ଜୀବନ ଖୁସି ହେବ। ଆର୍ଥିକ ଦିଗ ଦୃଢ ହେବ।



**କର୍କଟ:** କାରବାରରେ ସତର୍କତା ବ୍ୟବହାର କରନ୍ତୁ। ପରିସ୍ଥିତିକୁ ନେଇ ଟଙ୍କା ଚିନ୍ତା କରିବାକୁ ପଡିବ। ଆପଣଙ୍କର ଅନାବଶ୍ୟକ ଖର୍ଚ୍ଚ ହୋଇପାରେ। ଚାକିରି ଏବଂ ବ୍ୟବସାୟରେ ଦ୍ୱନ୍ଦ୍ୱ ବଢ଼ିପାରେ। ଟଙ୍କା ମାମଲାରେ ଯତ୍ନବାନ ହେବାକୁ ପଡିବ।



**ସିଂହ:** ଆପଣ ମଧୁରବାଣୀ ଦ୍ୱାରା ଯେକୈଣସି କାର୍ଯ୍ୟରେ ବିଜୟୀ ହେବାକୁ ସମର୍ଥ ହେବେ। ପରିବାର ସଦସ୍ୟଙ୍କ ସହିତ ଖୁସିରେ ସମୟ ଅତିବାହିତ କରିବେ। ଆଜି ଭାଗ୍ୟ ଆପଣଙ୍କ ସହିତ ରହିବ। ଆୟର ନୂତନ ଉତ୍ସ ଉତ୍ପନ୍ନ ହୋଇପାରେ। ଅଫିସ୍ କାର୍ଯ୍ୟ ସବୁଦିନ ଅପେକ୍ଷା ଆଜି ଭଲ ହେବ। ଜୀବନ ସାଥୀଙ୍କ ପୂର୍ଣ୍ଣ ସମର୍ଥନ ପାଇବେ।



**କନ୍ୟା:** ପରିବାର ସାହାଯ୍ୟ କରିବେ। ଆପଣଙ୍କର ମାନସିକ ସନ୍ତୁଳିତ ରହିବ ଏବଂ ଏହା ଆପଣଙ୍କ ପାରିବାରିକ ଜୀବନରେ ମଧ୍ୟ ସୁଖ ଆଣିପାରେ। କାର୍ଯ୍ୟ ସମାପ୍ତ ହୋଇପାରିବ। କ୍ୟାରିୟର ଏବଂ ପୁଞ୍ଜି ବିନିଯୋଗ କ୍ଷେତ୍ରରେ ଆପଣ କିଛି ନୂତନ ଏବଂ ମହତ୍ ସୁଯୋଗ ମଧ୍ୟ ପାଇପାରିବେ।




**ତୁଳା:** ଆପଣଙ୍କର ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ଆପଣ ଲୋକମାନଙ୍କୁ ମଧ୍ୟ ପ୍ରଭାବିତ କରିବେ। ଲୋକମାନେ ଆପଣଙ୍କର ଚିନ୍ତାଧାରାକୁ ପସନ୍ଦ କରିବେ। ଲୋକମାନେ ଆପଣଙ୍କ ପରାମର୍ଶରୁ ଉପକୃତ ହେବେ। ଆପଣ କିଛି ଭଲ ଖବରକୁ ଅପେକ୍ଷା କରିବେ।



**ବିଛା:** ଆପଣଙ୍କର ଜୀବନରେ କିଛି ପରିବର୍ତ୍ତନ କରିବାକୁ ପଡିପାରେ। ପରିବାର ସାହାଯ୍ୟ ମିଳିବ। ଆପଣଙ୍କର ମାନସିକ ସନ୍ତୁଳିତ ରହିବ ଏବଂ ଏହା ଆପଣଙ୍କ ପାରିବାରିକ ଜୀବନରେ ମଧ୍ୟ ସୁଖ ଆଣିପାରେ। କାର୍ଯ୍ୟ ସମାପ୍ତ ହୋଇପାରିବ। ବୁଦ୍ଧିମାନ ଭାବରେ ଷ୍ଟକ୍ ମାର୍କେଟରେ ବିନିଯୋଗ କରନ୍ତୁ।



**ଧନୁ:** ଭାଗ୍ୟ ଆପଣଙ୍କ ସହିତ ରହିପାରେ। ଆପଣଙ୍କୁ ଦେଖା କରୁଥିବା ଲୋକମାନେ ଆପଣଙ୍କୁ କିଛି ନୂଆ ଚେଷ୍ଟା କରିବାକୁ ପ୍ରେରଣା ଦେଇପାରିବେ। ଏହି ସମୟରେ କରାଯାଇଥିବା ପ୍ରୟାସ ସଫଳ ହେବାର ସମ୍ଭାବନା ଅଧିକ। ବୋଧହୁଏ ଆପଣ ଅତିରିକ୍ତ ଦାୟିତ୍ୱ ପାଇବେ କିମ୍ବା ସାମ୍ପ୍ରତିକ ଚାକିରିରେ କାମ କରିବ।



**ମକର:** ଆପଣ ଆଜି ଧର୍ଯ୍ୟବାନ ହେବା ଉଚିତ୍। ଟଙ୍କା କ୍ଷେତ୍ରରେ କ୍ଷତି ହୋଇପାରେ। କିଛି ଆଇନଗତ ପ୍ରସଙ୍ଗରେ ଆପଣ ଜଡିତ ହୋଇପାରନ୍ତି। ସମୟର ଯତ୍ନ ନିଅନ୍ତୁ। କିଛି ବିଶେଷ କାର୍ଯ୍ୟ ପାଇଁ ଆପଣଙ୍କୁ ବହୁତ କଠିନ ପରିଶ୍ରମ କରିବାକୁ ପଡିପାରେ। ଆପଣ ମଧ୍ୟ କୈଣସି ଆକସ୍ମିକ ଘଟଣାରେ ତୁରନ୍ତ ନିଷ୍ପତ୍ତି ନେବା ଠାରୁ ଦୂରେଇ ରହିବା ଉଚିତ୍। ଆପଣଙ୍କ ସ୍ୱାସ୍ଥ୍ୟ ସ୍ୱାଭାବିକ ହେବ।



**କୁମ୍ଭ:** ଦିନ ଧରି ବନ୍ଦ ହୋଇଯାଇଥିବା କାର୍ଯ୍ୟଗୁଡ଼ିକ ମଧ୍ୟ ସଂପୂର୍ଣ୍ଣ ହୋଇପାରିବ। ପାରିବାରିକ ସମ୍ପର୍କ ଆନ୍ତରିକ ହେବ। ଆପଣଙ୍କର ଭାବମୂର୍ତ୍ତିରେ ଉନ୍ନତି ଆଣିବାକୁ ଆପଣ ଏକ ସୁଯୋଗ ମଧ୍ୟ ପାଇପାରିବେ। ଚିନ୍ତା ସମାପ୍ତ ହୋଇପାରିବ। ଦିନଟି ଆପଣଙ୍କ ପାଇଁ ଉତ୍ସାହଜନକ ଏବଂ ମନୋରଞ୍ଜନ ଜାରି ରହିବ।



**ମୀନ:** ଶାରୀରିକ ଭାବରେ ବ୍ୟସ୍ତ ରହିବେ। ଆପଣଙ୍କ କାମରୁ ପଛକୁ ଯାଅନ୍ତୁ ନାହିଁ। ଟଙ୍କା ରୋଜଗାର କରିବାର କିଛି ନୂତନ ଏବଂ ଭଲ ସୁଯୋଗ ମଧ୍ୟ ମିଳିପାରେ । ଆପଣଙ୍କର ଆତ୍ମବିଶ୍ୱାସ ଆଧାରରେ, ଅନ୍ୟମାନଙ୍କଠାରୁ ଭିନ୍ନ ପରିଚୟ ସୃଷ୍ଟି କରିବାରେ ସଫଳ ହୋଇପାରିବ। ଆୟ ବୃଦ୍ଧି ପାଇବ। ପିଲାମାନଙ୍କର ଅଗ୍ରଗତିରେ ଖୁସି ହେବେ।



ଶ୍ରୀପତି ଗୁରୁ


ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯